# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୨୦/୨୦୨୫ (୧୬ ପୃଷ୍ଠା) | Bhubaneswar, Monday, October 20/2025 Page 16 | ₹ 7.00 | SAMBALPUR

୫୧ଶ ଭାଗ ୩୨୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 324 | ମୂଲ୍ୟ ₹୭/-






KP GROUP
Quality Since 1965
Safal
ଜଣାଏ ଆପଣ ସମସ୍ତଙ୍କୁ
ହାପି ଦିୱାଲୀ
KP GROUP
Quality Since 1965
CELEBRATING 60 YEARS
Safal TM
PAN MASALA
No Tobacco, No Nicotine
• Not recommended for minors
• Chewing of pan masala is injurious to health

# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୨୦/୨୦୨୫ | Bhubaneswar, Monday, October 20/2025 | ପୃଷ୍ଠା-୧


**ଦୀପାବଳି ଶୁଭେଚ୍ଛା**

ପବିତ୍ର ଦୀପାବଳି ଅବସରରେ ଧରିତ୍ରୀର ଅଗଣିତ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ, ବିତରକ ଓ ଶୁଭେଚ୍ଛୁମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା।

**ଧରିତ୍ରୀର ଛୁଟି**

ଦୀପାବଳି ପାଇଁ ଧରିତ୍ରୀ କାର୍ଯ୍ୟାଳୟ ତା ୨୦।୧୦।୨୦୨୫ ରିଖ ସୋମବାର ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂସ୍କରଣ ତା ୨୨।୧୦।୨୦୨୫ ରିଖ ବୁଧବାର ସକାଳେ ପ୍ରକାଶ ପାଇବ।

**ଆଜିର ସମ୍ପାଦକୀୟ**

## ରାଜାଙ୍କ ପୋଷାକ

## ଆମେରିକାରେ ଟ୍ରମ୍ପ୍ ବିରୋଧୀ ବିକ୍ଷୋଭ

ପୃଷ୍ଠା-୧୧



ଦୀପାବଳି ପୂର୍ବ ସନ୍ଧ୍ୟାରେ ଅଯୋଧ୍ୟାର ସରଯୁ ନଦୀକୂଳରେ ଦୀପୋତ୍ସବ ଅବସରରେ ଆକାଶମାର୍ଗରୁ ଦୀପ ପ୍ରଜ୍ୱଳନର ଦୃଶ୍ୟ। (ରିପୋର୍ଟ: ପୃଷ୍ଠା-୨)

# ଝିଅକୁ ଅସଦାଚରଣ କରିବାରୁ ହତ୍ୟା

## ନାଳରେ ମୃତଦେହ ପୋତି ଆତ୍ମସମର୍ପଣ କଲେ ବାପା

ନାବାଳିକା ଝିଅକୁ ଜଣେ ଯୁବକ ଅସଦାଚରଣ କରିବାରୁ କ୍ରୋଧ ସମ୍ବରଣ କରିପାରିଲେନି ବାପା। ନିଜର ହିତାହିତ ଜ୍ଞାନ ଭୁଲି ଯାଇ ନାଳରେ ପଡ଼ିଥିବା ଯୁବକଙ୍କୁ ପଥର ଫୋପାଡ଼ି ହତ୍ୟା କଲେ। ଏପରି କି ମୃତଦେହକୁ ନାଳ ପଙ୍କରେ ପୋତି ଦେଇ ଚାଲିଆସିଲେ। ଶନିବାର ଏଭଳି ଏକ ଅଭାବନୀୟ ଘଟଣା ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅନ୍ତର୍ଗତ ଆଖୁଆପାଳ ପଞ୍ଚାୟତ ମୋହନପଶି ମୁଣ୍ଡାସାହି ଅଞ୍ଚଳରେ ଘଟିଥିବାବେଳେ ରବିବାର ଅଭିଯୁକ୍ତ ବାପା ରୂପା ପିଙ୍ଗୁଆ ଦଦରାଘାଟି ଫାଣ୍ଡିରେ ଆତ୍ମସମର୍ପଣ କରିଛନ୍ତି। ଅପରପକ୍ଷରେ ମୃତ ଯୁବକ କରୁଣାକର ବେହେରାଙ୍କ ବାପା କାଶୀନାଥଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ରୂପାଙ୍କୁ ଗିରଫ କରିଛି।

**ପରଜଙ୍ଗ,୧୯।୧୦ (ନିଗମାନନ୍ଦ ଦଳବେହେରା)**

ଦଦରାଘାଟି ଫାଣ୍ଡି ଅଧୀନ ୧ନଂ. କଲୋନୀ ଅଞ୍ଚଳର କରୁଣାକର ବେହେରା ଜେସିବି ହେଲ୍‌ପର ଭାବେ କାର୍ଯ୍ୟ କରନ୍ତି। ସେ ବିବାହିତ ହୋଇଥିବାବେଳେ କୌଣସି କାରଣରୁ ତାଙ୍କ ସ୍ତ୍ରୀ ଛାଡ଼ି ପଳାଇଛନ୍ତି। କରୁଣାକର ଶନିବାର ମୁଣ୍ଡାସାହି ନିକଟ ଗମ୍ଭାରିଆ ନାଳ ଆଡ଼କୁ ଯାଇଥିବାବେଳେ ରୂପା ପିଙ୍ଗୁଆଙ୍କ ନାବାଳିକା ଝିଅ(୧୨)ଙ୍କୁ ଦେଖି ଅସଦାଚରଣ କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ନାବାଳିକା ଜଣକ ପାଟି କରିବାରୁ ମୁଣ୍ଡାସାହିର କେତେଜଣ ବ୍ୟକ୍ତିଙ୍କ ସହ ନାବାଳିକାଙ୍କ ବାପା ସେଠାକୁ ଯାଇଥିଲେ। ସେହି ସମୟରେ



ରୂପା ପିଙ୍ଗୁଆ

କରୁଣାକର ଜୀବନ ବଞ୍ଚାଇବାକୁ ଗମ୍ଭାରିଆନାଳକୁ ଡେଇଁ ପଡ଼ିଥିଲେ। ଏହାଦେଖି କ୍ରୋଧରେ ଜର୍ଜରିତ ରୂପା ଏକ ପଥର ଫିଙ୍ଗିବାରୁ କରୁଣାକରଙ୍କ କାନରେ ବାଜିଥିଲା। ପରେ ରୂପା ନାଳ ଭିତରେ ପଶି କରୁଣାକର କାଳେ ବଞ୍ଚିଥିବ ଭାବି ପଙ୍କରେ ମାଡ଼ିଦେଇ ଘରକୁ ଆସିଥିଲେ। ତେବେ ଅଭିଯୁକ୍ତ ବାପା ରୂପା ନାବାଳିକା ଝିଅପ୍ରତି ଅସଦାଚରଣ ସହି ନପାରି ଏଭଳି ଘଟଣା ଘଟାଇଛନ୍ତି ବୋଲି ରବିବାର ଦଦରାଘାଟି ଫାଣ୍ଡିରେ ଆତ୍ମସମର୍ପଣ କରି ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖିବା ସହିତ ଅଧିକ ତଦନ୍ତ ଜାରି ରଖିଛି। ଘଟଣାସ୍ଥଳରେ ଜିଲା ସାଇଣ୍ଟିଫିକ ଟିମ୍ ପହଞ୍ଚି ନମୁନା ସଂଗ୍ରହ କରିଛି। ଘଟଣାସ୍ଥଳରେ ପରଜଙ୍ଗ ଥାନା ଅଧିକାରୀ ଧୀରେନ କୁମାର ବେହେରା, ଏଏସ୍‌ଆଇ ଅଜୟ ସାମଲ ଓ ଦଦରାଘାଟି ଫାଣ୍ଡି ଅଧିକାରୀ ବିକାଶ ଚନ୍ଦ୍ର ବେହେରା ପହଞ୍ଚି ତଦନ୍ତ କରୁଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ଏ ସଂକ୍ରାନ୍ତରେ ପୃଷ୍ଠା-୨

# ସେବା ହିଁ ମୂଳମନ୍ତ୍ର: ମୁଖ୍ୟମନ୍ତ୍ରୀ

## ୪୭୧ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ଭୂମିପୂଜନ

**ଭୁବନେଶ୍ୱର,୧୯।୧୦ (ରବିନାରାୟଣ ଜେନା)**

ଶାସନ ନୁହେଁ, ସେବା ହିଁ ଆମ ସରକାରଙ୍କ ମୂଳମନ୍ତ୍ର ବୋଲି ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଦୀପାବଳିର ଅବ୍ୟବହିତ ପୂର୍ବରୁ ଲୋକସେବା ଭବନରେ ରାଜ୍ୟର ୪୭୧ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ଭୂମିପୂଜନ ଏବଂ ଅନ୍ତ୍ୟୋଦୟ ଗୃହ ଯୋଜନାର ପ୍ରଥମ କିସ୍ତି ବଣ୍ଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦିଗ୍‌ଦର୍ଶନରେ ଆମ ସରକାର ଗ୍ରାମପଞ୍ଚାୟତଗୁଡ଼ିକୁ ଜନକଲ୍ୟାଣ ଓ ଲୋକସେବାର କେନ୍ଦ୍ର ଭାବେ ବିକଶିତ କରୁଛି। ଏଥିପାଇଁ ପ୍ରତ୍ୟେକ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ୩୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ।

ମୁଖ୍ୟମନ୍ତ୍ରୀ କହିଥିଲେ, ନୂଆପଡ଼ା ଓ କଳାହାଣ୍ଡି ବ୍ୟତୀତ ରାଜ୍ୟର ୨୮ଟି ଜିଲାରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଏହି ଅବସରରେ ୪୮,୬୯୩ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରଥମ କିସ୍ତି ବାବଦରେ ୪୦ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଇଛି। ଏବାବଦକୁ ସମୁଦାୟ ୧୯୪ କୋଟି ୭୭ ଲକ୍ଷ ୨୦ ହଜାର ଟଙ୍କା ବଣ୍ଟନ କରାଯାଇଛି । ଗରିବ ଲୋକଙ୍କ ବାସଗୃହ ପାଇଁ ଚଳିତ ବର୍ଷ ମାର୍ଚ୍ଚ ୩୦ ତାରିଖରେ ଆମ ସରକାର ରାଜ୍ୟରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ଯୋଜନାରେ ୨୦୨୪-୨୫ରୁ ୨୦୨୭-୨୮ ଆର୍ଥିକବର୍ଷ ମଧ୍ୟରେ ୭,୫୫୦ କୋଟି ଟଙ୍କା ବ୍ୟୟ ବରାଦ ରଖାଯାଇଛି। ଏଥିରେ ୫ ଲକ୍ଷ ଘର ନିର୍ମାଣ କରାଯିବ। ହିତାଧିକାରୀମାନଙ୍କୁ ଦ୍ୱିତୀୟ କିସ୍ତିରେ ୬୫ ହଜାର ଏବଂ ତୃତୀୟ କିସ୍ତିରେ ୧୫ ହଜାର ଟଙ୍କା ଏହିପରି ସମୁଦାୟ ୧ ଲକ୍ଷ ୨୦ ହଜାର ଟଙ୍କା ଦିଆଯିବ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଯେଉଁ ହିତାଧିକାରୀମାନେ ୪ ମାସ ମଧ୍ୟରେ ଘର ଶେଷ କରିବେ ସେମାନଙ୍କୁ ୨୦ ହଜାର ଟଙ୍କା ଏବଂ ଯେଉଁମାନେ ୬ ମାସରେ ଘର ଶେଷ କରିବେ ସେମାନଙ୍କୁ ୧୦ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ଦିଆଯିବ। ସମସ୍ତ ହିତାଧିକାରୀଙ୍କୁ ଆଇଏପି ବା ସମନ୍ୱିତ କାର୍ଯ୍ୟ ଯୋଜନା ଜିଲାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକ୍ରମରେ ୯୫ ଦିନର ମଜୁରି ଏବଂ ଅଣ-ଆଇଏପି ଜିଲାରେ ୯୦ ଦିନର ମଜୁରି ମଧ୍ୟ ଦିଆଯାଉଛି। ଏହାସହିତ ହିତାଧିକାରୀଙ୍କୁ ଶୌଚାଳୟ, ପାଇପ ପାଣି ଆଦି ଅନ୍ୟାନ୍ୟ ମୌଳିକ ସୁବିଧା ମଧ୍ୟ ଦିଆଯାଉଛି । ଏହି ଅନ୍ତ୍ୟୋଦୟ ଗୃହ ଯୋଜନା ଗରିବ, ଅନଗ୍ରସର ତଥା ଅସହାୟ ପରିବାରମାନଙ୍କ ପାଇଁ ଏକ ସୁରକ୍ଷିତ ଓ ସ୍ଥାୟୀ ଆଶ୍ରୟସ୍ଥଳ ନିର୍ମାଣ କରିବାରେ ସହାୟକ ହେବ। ଏହାଦ୍ୱାରା ଗରିବ ଓ ଅସହାୟ ହେଲେ ମଧ୍ୟ, ପ୍ରତ୍ୟେକ ନାଗରିକ ଏକ ସର୍ବନିମ୍ନ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ ପୃଷ୍ଠା-୨



ଭୂମି ପୂଜନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

# ଲୁଭର୍ ମ୍ୟୁଜିୟମ୍‌ରେ ଚୋରି

**ପ୍ୟାରିସ୍, ୧୯।୧୦**

ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ସ୍ଥିତ ବିଶ୍ୱପ୍ରସିଦ୍ଧ ଲୁଭର୍ ମ୍ୟୁଜିୟମ୍‌ରେ ରବିବାର ଚୋରି ହୋଇଛି। କେତେଜଣ ଚୋର ମ୍ୟୁଜିୟମ୍ ମଧ୍ୟରେ ପଶି ମୂଲ୍ୟବାନ ଅଳଙ୍କାରଗୁଡ଼ିକୁ ନେଇ ଫେରାର ହୋଇଯାଇଛନ୍ତି। ଫ୍ରାନ୍ସର ସଂସ୍କୃତି ମନ୍ତ୍ରୀ ରଚିଦା ଦାତୀ ସାମାଜିକ ଗଣମାଧ୍ୟମ 'X'ରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ରବିବାର ଲୁଭର୍ ମ୍ୟୁଜିୟମ୍‌କୁ ଖୋଲାଯିବା ସମୟରେ ଚୋରି ହୋଇଥିବା ନେଇ ଜଣାପଡ଼ିଥିଲା। ଚୋରିର ତଦନ୍ତ ପାଇଁ ଏବଂ ସୁରକ୍ଷାଗତ ଓ ପରିଚାଳନାଗତ କାରଣରୁ ମ୍ୟୁଜିୟମ୍‌କୁ ଦିନକ ପାଇଁ ବନ୍ଦ କରାଯାଇଥିବା ସେ କହିଛନ୍ତି। ସେ ଘଟଣାସ୍ଥଳରେ ରହିଛନ୍ତି ଏବଂ ଚୋରିର ତଦନ୍ତ ଜାରି ରହିଥିବା ନେଇ ରଚିଦା କହିଛନ୍ତି। ତେବେ ଏହି ଚୋରି ନେଇ ସେ କୌଣସି ଅଧିକ ସୂଚନା ଦେଇନାହାନ୍ତି। ସ୍ଥାନୀୟ ଗଣମାଧ୍ୟମର ସୂଚନା ମୁତାବକ, ଚୋରମାନେ ମ୍ୟୁଜିୟମ୍‌ର ଝରକା ଭାଙ୍ଗିବା ପରେ ମ୍ୟୁଜିୟମ୍‌ରେ ପୃଷ୍ଠା-୨



ଲୁଟେରାମାନେ ଫ୍ରାନ୍ସର ପ୍ୟାରିସ୍‌ସ୍ଥିତ ଲୁଭର୍ ମ୍ୟୁଜିୟମ୍‌ରୁ ଚୋରି କରିବା ପାଇଁ ବ୍ୟବହାର କରିଥିବା ବାସ୍କେଟ ଲିଫ୍ଟ।

## ଅବପାତ ପ୍ରଭାବରେ ଓଡ଼ିଶାରେ କେବଳ ବର୍ଷା

**ଭୁବନେଶ୍ୱର, ୧୯।୧୦ (ବନ୍ଦନା ସେଠୀ)**

ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ସଂଲଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଉପରେ ଏକ ଘୂର୍ଣ୍ଣିବଳୟ ରହିଛି। ଏହା ପ୍ରଭାବରେ ୨୧ ତାରିଖ ସୁଦ୍ଧା ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ପରବର୍ତ୍ତୀ ୪୮ଘଣ୍ଟା ମଧ୍ୟରେ ଏହା ଉତ୍ତର ପଶ୍ଚିମ ଦିଗକୁ ଗତି କରିବା ସହିତ ଘନୀଭୂତ ହୋଇ ଦକ୍ଷିଣ ବଙ୍ଗୋପସାଗରର କେନ୍ଦ୍ରୀୟ ଭାଗ ଓ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ପାଖରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ତେଣୁ ଓଡ଼ିଶା ଉପରେ ଏହାର ସିଧାସଳଖ ପ୍ରଭାବ ନାହିଁ। ସେଥିପାଇଁ ଭୟଭୀତ ହେବାର ଆବଶ୍ୟକତା ନାହିଁ ବୋଲି ଆଞ୍ଚଳିକ ପାଣିପାଗ ନିର୍ଦ୍ଦେଶକ ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ତେବେ ଅବପାତ ପ୍ରଭାବରେ ରାଜ୍ୟର କାଁ ଭାଁ ସ୍ଥାନରେ ବିଜୁଳି ଘଡଘଡି ସହିତ ବର୍ଷା ହୋଇପାରେ। ଏହି ସମୟରେ ଉତ୍ତର-ପୂର୍ବ ଦିଗରୁ ପବନ ଆସିବା ଫଳରେ ରାଜ୍ୟ ମଧ୍ୟକୁ ଆର୍ଦ୍ରତା ପ୍ରବେଶ କରିବ। ବିଶେଷକରି ଉପକୂଳବର୍ତ୍ତୀ ଅଞ୍ଚଳ ଓ ଦକ୍ଷିଣ ଓଡ଼ିଶାର କିଛି ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଏବେ ଫେରନ୍ତା ମୌସୁମୀ ପ୍ରଭାବରେ ରାଜ୍ୟରେ ଖରା ଓ ବର୍ଷା ଲାଗି ରହିଛି। ଗତ ୨୪ ଘଣ୍ଟାରେ ରାଜଧାନୀ ଭୁବନେଶ୍ୱର ସମେତ କିଛି ସ୍ଥାନରେ ବର୍ଷା ହୋଇଥିବାବେଳେ ଗଞ୍ଜାମ ଜିଲାରେ ସର୍ବାଧିକ ୬୧.୨ମି.ମି. ପୃଷ୍ଠା-୨







# ଧରିତ୍ରୀ
DHARITRI

ଧରିତ୍ରୀ 51 Years









## ଦୀପାବଳି ଶୁଭେଚ୍ଛା

ପବିତ୍ର ଦୀପାବଳି ଅବସରରେ ଧରିତ୍ରୀର ଅଗଣିତ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ, ବିତରକ ଓ ଶୁଭେଚ୍ଛୁମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା।

## ଧରିତ୍ରୀର ଛୁଟି

ଦୀପାବଳି ପାଇଁ ଧରିତ୍ରୀ କାର୍ଯ୍ୟାଳୟ ତା ୨୦।୧୦।୨୦୨୫ ରିଖ ସୋମବାର ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂସ୍କରଣ ତା ୨୨।୧୦।୨୦୨୫ ରିଖ ବୁଧବାର ସକାଳେ ପ୍ରକାଶ ପାଇବ।

## ଆଜିର ସମ୍ପାଦକୀୟ

### ରାଜାଙ୍କ ପୋଷାକ

### ଆମେରିକାରେ ଟ୍ରମ୍ପ୍ ବିରୋଧୀ ବିକ୍ଷୋଭ

ପୃଷ୍ଠା-୧୧

# ଲୁଭର୍ ମ୍ୟୁଜିୟମ୍‌ରେ ଚୋରି

**ପ୍ୟାରିସ୍, ୧୯।୧୦**

ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ସ୍ଥିତ ବିଶ୍ୱପ୍ରସିଦ୍ଧ ଲୁଭର୍ ମ୍ୟୁଜିୟମ୍‌ରେ ରବିବାର ଚୋରି ହୋଇଛି। କେତେଜଣ ଚୋର ମ୍ୟୁଜିୟମ୍ ମଧ୍ୟରେ ପଶି ମୂଲ୍ୟବାନ ଅଳଙ୍କାରଗୁଡ଼ିକୁ ନେଇ ଫେରାର ହୋଇଯାଇଛନ୍ତି। ଫ୍ରାନ୍ସର ସଂସ୍କୃତି ମନ୍ତ୍ରୀ ରଚିଦା ଦାତୀ ସାମାଜିକ ଗଣମାଧ୍ୟମ 'X'ରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ରବିବାର ଲୁଭର୍ ମ୍ୟୁଜିୟମ୍‌କୁ ଖୋଲାଯିବା ସମୟରେ ଚୋରି ହୋଇଥିବା ନେଇ ଜଣାପଡ଼ିଥିଲା। ପୃଷ୍ଠା-୨

# ଝିଅକୁ ଅସଦାଚରଣ କରିବାରୁ ହତ୍ୟା

## ନାଳରେ ମୃତଦେହ ପୋତି ଆତ୍ମସମର୍ପଣ କଲେ ବାପା

ନାବାଳିକା ଝିଅକୁ ଜଣେ ଯୁବକ ଅସଦାଚରଣ କରିବାରୁ କ୍ରୋଧ ସମ୍ବରଣ କରିପାରିଲେନି ବାପା। ନିଜର ହିତାହିତ ଜ୍ଞାନ ଭୁଲି ଯାଇ ନାଳରେ ପଡ଼ିଥିବା ଯୁବକଙ୍କୁ ପଥର ଫୋପାଡ଼ି ହତ୍ୟା କଲେ। ଏପରି କି ମୃତଦେହକୁ ନାଳ ପଙ୍କରେ ପୋତି ଦେଇ ଚାଲିଆସିଲେ। ଶନିବାର ଏଭଳି ଏକ ଅଭାବନୀୟ ଘଟଣା ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅନ୍ତର୍ଗତ ଆଖୁଆପାଳ ପଞ୍ଚାୟତ ମୋହନପଶି ମୁଣ୍ଡାସାହି ଅଞ୍ଚଳରେ ଘଟିଥିବାବେଳେ ରବିବାର ଅଭିଯୁକ୍ତ ବାପା ରୂପା ପିଙ୍ଗୁଆ ଦଦରାଘାଟି ଫାଣ୍ଡିରେ ଆତ୍ମସମର୍ପଣ କରିଛନ୍ତି। ଅପରପକ୍ଷରେ ମୃତ ଯୁବକ କରୁଣାକର ବେହେରାଙ୍କ ବାପା କାଶୀନାଥଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ରୂପାଙ୍କୁ ଗିରଫ କରିଛି।

**ପରଜଙ୍ଗ, ୧୯।୧୦**
**(ନିଗମାନନ୍ଦ ଦଳବେହେରା)**

ଦଦରାଘାଟି ଫାଣ୍ଡି ଅଧୀନ ୧ନଂ. କଲୋନୀ ଅଞ୍ଚଳର କରୁଣାକର ବେହେରା ଜେସିବି ହେଲ୍‌ପର ଭାବେ କାର୍ଯ୍ୟ କରନ୍ତି। ସେ ବିବାହିତ ହୋଇଥିବାବେଳେ କୌଣସି କାରଣରୁ ତାଙ୍କ ସ୍ତ୍ରୀ ଛାଡ଼ି ପଳାଇଛନ୍ତି। କରୁଣାକର ଶନିବାର ମୁଣ୍ଡାସାହି ନିକଟ ଗମ୍ଭାରିଆ ନାଳ ଆଡ଼କୁ ଯାଇଥିବାବେଳେ ରୂପା ପିଙ୍ଗୁଆଙ୍କ ନାବାଳିକା ଝିଅ(୧୨)ଙ୍କୁ ଦେଖି ଅସଦାଚରଣ କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ନାବାଳିକା ଜଣକ ପାଟି କରିବାରୁ ମୁଣ୍ଡାସାହିର କେତେଜଣ ବ୍ୟକ୍ତିଙ୍କ ସହ ନାବାଳିକାଙ୍କ ବାପା ସେଠାକୁ ଯାଇଥିଲେ। ସେହି ସମୟରେ



ରୂପା ପିଙ୍ଗୁଆ

କରୁଣାକର ଜୀବନ ବଞ୍ଚାଇବାକୁ ଗମ୍ଭାରିଆନାଳକୁ ଡେଇଁ ପଡ଼ିଥିଲେ। ଏହାଦେଖି କ୍ରୋଧରେ ଜର୍ଜରିତ ରୂପା ଏକ ପଥର ଫିଙ୍ଗିବାରୁ କରୁଣାକରଙ୍କ କାନରେ ବାଜିଥିଲା। ପରେ ରୂପା ନାଳ ଭିତରେ ପଶି କରୁଣାକର କାଳେ ବଞ୍ଚିଥିବ ଭାବି ପଙ୍କରେ ମାଡ଼ିଦେଇ ଘରକୁ ଆସିଥିଲେ। ତେବେ ଅଭିଯୁକ୍ତ ବାପା ରୂପା ନାବାଳିକା ଝିଅପ୍ରତି ଅସଦାଚରଣ ସହି ନପାରି ଏଭଳି ଘଟଣା ଘଟାଇଛନ୍ତି ବୋଲି ରବିବାର ଦଦରାଘାଟି ଫାଣ୍ଡିରେ ଆତ୍ମସମର୍ପଣ କରି ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖିବା ସହିତ ଅଧିକ ତଦନ୍ତ ଜାରି ରଖିଛି। ଘଟଣାସ୍ଥଳରେ ଜିଲା ସାଇଣ୍ଟିଫିକ ଟିମ୍ ପହଞ୍ଚି ନମୁନା ସଂଗ୍ରହ କରିଛି। ଘଟଣାସ୍ଥଳରେ ପରଜଙ୍ଗ ଥାନା ଅଧିକାରୀ ଧୀରେନ କୁମାର ବେହେରା, ଏଏସ୍‌ଆଇ ଅଜୟ ସାମଲ ଓ ଦଦରାଘାଟି ଫାଣ୍ଡି ଅଧିକାରୀ ବିକାଶ ଚନ୍ଦ୍ର ବେହେରା ପହଞ୍ଚି ତଦନ୍ତ କରୁଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ଏ ସଂକ୍ରାନ୍ତରେ ପୃଷ୍ଠା-୨

# ସେବା ହିଁ ମୂଳମନ୍ତ୍ର: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୯।୧୦**
**(ରବିନାରାୟଣ ଜେନା)**

ଶାସନ ନୁହେଁ, ସେବା ହିଁ ଆମ ସରକାରଙ୍କ ମୂଳମନ୍ତ୍ର ବୋଲି ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଦୀପାବଳିର ଅବ୍ୟବହିତ ପୂର୍ବରୁ ଲୋକସେବା ଭବନରେ ରାଜ୍ୟର ୪୭୧ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ଭୂମିପୂଜନ ଏବଂ ଅନ୍ତ୍ୟୋଦୟ



ଭୂମି ପୂଜନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ୪୭୧ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ଭୂମିପୂଜନ

ଗୃହ ଯୋଜନାର ପ୍ରଥମ କିସ୍ତି ବଣ୍ଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦିଗ୍‌ଦର୍ଶନରେ ଆମ ସରକାର ଗ୍ରାମପଞ୍ଚାୟତଗୁଡ଼ିକୁ ଜନକଲ୍ୟାଣ ଓ ଲୋକସେବାର କେନ୍ଦ୍ର ଭାବେ ବିକଶିତ କରୁଛି। ଏଥିପାଇଁ ପ୍ରତ୍ୟେକ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପୃଷ୍ଠା-୨

# ଅବପାତ ପ୍ରଭାବରେ ଓଡ଼ିଶାରେ କେବଳ ବର୍ଷା

**ଭୁବନେଶ୍ୱର, ୧୯।୧୦**
**(ବନ୍ଦନା ସେଠୀ)**

ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ସଂଲଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଉପରେ ଏକ ଘୂର୍ଣ୍ଣିବଳୟ ରହିଛି। ଏହା ପ୍ରଭାବରେ ୨୧ ତାରିଖ ସୁଦ୍ଧା ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ପରବର୍ତ୍ତୀ ୪୮ଘଣ୍ଟା ମଧ୍ୟରେ ଏହା ଉତ୍ତର ପଶ୍ଚିମ ଦିଗକୁ ଗତି କରିବା ସହିତ ଘନୀଭୂତ ହୋଇ ଦକ୍ଷିଣ ବଙ୍ଗୋପସାଗରର କେନ୍ଦ୍ରୀୟ ଭାଗ ଓ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ପାଖରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ତେଣୁ ଓଡ଼ିଶା ଉପରେ ଏହାର ସିଧାସଳଖ ପ୍ରଭାବ ନାହିଁ। ସେଥିପାଇଁ ଭୟଭୀତ ହେବାର ଆବଶ୍ୟକତା ନାହିଁ ବୋଲି ଆଞ୍ଚଳିକ ପାଣିପାଗ ନିର୍ଦ୍ଦେଶକ ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ତେବେ ଅବପାତ ପ୍ରଭାବରେ ରାଜ୍ୟର କାଁ ଭାଁ ସ୍ଥାନରେ ବିଜୁଳି ଘଡଘଡି ସହିତ ବର୍ଷା ହୋଇପାରେ। ଏହି ସମୟରେ ଉତ୍ତର-ପୂର୍ବ ଦିଗରୁ ପବନ ଆସିବା ଫଳରେ ରାଜ୍ୟ ମଧ୍ୟକୁ ଆର୍ଦ୍ରତା ପ୍ରବେଶ କରିବ। ବିଶେଷକରି ଉପକୂଳବର୍ତ୍ତୀ ଅଞ୍ଚଳ ଓ ଦକ୍ଷିଣ ଓଡ଼ିଶାର କିଛି ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଏବେ ଫେରନ୍ତା ମୌସୁମୀ ପ୍ରଭାବରେ ରାଜ୍ୟରେ ଖରା ଓ ବର୍ଷା ଲାଗି ରହିଛି। ଗତ ୨୪ ଘଣ୍ଟାରେ ରାଜଧାନୀ ଭୁବନେଶ୍ୱର ସମେତ କିଛି ସ୍ଥାନରେ ବର୍ଷା ହୋଇଥିବାବେଳେ ଗଞ୍ଜାମ ଜିଲାରେ ସର୍ବାଧିକ ୬୧.୨ମି.ମି. ପୃଷ୍ଠା-୨










# ଆଜି କ'ଣ କେଉଁଠି

## ବାଲେଶ୍ୱର
- ୫୮ତମ ମା' ଶ୍ୟାମାକାଳୀ ପୂଜା,ସ୍ଥାନ:ପୋଡ଼ାଶୂଳ ବଜାର, ନୀଳଗିରି,ସମୟ: ସନ୍ଧ୍ୟା ୭ଟା।
- କାଳୀ ପୂଜା,ସ୍ଥାନ: କାଳୀମନ୍ଦିର, ସୂତାକଳ ପରିସର, ବାଲିଆପାଳ, ସମୟ-ସନ୍ଧ୍ୟା ୭ଟା।
- କାଳୀ ପୂଜା,ସ୍ଥାନ:କାଳୀ ମନ୍ଦିର, କାଳିପଦା ବଜାର, ବାଲିଆପାଳ,ସମୟ:ରାତି ୮ଟା।

## ଭଦ୍ରକ
- ଭଦ୍ରକାଳୀଙ୍କ ବେଦମାତା ବେଶ, ସ୍ଥାନ: ଭଦ୍ରକାଳୀ ପୀଠ, ଭଦ୍ରକ, ସମୟ: ଭୋର ୪ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଭଦ୍ରକାଳୀ ପୀଠ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- କାଳୀପୂଜା ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ଚରମ୍ପା ପୂଜା ମଣ୍ଡପ, ଭଦ୍ରକ, ସମୟ: ରାତି ୯ଟା।

## ମୟୂରଭଞ୍ଜ
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ,ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ସବୁଜ ବାହିନୀ ପକ୍ଷରୁ ବାଣ ନୁହେଁ ହସ ଫୁଟାଇବା, ସ୍ଥାନ: ଓମ ଜରା ନିବାସ,ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ଶ୍ୟାମାକାଳୀ ପୂଜା ଆରମ୍ଭ, ସ୍ଥାନ: ଚିନିଶିଳ୍ପ ନୂଆଗାଁ, ଆସିକା ବ୍ଲକ, ସମୟ: ସକାଳ ୮ଟା।

## ଅନୁଗୋଳ
- ଶ୍ୟାମାକାଳୀ ପୂଜା ଆରମ୍ଭ, ସ୍ଥାନ: ଖିଣ୍ଡା, ଅନୁଗୋଳ, ସମୟ: ସକାଳ ୮ଟା ୩୦।
- ଦୀପାବଳି ଅମାବାସ୍ୟାର ସ୍ୱତନ୍ତ୍ର ପୂଜା, ସ୍ଥାନ : ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀ ମନ୍ଦିର, ସମୟ : ରାତି ୧୧ଟା।

## ଜଗତ୍‌ସିଂହପୁର
- ତାରିଣୀ ମନ୍ଦିର କମିଟି ପକ୍ଷରୁ ମହାଯଜ୍ଞ ପୂର୍ଣ୍ଣାହୁତି ଓ ସମୂହ ଦୀପାବଳି ପାଳନ କାର୍ଯ୍ୟକ୍ରମ, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ମା' ଶ୍ୟାମାକାଳୀଙ୍କ ପୂଜାସ୍ନୋବ, ସ୍ଥାନ: ଅଳାବାଙ୍କ, ଡେରାବିଶ, ଜଗତିଜୋର ପୀଠ, ଛପାଲି, ପ୍ରଭାକରପୁର, ରାମନଗର, ବଡିଘର, ତନ୍ତିଆପାଳ, ପଙ୍କପାଳ, ଟିକରପଙ୍ଗା, ମହାକାଳପଡ଼ା, ନୂଆପଡ଼ା, ଖରିଷଣ, ସଟଲା, ମଇଁଦିପୁର, ଚମ୍ପୁର, ଗରଦପୁର, ପଞ୍ଚପଲ୍ଲୀ, ରାଧାନଗର ପଡ଼ିଆ, ଆଳି, ଗରାପୁର ପୀଠ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର
- ଯାଜପୁର ରୋଡ ସହରରେ କାଳୀପୂଜା ଆରମ୍ଭ, ସ୍ଥାନ : ଚୋର୍ଦ୍ଦା ଛକ, ଆର୍‌ଏନ୍ କ୍ଲବ, ବ୍ୟାଙ୍କ ଷ୍ଟ୍ରିଟ, ବସଷ୍ଟାଣ୍ଡ, ରାଧାନାଥ ମାର୍ଗ, ଗୋପବନ୍ଧୁ ନଗର, ନହକା ଛକ, ଷ୍ଟିଲ ସିଟି, ନ୍ୟୁ ମାର୍କେଟ, କୋପଣ୍ଡ, ରେଳବାଇ, ବିଏନଆର, ଦଳା, ଧବଳଗିରି, କହ୍ନେଇପୁର, ଥାନା ଛକ, ପାନ୍ଥିକା ଓ ଷ୍ଟାଡିୟମ ରୋଡ, ସମୟ : ସନ୍ଧ୍ୟା ୬ଟା।

## ନୟାଗଡ଼
- ଜ୍ୟୋତି କଳସ ରଥଯାତ୍ରା ଓ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ସ୍ଥାନ: ଭାପୁର ବ୍ଲକ ଅଞ୍ଚଳ, ସମୟ: ପୂର୍ବାହ୍ନ ୧୦ଟା ।
- ତ୍ରିଦିବସୀୟ ଆନ୍ତଃ ଜିଲାସ୍ତରୀୟ ଜାତୀୟ ସେବା ପ୍ରଶିକ୍ଷଣ ଶିବିରର ଅନ୍ତିମ ଦିବସ, ସ୍ଥାନ: ଖଣ୍ଡପଡା ପଠାଣୀ ସମାନ୍ତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ସାଢ଼େ ୧୧ଟା ।
- ଶ୍ୟାମାକାଳୀ ପୂଜା, ସ୍ଥାନ: କଣ୍ଟିଲୋ କାଳୀ ମନ୍ଦିର, ସମୟ:ସକାଳ ୭ଟା ।
- ଶ୍ୟାମାକାଳୀ ପୂଜା, ସ୍ଥାନ: ନୟାଗଡ ପୁରୁଣା ସହର, ସମୟ:ମଧ ରାତ୍ର ୧୨ଟା ।
- ଶ୍ୟାମାକାଳୀ ପୂଜା, ସ୍ଥାନ: ନୟାଗଡ ବ୍ଲକ ଇଟାମାଟ ବସ୍‌ଷ୍ଟାଣ୍ଡ, ସମୟ:ମଧ ରାତ୍ର ୧୨ଟା
- ଶ୍ୟାମାକାଳୀ ପୂଜା, ସ୍ଥାନ: ନୟାଗଡ ବ୍ଲକ ଗୋଡିପଡା ଶ୍ୟାମାକାଳି ବଜାର, ସମୟ:ମଧ ରାତ୍ର ୧୨ଟା ।

## କୋରାପୁଟ
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ପଟ୍ଟାଙ୍ଗି ବ୍ଲକ୍ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ , ସମୟ : ସକାଳ ୬ଟା ।
- ସାଇ ଶିକ୍ଷା ପରିଷଦ ଆୟୋଜିତ ସମ୍ବଲପୁର ମିସ ଟିନ ଓ ମାଷ୍ଟର ଟିନ -୨୦୨୫ର ଚୟନ କାର୍ଯ୍ୟକ୍ରମ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ : ଜଗନ୍ନାଥ କଲୋନୀ ସ୍ଥିତ ନିଜସ୍ୱ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା ।
- ଶ୍ରୀଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମ, ସ୍ଥାନ : କମିସନର କଲୋନୀ ସ୍ଥିତ ଶ୍ରୀଶ୍ରୀ ଜ୍ଞାନ କ୍ଷେତ୍ର, ସମୟ : ଅପରାହ୍ନ ୫ଟା ।

## ରାଉରକେଲା
- ଦକ୍ଷିଣେଶ୍ୱର କାଳୀ ମନ୍ଦିରରେ ପୂଜା ଆରମ୍ଭ, ସ୍ଥାନ: ମାଲଗୋଦାମ, ସମୟ: ସକାଳ ୫ଟା ୩୦।
- ମାଇଣ୍ଡ ସ୍ପାର୍କ ଆନ୍ତଃ ବିଦ୍ୟାଳୟ ପ୍ରତିଯୋଗିତା ପାଇଁ ବୈଠକ, ସ୍ଥାନ: ସେକ୍ଟର-୧୪ ଡିପିଏସ୍ ସ୍କୁଲ, ସମୟ: ଅପରାହ୍ନ ୫ଟା।
- ତ୍ରିବେଣୀ କଳା ସଙ୍ଗମର ବାର୍ଷିକ ଉତ୍ସବ, ସ୍ଥାନ: ସିଭିକ୍ ସେଣ୍ଟର, ସେକ୍ଟର-୧୯, ସମୟ: ଅପରାହ୍ନ ୫. ୩୦।
- ଶ୍ରୀ ଶ୍ରୀ ଦକ୍ଷିଣ କାଳୀଙ୍କ ଜନ୍ମ ଉତ୍ସବ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧, ସମୟ: ସନ୍ଧ୍ୟା ୬ଟା।
- କାଳୀପୂଜା ଆରମ୍ଭ, ସ୍ଥାନ: ସେକ୍ଟର-୨ ଦ୍ୱିତାଲା ମାର୍କେଟ, ସମୟ: ମଧ୍ୟରାତ୍ରି ୧୨ଟା।

## ବରଗଡ଼
- ମାଁ ଧନଲକ୍ଷ୍ମୀ ଦେବୀଙ୍କ ପୂଜନୋତ୍ସବ, ସ୍ଥାନ:ଗୋବିନ୍ଦପାଲି, ବରଗଡ଼,ସମୟ: ସକାଳ ୭ଟା।
- ମାଁ ଶ୍ୟାମାକାଳୀଙ୍କ ବାର୍ଷିକ ପୂଜା ଅବସରରେ କଳସ ଶୋଭାଯାତ୍ରା, ସ୍ଥାନ: ମାଁ ଶ୍ୟାମାକାଳୀ ମନ୍ଦିର, ବରଗଡ଼,ସମୟ: ସକାଳ ୯ଟା ୧୦ମି।

## କଳାହାଣ୍ଡି
- ଶ୍ୟାମାକାଳୀ ଜନ୍ମ ଉପଲକ୍ଷେ ଚଣ୍ଡୀପାଠ, ସ୍ଥାନ: ଭବାନୀପାଟଣାସ୍ଥିତ ମା' ଦକ୍ଷିଣକାଳୀ ମନ୍ଦିର, ସମୟ: ସକାଳ ୮ଟା।
- ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକର ରାଜ୍ୟସ୍ତରୀୟ ସମ୍ମିଳନୀ, ସ୍ଥାନ: ଜୁନାଗଡ଼ ଟାଉନହଲ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ
- ମା' କାଳୀଙ୍କ ପୂଜା କାର୍ଯ୍ୟକ୍ରମ, ସ୍ଥାନ: କରଞ୍ଜକଟା ତ୍ରିନାଥ ସାଂସ୍କୃତିକ ଯୁବ ପରିଷଦ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଉଫୁଲା ୪୨ତମ କାଳିପୂଜା ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: ମଗରା ବନ୍ଧ, ସମୟ: ସକାଳ ୯ଟା।
- କାଳୀପୂଜାର ସୁବର୍ଣ୍ଣଜୟନ୍ତୀ ଉତ୍ସବ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ବିନିକା ଗଡଭିତର, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ବ୍ଲକ ଦୁବୁଲା ଛକ ଗିରିଗୋବର୍ଦ୍ଧନ ମନ୍ଦିରରେ ଅଷ୍ଟ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: ମନ୍ଦିର ସମ୍ମୁଖ ନାମ ମଣ୍ଡପ, ସମୟ: ଅପରାହ୍ନ ୩ଟା।
- ମେହେର ସମ୍ପ୍ରଦାୟର ସ୍ୱତନ୍ତ୍ର ଦୀପାବଳି କାର୍ଯ୍ୟକ୍ରମ, ସ୍ଥାନ : କେନ୍ଦୁପାଲି, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।

# ଆଜି ସରିବ ନାମାଙ୍କନପତ୍ର ଦାଖଲ ଅବଧି

## ନୂଆପଡ଼ାରେ ବଢୁଛି ତାରକାଙ୍କ ଭିଡ଼

ଭୁବନେଶ୍ୱର,୧୯।୧୦ (ରବିନାରାୟଣ ଜେନା)

ଦିନ ଯେତିକି ଗଡୁଛି, ନୂଆପଡ଼ା ଉପନିର୍ବାଚନ ସେତିକି ଉଷ୍ମ ହୋଇଚାଲିଛି। ଏହି ପରିପ୍ରେକ୍ଷୀରେ ଆସନ୍ତାକାଲି(ସୋମବାର) ପ୍ରାର୍ଥିପତ୍ର ଦାଖଲର ଶେଷଦିନ ରହିଛି। ଇତିମଧ୍ୟରେ ୫ ପ୍ରାର୍ଥୀ ୭ଟି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏଥିମଧ୍ୟରେ କଂଗ୍ରେସର ବିଧାୟକ ପ୍ରାର୍ଥୀ ଘାସିରାମ ମାଝୀ ଏବଂ ଭାଜପାର ପ୍ରାର୍ଥୀ ଜୟ ଢୋଲକିଆ ରହିଥିବାବେଳେ ଦୁଇଜଣ ସ୍ୱାଧୀନ ଏବଂ ଜଣେ ଓଡ଼ିଶା ଜନତା ଦଳ ପ୍ରାର୍ଥୀ ରହିଛନ୍ତି। ହେଲେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ଆସନ୍ତାକାଲି ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ଦଳୀୟ ସୂତ୍ରରୁ ଜଣାଯାଇଛି। ତେବେ ରାଜ୍ୟର ପ୍ରମୁଖ ତିନି ଦଳର ତାରକା ପ୍ରଚାରକମାନଙ୍କ ଭିଡ଼ ଏବେ ନୂଆପଡ଼ାରେ ଧୀରେ ଧୀରେ ଦେଖିବାକୁ ମିଳୁଛି। ପରିସ୍ଥିତି ଏପରି ହେଲାଣି ଯେ, ପଡ଼ୋଶୀ ଜିଲା ଏବଂ ରାଜ୍ୟ ଛତିଶଗଡ଼ରେ ମଧ୍ୟ ରହଣି କରିବାକୁ ପ୍ରଚାରକଙ୍କୁ ପଡୁଛି। ସବୁଠାରୁ ବଡ଼କଥା ହେଲା, ନୂଆପଡ଼ା ସହରରେ ତେଲ ଟାଙ୍କିରେ ମଧ୍ୟ ପ୍ରବଳ ଭିଡ଼ ଅନୁଭୂତ ହେଉଛି। ଏପରି କି ସମୟେ ସମୟେ ଟାଙ୍କିରୁ ତେଲ ଶେଷ ହୋଇଯିବାରୁ ପ୍ରଚାରକ ଗାଡ଼ି ଏବଂ ଶୋଭାଯାତ୍ରା ଗାଡ଼ିକୁ ବିଳମ୍ବ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି। ଏହାସହିତ ତାରକା ପ୍ରଚାରକଙ୍କ ରହିବା ଖାଇବା ମଧ୍ୟ ଅସୁବିଧା ହେଉଥିବା ପ୍ରଚାରକମାନେ କହୁଛନ୍ତି। ସୂଚନାଯୋଗ୍ୟ, ଭାରତ ନିର୍ବାଚନ ଆୟୋଗଙ୍କ ବିଜ୍ଞପ୍ତି ଅନୁସାରେ ଅକ୍ଟୋବର ୨୨ (ବୁଧବାର)ରେ ନାମାଙ୍କନ ପତ୍ର ଯାଞ୍ଚ ହେବାକୁ ଥିବାବେଳେ ଅକ୍ଟୋବର ୨୪ (ଶୁକ୍ରବାର) ତାରିଖକୁ ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି ।

# ପିଏମ୍‌ଏୱାଇ: ରାୟଗଡ଼ା, ଗଜପତି, କଳାହାଣ୍ଡିକୁ ଗୁରୁତ୍ୱଦେବାକୁ କେନ୍ଦ୍ରର ପରାମର୍ଶ

ଭୁବନେଶ୍ୱର,୧୯।୧୦ (ରବିନାରାୟଣ ଜେନା)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ଅନୁଦାନରେ ଓଡ଼ିଶା ସବୁଠାରୁ ଏକ ଅଗ୍ରଣୀ ରାଜ୍ୟ। ଏହାକୁ ନେଇ କେନ୍ଦ୍ର ରାଜ୍ୟକୁ ପ୍ରଶଂସା କରୁଥିବାବେଳେ କାର୍ଯ୍ୟକାରିତା ଉପରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛି। କେନ୍ଦ୍ରର ଏଭଳି ଆଭିମୁଖ୍ୟକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଅକ୍ଟୋବର ୧୪ରେ କେନ୍ଦ୍ର ଜନଜାତି ମନ୍ତ୍ରଣାଳୟ ସଚିବ ବିଭୁ ନାୟାର ରାଜ୍ୟ ସରକାରଙ୍କ ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) କାର୍ଯ୍ୟକାରୀ କରିବାରେ ଓଡ଼ିଶାର ପ୍ରଦର୍ଶନ ଉତ୍ତମ ରହିଛି। ଏପରି କି ୯୮%ଠାରୁ ଅଧିକ ପ୍ରତିଶତ ଆବାସ ଅନୁଦାନ ମଧ୍ୟ ହୋଇସାରିଲାଣି। କିନ୍ତୁ ବାସ୍ତବ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହୋଇନାହିଁ। ମାତ୍ର କାର୍ଯ୍ୟକାରିତାରେ ୪୮%ରେ ଝୁଲୁଛି। ସବୁଠାରୁ ବଡ଼କଥା ହେଲା, ୧୧% ଆବାସ ଛାତ ପତନ ତଳେ ରହିଥିବାବେଳେ ୨୧ ପ୍ରତିଶତ ଆବାସ ଲିନ୍‌ଟେଲ ଅବସ୍ଥାରେ ଅଛି। ୧୫% ହିତାଧିକାରୀ ଏପର୍ଯ୍ୟନ୍ତ ଦ୍ୱିତୀୟ କିସ୍ତି ପାଇପାରି ନାହାନ୍ତି। ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣରେ ଏବେ ଏକପ୍ରକାର ଅସାମଞ୍ଜସ୍ୟ ଦେଖାଦେଇଛି। ଏକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଉଠାଇବାକୁ ପଡ଼ିବ ବୋଲି ନାୟାର ପତ୍ରରେ ଦର୍ଶାଇଛନ୍ତି। ସେ ଆହୁରି କହିଛନ୍ତି, ରାୟଗଡା, ଗଜପତି ଓ କଳାହାଣ୍ଡି ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରିତା ପଛରେ ରହିଛି। ଏହି ତିନୋଟି ଜିଲାରେ ଅଧିକ ଗୁରୁତ୍ୱ ଦେବା ନିହାତି ଆବଶ୍ୟକ ବୋଲି ମୁଖ୍ୟଶାସନ ସଚିବଙ୍କୁ ପତ୍ରରେ ଦର୍ଶାଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ଅଫିସ କାମରେ କେତେକ ଦିଗରୁ ଚାପର ସମ୍ମୁଖୀନ ହେବାର ସୂଚନା ରହିଛି। କୌଣସି ଆତ୍ମୀୟ ବ୍ୟକ୍ତିଠାରୁ ଯଥେଷ୍ଟ ବାଚନିକ ସହାୟତା ପାଇବେ। ଗତକାଲିର ଯୋଜନା ମୁତାବକ କାମରେ ଲାଗିପଡ଼ନ୍ତୁ, ଅବଶ୍ୟ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ଘଟିବ।

**ବୃଷ** କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ କରିବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ବାହାରେ ଅଧିକାଂଶ ସମୟ କଟାଇବା କାରଣରୁ ସାମୟିକ ନିଃସଙ୍ଗତାବୋଧ କରିପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**ମିଥୁନ** ସହକର୍ମୀମାନଙ୍କ ଅସହଯୋଗ ହେତୁ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ସାଧାରଣ କଥାରେ ଖଳଲୋକମାନଙ୍କ ଦ୍ୱାରା କଳହ ଘେରରେ ଆକ୍ରାନ୍ତ ହୋଇପାରନ୍ତି। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବ। ଜମିଜମା, ନିର୍ମାଣ, କଳକାରଖାନା କ୍ଷେତ୍ରରେ ସମସ୍ୟା ଲାଗିରହିବ।

**କର୍କଟ** ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ସାମାଜିକ କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ପାରିବାରିକ କଳହ କାରଣରୁ ସାୟାହ୍ନେ ଟେନ୍‌ଶନ ବଢ଼ିଯିବ। ବନ୍ଧୁମାନଙ୍କ ସହ ଅଧିକାଂଶ ସମୟ ଆଳାପ ଆଲୋଚନାରେ କଟାଇବେ । ପୁରୁଣା ରୋଗର ପୀଡ଼ା ଅସହ୍ୟ ହେବ।

**ସିଂହ** କାର୍ଯ୍ୟବ୍ୟସ୍ତତା ଯୋଗୁ ପରିବାରର କେତେକ ଅତ୍ୟାବଶ୍ୟକ କାମକୁ ପୂର୍ଣ୍ଣାଙ୍ଗ କରିପାରିବେ ନାହିଁ। ନିର୍ମାଣ, କଳା, ସାହିତ୍ୟ, ଲେଖାପଢ଼ା ପ୍ରଭୃତି କ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ପ୍ଲଟିଂ କାରବାର, ଏଜେନ୍ସି, ସାମ୍ବାଦିକତାରେ ଆଶାଜନକ ଫଳ ପାଇବେ। ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ।

**କନ୍ୟା** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ଯୋଗୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ବିଭିନ୍ନ ପ୍ରତିବନ୍ଧକ ମଧ୍ୟରେ କାମଗୁଡ଼ିକ ଅଟକି ରହିଯାଇପାରେ। ପାଇବାକୁ ଥିବା ଟଙ୍କା ପଇସା ମଧ୍ୟ ଠିକ୍ ସମୟରେ ପାଇ ପାରିବେ ନାହିଁ। ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ।

**ତୁଳା** କୌଣସି କଥା ଠିକ୍ ଭାବରେ ବିଚାର ନ କରି ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଭୁଲ୍ କରିବେ। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇ ପାରେ। ଅପେକ୍ଷା କରିଥିବା କାମଟି ଶୀଘ୍ର ହୋଇଯିବାର ଶୁଭ ସୂଚନା ପାଇବେ। ବ୍ୟବସାୟ, ପରିବହନ, ମାଲିମକଦ୍ଦମା, ସଭାସମିତି କ୍ଷେତ୍ରରେ ସାଧାରଣ ସମସ୍ୟା ଦେଖା ଦେବ।

**ବିଛା** ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିପାରେ। ଯେତେ ପ୍ରକାର ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ। ଆଜି ସନ୍ଧ୍ୟା ସୁଦ୍ଧା ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହେବ। ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ।

**ଧନୁ** ମାନସିକ ସ୍ଥିତି ସୁଦୃଢ଼ ରହିବ ଓ ହାତକୁ ନେଇଥିବା କାମ ହାସଲରେ କିଛି ଅସୁବିଧା ହେବନାହିଁ। ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବା ସହଜ ହେବ । ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତି କ୍ଷେତ୍ରରେ ସମ୍ମାନିତ ହେବେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଏବଂ ବାଦବିବାଦର ଆପୋସ ସମାଧାନ ଘଟିବ।

**ମକର** ପରିବାରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ପରିହାସ ଯୁକ୍ତ କଥା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ। ସଞ୍ଚିତ ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବା କାରଣରୁ ମାନସିକ ସ୍ତରରେ ଅଶାନ୍ତି ଅନୁଭବ କରିବେ। ପିଲାଙ୍କ ପାଠପଢ଼ାକୁ ନେଇ ଚିନ୍ତିତ ରହିବେ।

**କୁମ୍ଭ** ଆଜି ସକାଳୁ ସକାଳୁ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**ମୀନ** ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ବନ୍ଧୁ ଦେଇଥିବା ପ୍ରତିଶ୍ରୁତିରେ ଖିଲାପ କରିପାରନ୍ତି, ଯାହାକି ବିଭିନ୍ନ ସମସ୍ୟାକୁ ଡାକି ଆଣିବ। ପରିବାରର ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ଆଜିର ଦିନଟି ଭ୍ରମଣ, ରାଜନୀତି, ପ୍ରଶାସନ ପାଇଁ ଭଲ।

ଅକ୍ଟୋବର ୨୦ ତାରିଖ, ଅନ୍ତର୍ଜାତୀୟ ଶିଶୁ ଦିବସ, କାର୍ତ୍ତିକ କୃଷ୍ଣପକ୍ଷର ନରକ ଚତୁର୍ଦ୍ଦଶୀ, ସୋମବାର। କାଳୀପୂଜା, ଯମତର୍ପଣ, ଅମାବାସ୍ୟାର ନିଶାପାଳନ, ରାଶିନକ୍ଷତ୍ର-ହସ୍ତା/କନ୍ୟା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୪୬ ଗତେ ଘ.୦୭.୧୨ ମଧ୍ୟେ, ଘ.୦୮.୫୦ ଗତେ ଘ.୧୧.୦୮ ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୭.୧୨ ଗତେ ଘ.୦୮.୩୮ ମଧ୍ୟେ ରାହୁ କାଳ ।

# ଜାତୀୟ ସଂହତି ଦିବସ



୧୯୬୨ ମସିହାର ଚାଇନା-ଭାରତ ଯୁଦ୍ଧ ସମୟରେ ଭାରତୀୟ ସୈନିକଙ୍କ ବଳିଦାନକୁ ସମ୍ମାନ ଜଣାଇବା ଏବଂ ଜାତୀୟ ଏକତାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବର୍ଷ ଅକ୍ଟୋବର ୨୦ରେ ପାଳିତ ହୋଇଆସୁଛି ଜାତୀୟ ସଂହତି ଦିବସ। ୧୯୬୬ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ ଚାଇନାର ଅଚାନକ ଆକ୍ରମଣର ପ୍ରତିକ୍ରିୟା ସ୍ୱରୂପ ଏହି ଦିବସକୁ ପ୍ରଥମେ ପାଳନ କରାଯାଇଥିଲା। ଯାହାକି ଆକ୍ରମଣର ସାମ୍ନାରେ ଦେଶର ଏକତାର ପ୍ରତୀକ ଥିଲା। ଏହା ସଂଘର୍ଷ ସମୟରେ ଭାରତୀୟ ଜନତା ଏବଂ ସଶସ୍ତ୍ର ବାହିନୀ ଦ୍ୱାରା ଦେଖାଯାଇଥିବା ସାହସ ଏବଂ ଏକତାର ସ୍ମରଣକାରୀ ଭାବରେ କାର୍ଯ୍ୟ କରେ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଊଣା ଲୋକ ପଦ ପାଏ**
**ହଗି ଗଲେ ଗୀତ ଗାଏ ।**

ସାଧାରଣତଃ ନୀଚସ୍ତରର ଲୋକ ଉଚ୍ଚ ପଦବୀରେ ଅଧିଷ୍ଠିତ ହେଲେ ଗର୍ବରେ ଫାଟିପଡ଼ନ୍ତି। ସ୍ଥାନ, କାଳ ଓ ପାତ୍ରକୁ ସେମାନେ ଆଦୌ ଖାତିର କରନ୍ତି ନାହିଁ ବୋଲି ଏଠାରେ ଦର୍ଶାଯାଇଛି।

**ଉତ୍ତର ମଣିଷ ପେଟରେ ବୁଦ୍ଧି**
**ଦକ୍ଷିଣା ମଣିଷ ସାଧା**
**ପୂର୍ବର ମଣିଷ ଛନ୍ଦ ସୌଦାଗର**
**ପଶ୍ଚିମା ମଣିଷ ଗଧା ।**

ସାଧାରଣତଃ ଉତ୍ତର ପ୍ରାନ୍ତରେ ରହୁଥିବା ମଣିଷ ବୁଦ୍ଧିମାନ୍ ହେଉଥିବାବେଳେ ଦକ୍ଷିଣ ପ୍ରାନ୍ତରେ ଥିବା ମଣିଷ ସାଦାସିଧା ବା ନିଷ୍କପଟ ହୋଇଥାନ୍ତି। ଠିକ୍ ସେହିପରି ପୂର୍ବ ପ୍ରାନ୍ତରେ ରହୁଥିବା ମଣିଷ ବେପାର ବଣିଜରେ ଆଗ୍ରହ ରଖୁଥିବାବେଳେ ପଶ୍ଚିମ ପ୍ରାନ୍ତରେ ଥିବା ମଣିଷ ନିର୍ବୁଦ୍ଧିଆ ହୋଇଥାନ୍ତି। ଦେଶର ବିଭିନ୍ନ ପ୍ରାନ୍ତରେ ରହୁଥିବା ମଣିଷଙ୍କ ଜୀବନଶୈଳୀକୁ ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅଭିନେତା ସଚି ପଣ୍ଡାଙ୍କ ପରଲୋକ

ଖଣ୍ଡପଡ଼ା,୧୯।୧୦ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଢୋଲମରା ପଞ୍ଚାୟତ ବାସିନ୍ଦା ତଥା ଓଡ଼ିଆ ଚଳଚ୍ଚିତ୍ର ଜଗତର ଚର୍ଚ୍ଚିତ ଚେହେରା ଅଭିନେତା ସଚି ପଣ୍ଡା (୮୨) ଙ୍କର ଶନିବାର ସକାଳ



୭ ଟାରେ ପରଲୋକ ଘଟିଛି। ଦୀର୍ଘ ମାସ ହେଲା ସେ କର୍କଟ ରୋଗରେ ପୀଡିତ ଥାଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେଠାରେ ହିଁ ତାଙ୍କର ମୃତ୍ୟୁ ହୋଇଥିବା ପରିବାରବର୍ଗଙ୍କ ସୂତ୍ରରୁ ଜଣାପଡିଛି। ତାଙ୍କ ବିୟୋଗରେ ଜନ୍ମମାଟି ଖଣ୍ଡପଡ଼ା ଅଞ୍ଚଳରେ ଶୋକପ୍ରକାଶ ପାଇଛି । ସ୍ୱର୍ଗତ ପଣ୍ଡା ଅନେକ ଓଡ଼ିଆ ଚଳଚ୍ଚିତ୍ର ଯଥା ପୀପାସା, ପ୍ରତିଧ୍ୱନି, ବାହୁଡିବେ ମୋ ଜଗାବଳିଆରେ ଅଭିନୟ କରି ଦର୍ଶକଙ୍କ ମନ ଜିଣି ପାରିଥିଲେ। ନିକଟରେ ବିଜୁ ପଟ୍ଟନାୟକଙ୍କ ଉପରେ ନିର୍ମାଣ ହୋଇଥିବା ଏକ ଚଳଚ୍ଚିତ୍ରରେ ସେ ବିଜୁ ପଟ୍ଟନାୟକଙ୍କ ଭୂମିକାରେ ଅଭିନୟ କରିଥିଲେ। କିନ୍ତୁ ତାହା ରିଲିଜ୍ ହେବା ପୂର୍ବରୁ ତାଙ୍କର ଦେହାନ୍ତ ହୋଇଛି। ସେହିପରି ଓଡ଼ିଆ ଟିଭି ସିରିଏଲର ଭିନ୍ନଭିନ୍ନ ଭୂମିକାରେ ସେ ଅଭିନୟ କରିବା ସହ ନିର୍ଦ୍ଦେଶକ ଭାବେ ବେଶ୍ ସୁନାମ ଅର୍ଜନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି ।

# ଦୀପୋତ୍ସବରେ ଝଲସିଲା ଅଯୋଧ୍ୟା: ୨ ନୂଆ ବିଶ୍ୱ ରେକର୍ଡ



ଅଯୋଧ୍ୟା, ୧୯।୧୦

୨୦୧୭ରୁ ଉତ୍ତରପ୍ରଦେଶର ଅଯୋଧ୍ୟାରେ ଅଯୋଧ୍ୟା ଦୀପୋତ୍ସବ କାର୍ଯ୍ୟକ୍ରମର ଆୟୋଜନ ହୋଇଆସୁଛି। ଚଳିତଥର ଏହି କାର୍ଯ୍ୟକ୍ରମର ନବମ ସଂସ୍କରଣକୁ ଧୁମଧାମରେ ପାଳନ କରାଯାଇଛି। ସରଯୁ ନଦୀ କୂଳରେ ନିର୍ମିତ ସମସ୍ତ ୫୬ଟି ଘାଟରେ ରବିବାର ୨୬ ଲକ୍ଷରୁ ଅଧିକ ଦୀପକୁ ପ୍ରଜ୍ୱଳିତ କରାଯାଇଛି। ଏହି ଦୀପଗୁଡ଼ିକର ଆଲୋକରେ ପୂରା ଅଯୋଧ୍ୟା ସହର ଝଲସିବାରେ ଲାଗିଥିଲା। ଚଳିତ ଅଯୋଧ୍ୟା ଦୀପୋତ୍ସବରେ ୨ଟି ବିଶ୍ୱ ରେକର୍ଡ ସ୍ଥାପନ ହୋଇଛି। ୨୬,୧୭,୨୧୫ ଦୀପ ଜାଳିବା ଏବଂ ୨,୧୨୮ ଜଣ ପୁରୋହିତଙ୍କ ଦ୍ୱାରା ଏକକାଳୀନ ସରଯୁ ନଦୀ କୂଳରେ ମହାଆରତି କରାଯିବାକୁ ନେଇ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ଅଯୋଧ୍ୟା ସ୍ଥାନ ପାଇଛି। ରବିବାର ଅଯୋଧ୍ୟା ଦୀପୋତ୍ସବ କାର୍ଯ୍ୟକ୍ରମ ବେଳେ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ ଟିମ୍ ପକ୍ଷରୁ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଉଭୟ ବିଶ୍ୱ ରେକର୍ଡ ପାଇଁ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଝିଅକୁ ଅସଦାଚରଣ ...

କାଶୀନାଥଙ୍କ ଅଭିଯୋଗକୁ ଭିତ୍ତି କରି ପରଜଙ୍ଗ ଥାନାରେ ଏକ ହତ୍ୟା ମାମଲା(ନଂ. ୪୮୬/୨୫) ରୁଜୁ ହୋଇଛି। ତେବେ ଏହି ଘଟଣା କେବଳ ରୂପା ଘଟାଇଛନ୍ତି ନା ଏଥିରେ ଅନ୍ୟ କାହାରି ସମ୍ପୃକ୍ତି ରହିଛି ପୋଲିସ ତାକୁ ନେଇ ତଦନ୍ତ କରୁଛି।

### ଲୁଭର୍ ମ୍ୟୁଜିୟମ୍‌ରେ ...

ଥିବା ନେପୋଲିଅନଙ୍କ ସଂଗ୍ରହରୁ ୯ ଖଣ୍ଡ ମୂଲ୍ୟବାନ ଅଳଙ୍କାର ଚୋରି କରିଛନ୍ତି। ଚୋରି ପରେ ଏହି ବିଶ୍ୱ ବିଖ୍ୟାତ ସଂଗ୍ରହାଳୟକୁ ଦିନକ ପାଇଁ ବନ୍ଦ କରାଯାଇଛି। ପୋଲିସ ମାମଲାର ତଦନ୍ତ ଆରମ୍ଭ କରିଥିବା ସହ ଚୋରି ହୋଇଥିବା ଅଳଙ୍କାରକୁ ଖୋଜିବା ପାଇଁ ପ୍ରୟାସ ଜାରି ରହିଛି। ଲୁଭର୍ ସଂଗ୍ରହାଳୟରେ ବିଶ୍ୱର ଅନେକ ପ୍ରସିଦ୍ଧ କଳାକୃତି ଏବଂ ଚିତ୍ର ରହିଛି, ଯେଉଁଥିରେ ଲିଓନାର୍ଡୋ ଡା ଭିନ୍‌ସିଙ୍କ ପ୍ରସିଦ୍ଧ ମୋନାଲିସା ଚିତ୍ର ଅନ୍ତର୍ଭୁକ୍ତ। ପ୍ରକାଶ ଯେ, ପୂର୍ବରୁ ଏହି ବିଶ୍ୱପ୍ରସିଦ୍ଧ ମ୍ୟୁଜିୟମ୍‌ରେ ଅନେକ ବାର ଚୋରି କିମ୍ବା ଚୋରି ଉଦ୍ୟମ ହୋଇଛି। ୧୯୧୧ରେ ପ୍ରସିଦ୍ଧ ମୋନାଲିସା ଚିତ୍ରକୁ ଏହାର ଫ୍ରେମ୍‌ରୁ ଚୋରି କରାଯାଇଥିଲା। ଭିନ୍‌ସେଞ୍ଜୋ ପେରୁଗିଆ ନାମକ ସଂଗ୍ରହାଳୟର ଜଣେ ପୂର୍ବତନ କର୍ମଚାରୀ ଏହାକୁ ଚୋରି କରିଥିଲେ ଏବଂ ନିଜ କୋଟ୍ ମଧ୍ୟରେ ଚିତ୍ରଟିକୁ ଲୁଚାଇ ରଖି ମ୍ୟୁଜିୟମ୍ ବାହାରକୁ ଚାଲିଯାଇ ଫେରାର୍ ହୋଇଯାଇଥିଲେ। ୨ ବର୍ଷ ପରେ ଉକ୍ତ ଚିତ୍ରକୁ ଉଦ୍ଧାର କରାଯାଇଥିଲା।

### ଅବପାତ ପ୍ରଭାବରେ ...

ବର୍ଷା ରେକର୍ଡ କରାଯାଇଛି। ସୋମବାର ଉତ୍ତର ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ। ମାତ୍ର ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ହାଲୁକାରୁ ମଧ୍ୟ ଧରଣର ବର୍ଷା ହେବା ନେଇ ଆକଳନ କରାଯାଇଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମାଲକାନଗିରି, ରାୟଗଡ଼ା ଏବଂ କୋରାପୁଟ ଜିଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨୧ ତାରିଖରେ ମଧ୍ୟ ସ୍ଥିତି ସମାନ ରହିବ। ଲଘୁଚାପ ସୃଷ୍ଟି ହେବା ପରେ ହିଁ ସେସଂକ୍ରାନ୍ତ ସତର୍କତା ଜାରି କରାଯିବ ବୋଲି ନିର୍ଦ୍ଦେଶକ ଡ. ମହାନ୍ତି ସୂଚନା ଦେଇଛନ୍ତି।

### ସେବା ହିଁ ମୂଳମନ୍ତ୍ର: ...

କରିପାରିବେ। ଏହି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଗୁଡ଼ିକରେ ସରପଞ୍ଚ, ପଞ୍ଚାୟତ ଏକ୍‌ଜିକ୍ୟୁଟିଭ୍ ଅଫିସର, ଜୁନିୟର ଇଞ୍ଜିନିୟର, ଗ୍ରାମ ରୋଜଗାର ସେବକ ଓ ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟରମାନଙ୍କ ପାଇଁ ସ୍ୱତନ୍ତ୍ର ରୁମ୍ ରହିବ। ଏହି କାର୍ଯ୍ୟାଳୟଗୁଡ଼ିକ 'ଏକକ ସେବା କେନ୍ଦ୍ର' ହେବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଭାସି ମାଧ୍ୟମରେ ବିଭିନ୍ନ ଜିଲାର ହିତାଧିକାରୀ ଏବଂ ବିଭିନ୍ନ ପଞ୍ଚାୟତର ସରପଞ୍ଚଙ୍କ ସହ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ । ହିତାଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଓ ନିଜର ଖୁସି ବ୍ୟକ୍ତ କରିଥିଲେ। ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ କହିଥିଲେ, ଗ୍ରାମପଞ୍ଚାୟତ ଭବନ ହେଉଛି ଗ୍ରାମୀଣ ଶାସନର ମୂଳ କେନ୍ଦ୍ର। ଏଠାରୁ ଲୋକଙ୍କ ସମସ୍ୟାର ସମାଧାନ ହୁଏ, ତୃଣମୂଳ ସ୍ତରରେ ବିକାଶର ନକ୍ସା ତିଆରି ହୁଏ ଓ ଗାଁର ପ୍ରତ୍ୟେକ ଲୋକଙ୍କ ଜୀବନ ସୁଧାରିବାର ପ୍ରୟାସ ଆରମ୍ଭ ହୁଏ। ତେଣୁ ପ୍ରତ୍ୟେକ ଗ୍ରାମପଞ୍ଚାୟତ ପାଇଁ ଲୋକଙ୍କ ଆଶା-ଆକାଂକ୍ଷାକୁ ପୂରଣ କରିପାରୁଥିବା ତଥା ସମସ୍ତ ସେବା ଯୋଗାଇ ପାରୁଥିବା ଭଳି ଆଧୁନିକ ଭବନ ଦରକାର। ଏହି ଭବନଗୁଡ଼ିକ ଲୋକସେବା, ଗାଁର ଉନ୍ନତି ଓ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଏକ ନୂଆ ମାଇଲ ଖୁଣ୍ଟ ହେବ । କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ଅନ୍ୟାନ୍ୟ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଆଜି କ'ଣ କେଉଁଠି

## ବାଲେଶ୍ୱର
- ୫୮ତମ ମା' ଶ୍ୟାମାକାଳୀ ପୂଜା,ସ୍ଥାନ:ପୋଡ଼ାଶୂଳ ବଜାର, ନୀଳଗିରି,ସମୟ: ସନ୍ଧ୍ୟା ୭ଟା।
- କାଳୀ ପୂଜା,ସ୍ଥାନ: କାଳୀମନ୍ଦିର, ସୂତାକଳ ପରିସର, ବାଲିଆପାଳ, ସମୟ-ସନ୍ଧ୍ୟା ୭ଟା।
- କାଳୀ ପୂଜା,ସ୍ଥାନ:କାଳୀ ମନ୍ଦିର, କାଳିପଦା ବଜାର, ବାଲିଆପାଳ,ସମୟ:ରାତି ୮ଟା।

## ଭଦ୍ରକ
- ଭଦ୍ରକାଳୀଙ୍କ ବେଦମାତା ବେଶ, ସ୍ଥାନ: ଭଦ୍ରକାଳୀ ପୀଠ, ଭଦ୍ରକ, ସମୟ: ଭୋର ୪ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଭଦ୍ରକାଳୀ ପୀଠ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- କାଳୀପୂଜା ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ଚରମ୍ପା ପୂଜା ମଣ୍ଡପ, ଭଦ୍ରକ, ସମୟ: ରାତି ୯ଟା।

## ମୟୂରଭଞ୍ଜ
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ,ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ସବୁଜ ବାହିନୀ ପକ୍ଷରୁ ବାଣ ନୁହେଁ ହସ ଫୁଟାଇବା, ସ୍ଥାନ: ଓମ ଜରା ନିବାସ,ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ଶ୍ୟାମାକାଳୀ ପୂଜା ଆରମ୍ଭ, ସ୍ଥାନ: ଚିନିଶିଳ୍ପ ନୂଆଗାଁ, ଆସିକା ବ୍ଲକ, ସମୟ: ସକାଳ ୮ଟା।

## ଅନୁଗୋଳ
- ଶ୍ୟାମାକାଳୀ ପୂଜା ଆରମ୍ଭ, ସ୍ଥାନ: ଖୃଣ୍ଡା, ଅନୁଗୋଳ, ସମୟ: ସକାଳ ୮ଟା ୩୦।
- ଦୀପାବଳି ଅମାବାସ୍ୟାର ସ୍ୱତନ୍ତ୍ର ପୂଜା, ସ୍ଥାନ : ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀ ମନ୍ଦିର, ସମୟ : ରାତି ୧୧ଟା।

## ଜଗତ୍‌ସିଂହପୁର
- ତାରିଣୀ ମନ୍ଦିର କମିଟି ପକ୍ଷରୁ ମହାଯଜ୍ଞ ପୂର୍ଣ୍ଣାହୁତି ଓ ସମୂହ ଦୀପାବଳି ପାଳନ କାର୍ଯ୍ୟକ୍ରମ, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ମା' ଶ୍ୟାମାକାଳୀଙ୍କ ପୂଜାତ୍ସୋବ, ସ୍ଥାନ: ଅଳାବାଙ୍କ, ଡେରାବିଶ, ଜଗତିଜୋର ପୀଠ, ଛପାଲି, ପ୍ରଭାକରପୁର, ରାମନଗର, ବଡିଘର, ତନ୍ତିଆପାଳ, ପଙ୍କପାଳ, ଟିକରପଙ୍ଗା, ମହାକାଳପଡ଼ା, ନୂଆପଡ଼ା, ଖରିଷଣ, ସଟଲା, ମଇଁଦିପୁର, ଚମ୍ପୁର, ଗରଦପୁର, ପଞ୍ଚପଲ୍ଲୀ, ରାଧାନଗର ପଡ଼ିଆ, ଆଳି, ଗରାପୁର ପୀଠ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର
- ଯାଜପୁର ରୋଡ ସହରରେ କାଳୀପୂଜା ଆରମ୍ଭ, ସ୍ଥାନ : ଚୋର୍ଦ୍ଦା ଛକ, ଆର୍‌ଏନ୍ କ୍ଲବ, ବ୍ୟାଙ୍କ ଷ୍ଟ୍ରିଟ, ବସଷ୍ଟାଣ୍ଡ, ରାଧାନାଥ ମାର୍ଗ, ଗୋପବନ୍ଧୁ ନଗର, ନହକା ଛକ, ଷ୍ଟିଲ ସିଟି, ନ୍ୟୁ ମାର୍କେଟ, କୋପଣ୍ଡ, ରେଳବାଇ, ବିଏନଆର, ଦଳା, ଧବଳଗିରି, କହ୍ନେଇପୁର, ଥାନା ଛକ, ପାଣ୍ଟିକା ଓ ଷ୍ଟାଡିୟମ ରୋଡ, ସମୟ : ସନ୍ଧ୍ୟା ୬ଟା।

## ନୟାଗଡ଼
- ଜ୍ୟୋତି କଳସ ରଥଯାତ୍ରା ଓ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ସ୍ଥାନ: ଭାପୁର ବ୍ଲକ ଅଞ୍ଚଳ, ସମୟ: ପୂର୍ବାହ୍ନ ୧୦ଟା ।
- ତ୍ରିଦିବସୀୟ ଆନ୍ତଃ ଜିଲ୍ଲାସ୍ତରୀୟ ଜାତୀୟ ସେବା ପ୍ରଶିକ୍ଷଣ ଶିବିରର ଅନ୍ତିମ ଦିବସ, ସ୍ଥାନ: ଖଣ୍ଡପଡା ପଠାଣୀ ସମାନ୍ତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ସାଢ଼େ ୧୧ଟା ।
- ଶ୍ୟାମାକାଳୀ ପୂଜା, ସ୍ଥାନ: କଣ୍ଟିଲୋ କାଳୀ ମନ୍ଦିର, ସମୟ:ସକାଳ ୭ଟା ।
- ଶ୍ୟାମାକାଳୀ ପୂଜା, ସ୍ଥାନ: ନୟାଗଡ ପୁରୁଣା ସହର, ସମୟ:ମଧ୍ୟ ରାତ୍ର ୧୨ଟା ।
- ଶ୍ୟାମାକାଳୀ ପୂଜା, ସ୍ଥାନ: ନୟାଗଡ ବ୍ଲକ ଇଟାମାଟ ବସ୍‌ଷ୍ଟାଣ୍ଡ, ସମୟ:ମଧ୍ୟ ରାତ୍ର ୧୨ଟା
- ଶ୍ୟାମାକାଳୀ ପୂଜା, ସ୍ଥାନ: ନୟାଗଡ ବ୍ଲକ ଗୋଡିପଡା ଶ୍ୟାମାକାଳି ବଜାର, ସମୟ:ମଧ୍ୟ ରାତ୍ର ୧୨ଟା ।

## କୋରାପୁଟ
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ପଟ୍ଟାଙ୍ଗି ବ୍ଲକ୍ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ , ସମୟ : ସକାଳ ୬ଟା ।
- ସାଇ ଶିକ୍ଷା ପରିଷଦ ଆୟୋଜିତ ସମ୍ବଲପୁର ମିସ ଟିନ ଓ ମାଷ୍ଟର ଟିନ -୨୦୨୫ର ଚୟନ କାର୍ଯ୍ୟକ୍ରମ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ : ଜଗନ୍ନାଥ କଲୋନୀ ସ୍ଥିତ ନିଜସ୍ୱ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା ।
- ଶ୍ରୀଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମ, ସ୍ଥାନ : କମିସନର କଲୋନୀ ସ୍ଥିତ ଶ୍ରୀଶ୍ରୀ ଜ୍ଞାନ କ୍ଷେତ୍ର, ସମୟ : ଅପରାହ୍ନ ୫ଟା ।

## ରାଉରକେଲା
- ଦକ୍ଷିଣେଶ୍ୱର କାଳୀ ମନ୍ଦିରରେ ପୂଜା ଆରମ୍ଭ, ସ୍ଥାନ: ମାଲଗୋଦାମ, ସମୟ: ସକାଳ ୫ଟା ୩୦।
- ମାଇଣ୍ଡ ସ୍ପାର୍କ ଆନ୍ତଃ ବିଦ୍ୟାଳୟ ପ୍ରତିଯୋଗିତା ପାଇଁ ବୈଠକ, ସ୍ଥାନ: ସେକ୍ଟର-୧୪ ଡିପିଏସ୍ ସ୍କୁଲ, ସମୟ: ଅପରାହ୍ନ ୫ଟା।
- ତ୍ରିବେଣୀ କଳା ସଙ୍ଗମର ବାର୍ଷିକ ଉତ୍ସବ, ସ୍ଥାନ: ସିଭିକ୍ ସେଣ୍ଟର, ସେକ୍ଟର-୧୯, ସମୟ: ଅପରାହ୍ନ ୫. ୩୦।
- ଶ୍ରୀ ଶ୍ରୀ ଦକ୍ଷିଣ କାଳୀଙ୍କ ଜନ୍ମ ଉତ୍ସବ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧, ସମୟ: ସନ୍ଧ୍ୟା ୬ଟା।
- କାଳୀପୂଜା ଆରମ୍ଭ, ସ୍ଥାନ: ସେକ୍ଟର-୨ ଦ୍ୱିତାଳା ମାର୍କେଟ, ସମୟ: ମଧ୍ୟରାତ୍ରି ୧୨ଟା।

## ବରଗଡ଼
- ମାଁ ଧନଲକ୍ଷ୍ମୀ ଦେବୀଙ୍କ ପୂଜନୋତ୍ସବ, ସ୍ଥାନ:ଗୋବିନ୍ଦପାଲି, ବରଗଡ଼,ସମୟ: ସକାଳ ୭ଟା।
- ମାଁ ଶ୍ୟାମାକାଳୀଙ୍କ ବାର୍ଷିକ ପୂଜା ଅବସରରେ କଳସ ଶୋଭାଯାତ୍ରା, ସ୍ଥାନ: ମାଁ ଶ୍ୟାମାକାଳୀ ମନ୍ଦିର, ବରଗଡ଼,ସମୟ: ସକାଳ ୯ଟା ୧୦ମି।

## କଳାହାଣ୍ଡି
- ଶ୍ୟାମାକାଳୀ ଜନ୍ମ ଉପଲକ୍ଷେ ଚଣ୍ଡୀପାଠ, ସ୍ଥାନ: ଭବାନୀପାଟଣାସ୍ଥିତ ମା' ଦକ୍ଷିଣକାଳୀ ମନ୍ଦିର, ସମୟ: ସକାଳ ୮ଟା।
- ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକର ରାଜ୍ୟସ୍ତରୀୟ ସମ୍ମିଳନୀ, ସ୍ଥାନ: ଜୁନାଗଡ଼ ଟାଉନହଲ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ
- ମା' କାଳୀଙ୍କ ପୂଜା କାର୍ଯ୍ୟକ୍ରମ, ସ୍ଥାନ: କରଞ୍ଜକଟା ତ୍ରିନାଥ ସାଂସ୍କୃତିକ ଯୁବ ପରିଷଦ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଉଫୁଲା ୪୨ତମ କାଳିପୂଜା ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: ମଗରା ବନ୍ଧ, ସମୟ: ସକାଳ ୯ଟା।
- କାଳୀପୂଜାର ସୁବର୍ଣ୍ଣଜୟନ୍ତୀ ଉତ୍ସବ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ବିନିକା ଗଡଭିତର, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ବ୍ଲକ ଦୁବୁଲା ଛକ ଗିରିଗୋବର୍ଦ୍ଧନ ମନ୍ଦିରରେ ଅଷ୍ଟ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: ମନ୍ଦିର ସମ୍ମୁଖ ନାମ ମଣ୍ଡପ, ସମୟ: ଅପରାହ୍ନ ୩ଟା।
- ମେହେର ସମ୍ପ୍ରଦାୟର ସ୍ୱତନ୍ତ୍ର ଦୀପାବଳି କାର୍ଯ୍ୟକ୍ରମ, ସ୍ଥାନ : କେନ୍ଦୁପାଲି, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।

# ଆଜି ସରିବ ନାମାଙ୍କନପତ୍ର ଦାଖଲ ଅବଧି

## ନୂଆପଡ଼ାରେ ବଢୁଛି ତାରକାଙ୍କ ଭିଡ଼

ଭୁବନେଶ୍ୱର,୧୯।୧୦ (ରବିନାରାୟଣ ଜେନା)

ଦିନ ଯେତିକି ଗଡୁଛି, ନୂଆପଡ଼ା ଉପନିର୍ବାଚନ ସେତିକି ଉଷ୍ମ ହୋଇଚାଲିଛି। ଏହି ପରିପ୍ରେକ୍ଷୀରେ ଆସନ୍ତାକାଲି(ସୋମବାର) ପ୍ରାର୍ଥିପତ୍ର ଦାଖଲର ଶେଷଦିନ ରହିଛି। ଇତିମଧ୍ୟରେ ୫ ପ୍ରାର୍ଥୀ ୭ଟି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏଥିମଧ୍ୟରେ କଂଗ୍ରେସର ବିଧାୟକ ପ୍ରାର୍ଥୀ ଘାସିରାମ ମାଝୀ ଏବଂ ଭାଜପାର ପ୍ରାର୍ଥୀ ଜୟ ଢୋଲକିଆ ରହିଥିବାବେଳେ ଦୁଇଜଣ ସ୍ୱାଧୀନ ଏବଂ ଜଣେ ଓଡ଼ିଶା ଜନତା ଦଳ ପ୍ରାର୍ଥୀ ରହିଛନ୍ତି। ହେଲେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ଆସନ୍ତାକାଲି ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ଦଳୀୟ ସୂତ୍ରରୁ ଜଣାଯାଇଛି। ତେବେ ରାଜ୍ୟର ପ୍ରମୁଖ ତିନି ଦଳର ତାରକା ପ୍ରଚାରକମାନଙ୍କ ଭିଡ଼ ଏବେ ନୂଆପଡ଼ାରେ ଧୀରେ ଧୀରେ ଦେଖିବାକୁ ମିଳୁଛି। ପରିସ୍ଥିତି ଏପରି ହେଲାଣି ଯେ, ପଡ଼ୋଶୀ ଜିଲା ଏବଂ ରାଜ୍ୟ ଛତିଶଗଡ଼ରେ ମଧ୍ୟ ରହଣି କରିବାକୁ ପ୍ରଚାରକଙ୍କୁ ପଡୁଛି। ସବୁଠାରୁ ବଡ଼କଥା ହେଲା, ନୂଆପଡ଼ା ସହରରେ ତେଲ ଟାଙ୍କିରେ ମଧ୍ୟ ପ୍ରବଳ ଭିଡ଼ ଅନୁଭୂତ ହେଉଛି। ଏପରି କି ସମୟେ ସମୟେ ଟାଙ୍କିରୁ ତେଲ ଶେଷ ହୋଇଯିବାରୁ ପ୍ରଚାରକ ଗାଡ଼ି ଏବଂ ଶୋଭାଯାତ୍ରା ଗାଡ଼ିକୁ ବିଳମ୍ବ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି। ଏହାସହିତ ତାରକା ପ୍ରଚାରକଙ୍କ ରହିବା ଖାଇବା ମଧ୍ୟ ଅସୁବିଧା ହେଉଥିବା ପ୍ରଚାରକମାନେ କହୁଛନ୍ତି। ସୂଚନାଯୋଗ୍ୟ, ଭାରତ ନିର୍ବାଚନ ଆୟୋଗଙ୍କ ବିଜ୍ଞପ୍ତି ଅନୁସାରେ ଅକ୍ଟୋବର ୨୨ (ବୁଧବାର)ରେ ନାମାଙ୍କନ ପତ୍ର ଯାଞ୍ଚ ହେବାକୁ ଥିବାବେଳେ ଅକ୍ଟୋବର ୨୪ (ଶୁକ୍ରବାର) ତାରିଖକୁ ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି ।

# ପିଏମ୍‌ଏୱାଇ: ରାୟଗଡ଼ା, ଗଜପତି, କଳାହାଣ୍ଡିକୁ ଗୁରୁତ୍ୱଦେବାକୁ କେନ୍ଦ୍ରର ପରାମର୍ଶ

ଭୁବନେଶ୍ୱର,୧୯।୧୦ (ରବିନାରାୟଣ ଜେନା)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ଅନୁଦାନରେ ଓଡ଼ିଶା ସବୁଠାରୁ ଏକ ଅଗ୍ରଣୀ ରାଜ୍ୟ। ଏହାକୁ ନେଇ କେନ୍ଦ୍ର ରାଜ୍ୟକୁ ପ୍ରଶଂସା କରୁଥିବାବେଳେ କାର୍ଯ୍ୟକାରିତା ଉପରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛି। କେନ୍ଦ୍ରର ଏଭଳି ଆଭିମୁଖ୍ୟକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଅକ୍ଟୋବର ୧୪ରେ କେନ୍ଦ୍ର ଜନଜାତି ମନ୍ତ୍ରଣାଳୟ ସଚିବ ବିଭୁ ନାୟାର ରାଜ୍ୟ ସରକାରଙ୍କ ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) କାର୍ଯ୍ୟକାରୀ କରିବାରେ ଓଡ଼ିଶାର ପ୍ରଦର୍ଶନ ଉତ୍ତମ ରହିଛି। ଏପରି କି ୯୮%ଠାରୁ ଅଧିକ ପ୍ରତିଶତ ଆବାସ ଅନୁଦାନ ମଧ୍ୟ ହୋଇସାରିଲାଣି। କିନ୍ତୁ ବାସ୍ତବ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହୋଇନାହିଁ। ମାତ୍ର କାର୍ଯ୍ୟକାରିତାରେ ୪୮%ରେ ଝୁଲୁଛି। ସବୁଠାରୁ ବଡ଼କଥା ହେଲା, ୧୧% ଆବାସ ଛାତ ପତନ ତଳେ ରହିଥିବାବେଳେ ୨୧ ପ୍ରତିଶତ ଆବାସ ଲିନ୍‌ଟେଲ ଅବସ୍ଥାରେ ଅଛି। ୧୫% ହିତାଧିକାରୀ ଏପର୍ଯ୍ୟନ୍ତ ଦ୍ୱିତୀୟ କିସ୍ତି ପାଇପାରି ନାହାନ୍ତି। ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣରେ ଏବେ ଏକପ୍ରକାର ଅସାମଞ୍ଜସ୍ୟ ଦେଖାଦେଇଛି। ଏକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଉଠାଇବାକୁ ପଡ଼ିବ ବୋଲି ନାୟାର ପତ୍ରରେ ଦର୍ଶାଇଛନ୍ତି। ସେ ଆହୁରି କହିଛନ୍ତି, ରାୟଗଡା, ଗଜପତି ଓ କଳାହାଣ୍ଡି ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରିତା ପଛରେ ରହିଛି। ଏହି ତିନୋଟି ଜିଲାରେ ଅଧିକ ଗୁରୁତ୍ୱ ଦେବା ନିହାତି ଆବଶ୍ୟକ ବୋଲି ମୁଖ୍ୟଶାସନ ସଚିବଙ୍କୁ ପତ୍ରରେ ଦର୍ଶାଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: କର୍ମକ୍ଷେତ୍ରରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ଅଫିସ କାମରେ କେତେକ ଦିଗରୁ ଚାପର ସମ୍ମୁଖୀନ ହେବାର ସୂଚନା ରହିଛି। କୌଣସି ଆତ୍ମୀୟ ବ୍ୟକ୍ତିଠାରୁ ଯଥେଷ୍ଟ ବାଚନିକ ସହାୟତା ପାଇବେ। ଗତକାଲିର ଯୋଜନା ମୁତାବକ କାମରେ ଲାଗିପଡ଼ନ୍ତୁ, ଅବଶ୍ୟ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ଘଟିବ।

**ବୃଷ**: କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ କରିବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ବାହାରେ ଅଧିକାଂଶ ସମୟ କଟାଇବା କାରଣରୁ ସାମୟିକ ନିଃସଙ୍ଗତାବୋଧ କରିପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**ମିଥୁନ**: ସହକର୍ମୀମାନଙ୍କ ଅସହଯୋଗ ହେତୁ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ସାଧାରଣ କଥାରେ ଖଳଲୋକମାନଙ୍କ ଦ୍ୱାରା କଳହ ଘେରରେ ଆକ୍ରାନ୍ତ ହୋଇପାରନ୍ତି। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବ। ଜମିଜମା, ନିର୍ମାଣ, କଳକାରଖାନା କ୍ଷେତ୍ରରେ ସମସ୍ୟା ଲାଗିରହିବ।

**କର୍କଟ**: ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ସାମାଜିକ କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ । ପାରିବାରିକ କଳହ କାରଣରୁ ସାୟାହ୍ନେ ଟେନ୍‌ଶନ ବଢ଼ିଯିବ। ବନ୍ଧୁମାନଙ୍କ ସହ ଅଧିକାଂଶ ସମୟ ଆଳାପ ଆଲୋଚନାରେ କଟାଇବେ । ପୁରୁଣା ରୋଗର ପୀଡ଼ା ଅସହ୍ୟ ହେବ।

**ସିଂହ**: କାର୍ଯ୍ୟବ୍ୟସ୍ତତା ଯୋଗୁ ପରିବାରର କେତେକ ଅତ୍ୟାବଶ୍ୟକ କାମକୁ ପୂର୍ଣ୍ଣାଙ୍ଗ କରିପାରିବେ ନାହିଁ। ନିର୍ମାଣ, କଳା, ସାହିତ୍ୟ, ଲେଖାପଢ଼ା ପ୍ରଭୃତି କ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ପ୍ଲଟିଂ କାରବାର, ଏଜେନ୍ସି, ସାମ୍ବାଦିକତାରେ ଆଶାଜନକ ଫଳ ପାଇବେ। ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ।

**କନ୍ୟା**: ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ଯୋଗୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ବିଭିନ୍ନ ପ୍ରତିବନ୍ଧକ ମଧ୍ୟରେ କାମଗୁଡ଼ିକ ଅଟକି ରହିଯାଇପାରେ। ପାଇବାକୁ ଥିବା ଟଙ୍କା ପଇସା ମଧ୍ୟ ଠିକ୍ ସମୟରେ ପାଇ ପାରିବେ ନାହିଁ। ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ତୁଳା**: କୌଣସି କଥା ଠିକ୍ ଭାବରେ ବିଚାର ନ କରି ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଭୁଲ୍ କରିବେ। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇ ପାରେ। ଅପେକ୍ଷା କରିଥିବା କାମଟି ଶୀଘ୍ର ହୋଇଯିବାର ଶୁଭ ସୂଚନା ପାଇବେ। ବ୍ୟବସାୟ, ପରିବହନ, ମାଲିମକଦ୍ଦମା, ସଭାସମିତି କ୍ଷେତ୍ରରେ ସାଧାରଣ ସମସ୍ୟା ଦେଖା ଦେବ।

**ବିଛା**: ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିପାରେ। ଯେତେ ପ୍ରକାର ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ। ଆଜି ସନ୍ଧ୍ୟା ସୁଦ୍ଧା ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହେବ। ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ।

**ଧନୁ**: ମାନସିକ ସ୍ଥିତି ସୁଦୃଢ଼ ରହିବ ଓ ହାତକୁ ନେଇଥିବା କାମ ହାସଲରେ କିଛି ଅସୁବିଧା ହେବନାହିଁ। ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବା ସହଜ ହେବ । ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତି କ୍ଷେତ୍ରରେ ସମ୍ମାନିତ ହେବେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଏବଂ ବାଦବିବାଦର ଆପୋସ ସମାଧାନ ଘଟିବ।

**ମକର**: ପରିବାରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ପରିହାସ ଯୁକ୍ତ କଥା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ। ସଞ୍ଚିତ ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବା କାରଣରୁ ମାନସିକ ସ୍ତରରେ ଅଶାନ୍ତି ଅନୁଭବ କରିବେ। ପିଲାଙ୍କ ପାଠପଢ଼ାକୁ ନେଇ ଚିନ୍ତିତ ରହିବେ।

**କୁମ୍ଭ**: ଆଜି ସକାଳୁ ସକାଳୁ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**ମୀନ**: ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ବନ୍ଧୁ ଦେଇଥିବା ପ୍ରତିଶ୍ରୁତିରେ ଖିଲାପ କରିପାରନ୍ତି, ଯାହାକି ବିଭିନ୍ନ ସମସ୍ୟାକୁ ଡାକି ଆଣିବ। ପରିବାରର ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ଆଜିର ଦିନଟି ଭ୍ରମଣ, ରାଜନୀତି, ପ୍ରଶାସନ ପାଇଁ ଭଲ।

ଅକ୍ଟୋବର ୨୦ ତାରିଖ, ଅନ୍ତର୍ଜାତୀୟ ଶିଶୁ ଦିବସ, କାର୍ତ୍ତିକ କୃଷ୍ଣପକ୍ଷର ନରକ ଚତୁର୍ଦ୍ଦଶୀ, ସୋମବାର। କାଳୀପୂଜା, ଯମତର୍ପଣ, ଅମାବାସ୍ୟାର ନିଶାପାଳନ, ରାଶିନକ୍ଷତ୍ର-ହସ୍ତା/କନ୍ୟା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୪୬ ଗତେ ଘ.୦୭.୧୨ ମଧ୍ୟେ, ଘ.୦୮.୫୦ ଗତେ ଘ.୧୧.୦୮ ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୭.୧୨ ଗତେ ଘ.୦୮.୩୮ ମଧ୍ୟେ ରାହୁ କାଳ ।

# ଜାତୀୟ ସଂହତି ଦିବସ



୧୯୬୨ ମସିହାର ଚାଇନା-ଭାରତ ଯୁଦ୍ଧ ସମୟରେ ଭାରତୀୟ ସୈନିକଙ୍କ ବଳିଦାନକୁ ସମ୍ମାନ ଜଣାଇବା ଏବଂ ଜାତୀୟ ଏକତାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବର୍ଷ ଅକ୍ଟୋବର ୨୦ରେ ପାଳିତ ହୋଇଆସୁଛି ଜାତୀୟ ସଂହତି ଦିବସ। ୧୯୬୬ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ ଚାଇନାର ଅଚାନକ ଆକ୍ରମଣର ପ୍ରତିକ୍ରିୟା ସ୍ୱରୂପ ଏହି ଦିବସକୁ ପ୍ରଥମେ ପାଳନ କରାଯାଇଥିଲା। ଯାହାକି ଆକ୍ରମଣର ସାମ୍ନାରେ ଦେଶର ଏକତାର ପ୍ରତୀକ ଥିଲା। ଏହା ସଂଘର୍ଷ ସମୟରେ ଭାରତୀୟ ଜନତା ଏବଂ ସଶସ୍ତ୍ର ବାହିନୀ ଦ୍ୱାରା ଦେଖାଯାଇଥିବା ସାହସ ଏବଂ ଏକତାର ସ୍ମରଣକାରୀ ଭାବରେ କାର୍ଯ୍ୟ କରେ।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଊଣା ଲୋକ ପଦ ପାଏ**
**ହଗି ଗଲେ ଗୀତ ଗାଏ ।**

ସାଧାରଣତଃ ନୀଚସ୍ତରର ଲୋକ ଉଚ୍ଚ ପଦବୀରେ ଅଧିଷ୍ଠିତ ହେଲେ ଗର୍ବରେ ଫାଟିପଡ଼ନ୍ତି। ସ୍ଥାନ, କାଳ ଓ ପାତ୍ରକୁ ସେମାନେ ଆଦୌ ଖାତିର କରନ୍ତି ନାହିଁ ବୋଲି ଏଠାରେ ଦର୍ଶାଯାଇଛି।

**ଉତ୍ତର ମଣିଷ ପେଟରେ ବୁଦ୍ଧି**
**ଦକ୍ଷିଣା ମଣିଷ ସାଧା**
**ପୂର୍ବର ମଣିଷ ଛନ୍ଦ ସୌଦାଗର**
**ପଶ୍ଚିମା ମଣିଷ ଗଧା ।**

ସାଧାରଣତଃ ଉତ୍ତର ପ୍ରାନ୍ତରେ ରହୁଥିବା ମଣିଷ ବୁଦ୍ଧିମାନ୍ ହେଉଥିବାବେଳେ ଦକ୍ଷିଣ ପ୍ରାନ୍ତରେ ଥିବା ମଣିଷ ସାଦାସିଧା ବା ନିଷ୍କପଟ ହୋଇଥାନ୍ତି। ଠିକ୍ ସେହିପରି ପୂର୍ବ ପ୍ରାନ୍ତରେ ରହୁଥିବା ମଣିଷ ବେପାର ବଣିଜରେ ଆଗ୍ରହ ରଖୁଥିବାବେଳେ ପଶ୍ଚିମ ପ୍ରାନ୍ତରେ ଥିବା ମଣିଷ ନିର୍ବୁଦ୍ଧିଆ ହୋଇଥାନ୍ତି। ଦେଶର ବିଭିନ୍ନ ପ୍ରାନ୍ତରେ ରହୁଥିବା ମଣିଷଙ୍କ ଜୀବନଶୈଳୀକୁ ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...



ଲୁଟେରାମାନେ ଫ୍ରାନ୍ସର ପ୍ୟାରିସ୍ଥିତ ଲୁଭର୍ ମ୍ୟୁଜିୟମ୍‌ରୁ ଚୋରି କରିବା ପାଇଁ ବ୍ୟବହାର କରିଥିବା ବାସ୍କେଟ ଲିଫ୍ଟ ।

## ଲୁଭର୍ ମ୍ୟୁଜିୟମ୍‌ରେ ...

ଚୋରିର ତଦନ୍ତ ପାଇଁ ଏବଂ ସୁରକ୍ଷାଗତ ଓ ପରିଚାଳନାଗତ କାରଣରୁ ମ୍ୟୁଜିୟମ୍‌କୁ ଦିନକ ପାଇଁ ବନ୍ଦ କରାଯାଇଥିବା ସେ କହିଛନ୍ତି। ସେ ଘଟଣାସ୍ଥଳରେ ରହିଛନ୍ତି ଏବଂ ଚୋରିର ତଦନ୍ତ ଜାରି ରହିଥିବା ନେଇ ରଚିଦା କହିଛନ୍ତି। ତେବେ ଏହି ଚୋରି ନେଇ ସେ କୌଣସି ଅଧିକ ସୂଚନା ଦେଇନାହାନ୍ତି। ସ୍ଥାନୀୟ ଗଣମାଧ୍ୟମର ସୂଚନା ମୁତାବକ, ଚୋରମାନେ ମ୍ୟୁଜିୟମ୍‌ର ଝରକା ଭାଙ୍ଗିବା ପରେ ମ୍ୟୁଜିୟମ୍‌ରେ ଥିବା ନେପୋଲିଅନଙ୍କ ସଂଗ୍ରହରୁ ୯ ଖଣ୍ଡ ମୂଲ୍ୟବାନ ଅଳଙ୍କାର ଚୋରି କରିଛନ୍ତି। ଚୋରି ପରେ ଏହି ବିଶ୍ୱ ବିଖ୍ୟାତ ସଂଗ୍ରହାଳୟକୁ ଦିନକ ପାଇଁ ବନ୍ଦ କରାଯାଇଛି। ପୋଲିସ ମାମଲାର ତଦନ୍ତ ଆରମ୍ଭ କରିଥିବା ସହ ଚୋରି ହୋଇଥିବା ଅଳଙ୍କାରକୁ ଖୋଜିବା ପାଇଁ ପ୍ରୟାସ ଜାରି ରହିଛି। ଲୁଭର୍ ସଂଗ୍ରହାଳୟରେ ବିଶ୍ୱର ଅନେକ ପ୍ରସିଦ୍ଧ କଳାକୃତି ଏବଂ ଚିତ୍ର ରହିଛି, ଯେଉଁଥିରେ ଲିଓନାର୍ଡୋ ଡା ଭିନ୍‌ସିଙ୍କ ପ୍ରସିଦ୍ଧ ମୋନାଲିସା ଚିତ୍ର ଅନ୍ତର୍ଭୁକ୍ତ। ପ୍ରକାଶ ଯେ, ପୂର୍ବରୁ ଏହି ବିଶ୍ୱପ୍ରସିଦ୍ଧ ମ୍ୟୁଜିୟମ୍‌ରେ ଅନେକ ବାର ଚୋରି କିମ୍ବା ଚୋରି ଉଦ୍ୟମ ହୋଇଛି। ୧୯୧୧ରେ ପ୍ରସିଦ୍ଧ ମୋନାଲିସା ଚିତ୍ରକୁ ଏହାର ଫ୍ରେମ୍‌ରୁ ଚୋରି କରାଯାଇଥିଲା। ଭିନ୍‌ସେଞ୍ଜୋ ପେରୁଗିଆ ନାମକ ସଂଗ୍ରହାଳୟର ଜଣେ ପୂର୍ବତନ କର୍ମଚାରୀ ଏହାକୁ ଚୋରି କରିଥିଲେ ଏବଂ ନିଜ କୋଟ୍ ମଧ୍ୟରେ ଚିତ୍ରଟିକୁ ଲୁଚାଇ ରଖି ମ୍ୟୁଜିୟମ୍ ବାହାରକୁ ଚାଲିଯାଇ ଫେରାର୍ ହୋଇଯାଇଥିଲେ। ୨ ବର୍ଷ ପରେ ଉକ୍ତ ଚିତ୍ରକୁ ଉଦ୍ଧାର କରାଯାଇଥିଲା।

## ସେବା ହିଁ ମୂଳମନ୍ତ୍ର...

ସହଭାଗିତାରେ ୩୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ।

ମୁଖ୍ୟମନ୍ତ୍ରୀ କହିଥିଲେ, ନୂଆପଡ଼ା ଓ କଳାହାଣ୍ଡି ବ୍ୟତୀତ ରାଜ୍ୟର ୨୮ଟି ଜିଲାରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଏହି ଅବସରରେ ୪୮,୬୯୩ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରଥମ କିସ୍ତି ବାବଦରେ ୪୦ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଇଛି। ଏବାବଦକୁ ସମୁଦାୟ ୧୯୪ କୋଟି ୭୭ ଲକ୍ଷ ୨୦ ହଜାର ଟଙ୍କା ବଣ୍ଟନ କରାଯାଇଛି । ଗରିବ ଲୋକଙ୍କ ବାସଗୃହ ପାଇଁ ଚଳିତ ବର୍ଷ ମାର୍ଚ୍ଚ ୩୦ ତାରିଖରେ ଆମ ସରକାର ରାଜ୍ୟରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ଯୋଜନାରେ ୨୦୨୪-୨୫ରୁ ୨୦୨୭-୨୮ ଆର୍ଥିକବର୍ଷ ମଧ୍ୟରେ ୭,୫୫୦ କୋଟି ଟଙ୍କା ବ୍ୟୟ ବରାଦ ରଖାଯାଇଛି। ଏଥିରେ ୫ ଲକ୍ଷ ଘର ନିର୍ମାଣ କରାଯିବ। ହିତାଧିକାରୀମାନଙ୍କୁ ଦ୍ୱିତୀୟ କିସ୍ତିରେ ୬୫ ହଜାର ଏବଂ ତୃତୀୟ କିସ୍ତିରେ ୧୫ ହଜାର ଟଙ୍କା ଏହିପରି ସମୁଦାୟ ୧ ଲକ୍ଷ ୨୦ ହଜାର ଟଙ୍କା ଦିଆଯିବ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଯେଉଁ ହିତାଧିକାରୀମାନେ ୪ ମାସ ମଧ୍ୟରେ ଘର ଶେଷ କରିବେ ସେମାନଙ୍କୁ ୨୦ ହଜାର ଟଙ୍କା ଏବଂ ଯେଉଁମାନେ ୬ ମାସରେ ଘର ଶେଷ କରିବେ ସେମାନଙ୍କୁ ୧୦ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ଦିଆଯିବ। ସମସ୍ତ ହିତାଧିକାରୀଙ୍କୁ ଆଇଏପି ବା ସମନ୍ୱିତ କାର୍ଯ୍ୟ ଯୋଜନା ଜିଲାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକ୍ରମରେ ୯୫ ଦିନର ମଜୁରି ଏବଂ ଅଣ-ଆଇଏପି ଜିଲାରେ ୯୦ ଦିନର ମଜୁରି ମଧ୍ୟ ଦିଆଯାଉଛି। ଏହାସହିତ ହିତାଧିକାରୀଙ୍କୁ ଶୌଚାଳୟ, ପାଇପ ପାଣି ଆଦି ଅନ୍ୟାନ୍ୟ ମୌଳିକ ସୁବିଧା ମଧ୍ୟ ଦିଆଯାଉଛି । ଏହି ଅନ୍ତ୍ୟୋଦୟ ଗୃହ ଯୋଜନା ଗରିବ, ଅନଗ୍ରସର ତଥା ଅସହାୟ ପରିବାରମାନଙ୍କ ପାଇଁ ଏକ ସୁରକ୍ଷିତ ଓ ସ୍ଥାୟୀ ଆଶ୍ରୟସ୍ଥଳ ନିର୍ମାଣ କରିବାରେ ସହାୟକ ହେବ। ଏହାଦ୍ୱାରା ଗରିବ ଓ ଅସହାୟ ହେଲେ ମଧ୍ୟ, ପ୍ରତ୍ୟେକ ନାଗରିକ ଏକ ସର୍ବନିମ୍ନ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ କରିପାରିବେ। ଏହି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଗୁଡ଼ିକରେ ସରପଞ୍ଚ, ପଞ୍ଚାୟତ ଏକ୍‌ଜିକ୍ୟୁଟିଭ୍ ଅଫିସର, ଜୁନିୟର ଇଞ୍ଜିନିୟର, ଗ୍ରାମ ରୋଜଗାର ସେବକ ଓ ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟରମାନଙ୍କ ପାଇଁ ସ୍ୱତନ୍ତ୍ର ରୁମ୍ ରହିବ। ଏହି କାର୍ଯ୍ୟାଳୟଗୁଡ଼ିକ 'ଏକକ ସେବା କେନ୍ଦ୍ର' ହେବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଭାସି ମାଧ୍ୟମରେ ବିଭିନ୍ନ ଜିଲାର ହିତାଧିକାରୀ ଏବଂ ବିଭିନ୍ନ ପଞ୍ଚାୟତର ସରପଞ୍ଚଙ୍କ ସହ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ହିତାଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଓ ନିଜର ଖୁସି ବ୍ୟକ୍ତ କରିଥିଲେ। ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ କହିଥିଲେ, ଗ୍ରାମପଞ୍ଚାୟତ ଭବନ ହେଉଛି ଗ୍ରାମୀଣ ଶାସନର ମୂଳ କେନ୍ଦ୍ର। ଏଠାରୁ ଲୋକଙ୍କ ସମସ୍ୟାର ସମାଧାନ ହୁଏ, ତୃଣମୂଳ ସ୍ତରରେ ବିକାଶର ନକ୍ସା ତିଆରି ହୁଏ ଓ ଗାଁର ପ୍ରତ୍ୟେକ ଲୋକଙ୍କ ଜୀବନ ସୁଧାରିବାର ପ୍ରୟାସ ଆରମ୍ଭ ହୁଏ। ତେଣୁ ପ୍ରତ୍ୟେକ ଗ୍ରାମପଞ୍ଚାୟତ ପାଇଁ ଲୋକଙ୍କ ଆଶା-ଆକାଂକ୍ଷାକୁ ପୂରଣ କରିପାରୁଥିବା ତଥା ସମସ୍ତ ସେବା ଯୋଗାଇ ପାରୁଥିବା ଭଳି ଆଧୁନିକ ଭବନ ଦରକାର। ଏହି ଭବନଗୁଡ଼ିକ ଲୋକସେବା, ଗାଁର ଉନ୍ନତି ଓ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଏକ ନୂଆ ମାଇଲ ଖୁଣ୍ଟ ହେବ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ଅନ୍ୟାନ୍ୟ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଝିଅକୁ ଅସଦାଚରଣ ...

କାଶୀନାଥଙ୍କ ଅଭିଯୋଗକୁ ଭିତ୍ତି କରି ପରଜଙ୍ଗ ଥାନାରେ ଏକ ହତ୍ୟା ମାମଲା(ନଂ. ୪୮୬/୨୫) ରୁଜୁ ହୋଇଛି। ତେବେ ଏହି ଘଟଣା କେବଳ ରୂପା ଘଟାଇଛନ୍ତି ନା ଏଥିରେ ଅନ୍ୟ କାହାରି ସମ୍ପୃକ୍ତି ରହିଛି ପୋଲିସ ତାକୁ ନେଇ ତଦନ୍ତ କରୁଛି।

## ଅବପାତ ପ୍ରଭାବରେ ...

ବର୍ଷା ରେକର୍ଡ କରାଯାଇଛି। ସୋମବାର ଉତ୍ତର ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ। ମାତ୍ର ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ଆକଳନ କରାଯାଇଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମାଲକାନଗିରି, ରାୟଗଡ଼ା ଏବଂ କୋରାପୁଟ ଜିଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨୧ ତାରିଖରେ ମଧ୍ୟ ସ୍ଥିତି ସମାନ ରହିବ। ଲଘୁଚାପ ସୃଷ୍ଟି ହେବା ପରେ ହିଁ ସେ ସଂକ୍ରାନ୍ତ ସତର୍କତା ଜାରି କରାଯିବ ବୋଲି ନିର୍ଦ୍ଦେଶକ ଡ. ମହାନ୍ତି ସୂଚନା ଦେଇଛନ୍ତି।

# ମାଓବାଦୀଙ୍କୁ ଧରାଇଦେଲେ ପୁରସ୍କାର

କଲ୍ୟାଣସିଂହପୁର/ରାୟଗଡ଼ା, ୧୯।୧୦ (ଦୀପକ କୁମାର ପରିଡ଼ା/ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍ ନିୟମଗିରି ପାହାଡ଼ ଅଞ୍ଚଳ, ମୁନିଗୁଡ଼ା ବ୍ଲକ ଓ ଚନ୍ଦ୍ରପୁର ବ୍ଲକର ବିଭିନ୍ନ ସ୍ଥାନରେ ରବିବାର 'ମାଓବାଦୀ ଧରାନ୍ତୁ, ପୁରସ୍କାର ପାଆନ୍ତୁ' ଉଲ୍ଲେଖ ଥିବା ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି। କଲ୍ୟାଣସିଂହପୁର ବ୍ଲକର ପାର୍ଶାଲି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସଦର ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ଏଭଳି ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି। ଏହି ପୋଷ୍ଟରରେ କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେ, ସ୍ୱତନ୍ତ୍ର ଜୋନାଲ କମିଟି ସଦସ୍ୟ ନିଖିଲ ଓରଫ ଶିବାଜୀ, ସୁଦର୍ଶନ ଓରଫ ବିକାଶ, ଅଙ୍କିତା ଓରଫ ଇନ୍ଦୁ, ଶୁକ୍ରୁ ଓରଫ କ୍ରିଷ୍ଣା, ନିତୁ, ମିଲିଟାରୀ ପ୍ଲାଟୁନ କମାଣ୍ଡର ଶିଲା ଓରଫ ନାଗମଣି, ଅନ୍ୱେଷ ଓରଫ ରେଣୁ, ଡିଭିଜନାଲ କମିଟି ସଦସ୍ୟ ମମତା ଓରଫ ସାଇତେ ଓ ନକୁଲ ଓରଫ ଚନ୍ଦ୍ରାଙ୍କ ନାମରେ ପୁରସ୍କାର ରାଶି ଉଲ୍ଲେଖ ରହିଥିବା ଦେଖିବାକୁ ମିଳିଛି। ଅନ୍ୟ ସମସ୍ତ ମାଓବାଦୀଙ୍କ ଉପରେ ମଧ୍ୟ ପୁରସ୍କାର ରାଶି ଉପଲବ୍ଧ ରହିଛି। ଯେଉଁ ବ୍ୟକ୍ତିବିଶେଷ ମାଓବାଦୀଙ୍କ ସମ୍ପର୍କରେ ମୋବାଇଲ ନମ୍ବର ୯୪୩୭୬୪୩୮୩୯ରେ ସୂଚନା ଦେବେ ସୂଚନାଦାତାଙ୍କ ପରିଚୟ ଗୋପନ ରଖି ପୁରସ୍କୃତ କରାଯିବ ବୋଲି ପୋଷ୍ଟରରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ପୂର୍ବରୁ ମୁନିଗୁଡା, ବିଷମକଟକ ଓ କଲ୍ୟାଣସିଂହପୁର ଅଞ୍ଚଳର ନିୟମଗିରି ପାହାଡ଼ରେ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ମାଓବାଦୀମାନେ ଆଡ୍ଡା ଜମାଇ ବହୁ ହିଂସାତ୍ମକ କାଣ୍ଡ ଘଟାଇଛନ୍ତି। ରାୟଗଡ଼ା ଜିଲା ଚନ୍ଦ୍ରପୁର ଓ ମୁନିଗୁଡ଼ା ବ୍ଲକ ପଡୋଶୀ ଫୁଲବାଣୀ ଓ କଳାହାଣ୍ଡି ଜିଲା ସୀମାବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ପୋଲିସ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ସେହି ଅଞ୍ଚଳରେ ସିଆରପିଏଫ୍ ମୁତୟନ ହୋଇଛନ୍ତି। ଛତିଶଗଡ଼ ଓ ଆନ୍ଧ୍ର ପ୍ରଦେଶ ଅଞ୍ଚଳରେ ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ବହୁ ବଡ଼ ବଡ଼ କ୍ୟାଡର ମାଓବାଦୀ ମୃତ୍ୟୁବରଣ କରିଥିବାବେଳେ ବହୁ ମାଓବାଦୀ ପୋଲିସ ନିକଟରେ ଆତ୍ମ ସମର୍ପଣ କରୁଛନ୍ତି। ପଡ଼ୋଶୀ ରାଜ୍ୟର ଦୃଢ଼ ମାଓବାଦୀ ଦମନ କାର୍ଯ୍ୟାନୁଷ୍ଠାନକୁ ଦେଖି କିଛି ମାଓବାଦୀ ରାୟଗଡ଼ା ଓ ଏହାର ସୀମାବର୍ତ୍ତୀ ଜିଲାରେ ଆତ୍ମଗୋପନ କରିଥିବା ପୋଲିସ ସନ୍ଦେହ କରୁଛି। ଏଭଳି ପରିସ୍ଥିତିରେ ରାୟଗଡ଼ା ଜିଲାରେ କାର୍ଯ୍ୟ କରୁଥିବା ବଂଶଧାରା ନାଗାବଳୀ ଘୁମୁସର (ବାଘୁନା )ମାଓବାଦୀ ସଂଗଠନରେ ଏବେ ବି ବହୁ ସକ୍ରିୟ ମାଓବାଦୀ କାର୍ଯ୍ୟ କରୁଥିବାରୁ ଏହି ପୋଷ୍ଟର ଲାଗିଥିବା ଅନୁମାନ କରାଯାଇଛି।

## ନିୟମଗିରିରେ ଲାଗିଲା ପୋଷ୍ଟର




ପାର୍ଶାଲିରେ ମାଓବାଦୀଙ୍କ ବିରୋଧରେ ଲାଗିଥିବା ପୋଷ୍ଟର।

# ଏସ୍‌ସିବି ପ୍ଲାଷ୍ଟିକ ସର୍ଜରି ବିଭାଗରେ ଯୋଡ଼ିହେଲା କଟାହାତ

କଟକ, ୧୯।୧୦ (ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ପ୍ଲାଷ୍ଟିକ ସର୍ଜରି ବିଭାଗରେ ଆର୍ମ ରିଇମ୍ପ୍ଲିମେଣ୍ଟେଶନ ସର୍ଜରି ଭଳି ଜଟିଳ ଅସ୍ତ୍ରୋପଚାର ସଫଳ ହୋଇଛି। ଢେଙ୍କାନାଳ ଜିଲାର ୨୦ ବର୍ଷୀୟ ରାହୁଲ ନାଏକଙ୍କ ବାମହାତ ଖୁଆ ନିକଟରୁ କଟିଯାଇଥିବାବେଳେ ସେ ଗୁରୁତର ଅବସ୍ଥାରେ ଏସ୍‌ସିବିରେ ପହଞ୍ଚିଥିଲେ। ମେଡିକାଲର ଉକ୍ତ ବିଭାଗର ବରିଷ୍ଠ ଡାକ୍ତର ପ୍ରଫେସର ବିଭୂତି ଭୂଷଣ ନାୟକଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଏହି ଅସ୍ତ୍ରୋପଚାର କରିଥିବାବେଳେ ତାହା ସଫଳ ହୋଇଛି। ରାହୁଲଙ୍କ କଟାହାତର ସ୍ଥିତି ଦେଖି ଅସ୍ତ୍ରୋପଚାର କରାଯିବା ପରେ ୩୦ ପ୍ରତିଶତ ସାଧାରଣ ମଣିଷଙ୍କ ହାତ ପରି ସେ କାର୍ଯ୍ୟ କରିପାରିବେ ବୋଲି ଏସ୍‌ସିବି ପକ୍ଷରୁ ସୂଚନା ଦିଆଯାଇଛି।

ଗତ ଅଗଷ୍ଟ ୨୮ରେ ରାହୁଲ ଏକ କମ୍ପାନୀରେ କାର୍ଯ୍ୟ କରୁଥିବା ସମୟରେ ମେଶିନ ବାଜି ତାଙ୍କ ବାମପଟ ହାତର ଖୁଆ ନିକଟ କଟି ଶରୀରରୁ ଅଲଗା ହୋଇଯାଇଥିଲା। ରାହୁଲଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରଥମେ ତାଙ୍କୁ କାଜୁଆଲଟିରେ ଭର୍ତ୍ତି କରାଯାଇଥିଲା। ପରେ ପ୍ଲାଷ୍ଟିକ ସର୍ଜରି ବିଭାଗକୁ ସ୍ଥାନାନ୍ତର କରାଯାଇଥିଲା। ରାହୁଲଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଉକ୍ତ ବିଭାଗର ଡା. ନାୟକଙ୍କ ନେତୃତ୍ୱରେ ଡାକ୍ତରୀ ଟିମ୍ ଏହି ଅସ୍ତ୍ରୋପଚାର ଆରମ୍ଭ କରିଥିଲେ। ପ୍ରାୟ ସାଢ଼େ ୩ ଘଣ୍ଟା ଧରି ଅସ୍ତ୍ରୋପଚାର କରାଯାଇଥିଲା ଏବଂ ତାହା ସଫଳ ହୋଇଥିଲା। ଏନେଇ ଡା. ନାୟକ କହିଛନ୍ତି, ଏହା ଏକ ଜଟିଳ ଅସ୍ତ୍ରୋପଚାର ଥିଲା। ହାତ କଟିବାର ୪ ଘଣ୍ଟା ମଧ୍ୟରେ ଯଦି ଅସ୍ତ୍ରୋପଚାର କରା ନ ଯାଏ, ତେବେ ତାହା ସଫଳ ହୋଇ ନ ଥାଏ। ରାହୁଲଙ୍କ ହାତ କଟିବାର ଦୁଇରୁ ଅଢ଼େଇ ଘଣ୍ଟା ମଧ୍ୟରେ ସେ ମେଡିକାରେ ପହଞ୍ଚିଲେ ଏବଂ ଅସ୍ତ୍ରୋପଚାର କରାଯାଇଥିଲା। ସେହିପରି ହାତର ମୁଖ୍ୟତଃ ୩ଟି ସ୍ନାୟୁରୁ ୨ଟି କଟିଯାଇଥିବାରୁ ଅସ୍ତ୍ରୋପଚାର ବହୁ ଜଟିଳ ହୋଇଥିଲା। ବହୁ ଚେଷ୍ଟାରେ ଗୋଟିଏ ସ୍ନାୟୁକୁ ଯୋଡ଼ାଯାଇଛି। ଫଳରେ ସାଧାରଣ ମଣିଷ ପରି ସମ୍ପୂର୍ଣ୍ଣ ନୁହେଁ, ବରଂ ୩୦ ପ୍ରତିଶତ ହାତ କାମ କରିବ। ରାହୁଲର ସ୍ୱାସ୍ଥ୍ୟାବସ୍ଥା ଏବେ ସମ୍ପୂର୍ଣ୍ଣ ଭାବେ ସ୍ଥିର ରହିଛି ଏବଂ ଆଉ ଦୁଇରୁ ତିନିଦିନ ମଧ୍ୟରେ ତାଙ୍କୁ ମେଡିକାଲରୁ ଡିସ୍‌ଚାର୍ଜ କରାଯିବ ବୋଲି ଏସ୍‌ସିବି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ନୂଆ ଜୀବନ ପାଇଲେ ଢେଙ୍କାନାଳର ରାହୁଲ



ରାହୁଲ ନାଏକ

# ଶର୍ଟସର୍କିଟ୍‌ରୁ ନିଆଁ, ଜଳିଗଲା ୩ ବାଣ ଦୋକାନ

ରମ୍ଭା /ଗଞ୍ଜାମ, ୧୯।୧୦ (ବନବାସୀ ସେଠୀ/ଅଖିଳ ତରାଇ)

ଦୀପାବଳି ଅବ୍ୟବହିତ ପୂର୍ବରୁ ରମ୍ଭା ସହରରେ ଏକ ବଡ଼ ଅଘଟଣ ଘଟିଛି। ରବିବାର ଅପରାହ୍ନ ୩ଟାରେ ଧୋବାସୀ ପୋଖରୀ ନିକଟରେ ଥିବା ଏକ ଲାଇସେନ୍ସପ୍ରାପ୍ତ ବାଣ ଦୋକାନ ନିଆଁ ଲାଗି ଜଳିଯାଇଛି। ଶର୍ଟ ସର୍କିଟରୁ ଏପରି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ପ୍ରଥମେ ଗୋଟିଏ ବାଣ ଦୋକାନରେ ନିଆଁ ଲାଗି ପରେ ୩ଟି ବାଣ ଦୋକାନ ଜଳିଯାଇଛି। ଫଳରେ ଲକ୍ଷାଧିକ ଟଙ୍କାର ବାଣ ପୋଡ଼ି ପାଉଁଶ ହୋଇଯାଇଛି। ଏହି ଘଟଣା ପରେ ସହରରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବାଣ ଦୋକାନରେ ନିଆଁ ଲାଗିଥିବା ସୂଚନା ପାଇ ରମ୍ଭା ଅଗ୍ନିଶମ କର୍ମଚାରୀ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ସମୟରେ ବର୍ଷା ହେବାରୁ ମଧ୍ୟ ନିଆଁ ନିୟନ୍ତ୍ରଣ ସହଜ ହୋଇଥିଲା। ରମ୍ଭା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଶର୍ଟସର୍କିଟ୍‌ରୁ ଏପରି ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ଏହି ଅଗ୍ନିକାଣ୍ଡ ପରେ ଅନ୍ୟ ଲାଇସେନ୍ସପ୍ରାପ୍ତ ଦୋକାନଗୁଡ଼ିକର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବାକୁ ସହରବାସୀ ଦାବି କରିଛନ୍ତି।



ନିଆଁକୁ ଆୟତ୍ତ କରୁଛନ୍ତି ଅଗ୍ନିଶମ ବିଭାଗ କର୍ମଚାରୀ।

# ରେଳପଥରେ ପଥର ଖସି ମାଲବାହୀ ଲାଇନଚ୍ୟୁତ

ନନ୍ଦପୁର, ୧୯।୧୦ (ତୁଷାର କାନ୍ତ ମହାନ୍ତି)

ଆନ୍ଧ୍ର ପ୍ରଦେଶ-ଓଡ଼ିଶା-ଛତିଶଗଡ଼କୁ ସଂଯୋଗ କରୁଥିବା କେକେ ରେଳପଥରେ ଶନିବାର ରାତିରେ ପଥର ଖସି ଟ୍ରେନ୍ ଚଳାଚଳ ବନ୍ଦ ରହିଛି। ଟାୟାଡା ଏବଂ ଚିମିଡିପାଲି ସେକ୍ସନ ମଧ୍ୟରେ କେଏମ୍ ନମ୍ବର ୫୫ରେ ପଥର ଖସିପଡ଼ିଥିବାରୁ ଭୋର ୪ଟାରେ ବାଚେଲିରୁ ବିଶାଖାପାଟଣା ଆସୁଥିବା ଏକ ମାଲବାହୀ ଟ୍ରେନ (ନଂ.୪୧୨୦୪) ଧକ୍କା ହୋଇ ଏହାର ୨ ଆକ୍ସଲ ଲାଇନଚ୍ୟୁତ ହୋଇଥିଲା। ରେଳୱେ କର୍ତ୍ତୃପକ୍ଷ ତୁରନ୍ତ ଘଟଣାସ୍ଥଳକୁ ଯାଇ ଡିଆରଏମ ୱାଲଟେୟାର ଲଳିତ ବୋହରାଙ୍କ ତତ୍ତ୍ୱାବଧାନରେ ଯୁଦ୍ଧକାଳୀନ ଭିତ୍ତିରେ ପୁନରୁଦ୍ଧାର କାର୍ଯ୍ୟ କରିଥିଲେ। ରବିବାର ୧ଟା ୩୦ ରେକର୍ଡ ସମୟରେ ରେଳ ସେବା ପୁନଃସ୍ଥାପିତ ହୋଇଥିଲା। ଏଥିଯୋଗୁ ବିଶାଖାପାଟଣା-କିରାଣ୍ଡୁଳ ପାସେଞ୍ଜର(୫୮୫୦୧) ଓ କିରାଣ୍ଡୁଳ-ବିଶାଖାପାଟଣା ପାସେଞ୍ଜର (୫୮୫୦୨)କୁ ରବିବାର ଉଭୟ ପାର୍ଶ୍ୱରୁ ବାତିଲ କରାଯାଇଛି। ରେକ୍ ଅଭାବରୁ



କେକେ ରେଳପଥରେ ପଥର ପଡ଼ିଥିବାବେଳେ ରେଳ କର୍ତ୍ତୃପକ୍ଷ ପଥର ହଟାଇବା କାର୍ଯ୍ୟ ଜାରି ରଖିଛନ୍ତି।

## ଏକାଧିକ ଯାତ୍ରୀବାହୀ ଟ୍ରେନ ବାତିଲ

କିରାଣ୍ଡୁଳ-ବିଶାଖାପାଟଣା ପାସେଞ୍ଜରକୁ ସୋମବାର ପାଇଁ ବାତିଲ କରାଯାଇଛି। ଲାଇନଚ୍ୟୁତ ମାଲବାହୀ ଟ୍ରେନ୍‌ର ସମସ୍ତ ବଗି ଓ ଇଞ୍ଜିନକୁ ରେଳପଥରୁ ନ ହଟାଇବା ଯାଏ ବିଭାଗ ଏକାଧିକ ଟ୍ରେନ୍ ବାତିଲ କରିଥିଲା। କିରାଣ୍ଡୁଳ-ବିଶାଖାପାଟଣା ଟ୍ରେନ୍ ୫୮୫୦୨କୁ କୋରାପୁଟରୁ କିରାଣ୍ଡୁଳ ଫେରି ଯିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବିଶାଖାପାଟଣା ରେଳ ଡିଭିଜନ (କୋରାପୁଟ) ଚିଫ ଟ୍ରାନ୍ସପୋର୍ଟ ନିରୀକ୍ଷକ ପି.ନାରାୟଣ ରାଓ ସୂଚନା ଦେଇଛନ୍ତି। ଏହି ସ୍ଥିତିରେ ରେଳଯାତ୍ରୀଙ୍କ ଅସୁବିଧା ପାଇଁ ରେଳ ବିଭାଗ ପକ୍ଷରୁ ଦୁଃଖ ପ୍ରକାଶ କରି ସହଯୋଗ କାମନା କରାଯାଇଛି।


Our beloved mother/grandmother left for her heavenly abode on 10 October 2025, leaving behind a rich legacy of love, strength and generosity

IN LOVING MEMORY OF



Smt. Sarojini Panda

(30.01.1932-10.10.2025)

Please join us as we say goodbye to our loving mother/grandmother.



MARUTI SUZUKI

NEXA

CELEBRATIONS JUST GOT BIGGER.

WITH GST BENEFITS + LIMITED PERIOD FESTIVE OFFERS*

| | PRICE REDUCTION OF UP TO# | NOW STARTING AT# | ADDITIONAL FESTIVE OFFERS OF UP TO* |
|---|---|---|---|
| FRONX | ₹1 12 600 | ₹6 84 900 | ₹75 000 |
| GRAND VITARA | ₹1 07 000 | ₹10 76 500 | ₹2 10 000 + 5 Year Extended Warranty |
| BALENO | ₹86 100 | ₹5 98 900 | ₹52 500 |
| IGNIS | ₹71 300 | ₹5 35 100 | ₹65 000 |
| INVICTO | ₹61 700 | ₹24 97 400 | ₹1 55 000 |
| XL6 | ₹52 000 | ₹11 52 300 | ₹55 000 |
| JIMNY | ₹51 900 | ₹12 31 500 | ₹85 000 |



SCAN TO CONNECT TO A SHOWROOM NEAR YOU

NEXA SAFETY SHIELD

*FESTIVE OFFERS VALID TILL 23RD OCT ONLY

UP TO 100% WAIVER ON CAR LOAN PROCESSING FEE (ONLY TILL 31ST OCT)##

E-BOOK TODAY @ WWW.NEXAEXPERIENCE.COM

Contact us at 1800-200-[6392] 1800-102-[6392]

For detailed T&C kindly visit your nearest dealership. Features and accessories shown may not be a part of the standard fitment. Black glass shade on the vehicle is due to the lighting effect. Images used are for illustration purposes only. All offers are brought to you by NEXA dealers only. Offers and features may vary subject to the model and variant purchased. *The mentioned offers include "Consumer Offer + Booking offer + Exchange Bonus + Rural offer", and may vary from city to city. Please contact nearby dealership for more details. Maruti Suzuki reserves the right to withdraw offers at any point in time without any advance notice. All offers are applicable till 23rd October '25 or till stocks last. Maruti Suzuki Smart Finance is now available pan India. Maruti Suzuki Subscribe is available only in selected cities. ##Offers include consumer offer, exchange bonus and institutional or rural offers (wherever applicable) on select models/variants. Finance is at the sole discretion of the financer by selected finance partners. #Prices and savings mentioned above are for select variants and may vary across cities/ variants.

# ରାଜାଙ୍କ ପୋଷାକ

ଦ୍ୱିତୀୟ ଥର ଆମେରିକା ରାଷ୍ଟ୍ରପତି ହେବା ପରେ ଡୋନାଲ୍ଡ ଟ୍ରମ୍ପ୍ ନେଉଥିବା ନିଷ୍ପତ୍ତି ଅନ୍ତର୍ଜାତୀୟ ସ୍ତରରେ ସମାଲୋଚନାର ଶିକାର ହେଉଥିବା ବେଳେ ଏବେ ନିଜ ଦେଶର ନାଗରିକଙ୍କ ଦ୍ୱାରା ପ୍ରତିବାଦର ସମ୍ମୁଖୀନ ହେଲେଣି। ୧୮ ଅକ୍ଟୋବରରେ ଆମେରିକାର ସମସ୍ତ ୫୦ ରାଜ୍ୟରେ ୨,୭୦୦ ସହରରେ ପ୍ରାୟ ୭ ନିୟୁତ ଲୋକ 'ନୋ କିଙ୍ଗ୍ସ' ବିକ୍ଷୋଭରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି। ନ୍ୟୁୟର୍କ ସିଟି, ୱାଶିଂଟନ, ଶିକାଗୋ, ଲସ୍ ଏଞ୍ଜେଲ୍ସ ଓ ଆଟ୍‌ଲାଣ୍ଟାରେ ବଡ଼ ସମାବେଶ ହେବା ସହ ଛୋଟ ସହରରେ ମଧ୍ୟ ବିକ୍ଷୋଭ ହୋଇଛି। ବିକ୍ଷୋଭକାରୀମାନେ ପ୍ଲାକାର୍ଡ ଧରି କହୁଛନ୍ତି ଯେ, ସେମାନେ ଆମେରିକାକୁ ଭଲ ପାଉଥିବାରୁ ତାହାକୁ ପୂର୍ବ ଭଳି ଦେଖିବାକୁ ଚାହାନ୍ତି। ଟ୍ରମ୍ପ୍‌ଙ୍କ ମନମୁଖି ଶାସନକୁ ହଟାଇ ଅତି ବିଳମ୍ବ ହେବା ପୂର୍ବରୁ ଗଣତନ୍ତ୍ର ପ୍ରତିଷ୍ଠା କରିବାକୁ ଚାହାନ୍ତି ବୋଲି ବିକ୍ଷୋଭକାରୀମାନେ କହିଛନ୍ତି। ସୂଚନା ଦିଆଯାଇପାରେ ଯେ, ଜୁନ୍‌ରେ ଟ୍ରମ୍ପ୍‌ଙ୍କ ୭୯ ତମ ଜନ୍ମଦିନରେ ହୋଇଥିବା ବିକ୍ଷୋଭ ତୁଳନାରେ ଏବର ପ୍ରତିବାଦ ବିଶାଳ ରୂପ ଧାରଣ କରିଛି। ଏଠାରେ ମନେପଡ଼େ ଟ୍ରମ୍ପ୍‌ଙ୍କ 'ମେକ୍ ଆମେରିକା ଗ୍ରେଟ୍ ଏଗେନ୍ ବା ମାଗା' ସ୍ଲୋଗାନ କଥା। 'ଆମେରିକା ଆଗ' ଚିନ୍ତାଧାରା ରଖି ନିଜ ଦେଶକୁ ସୁଦୃଢ଼ କରିବା ଲାଗି ସେ ଆହ୍ୱାନ ଦେଇଥିଲେ। ହେଲେ ବର୍ତ୍ତମାନ ସେ ଆପ୍ରବାସନ ନୀତିରେ ବ୍ୟାପକ ପରିବର୍ତ୍ତନ କରିବା ସହ ସ୍ୱାସ୍ଥ୍ୟସେବାରେ ମିଳୁଥିବା ସୁବିଧାକୁ ହ୍ରାସ କରିବାରୁ ଆମେରିକୀୟ କ୍ଷୁବ୍ଧ। ଏପରିକି ସେଠାରେ ଆର୍ଥିକ ସମସ୍ୟା ଦେଖାଦେଇଥିବାରୁ ଅସଂଖ୍ୟ କର୍ମଚାରୀ ଦରମା ନ ପାଇ ଅସନ୍ତୋଷ ବ୍ୟକ୍ତ କରିବାରୁ ଅନେକ ସ୍ଥାନରେ ଶଟ୍‌ଡାଉନ ସ୍ଥିତି ଉପୁଜିଛି। ୱାଶିଂଟନରେ ଥିବା ସରକାରୀ କାର୍ଯ୍ୟ ୧୮ ଦିନ ହେବ ବନ୍ଦ ହୋଇଥିବାରୁ ଫେଡେରାଲ କର୍ମଚାରୀମାନେ ବିକ୍ଷୋଭରେ ଯୋଗଦେବା ସେଠାରେ ସ୍ଥିତି କେଉଁସ୍ତରକୁ ଗଲାଣି ତାହା ବୁଝାପଡ଼ିଯାଉଛି। ହେଲେ ଟ୍ରମ୍ପ୍ ଏଭଳି ବିକ୍ଷୋଭକୁ ପ୍ରତ୍ୟାଖ୍ୟାନ କରି ସେମାନଙ୍କୁ ଉପହାସ କରିଛନ୍ତି। ତାଙ୍କ ଟ୍ରୁଥ୍ ସୋସିଆଲ ମିଡିଆରେ ଏଆଇ ଭିଡିଓ ପୋଷ୍ଟ କରି ସେଥିରେ ସେ ରାଜା ପୋଷାକରେ ଏକ ଜେଟ୍ ଉଡ଼ାଉଥିବା ଓ 'ନୋ କିଙ୍ଗ୍ସ' ବିକ୍ଷୋଭକାରୀଙ୍କ ଉପରେ ମଳ ଫୋପାଡୁଥିବା ଦେଖିବାକୁ ମିଳିଛି।

> ନିଜ ଖିଆଲିକୁ ପୂରଣ କରିବାକୁ ଯାଇ ଯାଚ୍ଛାତା ନିଷ୍ପତ୍ତି ନେଉଥିବାରୁ ତାହା ନାଗରିକ ଓ ଦେଶ ପାଇଁ କ୍ଷତି ପହଞ୍ଚୁଛି। ଆମେରିକାରେ ଟ୍ରମ୍ପ୍ ବିରୋଧୀ ପ୍ରତିବାଦ ଏହାର ସଙ୍କେତ ବହନ କରୁଛି। ତେଣୁ ପ୍ରଶଂସକଙ୍କ ମହଲରେ ରହି ନିଜକୁ ରାଜା ଭାବୁଥିବା ଟ୍ରମ୍ପ୍ ବାସ୍ତବରେ କେଉଁ ପୋଷାକ ପିନ୍ଧିଛନ୍ତି, ତାହାକୁ ଥରେ ନିଜ ଆଖିରେ ଦେଖିନେବାର ସମୟ ଆସିଲାଣି।

ବର୍ତ୍ତମାନ କେବଳ ଟ୍ରମ୍ପ୍ ନୁହନ୍ତି, ବିଶ୍ୱର ଅନେକ ଦେଶରେ ତାଙ୍କ ଭଳି ମାନସିକତା ବହନ କରୁଥିବା ଶାସକମାନେ ନିଜକୁ ରାଜା ବା ସର୍ବେସର୍ବା ବୋଲାଇ ହେଉଛନ୍ତି। ଥରେ କ୍ଷମତାକୁ ଆସିବା ପରେ ସେମାନେ ଏଭଳି ବ୍ୟବହାର ପ୍ରଦର୍ଶନ କରୁଛନ୍ତି ଯେ, ଯେପରି ସେମାନଙ୍କୁ କେହି ପ୍ରଶ୍ନ ପଚାରିପାରିବେ ନାହିଁ। ଏପରି ଶାସକଙ୍କୁ ବିରୋଧ ହେଲେ ପ୍ରତିବାଦକାରୀଙ୍କୁ କିଭଳି ଦମନ କରିହେବ ସେହି ଦିଗରେ ଚତୁରତାର ସହ ପଦକ୍ଷେପ ନିଆଯାଉଛି। କୁହାଯାଇପାରେ ଯେ, ଦୀର୍ଘ ବର୍ଷ ଶାସନରେ ରହିଯାଉଥିବା ବ୍ୟକ୍ତିମାନେ କେବେ ନା କେବେ ହାରିବେ। ଭୋଟ୍‌ରେ ନ ହେଲେ ମଧ୍ୟ ଯମଙ୍କ ନିକଟରେ ହାରିବେ। ଦୀର୍ଘ ଶାସନ ଅନେକ ନେତାଙ୍କ ପାଇଁ କାଳ ହୋଇଥିବା ଇତିହାସ ପ୍ରମାଣ ଦେଇଛି। ଏଭଳି ସ୍ଥିତିରେ ଯେଉଁମାନେ ଧରି ନେଉଛନ୍ତି ଯେ, ସେମାନଙ୍କୁ ଡରି କେହି କିଛି କହିବେ ନାହିଁ ତାହା ଭୁଲ୍। ସମୟକ୍ରମେ ସେମାନଙ୍କୁ ଚେତେଇ ଦେବା ପାଇଁ ସାହସ କୁଳାଇପାରୁଥିବା ପିଲାଟିଏ ମଧ୍ୟ ଯଥେଷ୍ଟ ହୋଇପାରେ। ଅନେକେ ଜାଣିଥିବା ଏକ କାହାଣୀ ମନେପଡ଼େ–'ସମ୍ରାଟଙ୍କ ନୂଆ ପୋଷାକ'। ଜଣେ ସମ୍ରାଟ ଅତ୍ୟନ୍ତ ପୋଷାକ ପ୍ରିୟ ଥିଲେ। ତାଙ୍କ ଦେଶରେ ଥିବା ସବୁ ବୁଣାକାରଙ୍କୁ ରାଜନଅରକୁ ଡକାଇ ପଠାଇଲେ। ତାଙ୍କ ପାଇଁ ଏଭଳି ପୋଷାକ ପ୍ରସ୍ତୁତ କରାଯିବା ଦରକାର, ଯାହା ପୂର୍ବରୁ କେହି ପିନ୍ଧି ନ ଥିବେ ବୋଲି କହିଥିଲେ। ଏହା ଶୁଣି ବୁଣାକାରଙ୍କ ମଧ୍ୟରେ ଭାଳେଣି ପଡ଼ିଗଲା। ହେଲେ ଜଣେ ଯୁବ ବୁଣାକାର ସମ୍ରାଟଙ୍କ ପାଇଁ ପୋଷାକ ପ୍ରସ୍ତୁତ ହୋଇସାରିଥିବା କହି ରାଜନଅରକୁ ଗଲେ ଓ ସେଠାରେ ରାଜାଙ୍କୁ ଏକ କୋଠରିକୁ ଡାକି ପିନ୍ଧିଥିବା ପୋଷାକ ଖୋଲିଦେବାକୁ କହିଲେ। ସମ୍ରାଟ ତାହା ହିଁ କଲେ। ଏହା ପରେ ଯୁବ ବୁଣାକାର କହିଲେ 'ସମ୍ରାଟ ଏବେ ଏହି ପୋଷାକରେ ସୁନ୍ଦର ଦେଖାଯାଉଛନ୍ତି ଓ ସେ ଶୋଭାଯାତ୍ରାରେ ଯାଇପାରନ୍ତି'। ଶୋଭାଯାତ୍ରାରେ ଗଲା ବେଳେ ସମସ୍ତେ ସମ୍ରାଟ ସୁନ୍ଦର ଦିଶୁଥିବା ନେଇ ପ୍ରଶଂସା ମଧ୍ୟ କଲେ। ହେଲେ ଭିଡ଼ ଭିତରୁ କୁନି ପିଲାଟିଏ କହିଦେଲା ଯେ ସମ୍ରାଟ ଲଙ୍ଗଳା ହୋଇଛନ୍ତି। ତେଣୁ ଯେଉଁମାନେ ଏବେ ନିଜ ଚେଲା ଚାମୁଣ୍ଡାଙ୍କ ଖୋସାମତିରେ ନିଜକୁ ଦିଗ୍‌ବିଜୟୀ ରାଜା ଭାବି ପଦକ୍ଷେପ ନେଉଛନ୍ତି ସମୟ କ୍ରମେ ସେମାନେ ଗାଦିଚ୍ୟୁତ ହେବା ଅବଶ୍ୟମ୍ଭାବୀ। କାରଣ ସେମାନେ ମଣିଷ।

ଆମେରିକା ଭଳି ଗଣତାନ୍ତ୍ରିକ ଦେଶରେ ଟ୍ରମ୍ପ୍ ଯେଭଳି ଭାବେ ଏକଛତ୍ରବାଦର ଲକ୍ଷଣ ପ୍ରଦର୍ଶନ କଲେଣି ତାହା ତାଙ୍କ ପାଇଁ ଆଗକୁ ଅସ୍ୱାଭାବିକତା ଆଣିବା ସ୍ପଷ୍ଟ ଦିଶିଯାଉଛି। ନିଜ ଖିଆଲିକୁ ପୂରଣ କରିବାକୁ ଯାଇ ଯାଚ୍ଛାତା ନିଷ୍ପତ୍ତି ନେଉଥିବାରୁ ତାହା ନାଗରିକ ଓ ଦେଶ ପାଇଁ କ୍ଷତି ପହଞ୍ଚୁଛି। ଆମେରିକାରେ ଟ୍ରମ୍ପ୍ ବିରୋଧୀ ପ୍ରତିବାଦ ଏହାର ସଙ୍କେତ ବହନ କରୁଛି। ତେଣୁ ପ୍ରଶଂସକ ମହଲରେ ରହି ନିଜକୁ ରାଜା ଭାବୁଥିବା ଟ୍ରମ୍ପ୍ ବାସ୍ତବରେ କେଉଁ ପୋଷାକ ପିନ୍ଧିଛନ୍ତି, ତାହାକୁ ଥରେ ନିଜ ଆଖିରେ ଦେଖି ନେବାର ସମୟ ଆସିଲାଣି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | 2 | 3 | | |
| | | 2 | | | 9 | | | 6 |
| 9 | | | | 1 | 3 | 2 | 8 | |
| 3 | | | | | | | | |
| 4 | | | | | | 9 | | 8 |
| | | | | 3 | 5 | | | |
| | 7 | 4 | | | 8 | | | |
| | | | 5 | | | | | |
| | 8 | | 9 | | | 6 | 5 | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 2 | 3 | 5 | 4 | 6 | 9 | 7 | 1 |
| 6 | 1 | 4 | 2 | 7 | 9 | 3 | 5 | 8 |
| 5 | 9 | 7 | 1 | 3 | 8 | 2 | 4 | 6 |
| 9 | 8 | 6 | 4 | 5 | 7 | 1 | 2 | 3 |
| 7 | 4 | 1 | 8 | 2 | 3 | 6 | 9 | 5 |
| 3 | 5 | 2 | 9 | 6 | 1 | 4 | 8 | 7 |
| 1 | 6 | 5 | 7 | 9 | 2 | 8 | 3 | 4 |
| 4 | 3 | 9 | 6 | 8 | 5 | 7 | 1 | 2 |
| 2 | 7 | 8 | 3 | 1 | 4 | 5 | 6 | 9 |

ଗତକାଲିର ଉତ୍ତର

# ନିଖୋଜ ଶିଶୁ



ରବୀନ୍ଦ୍ରନାଥ ଯୋଷୀ

ଆମ ଦେଶରେ ଶିଶୁମାନଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା କରିଛନ୍ତି। ସେମାନଙ୍କ ସୁରକ୍ଷା ପାଇଁ ଅନେକ ଆଇନକାନୁନ ପ୍ରଣୟନ ହୋଇଛି। ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ପାଇଁ ମଧ୍ୟ ବିଭିନ୍ନ ଯୋଜନା କରାଯାଇଛି। ଏହା ସତ୍ତ୍ୱେ ଶିଶୁ ତା'ର ପ୍ରକୃତ ଅଧିକାର ପାଇବାରେ ବଞ୍ଚିତ ହେଉଛି। ଅନେକ ଶିଶୁ ଏବେ ବି ଶିକ୍ଷାର ସ୍ୱାଦ ପାଇବାରୁ ବଞ୍ଚିତ ହେଉଥିବାବେଳେ ପୁଷ୍ଟିକର ଖାଦ୍ୟ, ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇପାରୁ ନାହାନ୍ତି। ବିଭିନ୍ନ ସମସ୍ୟା ଭିତରେ ଥାଇ ବଞ୍ଚିବା ପାଇଁ ପ୍ରୟାସ କରୁକରୁ ଅନେକ ଶିଶୁ ପଥଭ୍ରଷ୍ଟ ହୋଇ ବିପଥଗାମୀ ହେଉଛନ୍ତି। ଶୈଶବ ଅବସ୍ଥାରେ ପାରିବାରିକ ବୋଝ ମାନସିକ ଅବସ୍ଥାକୁ ଦୋହଲାଇ ଦେଇଥାଏ। ଯାହାଫଳରେ ସେ ନୀତି ନୈତିକତା, ଭଲ ମନ୍ଦ ବିଚାର କରିବା ଅପେକ୍ଷା ନିଜ ଜୀବନକୁ ବଞ୍ଚାଇବା ଓ ପରିବାରକୁ ବଞ୍ଚାଇବା କଥାକୁ ପ୍ରାଥମିକତା ଦେଉଛି। ଅପରିପକ୍ୱ ବୟସରେ ଆତ୍ମସମ୍ମାନ ଓ ଆତ୍ମମର୍ଯ୍ୟାଦା ପ୍ରତି ବିଶେଷ ଧ୍ୟାନ ଦେବା ଅପେକ୍ଷା ସେ ଲଢେଇକରି ବଞ୍ଚିବା ପାଇଁ ସଚେତନ ହେଉଛି। ଏହି ପରିସ୍ଥିତି ଦେଇ ଗତି କରୁକରୁ ପ୍ରତିଦିନ ପ୍ରତି ମୁହୂର୍ତ୍ତରେ ହଜାର ହଜାର ଶିଶୁ ସହରର ଗଳିକନ୍ଦିରେ ବା ଅନ୍ୟ କେଉଁ ଭିଡ଼ ଭିତରେ ହଜି ଯାଉଛନ୍ତି। ଏହି ନିଖୋଜ ଶିଶୁମାନଙ୍କ ମଧ୍ୟରୁ କିଛି ଉଦ୍ଧାର ହୋଇ ଘରକୁ ଫେରୁଛନ୍ତି, ଆଉ କିଛିଙ୍କ ପତ୍ତା ମିଳୁନାହିଁ। ସେହି ନିରୁଦ୍ଦିଷ୍ଟ ଶିଶୁଗଣ କେତେବେଳେ ଶିଶୁଶ୍ରମିକ ପାଲଟିଯାଉଛନ୍ତି ତ କେତେବେଳେ ଭିକ୍ଷାଥାଳ ଧରି ରାଜରାସ୍ତାରେ ଜୀବନକୁ ନଷ୍ଟ କରିବାପାଇଁ ବାଧ୍ୟ ହେଉଛନ୍ତି। ଆଉ କିଛି ନିରୁଦ୍ଦିଷ୍ଟ ପଥଭ୍ରଷ୍ଟ ହୋଇ ପର ମୁହୂର୍ତ୍ତରେ ସମାଜର ଏକ କଳଙ୍କିତ ଓ ଆତଙ୍କ ସୃଷ୍ଟି କରୁଥିବା ଚରିତ୍ର ହୋଇ ଉଭା ହେଉଛନ୍ତି। ସେମାନେ ସମାଜ ଓ ରାଷ୍ଟ୍ର ପାଇଁ ବୋଝ ହେଉଛନ୍ତି। ଅନନ୍ତ ସମ୍ଭାବନାର ପ୍ରତୀକ ବୋଲି ଆମେ କହୁଥିବା ଶିଶୁଟି ଅନନ୍ତ ବିନାଶର କାରକ ସାଜୁଛି। ଆମ ଅବହେଳାର ଶିକାର ହେଉଥିବା ଏହି ନିଖୋଜ ଶିଶୁମାନଙ୍କ ସଂଖ୍ୟା ସମାଜରେ ଦିନକୁ ଦିନ ବଢିବଢି ଚାଲିଛି। ଆଜି ସମଗ୍ର ବିଶ୍ୱରେ ହେଉ କି ଆମ ଦେଶରେ ତଥା ଆମ ରାଜ୍ୟ ଓଡ଼ିଶାରେ ହେଉ ନିଖୋଜ ଶିଶୁର ପରିସଂଖ୍ୟାନ ଆମକୁ ଯେତିକି ଚକିତ କରୁଛି ସେତିକି ଚିନ୍ତାଗ୍ରସ୍ତ ମଧ୍ୟ କରୁଛି। ଅଠର ବର୍ଷରୁ କମ୍ ଏହି ନିରୁଦ୍ଦିଷ୍ଟ ଶିଶୁଗଣଙ୍କ ମଧ୍ୟରୁ ଅନେକ ନାବାଳିକା ଅଛନ୍ତି। ଏହି ନାବାଳିକା ତା'ର ପରିପକ୍ୱତା ଆସିବା ପୂର୍ବରୁ ସହରର କେଉଁ ଅନ୍ଧକାର ଗଳି ଭିତରେ ନିଜ ପେଟର କ୍ଷୁଧା ମେଣ୍ଟାଇବା ପାଇଁ ବାଧ୍ୟ ହେଉଛି। ଏଭଳି ସଙ୍ଗିନ ଜୀବନ ଜିଉଁଥିବା ଶିଶୁମାନଙ୍କ ସଂଖ୍ୟା କମ୍ ନୁହେଁ। ବିଗତ ଦିନର କିଛି ତଥ୍ୟ ଉପସ୍ଥାପନ କଲେ ନିଖୋଜ ହେଉଥିବା ଶିଶୁମାନଙ୍କ ସମ୍ପର୍କରେ ଅନେକ ଭୟଙ୍କର କଥା ଆମେ ଜାଣିପାରିବା। ସରକାରଙ୍କ ଗୃହ ବିଭାଗର ତଥ୍ୟ ମୁତାବକ ଭାରତରେ ୨୦୧୮ମସିହାରେ



୬୭,୧୩୪ ଜଣ ଶିଶୁ ନିଖୋଜ ହୋଇଥିଲେ। ଏହା ପୂର୍ବରୁ ନିଖୋଜ ଶିଶୁ ସଂଖ୍ୟା ଥିଲେ ୪୮,୫୨୨। ମୋଟ ୧,୧୫,୬୫୬ ନିଖୋଜ ଶିଶୁଙ୍କ ମଧ୍ୟରୁ ମାତ୍ର ୭୧,୧୭୬ଜଣ ଶିଶୁ ସେହି ବର୍ଷ ଉଦ୍ଧାର ହୋଇଥିଲେ। ୨୦୧୯ ମସିହାରେ ୭୩ହଜାର ୮ ଶହ ୮୫ଜଣ ଶିଶୁ ନିଖୋଜ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୬୯ ହଜାର ୫ଶହ ୭୪ ଜଣ ଉଦ୍ଧାର ହୋଇଥିଲେ। ୨୦୨୦ମସିହାରେ ୫୯ହଜାର ୨ଶହ ୬୨ଜଣ ଶିଶୁ ନିଖୋଜ ହୋଇଥିବାବେଳେ ୬୪ହଜାର ୫ଶହ ୧୩ଜଣ ଶିଶୁ ଉଦ୍ଧାର ହୋଇଛନ୍ତି। ୨୦୨୧ ମସିହାରେ ୭୭ହଜାର ୫ଶହ ୩୫ଜଣ ଶିଶୁ ନିଖୋଜ ହୋଇଥିବାବେଳେ ୭୬ହଜାର ୮ଶହ ୨୭ଜଣ ଶିଶୁ ଉଦ୍ଧାର ହୋଇଛନ୍ତି। ୨୦୨୨ମସିହାରେ ୮୩,୩୫୦ଜଣ ଶିଶୁ ନିଖୋଜ ହୋଇଥିବାବେଳେ ୮୦,୫୬୧ ଶିଶୁ ଉଦ୍ଧାର ହୋଇଥିଲେ। ୨୦୨୨ମସିହା ଶେଷ ସୁଦ୍ଧା ମୋଟ ୪୭,୩୧୩ଜଣ ଶିଶୁଙ୍କ ପତ୍ତା ମିଳି ନ ଥିଲା। ଏହି ନିଖୋଜ ଶିଶୁମାନଙ୍କ ମଧ୍ୟରୁ ପ୍ରାୟ ୭୧ପ୍ରତିଶତ ହେଉଛନ୍ତି ବାଳିକା । ୨୦୨୦ରୁ ୨୦୨୪ ଫେବୃଆରୀ ମାସ ମଧ୍ୟରେ ପ୍ରାୟ ତିନି ଲକ୍ଷ ଶିଶୁ ନିଖୋଜ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୩୬ହଜାର ଶିଶୁ ଉଦ୍ଧାର ହୋଇପାରିନାହାନ୍ତି। ଓଡ଼ିଶାରେ ମଧ୍ୟ ଏହି ଶିଶୁ ନିଖୋଜଙ୍କ ପରିସଂଖ୍ୟାନ ଉଦ୍‌ବେଗଜନକ ଅଟେ। ୨୦୧୮ମସିହା ସୁଦ୍ଧା ୧୧୫୬ ନିରୁଦ୍ଦିଷ୍ଟ ଶିଶୁଙ୍କ ସମେତ ଏହି ବର୍ଷ ୨୩୨୬ଜଣ ଶିଶୁ ନିଖୋଜ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୧୧୩୯ଜଣ ଶିଶୁ ଉଦ୍ଧାର ହୋଇଥିବାବେଳେ ମୋଟ ୨୩୫୨ଜଣ ଶିଶୁ ନିରୁଦ୍ଦିଷ୍ଟ ରହିଥିଲେ। ୨୦୧୯ରେ ୩୧୫୧ଜଣ ନିଖୋଜ ହୋଇଥିଲେ ଓ ୧୪୯୦ଜଣ ଶିଶୁ ଉଦ୍ଧାର ହୋଇଥିଲେ। ୨୦୨୦ରେ ୨୮୯୯ଜଣ ନିଖୋଜ ହୋଇଥିଲେ ଓ ୩୬୪୧ଜଣ ଉଦ୍ଧାର ହୋଇଥିଲେ। ୨୦୨୧ରେ ୪୧୩୩ ଜଣ ନିଖୋଜ ହୋଇଥିଲେ ଓ ୪୫୯୬ଜଣ ଉଦ୍ଧାର ହୋଇଥିବାବେଳେ ୨୦୨୨ ମସିହାରେ ୪୭୫୭ଜଣ ଶିଶୁ ନିଖୋଜ ହୋଇଥିଲେ ଓ ୪୫୯୬ ଜଣ ଉଦ୍ଧାର ହୋଇଥିଲେ। ୨୦୨୨ମସିହା ଶେଷ ସୁଦ୍ଧା ୪୮୩୭ଜଣ ଶିଶୁ ନିରୁଦ୍ଦିଷ୍ଟ ରହିଥିଲେ। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ରିପୋର୍ଟ ଅନୁସାରେ ଉକ୍ତ ବର୍ଷ ଦେଶରେ ପ୍ରତିଦିନ ୧୭୨ଜଣ ନାବାଳିକା ନିଖୋଜ ହୋଇଥିବାବେଳେ ୧୭୦ଜଣ ନାବାଳିକା ଅପହରଣ ହୋଇଥିଲେ। ପ୍ରତ୍ୟହ ୩ଜଣ ନାବାଳିକା ଚାଲାଣ ହୋଇଥିଲେ। ଏତେସଂଖ୍ୟକ ଶିଶୁ ନିଖୋଜ ହେବା ପଛରେ ଅନେକ ସ୍ପର୍ଶକାତର କାରଣ ରହିଛି। ଅନେକ ଶିଶୁ ବିଶେଷତଃ ନାବାଳିକାମାନେ ନିଜ ଅଜାଣତରେ ଅନ୍ୟତ୍ର କର୍ମସଂସ୍ଥାନ ବାହାନାରେ ନିଖୋଜ ହୋଇ ଯୌନକର୍ମୀ ଭଳି ଘୃଣ୍ୟ କାର୍ଯ୍ୟକୁ ମଧ୍ୟ ଆଦରି ନେଇଥାନ୍ତି। ବିଶେଷକରି ଗରିବ, ଅଭାବୀ ଓ ପିତୃମାତୃ ହୀନ ସନ୍ତାନମାନେ ନିଖୋଜ ହେବାର ଅନେକ ଉଦାହରଣ ରହିଛି। ଦୁର୍ବଳ ଆଇନ ବ୍ୟବସ୍ଥା, ଉପଯୁକ୍ତ ଶିକ୍ଷାର ଅଭାବ, ବେକାରି ସମସ୍ୟା ଭଳି ଜଟିଳ ସମସ୍ୟା ହିଁ ଶିଶୁ ନିଖୋଜ ହେଉଥିବାର ମୁଖ୍ୟ କାରଣ ପାଲଟିଛି। ବହି ବସ୍ତାନି ଧରି ପାଠ ପଢିବା ବୟସରେ ଅନେକ ଶିଶୁ ପରିବାରର ଭରଣପୋଷଣ କରିଥାନ୍ତି। ହସ ଖୁସି ଖେଳ କୁଦରେ ଶୈଶବକୁ ଅତିବାହିତ କରିବା ବଦଳରେ ଅଭାବ ଓ ଅନଟନ ତାକୁ ପଥଚ୍ୟୁତ କରୁଛି। ସମାଜ ତାକୁ ସ୍ନେହ ମମତା ଦେଇ ଭଲ ମଣିଷଟିଏ କରି ଗଢିତୋଳିବା ପାଇଁ ଉଦ୍ୟମ କରିବା ପରିବର୍ତ୍ତେ ତାକୁ ନିଜଘରେ ଚାକରବାକର କରି ରଖୁଛି। ରେଲଷ୍ଟେଶନ, ବସ୍ ଷ୍ଟାଣ୍ଡ, ମନ୍ଦିର ସାମ୍ନାରେ ଆଜି ଶିଶୁ ଜୀବନ ବଞ୍ଚାଇବା ପାଇଁ ଭିକ୍ଷା ବୃତ୍ତିକୁ ଆଦରି ନେଇଛି। ହୋଟେଲ,ବଜାର, ଶିଳ୍ପ କଳକାରଖାନାରେ ବାଳ ଶ୍ରମିକ ଭାବରେ କାମକରି ଗୁଜରାଣ ମେଣ୍ଟାଉଛି। ଦିଲ୍ଲୀ,ମୁମ୍ବାଇ, କଲିକତା ଭଳି ମହାନଗରୀରେ ଶହ ଶହ ନାବାଳିକା ଯୌନକର୍ମୀ ଭଳି ବୃତ୍ତିକୁ ଆପଣାଇ ନେବା ପାଇଁ ବାଧ୍ୟ ହୋଇଛନ୍ତି। ଅଳ୍ପ ବୟସରେ ଏଡ୍‌ସ ଭଳି ବିଭିନ୍ନ ଦୁରାରୋଗ୍ୟର ଶିକାର ହୋଇ ଜୀବନ ହରାଉଛନ୍ତି।

ସଭା ସମିତିରେ ଏହି ଶିଶୁଙ୍କୁ ବିଭିନ୍ନ ବିଶେଷଣରେ ସମ୍ବୋଧନ କରାଯାଏ, ସେମାନଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ଅନେକ ଭାଷଣ ହୁଏ। କିନ୍ତୁ ଏହି ନିଷ୍ପାପ ଶିଶୁମାନଙ୍କ ଅନ୍ତର୍ବେଦନାକୁ ବୁଝିବା ପାଇଁ କେତେ ଲୋକଙ୍କ ଆନ୍ତରିକତା ଅଛି? ସେମାନଙ୍କୁ ରାସ୍ତାକଡ଼ରୁ ସାଉଁଟି ଆଣି ସେମାନଙ୍କ ନ୍ୟାଯ୍ୟ ଅଧିକାର ପ୍ରଦାନ କରିବା ପାଇଁ କେତେ ଲୋକ ଆଗେଇ ଆସନ୍ତି? ସେମାନଙ୍କ ଶିକ୍ଷା ,ସ୍ୱାସ୍ଥ୍ୟ ଓ ସୁରକ୍ଷା ପାଇଁ ଅନେକ ଯୋଜନା ଓ ଆଇନ ହୋଇଛି ସତ, ହେଲେ ତାହା କେତେଦୂର ସଫଳତାର ସହିତ କାର୍ଯ୍ୟକାରୀ ହେଉଛି? ଏ ସମସ୍ତ ବିଷୟ ପ୍ରତି ଆମକୁ ଦୃଷ୍ଟି ଦେବାକୁ ହେବ। ସମାଜର ତଥାକଥିତ ବୁଦ୍ଧିଜୀବୀ, ସମାଜସେବୀ, ଚିନ୍ତାନାୟକମାନେ ନିର୍ଭୀକ ଭାବରେ ଆଗେଇ ଆସି ଏହି ଶିଶୁମାନଙ୍କ ଅଧିକାର ଓ ନିରାପତ୍ତା ପାଇଁ ସ୍ୱର ଶାଣିତ କଲେ ହିଁ ସେମାନଙ୍କୁ ଆମେ ଉଚିତ ନ୍ୟାୟ ପ୍ରଦାନ କରିପାରିବୁ। ନଚେତ୍ ହଜାର ହଜାର ଶିଶୁ ଆଶ୍ରୟ ନ ପାଇ ଏମିତି ଭାସି ଯାଉଥିବେ ଓ ଆମେ ନୀରବ ଦର୍ଶକ ସାଜିଥିବା।

**ସିନାପାଲି (ଗୋଡ଼ାଲ) ନୂଆପଡ଼ା**
**ମୋ: ୮୦୧୮୧୮୦୩୮୧**

# କାଳୀପୂଜା ରକେଟ୍ ଓ ଚନ୍ଦ୍ର ଅଭିଯାନ



ଡ. କମଳାକାନ୍ତ ଜେନା

ରାମାୟଣ ଅନୁସାରେ, ରାବଣଙ୍କୁ ବଧ ସହ ୧୪ ବର୍ଷ ବନବାସ ଶେଷ କରି ଯେତେବେଳେ ପ୍ରଭୁ ଶ୍ରୀରାମଚନ୍ଦ୍ର ଦେବୀ ସୀତା ଓ ଭାଇ ଲକ୍ଷ୍ମଣଙ୍କୁ ଧରି ଅଯୋଧ୍ୟାକୁ ଫେରିଲେ, ରାଜ୍ୟବାସୀ ପ୍ରଦୀପ ଜାଳି ତାଙ୍କୁ ସ୍ୱାଗତ କରିଥିଲେ। ବିଜୟୀଙ୍କୁ ପ୍ରଦୀପ ଜାଳି ସ୍ୱାଗତ କରିବା ପ୍ରଥା ପରେ ପରେ ଆଲୋକର ପର୍ବ ହିସାବରେ ପାଳିତ ହେଲା। ଦୀପାବଳିରେ ପ୍ରଦୀପ ଜାଳି ବିଜୟ ପର୍ବ ପାଳନ କରାଯାଏ। ପ୍ରକୃତରେ ଏହା ହେଉଛି ଅନ୍ଧକାର ବିପକ୍ଷରେ ଆଲୋକର ବିଜୟ ଏବଂ ଅଜ୍ଞାନ ବିପକ୍ଷରେ ଜ୍ଞାନର ବିଜୟ। ପ୍ରଦୀପ ଜାଳିବା ପ୍ରଥାରୁ ଏହାର ନାମ ଦୀପାବଳି ରଖାଯାଇଛି। କିନ୍ତୁ ଆମ ପିଲାମାନେ ଆଜି ଦୀପ ଜାଳିବା ବଦଳରେ ବାଣ ଫୁଟେଇବାକୁ ଗୁରୁତ୍ୱ ଦେଉଛନ୍ତି। କାରଣ, ବାଣର ଶବ୍ଦ ଓ ରଙ୍ଗିନ ଆଲୋକ ସେମାନଙ୍କୁ ଆନନ୍ଦ ଦିଏ । କିନ୍ତୁ ଦୁଃଖର କଥା, ବାରୁଦ ତିଆରି କରିବାଠାରୁ ବାଣ ଫୁଟିଲା ପର୍ଯ୍ୟନ୍ତ ଜୀବନ ପ୍ରତି ବିପଦ ରହିଥାଏ। ନିକଟରେ ସାରା ଦେଶରେ ବାଣ ତିଆରି ବେଳେ ଅନେକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ବାଣ ଫୁଟିଲା ପରେ ପରିବେଶ ଖରାପ ହୁଏ । ବାରୁଦରୁ ବାହାରୁଥିବା ରାସାୟନିକ ଧୂଆଁ ବାୟୁମଣ୍ଡଳରେ ବିଷ ଭରିଦିଏ । ବାରୁଦ ଆଖିରେ ପଡିଲେ କିମ୍ବା ପେଟ ଭିତରକୁ ଗଲେ ରୋଗ ସୃଷ୍ଟି କରେ। ଅଧିକାଂଶ ରାସାୟନିକ ବାଣର ଧ୍ୱନିସ୍ତର ୧୪୦ ଡେସିବଲ୍‌ରୁ ଅଧିକ। ତେଣୁ ଶବ୍ଦ ପ୍ରଦୂଷଣ, ବାୟୁ ପ୍ରଦୂଷଣ ଓ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବା କ୍ଷେତ୍ରରେ ରାସାୟନିକ ବାଣର ଅନେକ ଭୂମିକା ରହିଛି । ଅତଏବ, ବାଣ ବାବଦରେ ଆମେ ଖର୍ଚ୍ଚ କରୁଥିବା ଟଙ୍କା ଆମ ପାଇଁ ସମସ୍ୟା ସୃଷ୍ଟି କରେ। ପରିବେଶ କହିଲେ ଆମେ ବା–ପା–ମା–ଆ (ବାୟୁ–ପାଣି–ମାଟି–ଆକାଶ) ବୁଝୁ। ତେଣୁ ବାଣ ଫୁଟେଇ ବା–ପା–ମା–ଆ ପ୍ରତି ବିପଦ ସୃଷ୍ଟି କରିବା ଉଚିତ ନୁହେଁ।

ପ୍ରତିବର୍ଷ ଭାରତରେ ବାଣ ଫୁଟେଇବାରେ ଅନେକ ଟଙ୍କା ଖର୍ଚ୍ଚ ହୁଏ । ଗତ ୧୦ ବର୍ଷର ଖର୍ଚ୍ଚକୁ ଦେଖିଲେ ୨୦୧୫ ମସିହାରେ ପାଖାପାଖି ୪୦୦୦–୫୫୦୦ କୋଟି, ୨୦୧୬ରେ ୪୫୦୦–୬୦୦୦ କୋଟି, ୨୦୧୭ରେ ୪୫୦୦–୬୦୦ କୋଟି, ୨୦୧୮ରେ ୪୦୦୦–୭୦୦୦ କୋଟି ଓ ୨୦୧୯ରେ ୪୫୦୦–୬୦୦୦ କୋଟି ଟଙ୍କା ବାଣ ଫୁଟେଇବାରେ ଯାଇଛି। ୨୦୨୦ ଓ ୨୦୨୧ ମସିହାରେ କରୋନା ମହାମାରୀ ସକାଶେ ବେଶି ଖର୍ଚ୍ଚ ହୋଇ ନ ଥିଲା। ତଥାପି



କରୋନା ସମୟରେ ଅତି କମ୍‌ରେ ୧୫୦୦କୋଟି ଟଙ୍କାର ବାଣ ଫୁଟିଥିଲା। ୨୦୨୨ରେ ଅନ୍ୟୂନ ପ୍ରାୟ ୬୦୦୦ କୋଟି, ୨୦୨୩ରେ ୮୦୦୦ କୋଟି ଓ ଗତବର୍ଷ ୫୦୦୦ କୋଟି ଟଙ୍କାର ବାଣ କାରବାର ହୋଇଛି। ଗୋଟିଏ ଭାରତୀୟ ପରିବାର ବାଣ ବାବଦରେ ହାରାହାରି ୫୦୦୦ ଟଙ୍କା ଖର୍ଚ୍ଚ କରିଥାଏ। କୋଟି କୋଟି ଟଙ୍କାର ବାଣ ଫୁଟିବା କଥା କହିଲେ, ଆମର ଚନ୍ଦ୍ରଯାନ କଥା ମନେପଡ଼େ । ମହାକାଶ ଗବେଷଣା ସଂସ୍ଥା 'ଇସ୍ରୋ' ସହାୟତାରେ ଭାରତ ୩ ଥର ଚନ୍ଦ୍ରକୁ ମହାକାଶଯାନ ପଠେଇ ସାରିଛି। ବୈଜ୍ଞାନିକମାନେ ପ୍ରଥମ ଅଭିଯାନରୁ ସଫଳତାର ସ୍ୱାଦ ଚାଖିଥିଲେ ଓ ଦେଶର ଗୌରବ ବଢେଇଥିଲେ ଏବଂ ତୃତୀୟ ଅଭିଯାନର ସଫଳତା ଭାରତକୁ ଶ୍ରେଷ୍ଠ ଆସନରେ ବସେଇଥିଲା। କିନ୍ତୁ ଦିନେ ଭାରତକୁ ଗରିବ ବୋଲି କହି ଚନ୍ଦ୍ରଯାତ୍ରାକୁ ବିଭିନ୍ନ ମହଲରେ ଅଗ୍ରାହ୍ୟ କରାଯାଉଥିଲା। ହେଲେ ସେଇ ଦେଶରେ ଗୋଟିଏ ରାତିର ବାଣ ପୋଡିବା ବଜେଟ ଚନ୍ଦ୍ରଯାନ ପଠେଇବା ଖର୍ଚ୍ଚଠାରୁ ମଧ୍ୟ ଅଧିକ ।

ଭାରତ ଅତି ଅଳ୍ପ ଖର୍ଚ୍ଚରେ ଚନ୍ଦ୍ରକୁ ମହାକାଶଯାନ ପଠେଇପାରେ। ୨୦୦୮ମସିହାରେ ଭାରତର ପ୍ରଥମ ଚନ୍ଦ୍ରଯାନ ସକାଶେ ଖର୍ଚ୍ଚ ହେଇଥିଲା ୩୮୬ କୋଟି ଟଙ୍କା । ଏହା ଥିଲା ମୁଣ୍ଡପିଛା ୩ ଟଙ୍କା ୨୦ ପଇସା । ୨୦୧୯ମସିହାରେ ଦ୍ୱିତୀୟ ଚନ୍ଦ୍ରଯାନ ପାଇଁ ଖର୍ଚ୍ଚ ଥିଲା ୯୭୮ କୋଟି ଟଙ୍କା, ଯାହାକି ମୁଣ୍ଡପିଛା ୭ ଟଙ୍କା ୧୦ ପଇସା । ୨୦୨୩ରେ ତୃତୀୟ ଚନ୍ଦ୍ରଯାନ ପାଇଁ ଖର୍ଚ୍ଚ ଥିଲା ୬୧୫ କୋଟି ଟଙ୍କା, ଯାହାକି ମୁଣ୍ଡପିଛା ୪ ଟଙ୍କା ୩୦ପଇସା । ଏତେ କମ୍ ଟଙ୍କାରେ ବି ଭାରତର ଚନ୍ଦ୍ରଯାତ୍ରା ମହାକାଶ ଗବେଷଣାରେ ବିପ୍ଳବ ସୃଷ୍ଟି କରିପାରିଛି। ଆଜି ଦେଶର ଅର୍ଥନୈତିକ ବିକାଶରେ ମହାକାଶ ଗବେଷଣା ସହାୟତା କରୁଛି। ଆମେ ମହାକାଶ ବିଜ୍ଞାନୀଙ୍କ ଉପରେ ବିଶ୍ୱାସ ନ କରିବା ପାଇଁ କେଇଟା ମାତ୍ର କାରଣ ଥାଇପାରେ, କିନ୍ତୁ ସେମାନଙ୍କ ଦକ୍ଷତା ଉପରେ ପୂରା ଭରସା କରିବା ପାଇଁ ଯଥେଷ୍ଟ କାରଣ ରହିଛି । ଯଦି ଆମ ପିଲାମାନେ ରକେଟ୍ ବାଣ ଫୁଟେଇ ପରିବେଶକୁ ଦୂଷିତ ନ କରି ସେଇ ଟଙ୍କାରେ ବର୍ଷକୁ ଥରେ ମହାକାଶଯାନ ପଠେଇବା କାମରେ ସହାୟତା କରନ୍ତେ ତେବେ ଭାରତ ମହାକାଶ ଗବେଷଣାରେ ସାରା ପୃଥିବୀରେ ଅଧିକରୁ ଅଧିକ ଗୌରବ ଅର୍ଜନ କରିପାରନ୍ତା । ଏବେ ପିଲାମାନେ ଭାବନ୍ତୁ, ହାବେଳି ବାଣରେ ନିଆଁ ଲଗେଇ ପରିବେଶକୁ ନଷ୍ଟ କରିବେ ନା ଚନ୍ଦ୍ରକୁ ମହାକାଶଯାନ ପଠେଇବା ପାଇଁ ଅଗ୍ନି ସଂଯୋଗ କରିବେ।

**ମୁଖ୍ୟ ପ୍ରାଧ୍ୟାପକ (ଫିଜିକ୍ସ), ବିଜ୍ଞାନ ଏକାଡେମୀ ସଦସ୍ୟ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ମୋ: ୯୪୩୯୫୦୧୬୫୧**

## ଏଇ ଭାରତରେ

ଛତିଶଗଡ଼ର ସମୀକ୍ଷା ଚନ୍ଦ୍ରକର ଟମାଟୋ ଓ ଅନ୍ୟାନ୍ୟ ପରିବା ଚାଷକରି ସେଥିରୁ ୨୦୨୩–୨୪ ବର୍ଷରେ ୧.୫ କୋଟି ଟଙ୍କା ରୋଜଗାର କରିଛନ୍ତି। ବିଶେଷକରି ସେ ଟମାଟୋ ଚାଷ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଉତ୍ପାଦିତ ଟମାଟୋକୁ ସେ ନୂଆଦିଲ୍ଲୀ, ବେଙ୍ଗାଲୁରୁ, ରାୟପୁର, ପାଟନା, କୋଲକାତା ଆଦି ସହର ମଣ୍ଡିକୁ ପଠାଉଛନ୍ତି। ଏହା ବ୍ୟତୀତ ସେ ବାଇଗଣ, କାକୁଡ଼ି, ଲାଉ ଚାଷକରି ମାର୍କେଟକୁ ଯୋଗାଉଛନ୍ତି। ସମୀକ୍ଷା ଏବେ ୨୦ ଏକରରେ ଟମାଟୋ ଚାଷ କରିଛନ୍ତି। ଆଗକୁ ଅଧିକ ୧୫ ଏକର ଚାଷ କରିବାକୁ ଯୋଜନା କରିଛନ୍ତି। ସମୀକ୍ଷା ଏମ୍‌ବିଏ ପାସ୍ କରିବା ପରେ ପୁଣେର ଏକ କମ୍ପାନୀରେ ଚାକିରି କରିଥିଲେ। ୨୦୨୧ରେ ସେ ଚାକିରି ଛାଡ଼ି ଛତିଶଗଡ଼ ରାୟପୁରର ଚାରୁମୁଦିଆ ଗାଁକୁ ଫେରି ଆସି ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ସମୀକ୍ଷାଙ୍କ ବାପା ଓ ଭାଇ ତାଙ୍କୁ ଚାଷରେ ସାହାଯ୍ୟ କରୁଛନ୍ତି। ସମୀକ୍ଷା ପ୍ରଥମେ ଏକର ପିଛା ୫୦ ଟନ୍ ଟମାଟୋ ଉତ୍ପାଦନ କରୁଥିଲେ, କିନ୍ତୁ ବର୍ତ୍ତମାନ ୫୫ ଟନ୍ ଉତ୍ପାଦନ କରୁଛନ୍ତି। ବଡ଼ କଥା ହେଉଛି ସମୀକ୍ଷା ଚାଷ କାର୍ଯ୍ୟ ପାଇଁ ୧୨୦ ଲୋକଙ୍କୁ ନିଯୁକ୍ତ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୦ ଅକ୍ଟୋବର ୧୯୭୬**

- ବିଶିଷ୍ଟ ତେଲୁଗୁ କବି ବି. ସତ୍ୟନାରାୟଣଙ୍କର ଗୁଣ୍ଟୁରଠାରେ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ଅବସ୍ଥାରେ ପରଲୋକ।
- ଭାରତୀୟ ଟେଲିଫୋନ କାରଖାନାରେ ଗ୍ରାମାଞ୍ଚଳରେ ଟେଲିଫୋନ ଯୋଗାଯୋଗକୁ ଆହୁରି ସହଜ କରିଦେବା ନିମନ୍ତେ 'ଗ୍ରାମ୍ୟଫୋନ' ନାମରେ ଏକ ରେଡିଓ ଯନ୍ତ୍ରପାତି ନିର୍ମାଣ କରାଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ସର୍ବସମ୍ମତ ପନ୍ଥା ଜରୁରୀ

ମହାଶୟ,

ଭାଜପା ସରକାରକୁ ଆସିବା ପରେ ପ୍ରାୟ ପ୍ରତିଦିନ ଦୁର୍ନୀତିଗ୍ରସ୍ତ ଲୋକଙ୍କୁ ଭିଜିଲାନ୍ସବାଲା ଧରୁଛନ୍ତି। ସେମାନଙ୍କଠାରୁ ଅଜସ୍ର ସମ୍ପତ୍ତି ଜବତ କରାଯାଉଛି। ସେମାନଙ୍କୁ କୋର୍ଟକୁ ପଠାଯାଉଛି। ସେମାନେ ଜେଲରେ ରହୁଛନ୍ତି। ଜେଲରେ ଖାଦ୍ୟପେୟର ଅଭାବ ନାହିଁ। ଅସାଧୁ କର୍ମଚାରୀଙ୍କ ଜରିଆରେ ମାଦକ ଦ୍ରବ୍ୟ ମଧ୍ୟ ପଠାଉଛନ୍ତି। ଲାଭ କ'ଣ ହେଉଛି। ସେମାନଙ୍କ ଦୁର୍ନୀତିକୁ ଦେଖି ହୁଏତ ଅନ୍ୟମାନେ ନିଜର ମାନସମ୍ମାନକୁ ବଜାୟ ରଖିବା ଲାଗି ଲାଞ୍ଚ ନେବା ଛାଡ଼ି ଦିଅନ୍ତେ, କିନ୍ତୁ ସେମାନେ ଲାଞ୍ଚ ନେବା ଛାଡୁନାହାନ୍ତି। ବରଂ ଭିଜିଲାନ୍ସ ହାତରେ ଧରାପଡ଼ି ନିର୍ଲଜଙ୍କ ଭଳି ମୁହଁ ଘୋଡ଼ାଇ କୋର୍ଟକୁ ଯାଉଛନ୍ତି ଏବଂ ଜେଲକୁ ଯାଉଛନ୍ତି। ମୋଟା ଅଙ୍କର ଅର୍ଥ ଓକିଲଙ୍କୁ ଦେଇ କାରସାଦି କରୁଛନ୍ତି, ପୁଣି ଜେଲରୁ ଆସି ନିଜ ଚାକିରିରେ ଯୋଗ ଦେଇ କାମ କରୁଛନ୍ତି। ଏମାନେ ତ କଂସାରି ଘରର ପାରା। ଯେତେ ଯାହା କଲେ ବି ପୁଣି ସେହି କାମ କରିବେ। ଭିଜିଲାନ୍ସ ଦ୍ୱାରା ଧରା ହେବା ପରେ ତୁରନ୍ତ ବିଚାର ପ୍ରକ୍ରିୟା ଶେଷ କରି ଯଦି କାର୍ଯ୍ୟରୁ ବହିଷ୍କାର କରାଯାଆନ୍ତା, ତେବେ ଅନ୍ୟମାନଙ୍କ ଉପରେ ତା'ର ତ୍ୱରିତ ପ୍ରଭାବ ପଡ଼ନ୍ତା। ଲାଞ୍ଚ ନେବା ପୂର୍ବରୁ ସେମାନେ କମ୍‌ସେକମ୍ ଦଶଥର ଚିନ୍ତା କରନ୍ତେ। କିରାଣି, ଅମିନ, ଯନ୍ତ୍ରୀ, ଅଫିସର ଏବଂ ପୋଲିସମାନଙ୍କ କ୍ଷେତ୍ରରେ ଏହି ଲାଞ୍ଚ ନେବାଟା ସାଧାରଣ ପ୍ରକ୍ରିୟାରେ ପରିଣତ ହୋଇଗଲାଣି। ସରକାର ଏହା ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କଲେ ଦୁର୍ନୀତି ଓ ଲାଞ୍ଚ କାରବାର ହୁଏତ କମିଯାଆନ୍ତା। ଅନେକ ଶିକ୍ଷିତ ଯୁବକଯୁବତୀ ଚାକିରି ଅପେକ୍ଷାରେ। ସେମାନଙ୍କୁ ଚାକିରି ମିଳିଯାନ୍ତା ଏବଂ ଶାସନରେ ସ୍ୱଚ୍ଛତା ଆସନ୍ତା।

**–ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର**

## ଚିରନ୍ତନୀ

ଚଳିଯାଏ ଯାନ, ଜନ କରି ନାନା ଶବଦ
ପଥ ପୂରି ଉଚ୍ଛୁଳଇ କେତେ ହସ ଆମୋଦ
ଗତିର ଆଘାତେ ଚଳେ ଅବିରାମ ଜଗତ
ଏ ଘରେ ଲୁଚଇ ମୋର ମରମର ଦରଦ !
–(ପଥର ପ୍ରେମିକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭାଷା ବଞ୍ଚିଲେ ସାହିତ୍ୟ ବଞ୍ଚିବ

## ବୀରମହାରାଜପୁର ମହାବିଦ୍ୟାଳୟରେ ଆଞ୍ଚଳିକ ସାହିତ୍ୟ ଉତ୍ସବ



ବୀରମହାରାଜପୁର ମହାବିଦ୍ୟାଳୟ ସଭାଗୃହରେ ଆୟୋଜିତ ଉତ୍ସବରେ ମଞ୍ଚାସୀନ ଅତିଥି।

ବୀରମହାରାଜପୁର,୧୯।୧୦(ଯୁଗଳ କିଶୋର ମିଶ୍ର)

ଜୀବନର ଶ୍ରେଷ୍ଠ ଭାବନାର ପରିପ୍ରକାଶ ହେଉଛି ସାହିତ୍ୟ। ସମାଜର ଦର୍ପଣ ହେଉଛି ସାହିତ୍ୟ। ସାହିତ୍ୟ ଜୀବନଦର୍ଶନ ଶିଖାଏ। ସେହିପରି ଏକ ଜାତିର ପରିଚୟ ହେଉଛି ଭାଷା। ଭାଷା ବଞ୍ଚିଲେ ସାହିତ୍ୟ ବଞ୍ଚିବ। ସାହିତ୍ୟ, ସମାଜ ଓ ସଂସ୍କୃତି ନଥିଲେ ଜୀବନ ନିରର୍ଥକ। ରବିବାର ପୂର୍ବାହ୍ନ ୧୧ଟାରେ କଳ୍ପନା ସାହିତ୍ୟ, ସଂସ୍କୃତି ଓ ସାମାଜିକ ପରିଷଦ କଟକର ସୁବର୍ଣ୍ଣପୁର ଜିଲା ଶାଖା ଆନୁକୂଲ୍ୟରେ ବୀରମହାରାଜପୁର ମହାବିଦ୍ୟାଳୟ ସଭାଗୃହରେ ଆୟୋଜିତ ଆଞ୍ଚଳିକ ସାହିତ୍ୟ ଉତ୍ସବରେ ଏହି ମତପ୍ରକାଶ ପାଇଛି। କଳ୍ପନା ସାହିତ୍ୟ, ସଂସ୍କୃତି ଓ ସାମାଜିକ ପରିଷଦ ସାଧାରଣ ସମ୍ପାଦକ ଡ. ଗୋପାଳଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୀରମହାରାଜପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଅଧ୍ୟାପିକା ଯାମିନୀ ଦାଶ ମୁଖ୍ୟବକ୍ତା, ବିନିକା ସିଦ୍ଧାର୍ଥ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଧୀରେନ୍ଦ୍ର କୁମାର ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଉତ୍ସବର ପ୍ରଥମ ଭାଗରେ ସାଧାରଣ ଅଧିବେଶନ ସହିତ ସାହିତ୍ୟ ଆଲୋଚନା ହୋଇଥିଲା। ଏହି ଅବସରରେ ଯୁଗଳ କିଶୋର ମିଶ୍ର ଓ ରାଧାକାନ୍ତ ବାଘଙ୍କୁ କଳ୍ପନା ସାମ୍ବାଦିକ ସୌରଭ ସମ୍ମାନ, ସୁଧୀର କୁମାର ବିଶ୍ୱାଳଙ୍କୁ କଳ୍ପନା ସାମ୍ବାଦିକ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ବିନୋଦ କୁମାର ପାଣ୍ଡେ କଳ୍ପନା ସାମ୍ବାଦିକ ଭାସ୍କର ସମ୍ମାନରେ ସମ୍ମାନିତ ହୋଇଥିଲେ। ସ୍ୱର୍ଣ୍ଣପ୍ରଭା ମହାପାତ୍ର, ଲକ୍ଷ୍ମୀନାରାୟଣ ସାହୁ ଓ ଯାମିନୀ ଦାଶଙ୍କୁ କଳ୍ପନା ସାହିତ୍ୟ ସମ୍ମାନ ଏବଂ ଶୁଭ୍ରାଂଶୁ ଶେଖର ପାଢୀଙ୍କୁ କଳ୍ପନା ଭାଷା ଗଙ୍ଗୋତ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଡ. ହିମାଂଶୁ ଶେଖର ପାଢୀ, ଲଳିତା ନାୟକ ଓ ମନୋଜ ମଞ୍ଜରୀ ଦେଓଙ୍କୁ କଳ୍ପନା ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅଧ୍ୟାପିକା ଡ. ବନ୍ଦିତା ବିଶ୍ୱାଳ ସଭା ସଂଯୋଜନା କରିଥିବାବେଳେ ଅଧ୍ୟାପକ ସଞ୍ଜୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଭାଗରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଡ଼ ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାହିତ୍ୟ ସଭାରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ କବୟିତ୍ରୀ ଜ୍ୟୋସ୍ନାରାଣୀ ପାଢ଼ୀ, ମୁଖ୍ୟବକ୍ତା ପରିକଳ୍ପନାର ମୁଖ୍ୟ ସମ୍ପାଦିକା ଲଳିତା ଦାସ ଯୋଗଦେଇ କବିମାନେ ସ୍ୱପ୍ନରେ ବିଭୋର ନହୋଇ ବାସ୍ତବତାକୁ ଦୃଷ୍ଟିରେ ରଖି ସାରସ୍ୱତ ସାଧନାରେ ବ୍ରତୀ ହୁଅନ୍ତୁ ବୋଲି କହିଥିଲେ। ସଭାକୁ ଶୁଭ୍ରାଂଶୁ ଶେଖର ପାଢୀ, କବିତା ପାଠୋତ୍ସବକୁ ଲକ୍ଷ୍ମୀନାରାୟଣ ସାହୁ ଓ ମନୋଜ ମଞ୍ଜରୀ ଦେଓ ସଂଯୋଜନା କରିଥିଲେ। ୪୦ଜଣ କବୟିତ୍ରୀ ଓ କବି ସ୍ୱରଚିତ କବିତା ପାଠ କରିଥିଲେ। ଯାମିନୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ



ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଦସ୍ୟଗଣ।

ବୀରମହାରାଜପୁର,୧୯।୧୦(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ଏକ ବୈଠକ କମିଟି ସଭାପତି ବିଷ୍ଣୁଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମନ୍ଦିରର ସପ୍ତାହର ଆୟବ୍ୟୟ ହିସାବ ଉପରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ମନ୍ଦିର ଅନ୍ନଭୋଗ ସଦସ୍ୟ, ଲାଇଫ ମେମ୍ବର ଓ ପୃଷ୍ଠପୋଷକ ଉପରେ ଆଲୋଚନା ହେବା ସହିତ ବୁଧବାର ଗିରିଗୋବର୍ଦ୍ଧନ ପୂଜା ଉପରେ ଆଲୋଚନା ହୋଇଥିଲା। ବୈଠକରେ କମିଟି ସମ୍ପାଦକ ଇନ୍ଦ୍ରଜିତ ପରୁଆ, ଉପସଭାପତି ଭୂଷଣ କୁମାର ପାତ୍ର, ସହସମ୍ପାଦକ ଦୈତ୍ୟାରୀ ମହାକୁଡ଼, କୋଷାଧ୍ୟକ୍ଷ ବିଜୟ କୁମାର ତ୍ରିପାଠୀ, ଜମ୍ବେଶର ପ୍ରଧାନ, ଲଳିତ କୁମାର କର, କୃଷ୍ଣଚନ୍ଦ୍ର ମଲ୍ଲିକ, ମନରଞ୍ଜନ ତରିଆ, ବଳରାମ କାଣ୍ଡ, ଯୁଗଳ କିଶୋର ମିଶ୍ର ଉପସ୍ଥିତ ଥିଲେ।

## ନିମ୍ବାର୍କ ଜୟନ୍ତୀ ପ୍ରସ୍ତୁତି ବୈଠକ

ଉଲୁଣ୍ଡା,୧୯।୧୦(ଗୌରଚନ୍ଦ୍ର ପରିଚ୍ଛା)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ନୂଆଗାଁ ମରିଚପୁରଠାରେ ୫୧୨୧ ତମ ନିମ୍ବାର୍କ ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ମଠାଧୀଶ ବଂଶୀଧର ଜି ମହାରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆସନ୍ତା ନଭେମ୍ବର ୫ରେ ହେବାକୁ ଥିବା ନିମ୍ବାର୍କ ଜୟନ୍ତୀ ପାଳନ ପରେ ଆଲୋଚନା କରାଯାଇଥିଲା। ମହୋତ୍ସବରେ ଭକ୍ତଙ୍କ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯିବ ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ କେନ୍ଦ୍ରୀୟ କମିଟି, ମରିଚପୁର, ନୂଆଁଗା ଗ୍ରାମବାସୀ ଯୋଗଦେଇଥିଲେ ।

# ଡିସେମ୍ବରରେ ହେବ କୋଶଳ ମହାବନ୍ଦ



ବୈଠକରେ କୋଶଳ ରାଜ୍ୟ କ୍ରିୟାନୁଷ୍ଠାନ କମିଟିର ସଭ୍ୟବୃନ୍ଦ।

### ସ୍ୱତନ୍ତ୍ର କୋଶଳ ପ୍ରଦେଶ ଗଠନ ଦାବି

ବରଗଡ଼, ୧୯।୧୦(ପ୍ରେମାନନ୍ଦ ଖମାରୀ)

ସ୍ୱତନ୍ତ୍ର କୋଶଳ ପ୍ରଦେଶ ଗଠନ ଦାବି ନେଇ ପୁଣି ଆନ୍ଦୋଳନ ତେଜି ଉଠିଛି। ଏହି ଦାବି ନେଇ ଆସନ୍ତା ଡିସେମ୍ବରରେ କୋଶଳ ମହାବନ୍ଦ କରିବାକୁ ରବିବାର ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅଜିତ ଶତପଥୀଙ୍କ ସଭାପତିତ୍ୱରେ କୋଶଳ ରାଏଜ ମିଳିତ କ୍ରିୟାନୁଷ୍ଠାନ କମିଟିର ଏହି ବୈଠକରେ କୋଶଳାଞ୍ଚଳର ବିଭିନ୍ନ କୋଶଳବାଦୀ ସଂଗଠନର ପ୍ରତିନିଧିମାନେ ସାମିଲ ଥିଲେ। ବୈଠକରେ କୋଶଳ ସଂଗ୍ରାମୀ ବାଳଗୋପାଳ ମିଶ୍ର ଯୋଗ ଦେଇ ସରକାରର ଆଞ୍ଚଳିକ ବିଷମତା ବିରୋଧରେ ଏକାଠି ଲଢ଼େଇ ପାଇଁ ଆହ୍ୱାନ ଦେଇଥିଲେ। ବୈଠକରେ ଯୋଗଦେଇଥିବା ବିଭିନ୍ନ ସଙ୍ଗଠନର ପ୍ରତିନିଧିଙ୍କ ସମ୍ମତିକ୍ରମେ ବାଳଗୋପାଳ ମିଶ୍ର, ପ୍ରମୋଦ ମିଶ୍ର, ଅଜିତ ଶତପଥୀ, ନରେନ୍ଦ୍ର ହୋତାଙ୍କୁ ନେଇ ୪ଜଣିଆ ଉପଦେଷ୍ଟା ମଣ୍ଡଳୀ ଗଠନ କରି ୭ ପ୍ରସ୍ତାବ ପାରିତ ହୋଇଥିଲା। ପ୍ରତ୍ୟେକ ସଂଗଠନର ଜଣଙ୍କୁ ନେଇ କୋଶଳ ସେନାପତି ଦାୟିତ୍ୱ ଦେବା ସହିତ ବିଧିବଦ୍ଧ କୋଶଳ ରାଏଜ ମିଳିତ କ୍ରିୟାନୁଷ୍ଠାନ କମିଟି ଗଠନ, ପାଣ୍ଠି ସଂଗ୍ରହ ସାଙ୍ଗେ ଗାଁକୁ ଚାଲ ଅଭିଯାନ, ଅଲଗା କୋଶଳ ରାଜ୍ୟ ଦାବିରେ ଦିଲ୍ଲୀ ଚଲୋ କାର୍ଯ୍ୟକ୍ରମ, କୋଶଳ ସେନାପତି ଓ ଉପଦେଷ୍ଟା କମିଟିର ସାମାଜିକ, ଆର୍ଥିକ ଓ ରାଜନୈତିକ ସମସ୍ୟାର ସମାଧାନ ପାଇଁ ନିୟମିତ ବ୍ୟବଧାନରେ ସଭା, ସମିତି କରିବା, କୋଶଳ ବିଷୟରେ ମତାମତ କିମ୍ବା ପ୍ରେସ୍‌ବାର୍ତ୍ତା କେବଳ ଉଭୟ କମିଟିର ସହମତିରେ ପ୍ରବକ୍ତା ଦେବା, ଆସନ୍ତା ଡିସେମ୍ବର ମାସରେ ସଙ୍ଗଠନର ବୃହତ୍ କାର୍ଯ୍ୟକ୍ରମ ଭାବେ କୋଶଳ ମହାବନ୍ଦ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକକୁ ଜଗନ ମେହେର ପରିଚାଳନା କରିଥିବା ବେଳେ ବୀରବଳ ମହାକୁର ସଂଯୋଜନା କରିଥିଲେ। ସୁନ୍ଦରଗଡ଼ରୁ ଦିଲ୍ଲୀପ ପଣ୍ଡା, ସମ୍ବଲପୁରରୁ ବୀରେନ୍ଦ୍ର ପାଣିଗ୍ରାହୀ, ବଲାଙ୍ଗିରରୁ ଜନସନ ନାଗ, ସୋନପୁରରୁ ସରୋଜ ପଧାନ, ଝାରସୁଗୁଡ଼ାରୁ ଗଣେଶ ମଟାରି, ବରଗଡ଼ରୁ ସୁଦାମ ଚରଣ ପାତ୍ର, ଅଶୋକ ଛତର, ଅବିନାଶ ବିଶି ଏବଂ ମହିଳାମାନଙ୍କ ମଧ୍ୟରେ ସୁନିତା ବାଗ, ବାସନ୍ତୀ ମେହେର, ରୀତା ବେହେରାଙ୍କ ସମେତ ଶତାଧିକ କୋଶଳ କର୍ମୀ ଯୋଗ ଦେଇଥିଲେ। ସୁଶୀଲ ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୧କେଜି ଗଞ୍ଜେଇ ଜବତ, ଦମ୍ପତି ଗିରଫ

ଡୁଙ୍ଗୁରିପାଲି, ୧୯।୧୦(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ପୋଲିସ ଚାଲାଣବେଳେ ୨୧ କେଜି ୫୮୨ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଦମ୍ପତିଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି ପୋଲିସ। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ହେଲେ ଏମ୍‌ପି ଜବଲପୁର ରାଧାକ୍ରିଷ୍ଣା ପ୍ରେମସାଗରର ଗ୍ରାମର ହିମାଂଶୁ ବଡେଲ(୨୦ ) ଓ ତାଙ୍କ ସ୍ତ୍ରୀ ଆସିକା ବଡେଲ (୧୯)। ପୋଲିସ ସୂଚନା ଅନୁଯାୟୀ ଶନିବାର ସନ୍ଧ୍ୟାରେ ଏସଆଇ ସୁକାନ୍ତ କୁମାର ଜେନା ଓ ତାଙ୍କ ଟିମ ପାଟ୍ରୋଲିଂରେ ୨୬ ନଂ. ଜାତୀୟ ରାଜପଥର ଖୁଣ୍ଟପାଲି ରେଲୱେ ଷ୍ଟେଶନ ରାସ୍ତାରେ ଯାଉଥିବାବେଳେ ସନ୍ଦେହରେ ଉପରୋକ୍ତ ଦମ୍ପତିଙ୍କୁ ଅଟକାଇ ଯାଞ୍ଚ କରିଥିଲା। ସେମାନଙ୍କ ନିକଟରୁ ୨୧କେଜି ୫୮୨ଗ୍ରାମ ଗଞ୍ଜେଇ ଜବତ କରି ଥାନାକୁ ଆଣିଥିଲା।

## ଶିଶୁ ବାଟିକା ମାତୃ କର୍ମଶାଳା

ଡୁଙ୍ଗୁରିପାଲି,୧୯।୧୦(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରବିବାର ଶିଶୁ ବାଟିକା ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ବିଭୂତିଭୂଷଣ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ଅରୁଣ, ଉଦୟ ଓ ପ୍ରଭାତ ଶ୍ରେଣୀର ମୋଟ ୧୦୭ ଜଣ ମା' ମାନେ ଯୋଗଦେଇଥିଲେ। ଶାରୀରିକ କଳାଂଶ, ସଙ୍ଗୀତ ଚୌକି, ଜିଲାପି ଦୌଡ, ବୌଦ୍ଧିକ, ମାନସିକ, ପ୍ରାଣୀଙ୍କ କାଳାଂଶ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। କର୍ମଶାଳାକୁ ଶିଶୁ ବାଟିକା ନାରାୟଣ ବାରିକ ସଂଯୋଜନା କରିଥିଲେ। ରାମେଶ୍ୱର ପୁଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଲକ୍ଷେଘର ଗଣ୍ଡା ସମାଜ ବୈଠକ

ଉଲୁଣ୍ଡା,୧୯।୧୦(ଗୌରଚନ୍ଦ୍ର ପରିଚ୍ଛା)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅକାଦୋଦର ଗ୍ରାମରେ ଲକ୍ଷେଘର ଗଣ୍ଡା ସମାଜ ବିକାଶ ପରିଷଦର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ମୃତ୍ୟୁଞ୍ଜୟ ଖୁରାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବହୁ ସଦସ୍ୟ ଯୋଗଦେଇଥିଲେ। ବୈଠକରେ ସମାଜର ଉନ୍ନତି ଉପରେ ଆଲୋଚନା ହୋଇଥିଲା । ଏହି ଅବସରରେ ପଞ୍ଚାୟତସ୍ତରୀୟ ଏକ କମିଟି ଗଠନ କରାଯାଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ମୃତ୍ୟୁଞ୍ଜୟ ଖୁରା, ସମ୍ପାଦକ ନେପାଲ ଖୁରା, କୋଷାଧ୍ୟକ୍ଷ ଭାବେ ସନତ ଖୁରାଙ୍କୁ ମନୋନୀତ କରାଯାଇଥିଲା। ବ୍ଲକ ଉପଦେଷ୍ଟା ମୁଖ୍ୟ ହରିଚରଣ ପାଲ ସଭା ପରିଚାଳନା କରିଥିଲେ।

# ଏକଦିବସୀୟ ଫୁଟ୍‌ବଲ: ଫୁଲଚରା ଚାମ୍ପିୟନ




ଚାମ୍ପିୟନ ଦଳକୁ ପୁରସ୍କାର ପ୍ରଦାନ କରାଯାଉଛି।

ଅମରପାଲି,୧୯।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ସୁବଳୟା ଖେଳ ପଡିଆରେ ୩୬ତମ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଲାଙ୍ଗୀରକୁ ହରାଇ ଫୁଲଚରା ଫୁଟବଲ ଦଳ ଚାମ୍ପିୟନ ହୋଇଛି। ସହକାରୀ ବନ ସଂରକ୍ଷକ ଅଭିନାଶ ବରିହା, ସ୍ୱେଚ୍ଛାସେବୀ ସଚ୍ଚିଦାନନ୍ଦ ରଥ , ବିକାଶ ଖଣ୍ଡଗିରି ଏବଂ ସିଆର୍‌ସିସି କୌସ୍ତୁଭମଣି ଦାସ ଅତିଥିଭାବେ ଯୋଗଦାନ କରି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପୁଲ ଏରୁ ଏମଏମଏଏ ବଲାଙ୍ଗୀର ଦଳ ଫାଇନାଲରେ ପ୍ରବେଶ କରିଥିବା ବେଳେ ପୁଲ ବି ରୁ ଫୁଲଚରା ଫୁଟବଲ ଦଳ ପ୍ରବେଶ କରିଥିଲା । ଉଭୟ ଦଳ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ଅମୀମାଂସିତ ରହିବାରୁ ଟାଇବ୍ରେକର ଜରିଆରେ ଫୁଲଚରା ଦଳ ବଲାଙ୍ଗୀର ଦଳକୁ ୫–୪ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ସହକାରୀ ବନ ସଂରକ୍ଷକ ଅଭିନାଶ ବରିହା, କୌସ୍ତୁଭମଣି ଦାସ, ସଞ୍ଜୀବ ମେହେର ଏବଂ କନଷ୍ଟବଲ ବାବୁ ବେହେରା ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ଏବଂ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ଖେଳର ପ୍ରଥମ ସେମିଫାଇନାଲ ମ୍ୟାଚରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଅତିଥି ଭାବେ ଯୋଗଦେଇଥିଲେ। ଖେଳ ଆୟୋଜନରେ ଟୁନା ମେହେର, ଅଜିତ ନାଏକ, ବିବେକ ବେହେରା ସହଯୋଗ କରିଥିଲେ ।

DSPL-323

Dr. Hari Babu Kambhampati
Governor, Odisha

RAJ BHAVAN
Bhubaneswar - 751 008

सत्यमेव जयते



October 18, 2025

**MESSAGE**

On this occasion of the 66th Police Commemoration Day, I pay my heartfelt homage to the brave police personnel who made the supreme sacrifice in the line of duty. Their courage, sense of duty and unwavering commitment to the nation's security and integrity will always remain a source of inspiration for generations to come.

The Odisha Police, through its dedicated service, has always stood as a steadfast guardian of peace, harmony and public safety. Their contribution in upholding the rule of law and protecting the lives and rights of citizens is commendable. ,

Let us collectively reaffirm our gratitude to these selfless warriors who serve without fear or favor, often at great personal risk. I also extend my best wishes to all members of the police force and their families for their continued strength, good health and well being.

(Hari Babu Kambhampati)

OIPR-12029/13/0114/2526

DSPL-323



**ପୋଲିସ ଶହୀଦ ସ୍ମୃତି ଦିବସ ଉପଲକ୍ଷେ**
**ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

ମାତୃଭୂମିର ସେବା ପାଇଁ ପ୍ରାଣବଳି ଦେଇଥିବା ବୀର ପୋଲିସ ମାନଙ୍କର ସ୍ମୃତି ଉଦ୍ଦେଶ୍ୟରେ ଓଡ଼ିଶା ପୋଲିସ ପ୍ରତିବର୍ଷ ଅକ୍ଟୋବର ୨୧ ତାରିଖକୁ "ପୋଲିସ ଶହୀଦ ଦିବସ" ରୂପେ ପାଳନ କରିଆସୁଛି।

ରାଜ୍ୟବାସୀଙ୍କୁ ସୁରକ୍ଷା ପ୍ରଦାନ, ରାଜ୍ୟରେ ଆଇନ୍ ଶୃଙ୍ଖଳା ରକ୍ଷା ସର୍ବୋପରି ଓଡ଼ିଶାରେ ମାଓ ଦମନ କ୍ଷେତ୍ରରେ ଓଡ଼ିଶା ପୋଲିସ ଦକ୍ଷତାର ସହ କାମ କରି ଆସୁଛି। 'ସବୁ ପଛ କର୍ତ୍ତବ୍ୟ ଆଗ' ଏହି ଉକ୍ତିକୁ ଆଧାର କରି ଖରା, ବର୍ଷା, ଦିନ, ରାତି ଖାତିର ନକରି ସେବା ପ୍ରଦାନ କରିବା ମନୋବୃତ୍ତି ସର୍ବଦା ଓଡ଼ିଶା ପୋଲିସ୍‌ର ମୂଳମନ୍ତ୍ର ହୋଇଆସିଛି। କର୍ତ୍ତବ୍ୟ ସମ୍ପାଦନ ସମୟରେ ଅନେକ ପୋଲିସ ଅଧିକାରୀ ଓ କର୍ମଚାରୀ ସର୍ବୋଚ୍ଚ ବଳିଦାନ ମଧ୍ୟ ଦେଇଛନ୍ତି। ଏହି ବୀର ଶହୀଦ ପୋଲିସମାନଙ୍କର ନିକଟରେ ରାଜ୍ୟ ସର୍ବଦା କୃତଜ୍ଞ ରହିବ।

ଆଜିର ଏହି ସ୍ମୃତି ଦିବସ ଅବସରରେ ମୁଁ ସେହି ବୀର ଶହୀଦ ମାନଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ସେମାନଙ୍କ ପରିବାରର ମଙ୍ଗଳ କାମନା କରୁଛି।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-12029/13/0115/2526

# ଜୀବନ ଜିଜ୍ଞାସାର ରସାଳ ଅଭିବ୍ୟକ୍ତି ହେଉଛି ସାହିତ୍ୟ

## ଅଷ୍ଟାଦଶ ସର୍ବଶ୍ରୀ ସାହିତ୍ୟ ଉତ୍ସବ

ଭବାନୀପାଟଣା,୧୯।୧୦
(ଉତ୍ତମ କୁମାର ଦାଶ)

ସାହିତ୍ୟ ପାହାଡି ଝରଣା ଭଳି ଝରେ। ଶୁଖା ଓଠରେ ହସ ଉଇଁବାର କାମ କରେ ସାହିତ୍ୟ। ସାହିତ୍ୟ ହିଁ ଚୂଲିରେ ଜଳୁଥିବା ଜୀବନ ଓ ହାଣ୍ଡିରେ ସିଝୁଥିବା ଚରିତ୍ରଙ୍କ କଥା କହେ। ଜୀବନ ଜିଜ୍ଞାସାର ରସାଳ ଅଭିବ୍ୟକ୍ତି ହେଉଛି ସାହିତ୍ୟ ବୋଲି ସର୍ବଶ୍ରୀ ସବାଖିଆ ସାହିତ୍ୟ ସଂସଦର ଅଷ୍ଟାଦଶ ସ୍ୱନକ୍ଷତ୍ର ଦିବସରେ ସାରସ୍ୱତ ସ୍ରଷ୍ଟାଗଣ ମତ ପ୍ରକାଶ କରିଥିଲେ। ଭବାନୀପାଟଣାସ୍ଥ ବୃନ୍ଦାବନ ସ୍ମାର୍ଟ ସ୍କୁଲ ପରିସରରେ ବ୍ରହ୍ମାନନ୍ଦ ସାମଲଙ୍କ ପୌରୋହିତ୍ୟରେ ରବିବାର ଅନୁଷ୍ଠିତ ସର୍ବଶ୍ରୀ ସାହିତ୍ୟ ଉତ୍ସବକୁ ଅତିରିକ୍ତ ଜିଲାପାଳ କଳାହାଣ୍ଡି ତନ୍ମୟ କୁମାର ଦରୱାନ ଉଦ୍‌ଘାଟନ କରିଥିଲେ। ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଉପକୁଳସଚିବ ମେଜର ଡ. ଜୟଦେବ ସାହୁ ମୁଖ୍ୟବକ୍ତା ଓ ଡ. ତପନ କୁମାର ରଥ, ସଜିତ ରତେ ଓ ସ୍କୁଲ ଅଧ୍ୟକ୍ଷ ଅରୁଣ କୁମାର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଉପସଭାପତି ଡ. ନୀରଦ ଚନ୍ଦ୍ର କହଁର ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ପ୍ରାରମ୍ଭରେ ବୈଦିକ ରୀତିରେ ବିଶ୍ୱର ଦିବଂଗତ ଲେଖକଙ୍କ ସଦ୍‌ଗତି ପାଇଁ ଦୀପଦାନ କରାଯାଇଥିଲା। ଚଳିତ ମାସରେ ଇହଲୀଳା ସମ୍ବରଣ କରିଥିବା କୁଳମଣି ସିଂଙ୍କ ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ସଂସଦର ବାର୍ଷିକ ସାହିତ୍ୟ ପତ୍ରିକା 'ଦୀପ୍ତିସୁଧା'ର ଅଷ୍ଟାଦଶ ସଂଖ୍ୟାକୁ ଅତିଥିଗଣ ଲୋକାର୍ପଣ କରିଥିଲେ। ସାହିତ୍ୟ ପାଇଁ ଆଜୀବନ ଅବଦାନ ଦେଇଆସୁଥିବା ବରିଷ୍ଠ ଲେଖକ ବିଜୟ କୁମାର ପ୍ରଧାନଙ୍କୁ 'ସର୍ବଶ୍ରୀ ସାହିତ୍ୟ ସମ୍ମାନ-୨୫' ପ୍ରଦାନ କରାଯାଇଥିଲା। ପ୍ରକାଶ ଥାଉକି, ଶ୍ରୀ ପ୍ରଧାନଙ୍କ ଗଳ୍ପ ସଂକଳନ ଏକେଣା ଘର, ଆସ ଥରେ ଗାଁକୁ ଯିବା, ୟୁ.ଡି. କେସ ଓ ଅନ୍ୟାନ୍ୟ ଗଳ୍ପ, ହୃଦୟର ହାତଗୋଡ ଏବଂ ହାତକଡି, ସରିଯାଇଥିବା ରତ୍ନ, ହୃଦୟକୁ ଚିପୁଡ଼ିଲେ କିଛି ରକ୍ତ ଝରିବ ନିଶ୍ଚୟ ଭଳି ଚର୍ଚ୍ଚିତ ଉପନ୍ୟାସ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ। ଚଳିତ ବର୍ଷ ଶତାଧିକ ପୌରାଣିକ-ସାମାଜିକ-ଐତିହାସିକ ତଥା ସାହିତ୍ୟ ପତ୍ରିକା କ୍ରୟ କରି ସଯତ୍ନ ସାଇତି ରଖୁଥିବା ପାଠକ କେଦାରନାଥ ମିଶ୍ରଙ୍କୁ 'ସର୍ବଶ୍ରୀ ପାଠକ ସମ୍ମାନ-୨୫'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବକବି ପ୍ରଶାନ୍ତ କୁମାର ଦାଶ ମଞ୍ଚ ପରିଚାଳନା କରିଥିଲେ। ଯୁବପ୍ରତିଭା ପ୍ରତାପ ପଣ୍ଡା, ଆଶୁତୋଷ ପୁରୋହିତ, କାଜଲ ମହାରଣା, ପ୍ରାଞ୍ଜଳ ଠାକୁର, ରଚିତା ମେହେର, ଦୀପ୍ତି ମୁଣ୍ଡ, ସଂଜୀବ ପଣ୍ଡା ପ୍ରମୁଖ ପରିଚାଳନା କରିଥିବାବେଳେ ଜିଲାର ବିଭିନ୍ନ ଅଞ୍ଚଳରୁ ବହୁ ସାହିତ୍ୟିକ ଯୋଗ ଦେଇଥିଲେ। ସମ୍ପାଦକ ବିରଞ୍ଚି ନାରାୟଣ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।


ବରିଷ୍ଠ ଲେଖକ ବିଜୟ କୁମାର ପ୍ରଧାନଙ୍କୁ ସର୍ବଶ୍ରୀ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଉଛି।

# ରାଧାକୃଷ୍ଣ ମନ୍ଦିରରେ ଗୋଷ୍ଠାଷ୍ଟମୀ ପୂଜା ପ୍ରସ୍ତୁତି ବୈଠକ


ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତାମାନେ।

ବୋଡ଼େନ,୧୯।୧୦ (ଟିକେଶ୍ୱର ନାଗ)

ନୂଆପଡ଼ା ଜିଲା ବୋଡ଼େନର ତୀର୍ଥକ୍ଷେତ୍ର ପାତାଳଗଙ୍ଗା ରାଧାକୃଷ୍ଣ ମନ୍ଦିରରେ ଗୋଷ୍ଠାଷ୍ଟମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାଦବ ସମାଜ ବ୍ଲକ ସଭାପତି ରାଜକିଶୋର ହେର୍ଣ୍ଣା ସଭା ପରିଚାଳନା କରିଥିଲେ। ଏଥିରେ ରାଧାକୃଷ୍ଣ ମନ୍ଦିର ପରିଚାଳନା କମିଟି ସଭାପତି ହିତେଶ କୁମାର ବଗର୍ତ୍ତି, ଉପସଭାପତି ଲମ୍ବୋଦର ନିଆଲ, ସମ୍ପାଦକ ବେଦବ୍ୟାସ ନାଗ, ବିଷ୍ଣୁପତି ବାଗ, ଜିଲା ସଭାପତି ଝରିଆ ସମାଜ ଦେବାକୁ ଗୁଆଲ, ବୋଡ଼େନ ବ୍ଲକ ଆଞ୍ଚଳିକ ସଭାପତି, ସମ୍ପାଦକ ସମେତ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ମନ୍ଦିର ଆୟବ୍ୟୟ ସହ ପୂଜା କିପରି ସୁରୁଖୁରୁରେ ସମ୍ପନ୍ନ ହେବ ସେ ଉପରେ ଆଲୋଚନା ହୋଇଥିଲା।

# ବାଇକ୍‌ରେ ଅବାଧ ମଦ ବିକ୍ରି

ଖଡ଼ିଆଲ,୧୯।୧୦
(ସୁଜିତ କୁମାର ପ୍ରଧାନ)

ମଦ ବିକିବାକୁ ହେଲେ ଲାଇସେନ୍ସ ଦରକାର। ଏହି ନିୟମକୁ ଫୁ କରି ଖଡ଼ିଆଲ ସହରରେ ଲୋକେ ବାଇକ୍‌ରେ ଅବାଧରେ ମଦ ବିକ୍ରି କରୁଛନ୍ତି। ସକାଳ ହେଲେ ବେପାରୀମାନେ ବାଇକ୍‌ରେ ମଦ ଧରି ଠିକଣା ସ୍ଥାନରେ ପହଞ୍ଚି ଯାଉଛନ୍ତି। ସହର ସମେତ ଗାଁଗଣ୍ଡାରେ ଏଭଳି ବେଧଡ଼କ ମଦ କାରବାର ଚାଲିଛି। ହେଲେ ପୋଲିସ କିମ୍ବା ଅବକାରୀ ବିଭାଗ ଏଥିପ୍ରତି ଦୃଷ୍ଟି ନ ଦେବା ପରିତାପର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ସୂଚନା ମୁତାବକ, ଖଡ଼ିଆଲ ଥାନା ଛକରୁ ରାଜା ଏଟି ହାଇସ୍କୁଲ ମଧ୍ୟରେ ଖୁଲମଖୁଲା ଚୋରା ମଦ ବିକ୍ରି ହେଉଛି। ଏ ନେଇ ଅଭିଯୋଗ ହେଉଥିଲେ ମଧ୍ୟ କାଁ ଭାଁ କେତେଜଣଙ୍କୁ ଗିରଫ କରି ଅବକାରୀ ବିଭାଗ ବାହାବା ନେଉଛି। ଏହି ମଦ ମାଫିଆମାନେ ଗ୍ରାମାଞ୍ଚଳରେ ଯୁବପିଢ଼ିଙ୍କୁ ମୋହରା କରି ମଦ ବେପାର କରୁଛନ୍ତି। ଘର ପାଖରେ ସହଜରେ ମଦ ମିଳୁଥିବାରୁ ପ୍ରତିଦିନ ଗାଁ ଗାଁରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବା ସହ ପାରିବାରିକ ହିଂସା ବଢୁଛି। ବେଆଇନ ମଦ କାରବାର ନେଇ ପ୍ରତିବାଦ କଲେ ମାଫିଆମାନେ ଲୋକଙ୍କୁ ଧମକଚମକ ଦେଉଛନ୍ତି। ତେଣୁ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ନିୟମିତ ଯାଞ୍ଚ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ମହିଳାମାନେ ଦାବି କରିଛନ୍ତି। ଏ ବିଷୟରେ ଖଡ଼ିଆଲ ଆଇଆଇସିଙ୍କୁ ଯୋଗାଯୋଗ କରିବାରୁ ତଦନ୍ତ କରାଯିବ, ଯଦି ମଦ କୋଠି ମିଳିବ ତେବେ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

# ଶ୍ୟାମାକାଳୀ ଜନ୍ମ ମହୋତ୍ସବ ଉପଲକ୍ଷେ କଳସ ଶୋଭାଯାତ୍ରା

ଭବାନୀପାଟଣା,୧୯।୧୦
(ଉତ୍ତମ କୁମାର ଦାଶ)

ପବିତ୍ର ଦୀପାବଳି ଅବସରରେ ଭବାନୀପାଟଣାସ୍ଥିତ ଦକ୍ଷିଣ କାଳୀ ଠାକୁରାଣୀ ମନ୍ଦିରରେ ଶ୍ୟାମାକାଳୀ ଜନ୍ମ ମହୋତ୍ସବରେ ଚଣ୍ଡୀ ମହାଯଜ୍ଞ ନିମନ୍ତେ ରବିବାର ଭବ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଧ୍ୟାହ୍ନ ୧୨ଟାରେ ମନ୍ଦିର ପୂଜକ କ୍ଷେତ୍ର ମୋହନ ଜୋଷୀ ମା'ଙ୍କ ଖଣ୍ଡକୁ ପୂଜାର୍ଚ୍ଚନା ପରେ ଗର୍ଭଗୃହରୁ ବାହାର କରି ଶୋଭାଯାତ୍ରାରେ ସହର ପରିକ୍ରମା କରି ପୁରୁଷୋତ୍ତମ ସାଗର ପର୍ଯ୍ୟନ୍ତ ଯାଇଥିଲେ। କଳସ ଶୋଭାଯାତ୍ରାରେ ୫ଶହରୁ ଊର୍ଦ୍ଧ୍ୱ ମହିଳା ଅଂଶଗ୍ରହଣ କରିଥିଲେ। ଯଜ୍ଞର ଆଚାର୍ଯ୍ୟ ନାରାୟଣ ମିଶ୍ର ଓ ନିରଞ୍ଜନ ଦାଶ ପୁରୁଷୋତ୍ତମ ସାଗରରେ ଜଳାଧିବାସ କରି ଜଳରୂପି ଭଗବତୀଙ୍କୁ ଆବାହନ ପୂର୍ବକ ପୂଜାର୍ଚ୍ଚନା କରିବା ପରେ ମହିଳାମାନେ ମୁଣ୍ଡରେ କଳସ ଧରି ଶୋଭାଯାତ୍ରାରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ମନ୍ଦିର ଯଜ୍ଞ ମଣ୍ଡପରେ ଆଚାର୍ଯ୍ୟମାନଙ୍କ ଦ୍ୱାରା କଳସ ସ୍ଥାପନ କରାଯାଇଥିଲା। ସୋମବାର ସକାଳ ୮ଟାରେ ଚଣ୍ଡୀ ମହାଯଜ୍ଞର ଶୁଭାରମ୍ଭ ହେବ ଓ ଶ୍ୟାମାକାଳୀ ଜନ୍ମ ମହୋତ୍ସବ ପାଳିତ ହେବ। ମଙ୍ଗଳବାର ଅପରାହ୍ନ ଗୋଟାଏରେ ଯଜ୍ଞର ପୂର୍ଣ୍ଣାହୁତି ହେବ ବୋଲି ମନ୍ଦିର କମିଟି ସଭାପତି ସତ୍ୟ ନାରାୟଣ ମହାପାତ୍ର ପ୍ରକାଶ କରିଛନ୍ତି।


କଳସ ଯାତ୍ରାରେ ମହିଳାମାନେ।

# ନିଖୋଜ ନାବାଳକଙ୍କ ଝୁଲନ୍ତା ମୃତଦେହ ଜବତ

ଥୁଆମୂଳ ରାମପୁର,୧୯।୧୦(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ କର୍ଲାପାଟ ଥାନା ଅଧୀନ ସେମେଲପଦର ଗ୍ରାମରୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ନିଖୋଜ ହେବାର ୪ଦିନ ପରେ ଜଣେ ନାବାଳକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ସୂଚନା ମୁତାବକ ଗ୍ରାମର ସୋରିଷ ମାଝୀଙ୍କ ୧୪ ବର୍ଷୀୟ ପୁଅ ଶୁଭେନ୍ଦ୍ର ମାଝୀ ଗତ ୧୪ ତାରିଖରେ ଘରୁ ଗାଧୋଇ ଯିବାପାଇଁ କହି ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ନ ପାଇବାରୁ ୧୭ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନିଖୋଜ ମାମଲା (ନଂ.୫/୨୫) ରୁଜୁକରି ତଦନ୍ତ ଜାରି ରଖିଥିଲା। ଏପରିସ୍ଥଳେ ଶନିବାର ଗ୍ରାମ ନିକଟ ଡ଼ିମଡିସିଲ ଜଙ୍ଗଲର ଏକ ଗଛରେ ଶୁଭେନ୍ଦ୍ରଙ୍କ ଝୁଲନ୍ତା ମୃତଦେହ ପରିବାର ଲୋକେ ଦେଖି କର୍ଲାପାଟ ପୋଲିସକୁ ସୂଚନା ଦେଇଥିଲେ। ଖବର ପାଇ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀକାନ୍ତ କୋଲକା ଘଟଣାସ୍ଥଳରେ ପହଞ୍ଚି ଗଛରୁ ମୃତଦେହ ଉଦ୍ଧାର କରିବା ପରେ ବ୍ୟବଚ୍ଛେଦ ପାଇଁ ଥୁଆମୂଳ ରାମପୁର ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଶୁଭେନ୍ଦ୍ର ସାଇସୁରୁଣୀସ୍ଥିତ ଏକଲବ୍ୟ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପାଠ ପଢୁଥିଲେ। ସ୍କୁଲ ଯିବା ପାଇଁ କହିବାରୁ ସେ ଆତ୍ମହତ୍ୟା ନିଷ୍ପତ୍ତି ନେଇଥିବା ଗ୍ରାମବାସୀଙ୍କଠାରୁ ଶୁଣାଯାଉଛି। ପୋଲିସ ମଧ୍ୟ ଏଭଳି ହୋଇଥାଇପାରେ ବୋଲି ସନ୍ଦେହ କରିତଦନ୍ତ କରୁଥିବା ଥାନା ଏଏସ୍‌ଆଇ ହେମନ୍ତ ହରିଜନ ସୂଚନା ଦେଇଛନ୍ତି।

# ଧର୍ମପ୍ରାଣ ମହିଳାଙ୍କ ପରଲୋକ

ଖଡ଼ିଆଲ, ୧୯।୧୦
(ସୁଜିତ କୁମାର ପ୍ରଧାନ)

ଖଡ଼ିଆଲ ସହର ୧୨ନଂ. ୱାର୍ଡ଼ ହୋତାପଡ଼ାର ଧର୍ମପ୍ରାଣ ମହିଳା ସବିତା ହୋତାଙ୍କ ରବିବାର ପରଲୋକ ହୋଇଯାଇଛି। ତାଙ୍କୁ ୬୦ ବର୍ଷ ହୋଇଥିଲା। ଜ୍ୱର ହେବାରୁ ଶନିବାର ରାତିରେ ତାଙ୍କୁ ଖଡ଼ିଆଲ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ପ୍ରତ୍ୟୁଷରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସବିତା ଜଣେ ପରୋପକାରୀ ମହିଳା ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ଚିହ୍ନା ମହଲରେ ଶୋକର ଛାୟା ଖେଳିଯାଇଛି।

# ନବଜ୍ୟୋତି ପକ୍ଷରୁ ଅଭିଭାବକ ସମ୍ମିଳନୀ

ରୁପ୍ରାରୋଡ,୧୯।୧୦
(ସଞ୍ଜୀବ ଦାସ)

ଭୁବନେଶ୍ୱରସ୍ଥିତ ନବଜ୍ୟୋତି ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ରୁପ୍ରାସ୍ଥିତ ଓଁ ଶ୍ରୀ ବିଶେଶ୍ୱର ଧାମ ଖମପଡା ଶିବମନ୍ଦିରଠାରେ ଜିଲାସ୍ତରୀୟ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନିରୁଦ୍ଧ ବାଗ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଭାସ୍କର ଚନ୍ଦ୍ର ପଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଦ୍ୟାଳୟର ଚେୟାରମ୍ୟାନ ଶାନ୍ତନୁ କୁମାର ମହାପାତ୍ର, ଅଧ୍ୟକ୍ଷ ଆଶିଷ କୁମାର ସାହୁ, ଗଣିତ ଅଧ୍ୟାପକ ମହେଶ୍ୱର ମହଲା ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ବିକାଶରେ ଅଭିଭାବକଙ୍କତ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅଭିଭାବକମାନେ ବିଭିନ୍ନ ପ୍ରସ୍ତାବ ଓ ଅଭିଯୋଗ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ସଞ୍ଜୟ ସାହୁ ସଂଯୋଜନା କରିଥିଲେ। ଏଥିରେ ଜିଲାର ଶତାଧିକ ଅଭିଭାବକ, ଅଭିଭାବିକା ଉପସ୍ଥିତ ଥିଲେ। ଶେଷରେ ଦେବରାଜ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୧କେଜି ଗଞ୍ଜେଇ ଜବତ, ଦମ୍ପତି ଗିରଫ

ଡୁଙ୍ଗୁରିପାଲି, ୧୯।୧୦(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ପୋଲିସ ଚାଲାଣବେଳେ ୨୧ କେଜି ୫୮୨ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଦମ୍ପତିଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି ପୋଲିସ। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ହେଲେ ଏମ୍‌ପି ଜବଲପୁର ରାଧାକ୍ରିଷ୍ଣା ପ୍ରେମସାଗଗର ଗ୍ରାମର ହିମାଂଶୁ ବଡେଲ(୨୦) ଓ ତାଙ୍କ ସ୍ତ୍ରୀ ଆସିକା ବଡେଲ (୧୯)। ପୋଲିସ ସୂଚନା ଅନୁଯାୟୀ ଶନିବାର ଏସଆଇ ସୁକାନ୍ତ କୁମାର ଜେନା ଓ ତାଙ୍କ ଟିମ ପାଟ୍ରୋଲିଂରେ ୨୬ ନଂ. ଜାତୀୟ ରାଜପଥର ଖୁଣ୍ଟପାଲି ରେଲୱେ ଷ୍ଟେଶନ ରାସ୍ତାରେ ଯାଉଥିବାବେଳେ ସନ୍ଦେହରେ ଉପରୋକ୍ତ ଦମ୍ପତିଙ୍କୁ ଅଟକାଇ ଯାଞ୍ଚ କରିଥିଲା।

# ଲୋକଗୀତର ଅନ୍ତଃସ୍ୱର ହେଉଛି ଜନଜୀବନ

## ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ନିମନ୍ତ୍ରିତ ବକ୍ତୃତାମାଳା

ଭବାନୀପାଟଣା,୧୯।୧୦
(ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗ ଏବଂ ଆଇକ୍ୟୁଏସି ସେଲର ମିଳିତ ଉଦ୍ୟମରେ 'ପଶ୍ଚିମ ଓଡିଶାର ଲୋକଗୀତର ବୈଚିତ୍ର୍ୟ' ଶୀର୍ଷକରେ ଅନ୍ୱେଷା ବକ୍ତୃତାମାଳା-୪୧ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ସଭାପତିତ୍ୱ କରି ଅନ୍ୱେଷାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ନିଜର ଅଭିମତ ପ୍ରକାଶ କରିଥିଲେ। ଏହି ନିମନ୍ତ୍ରିତ ବକ୍ତୃତାମାଳାରେ ବଲାଙ୍ଗୀର କୁଶଙ୍ଗ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ତଥା ଲୋକସଂସ୍କୃତି ଗବେଷକ ଡ. ଲକ୍ଷ୍ମଣ କୁମାର ମେହେର ମୁଖ୍ୟବକ୍ତା ରୂପେ ଯୋଗଦେଇ ପଶ୍ଚିମ ଓଡିଶାର ଲୋକଗୀତର ପ୍ରକାର ଭେଦ, ଲୋକଗୀତ ଓ ସୌନ୍ଦର୍ଯ୍ୟତତ୍ତ୍ୱ, ଲୋକଗୀତ ଓ ସମାଜତତ୍ତ୍ୱ ତଥା ଲୋକଗୀତର ମହତ୍ତ୍ୱ ସମ୍ବନ୍ଧରେ ତାତ୍ତ୍ୱିକ ବିଶ୍ଳେଷଣ କରିଥିଲେ। ଲୋକଗୀତର ଅନ୍ତଃ ସ୍ୱର ହେଉଛି ଜନଜୀବନ ବୋଲି ବକ୍ତା ମେହେର ନିଜ ବକ୍ତବ୍ୟରେ କହିଥିଲେ। ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗ ମୁଖ୍ୟ ଡ. ପଲ୍ଲିଶ୍ରୀ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ଦେଇ ବକ୍ତାଙ୍କ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଡ. ପ୍ରତ୍ୟାଶା ଧଳ ମଞ୍ଚ ପରିଚାଳନା କରିଥିବାବେଳେ ସହକାରୀ ପ୍ରଫେସର ଡୋଳାମଣି ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ବକ୍ତା ବିଭିନ୍ନ ପ୍ରସଙ୍ଗ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ସନ୍ଦେହ ଦୂର କରିଥିଲେ। ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗର ସହକାରୀ ପ୍ରଫେସର ଡ. ସାଗରିକା ଦଳାଇ, ରେଣୁକା ଡାକୁଆ, ସୁବ୍ରତ କୁମାର ମାଝୀ, ରାମଶଙ୍କର ମେହେର, ହିନ୍ଦୀ ବିଭାଗର ଅଧ୍ୟାପକ ଗୋବିନ୍ଦ ନାଏକ, ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ. କୈଳାସ ଚନ୍ଦ୍ର ଦାସଙ୍କ ସମେତ ସମସ୍ତ ଗବେଷକ, ଗବେଷିକା ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ବକ୍ତା ଓ ବିଭିନ୍ନ ବିଭାଗୀୟ ମୁଖ୍ୟ।

DSPL-323



Dr. Hari Babu Kambhampati
Governor, Odisha

RAJ BHAVAN
Bhubaneswar - 751 008

October 18, 2025

MESSAGE

On this occasion of the 66th Police Commemoration Day, I pay my heartfelt homage to the brave police personnel who made the supreme sacrifice in the line of duty. Their courage, sense of duty and unwavering commitment to the nation's security and integrity will always remain a source of inspiration for generations to come.

The Odisha Police, through its dedicated service, has always stood as a steadfast guardian of peace, harmony and public safety. Their contribution in upholding the rule of law and protecting the lives and rights of citizens is commendable. ,

Let us collectively reaffirm our gratitude to these selfless warriors who serve without fear or favor, often at great personal risk. I also extend my best wishes to all members of the police force and their families for their continued strength, good health and well being.

(Hari Babu Kambhampati)

OIPR-12029/13/0114/2526

# ଦୀପାବଳି: ନଗରଠୁ ପୁରପଲ୍ଲୀରେ ଉତ୍ସାହ

ଭାରତୀୟ ପରମ୍ପରାରେ ଆଲୋକର ପର୍ବ ଦୀପାବଳିର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। କାର୍ତ୍ତିକ ମାସ ଅମାବାସ୍ୟା ତିଥିରେ ଆଶ୍ୱିନ ମାସ କୃଷ୍ଣ ପ୍ରତିପଦାଠାରୁ ଆଗମନ କରିଥିବା ପିତୃପୁରୁଷଙ୍କୁ ସମ୍ମାନର ସହ ଶ୍ରଦ୍ଧା ପ୍ରଦର୍ଶନ ପୂର୍ବକ ସ୍ୱସ୍ଥାନ ପ୍ରତ୍ୟାବର୍ତ୍ତନ ପାଇଁ ଦୀପ ଜାଳି ଆଲୋକ ଦେଖାଥାଏ। ଏହି ଦିନ ମଧ୍ୟ ଲୋକେ ପୟାଶ୍ରାଦ୍ଧ ପାଳନ କରି ପିତୃପୁରୁଷ ଓ ଦେବତାମାନଙ୍କୁ ସନ୍ତୁଷ୍ଟ କରିଥାନ୍ତି। ହିନ୍ଦୁଧର୍ମର ରୀତିନୀତି ଅନୁଯାୟୀ ଦୀପ ପ୍ରଜ୍ୱଳନ କରି ଘରେ ପୂଜାର୍ଚ୍ଚନା କରନ୍ତି। ଦୀପାବଳିରେ ଶ୍ରୀ ଗଣେଶ, ଲକ୍ଷ୍ମୀ ଓ ସରସ୍ୱତୀଙ୍କୁ ମଧ୍ୟ ଆରାଧନା କରାଥାଏ। ନଗରଠୁ ପୁରପଲ୍ଲୀ ପର୍ଯ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନାର ସହ ଏହି ପର୍ବ ପାଳନ ହୁଏ। ଏହି ପର୍ବକୁ ନେଇ କିଛି ପାଠକୀୟ ମତାମତ।



ସମୟ ଅନୁସାରେ ଦୀପାବଳି ଉତ୍ସବ ପାଳନର ପ୍ରକ୍ରିୟାରେ ପରିବର୍ତ୍ତନ ଆସିଛି। ଆଗେ ଲୋକେ କୁଟୁମ୍ବ ମିଶି ନିଜ ପୂର୍ବ ପୁରୁଷଙ୍କ ଉଦ୍ଦେଶ୍ୟରେ ବଡ଼ବଡୁଆ ଟେକି ତାଙ୍କ ଆଶୀର୍ବାଦ କାମନା କରୁଥିଲେ। ବର୍ତ୍ତମାନ ଘରେ ଘରେ ପିଠାପଣା ଜାଗାରେ ଏବେ ମିଠାର ରାଜୁତି। ଭକ୍ତି ଭାବ କମ୍ ବରଂ ଶକ୍ତି ପ୍ରଦର୍ଶନ ବେଶୀ। କିଏ କେତେ ମାଟି ଦୀପ ଜଳାଇ ଅନ୍ଧାର ଦୂର କରିବା ପ୍ରତିବଦଳରେ କିଏ କେତେ ବାଣ ଫୁଟାଇ ସାହି ପଡିଶା ଚମକାଇଲା, ତାର ସମାଜରେ ପତିଆରା ବୃଦ୍ଧି ପାଉଛି। ତେଣୁ ଦୀପାବଳି ଦୀପ ବା ଆଲୋକର ପର୍ବ ନ ହୋଇ ବାଣ ଫୁଟା ଉତ୍ସବ ହୋଇଛି।

-ବିବିଧ ବିଶ୍ୱ, ଯୁବ ଗାଳ୍ପିକ, ସୁନ୍ଦରଗଡ



ପିଲାବେଳେ ମା’ ବାପା ଆମକୁ ବାଣ କିଣିବା ପାଇଁ ଚାରଣାରୁ ଆଠଣା ପଇସା ଦେଉଥିଲେ। ସେଥିରେ ଚିଡା ଫୋଟକା, ରଙ୍ଗୀନ ଦିଆସିଲି, ତାଳ ଫୋଟକା, ଝିରିଝିରି କିଣି ସେଗୁଡିକୁ ଫୁଟାଇ ମଜା ନେଉଥିଲୁ। ଏବେ ପ୍ରଚଣ୍ଡ ଶବ୍ଦ କରୁଥିବା ବାଣ ବ୍ୟବହାର ଯୋଗୁ ଶବ୍ଦ ଓ ପରିବେଶ ପ୍ରଦୂଷଣ ବଢ଼ିବାରେ ଲାଗିଛି।

-ଗୋବିନ୍ଦ ଚନ୍ଦ୍ର ସୁଆର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ସୁନ୍ଦରଗଡ଼

ପିଲାଦିନର ଦୀପାବଳି ନିଶ୍ଚିତ ଭାବେ ନିଆରା। ସନ୍ଧ୍ୟାରେ ବଡ଼ବଡୁଆ ଡକାଯାଉଥିଲା ଓ ମୋ ଜେଜେ ମା’ ସୁସ୍ୱାଦୁ ପିଠା ଓ ଅନେକ ବ୍ୟଞ୍ଜନ ପ୍ରସ୍ତୁତ କରୁଥିଲେ। ଦୀପାବଳି ପରଦିନ ସକାଳୁ ସୁନ୍ଦରଗଡ଼ରେ ହେଉଥିବା ପ୍ରସିଦ୍ଧ କାଳୀପୂଜାରେ ମା’ଙ୍କୁ ଦର୍ଶନ କରିବାକୁ ସମସ୍ତେ ମିଶିକି ଯାଉଥିଲୁ। ଏବେ ସେ ସମୟ ତ ନାହିଁ, କିନ୍ତୁ ସବୁ ବେଳେ ଚେଷ୍ଟା କରିଥାଉ ଯେମିତି ସବୁ ପର୍ବ ପର୍ବାଣିକୁ ସେଇ ଆନନ୍ଦ ଉଲ୍ଲାସରେ ପାଳନ କରିବୁ।

- ପ୍ରିୟଙ୍କା ଜେନା, ଶିକ୍ଷୟିତ୍ରୀ, ସୁନ୍ଦରଗଡ଼ ପବ୍ଲିକ ସ୍କୁଲ



ଆମ ସମୟରେ ଗ୍ରାମାଞ୍ଚଳରେ ଦୀପାବଳିରେ ଘର ଲିପା ପୋଛା ହୋଇ ଶୁଦ୍ଧିକରଣ କରାଯାଉଥିଲା। ସନ୍ଧ୍ୟାରେ ମାଟି ଦୀପଗୁଡିକ ଲଗାଯାଉଥିଲା। ଆଜିକାଲି ଭଲିକି ଭଲି ଲିଚୁ ଲାଇଟ କିମ୍ବା ଚାଇନା ନିର୍ମିତ ଦୀପ, ଅତ୍ୟାଧୁନିକ ଫୋଟକା ବ୍ୟବହାର କରାଯାଉଛି। ଆମ ପାଇଁ ଫୋଟକା କହିଲେ ଦୀପାବଳି ଦିନ ଦାରୁ ଫୋଟକାକୁ ଖେଳନା ବନ୍ଧୁକରେ ବ୍ୟବହାର କରୁଥିଲୁ। ଏହାର ଆବାଜ ପାଞ୍ଚ ମିଟର ଭିତରେ ସୀମାବଦ୍ଧ। ତେଣୁ ଶବ୍ଦ ପ୍ରଦୂଷଣ ଓ ପରିବେଶ ପ୍ରଦୂଷଣ କମ୍ ହେଉଥିଲା।



-ଅମାତ୍ୟ ପଧାନ, ସାଇ ବିହାର ,ସୁନ୍ଦରଗଡ଼

# ଶିଶୁଙ୍କୁ ନେଇ ଜିଲାସ୍ତରୀୟ ପ୍ରତିଯୋଗିତା

ସୁନ୍ଦରଗଡ଼,୧୯।୧୦ (ଜୟ ନାରାୟଣ ମେଣ୍ଟୁଲି)

ଜିଲା ଶିଶୁ ସୁରକ୍ଷା ୟୁନିଟ ଆନୁକୂଲ୍ୟରେ ରବିବାର ବେଲସରା ସ୍ଥିତ ଜୟ ଶଙ୍କର ସେବାଶ୍ରମ ଠାରେ ଜିଲା ସ୍ତରୀୟ "ଉତ୍ସାହ-୨୦୨୫ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ଜିଲାର ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଶିଶୁଙ୍କ ମଧ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ମହେନ୍ଦ୍ରନାଥ ମୁର୍ମୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା କାରାଗାର ଅଧିକ୍ଷକ ଜୀବନ ସିଂ ମୁଣ୍ଡା, ସାଇବର କ୍ରାଇମ ବିଶେଷଜ୍ଞ ମୁକେଶ ସାହାଣୀ, ଟାଙ୍ଗରପାଲି ଥାନା ନିରୀକ୍ଷକ ଅତିଥି ଭାବରେ ଯୋଗ ଦେଇ ସାଇବର କ୍ରାଇମ ବିଷୟରେ ସଚେତନ କରିଥିଲେ। ଶିଶୁଙ୍କ ମଧ୍ୟରେ ଦୌଡ଼, ଫୁଟବଲ, ଚେସ, କ୍ୟାରମ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମେ ସ୍ଥାନ ଗ୍ରହଣ କରିଥିବା ଶିଶୁମାନେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଯାଉଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବରେ ଭାଗ ନେବେ। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଶିଶୁ ମଙ୍ଗଳ କମିଟିର ସଭ୍ୟ, ଜିଲା ଶିଶୁ ସୁରକ୍ଷା ୟୁନିଟର ସମସ୍ତ କର୍ମକର୍ତ୍ତା, ଚାଇଲଡ ଲାଇନର କାର୍ଯ୍ୟକର୍ତ୍ତା ତଥା ଶିଶୁ ଯତ୍ନ ଅନୁଷ୍ଠାନମାନଙ୍କର କର୍ମଚାରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପାଖାପାଖି ୧୫୦ ଜଣ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶେଷରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ୬୪ ମହିଳା ପାଇଲେ ସିଲେଇ ତାଲିମ ପ୍ରମାଣପତ୍ର

ବନ୍ଧମୁଣ୍ଡା,୧୯।୧୦(ସୁବ୍ରତ ଦେ)

ବିଶ୍ରା ବ୍ଲକ ଝିରପାଣି ପଞ୍ଚାୟତ ଅଞ୍ଚଳରେ ‘ଓକେ ନିପୋ – ଅପନୀ କିସ୍ମତ ଖୁଦ ଲିଖୋ’ ଦ୍ୱାରା ଆୟୋଜିତ ସିଲେଇ ତାଲିମ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ତିନି ମାସର ତାଲିମ ସମାପ୍ତ କରିଥିବା ୬୪ ଜଣ ମହିଳାଙ୍କୁ ସିଲେଇ ତାଲିମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବୀରମିତ୍ରପୁର ବିଧାୟକ ରୋହିତ ଯୋଶେଫ ତିର୍କୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସମସ୍ତ ତାଲିମପ୍ରାପ୍ତ ମହିଳାଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଝିରପାଣି ପଞ୍ଚାୟତର ସରପଞ୍ଚ ଅଜିତ ତିର୍କୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ସମାରୋହକୁ ସମ୍ବୋଧିତ କରି ବିଧାୟକ ତିର୍କୀ କହିଥିଲେ, ବିଶ୍ରା ବ୍ଲକ ଏକ ଆଦିବାସୀ ବହୁଳ ଅଞ୍ଚଳ। ଯେଉଁଠାରେ ମହିଳାମାନେ ଏପରି ତାଲିମ ମାଧ୍ୟମରେ ଆର୍ଥିକ ଭାବରେ ସ୍ୱାବଲମ୍ବୀ ହୋଇପାରିବେ। ସେ ଆହୁରି ମଧ୍ୟ କହିଛନ୍ତି ଏପରି ପ୍ରୟାସ କେବଳ ମହିଳାଙ୍କ ଆତ୍ମବିଶ୍ୱାସକୁ ବୃଦ୍ଧି କରିବ ନାହିଁ , ବରଂ ଗ୍ରାମୀଣ ଅର୍ଥନୀତିକୁ ମଧ୍ୟ ସୁଦୃଢ଼ କରିବ। ଆୟୋଜକ ସଙ୍ଗଠନର ନିର୍ଦ୍ଦେଶକ ନାସିଦ ଫାତିମା କହିଛନ୍ତି, ଗତ ୪ ବର୍ଷ ଧରି ଏହି ସଂସ୍ଥା ଦ୍ୱାରା ବିଶ୍ରା ଏବଂ ଆଖପାଖ ଅଞ୍ଚଳର ମହିଳାଙ୍କୁ ସିଲେଇ, ଡିଜାଇନ ଏବଂ କେକ ତିଆରିରେ ଦକ୍ଷତା ତାଲିମ ପ୍ରଦାନ କରାଯାଉଛି। କାର୍ଯ୍ୟକ୍ରମରେ ପ୍ରଶିକ୍ଷାର୍ଥୀ ମହିଳାମାନେ ସେମାନଙ୍କର ନିଜସ୍ୱ ତିଆରି ପୋଷାକ ମଧ୍ୟ ପ୍ରଦର୍ଶନ କରିଥିଲେ, ଯାହାକୁ ଅତିଥି ଏବଂ ଉପସ୍ଥିତ ବ୍ୟକ୍ତିମାନେ ପ୍ରଶଂସା କରିଥିଲେ।



ମହିଳାଙ୍କୁ ତାଲିମ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

## ସୁନା ଦୋକାନରୁ ଚୋରି

ରାଜଗାଙ୍ଗପୁର,୧୯।୧୦(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ଶନିବାର ଏକ ସୁନା ଦୋକାନରୁ ଚୋରି ହୋଇଛି। ଏନେଇ ମାଲିକ ରାଜଗାଙ୍ଗପୁର ଥାନାରେ ରବିବାର ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ ବିଜୟ ଦାସ ଏହାର ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ଅନୁଯାୟୀ, ଶନିବାର ଧନତେରସ ପାଇଁ ଉକ୍ତ ସୁନା ଦୋକନାରେ ଭିଡ ରହିଥିଲା। କେତେଜଣ ମହିଳା ସୁନା କିଣିବା ପାଇଁ ଦୋକାନରେ ପଶିଥିଲେ। ସୁନା ଅଳଙ୍କାର ଦେଖିବା ପରେ ଫେରି ଯାଇଥିଲେ। କିଛି ସମୟ ପରେ ଦୋକାନୀ ଜଣଙ୍କ ସୁନା ଗଣିଲା ବେଳକୁ କମ ଥିଲା। ୮ ଗ୍ରାମର ଚେନ ନ ଥିବା ଜଣାପଡିଥିଲା। ଦୋକାନୀ ସିସିଟିଭି ଦେଖିବା ପରେ ମହିଳାମାନେ ଚେନ ନେଇଯାଇଥିବା ଜଣାପଡିଛି।

## ବାଗଡେଗା ଅଞ୍ଚଳରେ ଚାରାବଣ୍ଟନ

ରାଉରକେଲା,୧୯।୧୦(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ସିଏସ୍‌ଆର ବିଭାଗ ପକ୍ଷରୁ ନୂଆଗାଁ ବ୍ଲକ ବାଗଡେଗା ହାଇସ୍କୁଲରେ ଚାରା ବିତରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଆର୍‌ଏସ୍‌ପି ସିଏସ୍‌ଆର ବିଭାଗର ଜିଏମ୍ ଇନ୍‌ଚାର୍ଜ ସୁଶ୍ରୀ ମୁନମୁନ୍ ମିତ୍ର ଅଧ୍ୟକ୍ଷତା କରି ଚାରା ବଣ୍ଟନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସିଏସ୍‌ଆର ବିଭାଗର ଡିଜିଏମ ରାଜୀବ ଏସ୍. ବାରା, ଏଜିଏମ ବି. ଜେନା, ବାଗଡେଗା ହାଇସ୍କୁଲର ପ୍ରଧାନ ଶିକ୍ଷକ କିନୁ ସିଂହ, ବାଗଡେଗା ସରପଞ୍ଚ ମହେଶ୍ୱର ଓରାମ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ସିଏସ୍‌ଆର ଅଧିକାରୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପରିବେଶଗତ ସ୍ଥାୟିତ୍ୱ ଏବଂ ପୁଷ୍ଟିକର ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଫଳ ପ୍ରଦାନକାରୀ ଗଛ ଲଗାଇବାର ମହତ୍ୱ ଉପରେ ସୁଶ୍ରୀ ମିତ୍ରା ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଆମ୍ବ, ପିଜୁଳି ଡାଳିମ୍ବ, ପଣସ, ଅମୃତଭଣ୍ଡା, ଅଁଳା ଏବଂ ଲେମ୍ବୁ ଆଦି ୧୫୦ ଚାରା ବଣ୍ଟନ କରାଯାଇଥିଲା।

# ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ



କୁଆଁରମୁଣ୍ଡା ବ୍ଲକରେ ଅନୁଷ୍ଠିତ ଭିସି କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ଲକ ପ୍ରଶାସନ ଓ ଜନପ୍ରତିନିଧି।

କୁଆଁରମୁଣ୍ଡା,୧୯।୧୦ (ମହେନ୍ଦ୍ର କୁମାର ସାହୁ)

ରବିବାର ଅପରାହ୍ଣ ସାଢ଼େ ୧୨ ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ରାଜ୍ୟର ୨୮ଟି ଜିଲାର ୪୭୧ଟି ନୂତନ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ଓ ଅନ୍ତ୍ୟୋଦୟ ଗୃହ ଯୋଜନାର ୩ୟ ପର୍ଯ୍ୟାୟ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଅର୍ଥ ପ୍ରଦାନ କରିଛନ୍ତି। ଏହି କ୍ରମରେ କୁଆଁରମୁଣ୍ଡା ବ୍ଲକର କଚାରୁ ଓ ପଦମପୁର ପଞ୍ଚାୟତର ନୂତନ ପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ଓ ବିଭିନ୍ନ ପଞ୍ଚାୟତର ୩ୟ ପର୍ଯ୍ୟାୟ ଅନ୍ତ୍ୟୋଦୟ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଅର୍ଥ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ କୁଆଁରମୁଣ୍ଡା ବ୍ଲକ ଭିସି କକ୍ଷରେ ବିଡିଓ ଡ. ଜଗଦୀଶ ଚନ୍ଦ୍ର ମହାନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ନେଭିଲ କେରକେଟା ଅତିଥିଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏଇଇ ଚୈତନ୍ୟ ହେମ୍ବ୍ରମ, ଏପିଓ ଶ୍ରବଣ ସାହୁ, ବିପିସି ସବନମ ସାହୁ, ଧରିତ୍ରୀ ପଟେଲ, କଚାରୁ ପଞ୍ଚାୟତ ସରପଞ୍ଚ ଝୁବା ଟପ୍ପୋ, ନିର୍ବାହୀ ଅଧିକାରୀ ଦେବବ୍ରତ ଦାସ, ପଦମପୁର ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସମେତ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଉପସ୍ଥିତ ଥିଲେ।

# ପାର୍ଶ୍ୱାଞ୍ଚଳରେ ସାହିତ୍ୟ, ସୃଜନଶୀଳ ପ୍ରତିଯୋଗିତା

ରାଉରକେଲା,୧୯।୧୦ (ବିପ୍ଳବ ରଞ୍ଜନ ଦାଶ)

ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅଖଣ୍ଡତା ଓ ଦାୟିତ୍ୱପୂର୍ଣ୍ଣ ନାଗରିକତା ହେବା ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ଆର୍‌ଏସ୍‌ପିର ସତର୍କତା ବିଭାଗ ପକ୍ଷରୁ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବିଭିନ୍ନ ସ୍କୁଲରେ ସାହିତ୍ୟ ଏବଂ ସୃଜନଶୀଳ ପ୍ରତିଯୋଗିତା ଆୟୋଜନ କରାଯାଇଛି। ଏହି କ୍ରମରେ ବିଭାଗ ପକ୍ଷରୁ ଚଳିତ ମାସରେ ଖୁଣ୍ଟଗାଁ ସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏହି ପ୍ରତିଯୋଗିତା ହୋଇଥିଲା। ଇଂଲିଶ, ଓଡ଼ିଆ ଓ ହିନ୍ଦୀ ଭାଷାରେ ହୋଇଥିବା ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ୫୦ ଛାତ୍ରୀଛାତ୍ର ସମାଜ ପ୍ରତି ରହିଥିବା ଦାୟିତ୍ୱ, ସମାଜରେ ଆଚରଣ ଓ ସଂଯମ, ସଭ୍ୟତା ଉପରେ ସେମାନଙ୍କ ଚିନ୍ତାଧାରା ପ୍ରକାଶ କରିଥିଲେ। ପରେ ଜୁନିଅର ବର୍ଗରେ ତୃତୀୟରୁ ପଞ୍ଚମ ଶ୍ରେଣୀ ଏବଂ ସିନିଅର ବର୍ଗରେ ଷଷ୍ଠରୁ ସପ୍ତମ ଶ୍ରେଣୀ ବର୍ଗରେ ୫୦ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ରଙ୍ଗ ଓ ସୃଜନଶୀଳତା ମାଧ୍ୟମରେ କୋମଳମତି ଶିଶୁମାନେ ସଚ୍ଚୋଟତା ଓ ନୈତିକ ଦାୟିତ୍ୱ ନେଇ ବିଷୟବସ୍ତୁ ଉପସ୍ଥାପନ କରିଥିଲେ। ୨ୟ ଦିବସରେ ୩୮ ଛାତ୍ରୀଛାତ୍ର ତିନୋଟି ଭାଷାରେ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେହିପରି କୁଇଜ ପ୍ରତିଯୋଗିତାରେ ୧୮ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଛାତ୍ରଛାତ୍ରୀ।

DSPL-323

Dr. Hari Babu Kambhampati
Governor, Odisha

RAJ BHAVAN
Bhubaneswar - 751 008

October 18, 2025



MESSAGE

On this occasion of the 66th Police Commemoration Day, I pay my heartfelt homage to the brave police personnel who made the supreme sacrifice in the line of duty. Their courage, sense of duty and unwavering commitment to the nation's security and integrity will always remain a source of inspiration for generations to come.

The Odisha Police, through its dedicated service, has always stood as a steadfast guardian of peace, harmony and public safety. Their contribution in upholding the rule of law and protecting the lives and rights of citizens is commendable. ,

Let us collectively reaffirm our gratitude to these selfless warriors who serve without fear or favor, often at great personal risk. I also extend my best wishes to all members of the police force and their families for their continued strength, good health and well being.

(Hari Babu Kambhampati)

OIPR-12029/13/0114/2526

DSPL-323



ପୋଲିସ ଶହୀଦ ସ୍ମୃତି ଦିବସ ଉପଲକ୍ଷେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ମାତୃଭୂମିର ସେବା ପାଇଁ ପ୍ରାଣବଳି ଦେଇଥିବା ବୀର ପୋଲିସ ମାନଙ୍କର ସ୍ମୃତି ଉଦ୍ଦେଶ୍ୟରେ ଓଡ଼ିଶା ପୋଲିସ ପ୍ରତିବର୍ଷ ଅକ୍ଟୋବର ୨୧ ତାରିଖକୁ “ପୋଲିସ ଶହୀଦ ଦିବସ” ରୂପେ ପାଳନ କରିଆସୁଛି।

ରାଜ୍ୟବାସୀଙ୍କୁ ସୁରକ୍ଷା ପ୍ରଦାନ, ରାଜ୍ୟରେ ଆଇନ୍ ଶୃଙ୍ଖଳା ରକ୍ଷା ସର୍ବୋପରି ଓଡ଼ିଶାରେ ମାଓ ଦମନ କ୍ଷେତ୍ରରେ ଓଡ଼ିଶା ପୋଲିସ ଦକ୍ଷତାର ସହ କାମ କରି ଆସୁଛି। ‘ସବୁ ପଛ କର୍ତ୍ତବ୍ୟ ଆଗ’ ଏହି ଉକ୍ତିକୁ ଆଧାର କରି ଖରା, ବର୍ଷା, ଦିନ, ରାତି ଖାତିର ନକରି ସେବା ପ୍ରଦାନ କରିବା ମନୋବୃତ୍ତି ସର୍ବଦା ଓଡ଼ିଶା ପୋଲିସ୍‌ର ମୂଳମନ୍ତ୍ର ହୋଇଆସିଛି। କର୍ତ୍ତବ୍ୟ ସମ୍ପାଦନ ସମୟରେ ଅନେକ ପୋଲିସ ଅଧିକାରୀ ଓ କର୍ମଚାରୀ ସର୍ବୋଚ୍ଚ ବଳିଦାନ ମଧ୍ୟ ଦେଇଛନ୍ତି। ଏହି ବୀର ଶହୀଦ ପୋଲିସମାନଙ୍କର ନିକଟରେ ରାଜ୍ୟ ସର୍ବଦା କୃତଜ୍ଞ ରହିବ।

ଆଜିର ଏହି ସ୍ମୃତି ଦିବସ ଅବସରରେ ମୁଁ ସେହି ବୀର ଶହୀଦ ମାନଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ସେମାନଙ୍କ ପରିବାରର ମଙ୍ଗଳ କାମନା କରୁଛି।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-12029/13/0115/2526

**ଜୋନାଲସ୍ତରୀୟ କରାଟେ, ଟାଏକୋଣ୍ଡୋ ପ୍ରତିଯୋଗିତା**

ଝାରସୁଗୁଡ଼ା,(ଆଶିଷ ରଞ୍ଜନ ଦାଶ): ଝାରସୁଗୁଡ଼ା ଡିଏଭିପବ୍ଲିକ୍‌ ସ୍କୁଲ ପରିସରରେ ଡିଏଭିନ୍ୟାସନାଲ ସ୍ପୋର୍ଟସ, ଓଡ଼ିଶା କ୍ଲଷ୍ଟର ଏବଂ ଜୋନାଲସ୍ତରୀୟ କରାଟେ ଓ ଟାଏକୋଣ୍ଡୋ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଡିଏଭିବିଦ୍ୟାଳୟସମୂହ ଅନ୍ତର୍ଗତ ୪୨ଟିବିଦ୍ୟାଳୟ ତଥା କ୍ଲଷ୍ଟର-୧, ୨ ଓ ୩ରୁ ୨ଶହରୁ ଊର୍ଦ୍ଧ୍ୱ ମାର୍ଶାଲ ଆର୍ଟ ଖେଳାଳି ନିଜ ଶକ୍ତି, ଶିଷ୍ଟାଚାର ଓ କ୍ରୀଡ଼ା ଆତ୍ମାକୁ ପ୍ରଦର୍ଶନ କରିଛନ୍ତି। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶାରୀରିକ ଫିଟନେସ, ସ୍ୱୟଂରକ୍ଷା ଦକ୍ଷତା ଏବଂ ମାନସିକ ସବଳତା ମନୋଭାବକୁ ପ୍ରୋତ୍ସାହନ ଦେବା ଏହି ପ୍ରତିଯୋଗିତାର ମୂଳ ଉଦ୍ଦେଶ୍ୟ। ଡିଏଭି କଲେଜ ମ୍ୟାନେଜିଂ କମିଟି ଓ ଡିଏଭି ସ୍ପୋର୍ଟସ ଅଧୀନରେ ଆୟୋଜିତ ଏହି ପ୍ରତିଯୋଗିତା ଆସନ୍ତା ଜାତୀୟ ସ୍ତରର ଚାମ୍ପିୟନଶିପ ପାଇଁ ପ୍ରତିଭାଶାଳୀ ଖେଳାଳିମାନଙ୍କୁ ଚିହ୍ନଟ କରିବାରେ ସାହାଯ୍ୟ କରିବ।

**ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା ପ୍ରସଙ୍ଗ**

# ଭୁଲ୍ କାହାର, ପେଷି ହେଉଛନ୍ତି ଜିଲାବାସୀ

- ଲୋକଙ୍କ ସ୍ୱାସ୍ଥ୍ୟସେବାକୁ ନେଇ ରାଜନୀତି
- ଜିଲାବାସୀଙ୍କୁ ପ୍ରତାରଣା କରୁଛନ୍ତି ସରକାର
- କେଉଁ ନେତା ମନ୍ତ୍ରୀଙ୍କ ଚାପରେ ପ୍ରଶାସନ

ଦେବଗଡ଼,୧୯।୧୦(ଶଶାଙ୍କଶେଖର ଝାଙ୍କର)

ଦେବଗଡ଼ ସହର ମଧ୍ୟରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟକୁ ୬କିମି ଦୂର ନୂଆବାଲିରୋଇ ମୌଜାକୁ ସ୍ଥାନାନ୍ତର ପରଠାରୁ ସହର ତଥା ଜିଲାରେ ଦେଖାଦେଇଛି ଜନଅସନ୍ତୋଷ। ଏହି ଅସନ୍ତୋଷ ଧୀରେଧୀରେ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ନୂତନ ହସ୍‌ପିଟାଲକୁ ଯିବା ଆସିବାରେ ଅସୁବିଧା ହେଉଥିବାରୁ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ପୂର୍ବଭଳି ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ନିମନ୍ତେ ଦାବି ହୋଇଆସୁଛି। ଏଥିପାଇଁ ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ଆନ୍ଦୋଳନ କରାଯାଇଛି। ଯୁବ ଏକତା ମଞ୍ଚର ଆହ୍ୱାନ କ୍ରମେ ପ୍ରତିବାଦ ଶୋଭାଯାତ୍ରା ଦାବିପତ୍ର ପ୍ରଦାନ କରାଯାଇଛି। ଦେବଗଡ଼ ବନ୍ଦ ପାଳନ କରାଯାଇଛି। କିନ୍ତୁ ଦୁଃଖ ଓ ପରିତାପର ବିଷୟ, ଜିଲା ପ୍ରଶାସନ ଓ ସରକାରୀ ଦଳ କେବଳ ପ୍ରତିଶ୍ରୁତି ଉପରେ ପ୍ରତିଶ୍ରୁତି ଦେଇ ଚାଲିଛନ୍ତି। କିନ୍ତୁ ଦାବି ପୂରଣ ହୋଇନାହିଁ। ସରକାର କିମ୍ବା ଜିଲା ପ୍ରଶାସନ କାହାର ଇଚ୍ଛା ଥିବାଭଳି ମନେହେଉନାହିଁ। ସମସ୍ତେ ଜିଲାବାସୀଙ୍କୁ ପ୍ରତାରଣା କରୁଛନ୍ତି। ଲୋକଙ୍କ ସ୍ୱାସ୍ଥ୍ୟସେବାକୁ ନେଇ ରାଜନୀତି ହେଉଥିବା ମନେହେଉଛି। ଆଗକୁ ତୀବ୍ରତର ଆନ୍ଦୋଳନ ହେବାକୁ ଯାଉଛି। ନୂତନ ହସ୍ପିଟାଲରେ ବି ସମସ୍ତ ପ୍ରକାର ସୁବିଧା ନାହିଁ। ଯେତିକି ଡାକ୍ତର ରହିବା କଥା ନାହାନ୍ତି। ଯିବାଆସିବା ସୁବିଧା ନାହିଁ। ସମସ୍ତ ସୁବିଧା କରା ନ ଯାଇ ତରବରିଆ ଭାବରେ ରଙ୍ଗବଦଳ କରି ଏତେ ଶୀଘ୍ର କ'ଣ ପାଇଁ ଉଦ୍‌ଘାଟନ କରାଗଲା ତାହା ଚର୍ଚ୍ଚାର ବିଷୟ ହୋଇଛି। ଦେବଗଡ଼ ଏକ ଚାଷୀ ବହୁଳ ଜିଲା ହୋଇଥିବାରୁ ଅତି ଗରିବ ଶ୍ରେଣୀର ଲୋକ ବସବାସ କରୁଛନ୍ତି। ଗରିବ ଲୋକ ନୂତନ ହସ୍ପିଟାଲକୁ ଟେମ୍ପୁରେ ୩୦୦ ଟଙ୍କା ଦେଇ ଯିବାଆସିବା କରିବା କଷ୍ଟକର ହେଉଛି। ସବୁ ସୁବିଧା କରା ନ ଯାଇ କେତେଜଣ ନେତା ମାଇଲେଜ ନେବାକୁ ଏଭଳି ତରବରିଆ ଉଦ୍‌ଘାଟନ କରାଯାଇଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ସବୁ ସୁବିଧା କରାଯାଇ ମାଇଲେଜ ନିଅନ୍ତୁ। କିନ୍ତୁ ମାଇଲେଜ ନେବାକୁ ଯାଇ ଲୋକଙ୍କୁ ଅସୁବିଧାରେ ପକାଯାଇଛି।

ପୁରୁଣା ଡାକ୍ତରଖାନାରୁ କମ ଟଙ୍କାରେ ନୂତନ ହସ୍ପିଟାଲକୁ ରୋଗୀ ଓ ତାଙ୍କ ସହ ଆସିଥିବା ଲୋକ ଯିବାଆସିବା ପାଇଁ ଗାଡ଼ିର ବ୍ୟବସ୍ଥା କରାଯାଉ। ନୂତନ ହସ୍ପିଟାଲରେ ଆବଶ୍ୟକ, ଡାକ୍ତର କର୍ମଚାରୀ ନିଯୁକ୍ତି କରାଯାଉ। କେବଳ ବଡ କୋଠା କରିଦେଲେ ରୋଗୀ ଭଲ ହୋଇଯିବେ ନାହିଁ ବୋଲି ବୁଦ୍ଧୀଜୀବୀମାନେ କହିଛନ୍ତି। କାହାର ବା କେଉଁମାନଙ୍କ ଭୁଲ ପାଇଁ ଆଜି ଅସୁବିଧାରେ ପେଷି ହେଉଛନ୍ତି ଜିଲାବାସୀ। ସମସ୍ତ ପ୍ରକାର ସୁବିଧା କରାଯାଇ ଉଦ୍‌ଘାଟନ କରାଯିବା କଥା। ହେଲେ ତାହା ହୋଇନାହିଁ। କେତେଜଣ ଲୋକ କହୁଛନ୍ତି, ଯେତେବେଳେ ନୂତନ ହସ୍ପିଟାଲ ଆରମ୍ଭ ହେଲା ସେତେବେଳେ କାହିଁକି ବିରୋଧ କରାଗଲା ନାହିଁ। ଆଉ କେତେଜଣ କହୁଛନ୍ତି, ସେତେବେଳ କେହି ଜାଣି ନ ଥିଲେ ଏପରି ଅବ୍ୟବସ୍ଥା ହେବ। ସମସ୍ତେ ଭାବିଥିଲେ, ବଡ ହସ୍ପିଟାଲ ହେଉଛି ମାନେ ବଡ଼ବଡ଼ ଡାକ୍ତର ଆସିବେ, ଭଲ ସ୍ୱାସ୍ଥ୍ୟସେବା ଜିଲାବାସୀ ପାଇବେ। କିନ୍ତୁ ତାହା ହୋଇନାହିଁ। ତେଣୁ ଲୋକଙ୍କ ସ୍ୱାସ୍ଥ୍ୟସେବା ପାଇଁ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା ପୂର୍ବଭଳି ଯୋଗାଇବାକୁ ଦାବି ହେଉଛି। ଏହି ଦାବି ପୂରଣରେ ବିଳମ୍ବ ହେଉଥିବାରୁ ଜିଲାରେ ଅସନ୍ତୋଷ ବଢିବାରେ ଲାଗୁଛି। କେମିତି ସମାଧାନ କରାଯିବ ତାହା କେହି ଚିନ୍ତା କରୁନାହାନ୍ତି। ଜିଲା ପ୍ରଶାସନ, ସରକାର ସମସ୍ତେ ନୀରବ। ଏପରିକି ପୁରୁଣା ହସ୍‌ପିଟାଲରେ ଥିବା ସ୍ୱାସ୍ଥ୍ୟ ବିଭାଗର ଜିଲା କାର୍ଯ୍ୟାଳୟକୁ ମଧ୍ୟ ନୂତନ କୋଠାକୁ ସ୍ଥାନାନ୍ତର କରାଯାଇଛି। ଯଦି କାର୍ଯ୍ୟାଳୟଟି ପୁରୁଣା କୋଠାରେ ଥାନ୍ତା, ତେବେ ଲୋକେ ଆପତ୍ତି ଅଭିଯୋଗ କରିପାରିଥାନ୍ତେ। ବର୍ତ୍ତମାନ ପୁରୁଣା କୋଠା ଭୂତକୋଠି ହେବାକୁ ଯାଉଛି। ସେଥିପାଇଁ ଜିଲାବାସୀଙ୍କ ସ୍ୱାର୍ଥ ଲାଗି ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା ପୂର୍ବଭଳି ଯୋଗାଇବାକୁ ଦାବି ହେଉଛି।

ଏହି ଦାବିନେଇ ଆନ୍ଦୋଳନ କରୁଥିବା ଜିଲା ଯୁବ ଏକତା ମଞ୍ଚ କର୍ମକର୍ତ୍ତାଙ୍କୁ ଜିଲାପାଳ କେଉଁ ନେତାମନ୍ତ୍ରୀଙ୍କ ଚାପରେ ଆସି ଡାକିଦେଇ ଅଫିସରେ ଥାଇ ମଧ୍ୟ ଭେଟିଲେ ନାହିଁ। ଜନସାଧାରଣଙ୍କୁ ସାମ୍ନା କରିବା ପାଇଁ ଜିଲାପାଳଙ୍କ କଣ ସାହସ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଆଉ ନେତାମନ୍ତ୍ରୀ ପ୍ରତିଶ୍ରୁତି ଦେଇ ଧରାଛୁଆଁ ଦେଉନାହାନ୍ତି। ସାଧାରଣ ଲୋକଙ୍କ ଦାବି ପୁରୁଣା ହସ୍ପିଟାଲକୁ ୨୪ ଘଣ୍ଟିଆ ସେବା ପ୍ରଦାନ କରାଯାଉ, ନଚେତ ନୂତନ ହସ୍ପିଟାଲରେ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଉ। ଦାବି ପୂରଣ ନ ହେଲେ ଆଗକୁ ଦେବଗଡ ଅଶାନ୍ତ ହେବାର ସମ୍ଭାବନା ରହିଛି।






ଜିଲା ମୁଖ୍ୟ ଚିକିତ୍ସାଳୟର ନୂତନ କୋଠା, ପୁରୁଣା କୋଠା।

## ଧୁଲୁଣ୍ଡା କ୍ରିକେଟ ଟୁର୍ନାମେଣ୍ଟ: ଉମରିଆ ଚାମ୍ପିୟନ

ଲଖନପୁର,୧୯।୧୦(ଗୌତମସାହୁ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ସୀମାନ୍ତ ୧୯ଖଣ୍ଡ ମୌଜା ଅନ୍ତର୍ଗତ ଧୁଲୁଣ୍ଡା ମା' ସାଇପାଟ କ୍ରିକେଟ ପଡିଆରେ ୧୭ ତମ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି କ୍ରିକେଟ ଟୁର୍ନାମେଣ୍ଟରେ ମୋଟ ୬୪ଟି ଦଳ ଅଂଶଗ୍ରହଣ କରିଥିଲେ। ଶେଷରେ ଫାଇନାଲ ଖେଳ ଉମରିଆ ଓ ବିଞ୍ଜିକୋଟ ଦଳ ମଧ୍ୟରେ ହୋଇଥିଲା। ଉମରିଆ ଦଳ ଚାମ୍ପିୟନ ଓ ବିଞ୍ଜିକୋଟ ଦଳ ଉପବିଜେତା ଦଳ ରହିଥିଲା। ଫାଇନାଲ ଖେଳରେ ହରେକୃଷ୍ଣ ସେଠ, ମନୋଜ ବିଶ୍ୱାଳ, ଯାଦବ ବିଶ୍ୱାଳ, ସରୋଜ ବିଶ୍ୱାଳ, ବଳରାମ ପଧାନ, ମିଥୁନ ମେହେର ଅତିଥି ଭାବେ ଯୋଗ ଦେଇଥିଲେ। ଖେଳ ପରିଚାଳନା କରିଥିଲେ ଦୀପକ ସାହୁ ଓ ସଚ୍ଚିଦାନନ୍ଦ ଦେହେରୀ। ଏହି ଟୁର୍ନାମେଣ୍ଟକୁ ସୂଚାରୁ ରୂପେ ସମ୍ପାଦନ କରିଥିଲେ ପ୍ରତାପ ବିଶ୍ୱାଳ, ଦେବ ମେହେର, ଦିପେନ ବିଶ୍ୱାଳ, ପିଣ୍ଟୁ ମେହେର, କୌଶଳ ବିଶ୍ୱାଳ, ବିବେକ ସୁନା, ଧର୍ମେନ୍ଦ୍ର ସୁନା।

# ଯୁବ ଏକତା ମଞ୍ଚ ପକ୍ଷରୁ ବାଇକ୍ ଶୋଭାଯାତ୍ରା



ଯୁବ ଏକତା ମଞ୍ଚ ପକ୍ଷରୁ ବାଇକ୍ ଶୋଭାଯାତ୍ରା ଦେବଗଡ଼ ସହର ପରିକ୍ରମା କରୁଛି।

- ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବି
- ଖୋଲା ମଞ୍ଚରେ ମତ ରଖିଲେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା

ଦେବଗଡ,୧୯।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ କୋଠା ସ୍ଥାନାନ୍ତର ପରଠାରୁ ଜିଲାରେ ଦେଖା ଦେଇଥିବା ଜନ ଅସନ୍ତୋଷ ଦିନକୁ ଦିନ ତେଜିବାରେ ଲାଗିଛି। ଜିଲା ମୁଖ୍ୟ ଚିକିତ୍ସାଳୟ ନୁଆଁବାଲିରୋଇକୁ ସ୍ଥାନାନ୍ତର ପରଠାରୁ ଜନସାଧାରଣ ସ୍ୱାସ୍ଥ୍ୟ ସେବା ପାଇଁ ନାନା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଏକ ଅଣ ରାଜନୈତିକ ସଙ୍ଗଠନ ଭାବେ ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ଗତ କିଛି ମାସ ହେଲା ପୁରୁଣା ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇବା ନେଇ ଦାବି ହୋଇଆସୁଛି। ୨ ମାସ ପୂର୍ବେ ଉପରୋକ୍ତ ଦାବି ନେଇ ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ଦେବଗଡ଼ ବନ୍ଦ ଆନ୍ଦୋଳନ ବେଳେ ଜିଲା ପ୍ରଶାସନ ପକ୍ଷରୁ ଏକ ମାସ ମଧ୍ୟରେ ଏହାର ସମାଧାନ ପାଇଁ ଆନ୍ଦୋଳନକାରୀମାନଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। ଫଳରେ ଆନ୍ଦୋଳନ ସ୍ଥଗିତ ରହିଥିଲା। ମାତ୍ର ପ୍ରତିଶ୍ରୁତି ପାଳନ ନ ହେବାରୁ ମଞ୍ଚ ପକ୍ଷରୁ ପୁନର୍ବାର ଆନ୍ଦୋଳନ ଆରମ୍ଭ ହୋଇଛି। ଏହି କ୍ରମରେ ରବିବାର ଅପରାହ୍ନରେ ଜିଲା ଯୁବ ଏକତା ମଞ୍ଚର ଆବାହକ ସୁରଞ୍ଜିତ ମହାପାତ୍ରଙ୍କ ଆବାହକତ୍ୱ ଓ ପୌରପରିଷଦ କାଉନସିଲର ଧର୍ମେନ୍ଦ୍ର କୁମାର ଦେବତାଙ୍କ ନେତୃତ୍ୱରେ ମଞ୍ଚର ଶତାଧିକ ସଦସ୍ୟ ବାଇକ୍ ରାଲି କରିଥିଲେ। ମା'ପ୍ରଧାନପାଟେଶ୍ୱରୀଙ୍କ ଆଶୀର୍ବାଦ ଭିକ୍ଷା କରିବା ପରେ ସମସ୍ତେ ପ୍ରଧାନପାଟରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ନଗର ପରିକ୍ରମା ସହ ଜନସଚେତନତା ସୃଷ୍ଟି କରିବା ପରେ ଗୋପବନ୍ଧୁ ଛକଠାରେ ଆୟୋଜିତ ଖୋଲାମଞ୍ଚ ଆଲୋଚନାସ୍ଥଳରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ଖୋଲା ମଞ୍ଚ ଆଲୋଚନାରେ ଶତାଧିକ ଜନସାଧାରଣ ସହ ବିଭିନ୍ନ ଅନୁଷ୍ଠାନର ନେତୃବୃନ୍ଦ ନିଜ ମତପ୍ରକାଶ କରିବା ସହ ମଞ୍ଚର ଦାବିକୁ ଯଥାର୍ଥ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟପକ୍ଷରେ ଜିଲାବାସୀଙ୍କ ସ୍ୱାର୍ଥ ପାଇଁ ଆନ୍ଦୋଳନକୁ ଓହ୍ଲାଇଥିବା ଯୁବ ଏକତା ମଞ୍ଚର ମନୋବଳ ଭାଙ୍ଗିବା ସହ ଆନ୍ଦୋଳନକୁ ଭଣ୍ଡୁର କରିବାପାଇଁ କେତେକ କୁଚକ୍ରୀ ମଞ୍ଚ ବିରୋଧରେ ମିଥ୍ୟା ପ୍ରଚାର ଚଳାଉଥିବାରୁ ଖୋଲା ମଞ୍ଚରେ ଏହାକୁ ଦୃଢ ନିନ୍ଦା କରାଯାଇଥିଲା। ଏଥିସହ ଜିଲା ମୁଖ୍ୟ ଚିକିତ୍ସାଳୟର ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ନ ଯୋଗାଇବା ପର୍ଯ୍ୟନ୍ତ ପ୍ରତିଦିନ ଆନ୍ଦୋଳନକୁ ଭିନ୍ନଭିନ୍ନ ଢଙ୍ଗରେ ଜାରି ରଖିବାକୁ ମତବ୍ୟକ୍ତ କରିଥିଲେ। ଏହି ଖୋଲାମଞ୍ଚରେ ବହୁ ବରିଷ୍ଠ ନାଗରିକ, ଡ୍ରାଇଭର ମହାସଂଘ, ଆମ୍ବେଦକର ଯୁବ ସଂଘ, ବଣିକ ସଂଘ, ଓକିଲ ସଂଘ, ସାମ୍ବାଦିକ ସଂଘ, ଆମ୍ବେଦକର ସାମାଜିକ ପରିବର୍ତ୍ତନ ମଞ୍ଚ ଓ ବିଭିନ୍ନ ରାଜନୈତିକ ଦଳର ପଦାଧିକାରୀଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା ଉପସ୍ଥିତ ରହିଥିଲେ।

# ରିଆମାଳରେ ବିଧାୟକଙ୍କ ଅଭିଯୋଗ ଶୁଣାଣି

ଦେବଗଡ଼,୧୯।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ବ୍ଲକ ସଦର ମହକୁମାରେ ରବିବାର ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୧୪ଟି ସାମୂହିକ ଏବଂ ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ଜଣାପଡିଛି। ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଅନୁପସ୍ଥିତ ରହିଥିବାବେଳେ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ ଯୋଗଦେଇ ଲୋକଙ୍କର ଅଭିଯୋଗ ଶୁଣିଥିଲେ। ଏଥିସହ ପଞ୍ଜିକୃତ ହୋଇଥିବା ସମସ୍ତ ଅଭିଯୋଗ ବିଧାୟକଙ୍କ ଦୃଷ୍ଟିକୁ ଅଣାଯାଇ ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଛତାବର କଙ୍କରଖୋଳ ରାସ୍ତା ନିର୍ମାଣର ଅନିୟମିତତା କାରଣରୁ ଏବେ ମରଣଯନ୍ତା ପାଲଟିଛି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଏବଂ ତୁରନ୍ତ ରାସ୍ତା ମରାମତି ପାଇଁ ଦାବି ହୋଇଥିଲା। ସେହିପରି ବୁଢିଦୋ ସ୍ଥିତ ଅଗ୍ନିଶମ କାର୍ଯ୍ୟାଳୟଠାରୁ ବରପାଲି ରାସ୍ତାର ଉନ୍ନତିକରଣ ପାଇଁ ସ୍ଥାନୀୟ ଲୋକ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ପାନୀୟଜଳ ସମସ୍ୟାର ସମାଧାନ, ୮୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କର ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି, ଭୂମିହୀନ ପରିବାରକୁ ଜମିପଟ୍ଟା ପ୍ରଦାନ, ଗରିବ ହିତାଧିକାରୀଙ୍କୁ ଆବାସଗୃହ ଯୋଗାଇ ଦେବା ଆଦି ଅଭିଯୋଗ ହୋଇଥିବା ଜଣାପଡିଛି।

# ଓପିଏସ୍‌ସି ପରୀକ୍ଷାରେ ୨୮୦ ର୍‍ୟାଙ୍କରେ ଉତ୍ତୀର୍ଣ୍ଣ ଅନୁପମା ସମ୍ମାନିତ



ଲକ୍ଷେ ଘର ବିକାଶ ପରିଷଦର ସଦସ୍ୟମାନେ ଅନୁପମାଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

ଝାରସୁଗୁଡ଼ା,୧୯।୧୦(ଆଶିଷରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ସମରବଗା ପଞ୍ଚାୟତ ଦୁଆନମୁଣ୍ଡା ଗାଁ ଲକ୍ଷେଘର ସମାଜର ଝିଅ ଅନୁପମା ଗର୍ଡିଆ ଗତ ଓପିଏସ୍‌ସି ପରୀକ୍ଷାରେ ୨୮୦ର୍‍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଥିବାରୁ ରବିବାର ପୂର୍ବାହ୍ନରେ ଲକ୍ଷେ ଘର ସମାଜର ପ୍ରତିନିଧି ମଣ୍ଡଳ ତାଙ୍କ ଘରକୁ ଯାଇ ଭେଟି ସମ୍ମାନିତ କରିଛନ୍ତି। ଝାରସୁଗୁଡା ଜିଲା ତଥା ଲକ୍ଷେଘର ସମାଜ ପାଇଁ ଅନୁପମା ଗର୍ବ ଓ ଗୌରବ ଆଣିଛନ୍ତି। ଯାହାପାଇଁ ଲକ୍ଷେ ଘର ସମାଜ ବିକାଶ ପରିଷଦ ଝାରସୁଗୁଡ଼ା ପକ୍ଷରୁ ଜିଲାର ସଭାପତି ପ୍ରେମ ସାଗର, ଉପସଭାପତି ଗୌରାଙ୍ଗ ଜଗତ, ଉପଦେଷ୍ଟା ଭୋପାଲ ଚନ୍ଦ୍ର ଜୟପୁରିଆ, ସନାତନ ମହାନନ୍ଦ, ସମ୍ପାଦକ ଗଙ୍ଗାଧର କଣ୍ଟା, କୋଷାଧ୍ୟକ୍ଷ ମୁରଲୀ ଛତ୍ରାନ ପ୍ରମୁଖ ଅନୁପମାଙ୍କୁ ଭେଟି ସମ୍ମାନିତ କରିବା ସହ ଆଗାମୀ ଦିନରେ ଦେଶ ଓ ଜାତିର ସେବା କରିବା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

DSPL-323

**Dr. Hari Babu Kambhampati**
Governor, Odisha

RAJ BHAVAN
Bhubaneswar - 751 008

सत्यमेव जयते



October 18, 2025

**MESSAGE**

On this occasion of the 66th Police Commemoration Day, I pay my heartfelt homage to the brave police personnel who made the supreme sacrifice in the line of duty. Their courage, sense of duty and unwavering commitment to the nation's security and integrity will always remain a source of inspiration for generations to come.

The Odisha Police, through its dedicated service, has always stood as a steadfast guardian of peace, harmony and public safety. Their contribution in upholding the rule of law and protecting the lives and rights of citizens is commendable. ,

Let us collectively reaffirm our gratitude to these selfless warriors who serve without fear or favor, often at great personal risk. I also extend my best wishes to all members of the police force and their families for their continued strength, good health and well being.

(Hari Babu Kambhampati)

OIPR-12029/13/0114/2526

DSPL-323



**ପୋଲିସ ଶହୀଦ ସ୍ମୃତି ଦିବସ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

ମାତୃଭୂମିର ସେବା ପାଇଁ ପ୍ରାଣବଳି ଦେଇଥିବା ବୀର ପୋଲିସ ମାନଙ୍କର ସ୍ମୃତି ଉଦ୍ଦେଶ୍ୟରେ ଓଡ଼ିଶା ପୋଲିସ ପ୍ରତିବର୍ଷ ଅକ୍ଟୋବର ୨୧ ତାରିଖକୁ "ପୋଲିସ ଶହୀଦ ଦିବସ" ରୂପେ ପାଳନ କରିଆସୁଛି।

ରାଜ୍ୟବାସୀଙ୍କୁ ସୁରକ୍ଷା ପ୍ରଦାନ, ରାଜ୍ୟରେ ଆଇନ୍ ଶୃଙ୍ଖଳା ରକ୍ଷା ସର୍ବୋପରି ଓଡ଼ିଶାରେ ମାଓ ଦମନ କ୍ଷେତ୍ରରେ ଓଡ଼ିଶା ପୋଲିସ ଦକ୍ଷତାର ସହ କାମ କରି ଆସୁଛି। 'ସବୁ ପଛ କର୍ତ୍ତବ୍ୟ ଆଗ' ଏହି ଉକ୍ତିକୁ ଆଧାର କରି ଖରା, ବର୍ଷା, ଦିନ, ରାତି ଖାତିର ନକରି ସେବା ପ୍ରଦାନ କରିବା ମନୋବୃତ୍ତି ସର୍ବଦା ଓଡ଼ିଶା ପୋଲିସ୍‌ର ମୂଳମନ୍ତ୍ର ହୋଇଆସିଛି। କର୍ତ୍ତବ୍ୟ ସମ୍ପାଦନ ସମୟରେ ଅନେକ ପୋଲିସ ଅଧିକାରୀ ଓ କର୍ମଚାରୀ ସର୍ବୋଚ୍ଚ ବଳିଦାନ ମଧ୍ୟ ଦେଇଛନ୍ତି। ଏହି ବୀର ଶହୀଦ ପୋଲିସମାନଙ୍କର ନିକଟରେ ରାଜ୍ୟ ସର୍ବଦା କୃତଜ୍ଞ ରହିବ।

ଆଜିର ଏହି ସ୍ମୃତି ଦିବସ ଅବସରରେ ମୁଁ ସେହି ବୀର ଶହୀଦ ମାନଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ସେମାନଙ୍କ ପରିବାରର ମଙ୍ଗଳ କାମନା କରୁଛି।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-12029/13/0115/2526

# ବୀରେନ୍ଦ୍ରଙ୍କ ଚିକିତ୍ସାରେ ଅର୍ଥ ସାଜିଛି ବାଧକ

**ଲୋଇସିଂହା,୧୯।୧୦(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଛେଲବାହାଲ ଗ୍ରାମର ବୀରେନ୍ଦ୍ର କର୍ମୀ ଓରଫ ବିଜମ । ବୟସ ୩୫ । ଦୁର୍ଘଟଣାର ଶିକାର ହେଲା ପରେ ସେ ଗତ ୩ ବର୍ଷ ହେଲା ଚଲାବୁଲା କରି ପାରୁନାହାନ୍ତି । ହୁଇଲ ଚେୟାରରେ ବସି ଅନ୍ୟର ସହାୟତାରେ ନିଜର ନିତ୍ୟକର୍ମ କରିଥାନ୍ତି । ବୀରେନ୍ଦ୍ର ଏକପ୍ରକାର ଅକର୍ମଣ୍ୟ ହୋଇ ଘରେ ପଡି ରହିଛନ୍ତି । ଭାଗ୍ୟର ବିଡମ୍ବନା ହେଲା ଏଭଳି ପରିସ୍ଥିତି ଦେଇ ଗତି କରୁଥିବା ବେଳେ ତାଙ୍କର ଗୋଟିଏ କିଡ୍‌ନୀ ନଷ୍ଟ ହେବାରେ ଲାଗିଥିବା ସ୍ୱାସ୍ଥ୍ୟ ପରୀକ୍ଷାରୁ ଜଣାଯାଇଛି। ଚିକିତ୍ସା ପାଇଁ ସର୍ବସ୍ୱାନ୍ତ ହୋଇ ଭାଗ୍ୟକୁ ଆଦରି ପଡି ରହିଥିବା ବୀରେନ୍ଦ୍ରଙ୍କ ପ୍ରତି ଜିଲା ପ୍ରଶାସନ କି ସ୍ୱାସ୍ଥ୍ୟ ବିଭାଗର ଦୃଷ୍ଟି ପଡିପାରିନାହିଁ । ତାଙ୍କ ସ୍ୱାସ୍ଥ୍ୟକୁ ନେଇ ପରିବାର ଲୋକେ ଚିନ୍ତାରେ ଅଛନ୍ତି । ପ୍ରକାଶ ଯେ, ଯୋଗୀସର୍ଡା ପଞ୍ଚାୟତ ଛେଲବାହାଲ ଗ୍ରାମର ବୀରେନ୍ଦ୍ରଙ୍କ ପରିବାର କହିଲେ ସ୍ତ୍ରୀ ସବିତା ଓ ଶିଶୁ ବାଟିକା ଶ୍ରେଣୀରେ ପଢୁଥିବା ଏକମାତ୍ର ଶିଶୁପୁତ୍ର ଅମ୍ଳାନ । ସେ ପେଶାରେ ଜଣେ ରାଜମିସ୍ତ୍ରୀ। ଗତ କିଛି ବର୍ଷ ତଳେ ରଫାଖାଲ ଗ୍ରାମକୁ


ବୀରେନ୍ଦ୍ର ।

ଏକ ଘର କାମ କରିବାକୁ ଯାଇଥିବା ବେଳେ ଅସାବଧାନତାବଶତଃ ତଳେ ପଡିଯାଇଥିଲେ। ଫଳରେ ତାଙ୍କ ମେରୁହାଡ ଭାଙ୍ଗି ଯାଇଥିଲା । ଏହି କାରଣରୁ ଅଣ୍ଟାରୁ ତଳକୁ ଅଚଳ ହୋଇ ପଡିଥିଲା । ପରବର୍ତ୍ତୀ ସମୟରେ ଅସ୍ତ୍ରୋପଚାର ଆବଶ୍ୟକ ପଡିବାରୁ ୨୦୨୧ ମସିହାରେ ବାଙ୍ଗାଲୁରସ୍ଥିତ ଏକ ହସ୍ପିଟାଲକୁ ଯାଇ ଅସ୍ତ୍ରୋପଚାର କରାଇଥିଲେ । ହେଲେ ଅସ୍ତ୍ରୋପଚାର ସଫଳ ହୋଇ ନ ଥିଲା । ପରେ କଟକ ନିକଟ ଓଲଟପୁର, ବୁର୍ଲା, ବଲାଙ୍ଗୀର ଆଦି ସ୍ଥାନରେ ଥିବା ମେଡିକାଲରେ ଚିକିତ୍ସିତ ହୋଇଥିଲେ। ୨ ଏକର ଚାଷ ଜମି ବିକି,ଗହଣା ବନ୍ଧା ପକାଇ , ଯୌତୁକ ପାଇଥିବା ବାଇକ୍, ଘରର ଆସବାବପତ୍ର ବିକ୍ରି କରି ଚିକିତ୍ସା ବାବଦକୁ ବହୁ ଟଙ୍କା ଖର୍ଚ୍ଚ କଲେଣି । ହେଲେ ତାଙ୍କ ସ୍ୱାସ୍ଥ୍ୟରେ କୌଣସି ସୁଧାର ଆସିନାହିଁ । ଉପଯୁକ୍ତ ଚିକିତ୍ସାରେ ଅର୍ଥ ବାଧକ ସାଜିଥିବା ବେଳେ ଏବେ ମୃତ୍ୟୁ ସହ ସଂଗ୍ରାମ ଚଳାଇଛନ୍ତି । ପରିସ୍ରାଜନିତ ସମସ୍ୟା ହେବାରୁ ଦୁଇ ସପ୍ତାହ ତଳେ ବଲାଙ୍ଗୀର ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରିବାରୁ ତାଙ୍କର ଏକ କିଡ୍‌ନୀ ଖରାପ ହେବାରେ ଲାଗିଥିବା ଜଣାପଡିଛି। ସମ୍ପୂର୍ଣ୍ଣ ଅକ୍ଷମ ଥାଇ ତାଙ୍କୁ ୪୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ମିଳିଛି । ୧ ହଜାର ଟଙ୍କା ଭିନ୍ନକ୍ଷମ ଭତ୍ତା ଏବଂ ପଞ୍ଚାୟତରୁ ପରିବାରର ୩ ଜଣଙ୍କ ପାଇଁ ୧୫ କେଜି ପିଡିଏସ୍ ସାମଗ୍ରୀ ମିଳୁଛି । ସରକାରୀ ସହାୟତା କହିଲେ ଏତିକି ମାତ୍ର । ଏତିକି ସମ୍ବଳରେ ପରିବାର ଚଳାଇବା ଓ ଔଷଧ କିଣି ଖାଇବା ତାଙ୍କ ପକ୍ଷେ ସମ୍ଭବପର ହେଉନାହିଁ । ଅର୍ଥାଭାବରୁ ଏବେ ଔଷଧ ଖାଇବା ବନ୍ଦ କରି ଦେଇଥିବା ବୀରେନ୍ଦ୍ର କହିଛନ୍ତି । ସ୍ତ୍ରୀ ସବିତା କହିଛନ୍ତି , ସେମାନେ ମୁଣ୍ଡ ଗୁଞ୍ଜିବା ପାଇଁ ଭଲ ଘର ନାହିଁ, ଆବାସ ଯୋଜନାରେ ଘର ପାଇଁ ସର୍ଭେ ସରିଥିଲା । କିନ୍ତୁ ପଞ୍ଚାୟତରୁ ବିରୋଧ ଯୋଗୁ ଘର ମିଳିପାରିନାହିଁ । ତାଙ୍କ ସ୍ୱାମୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଘରର ଅଭାବ ସମ୍ପର୍କରେ ବିଡିଓ ଏବଂ ସ୍ଥାନୀୟ ବିଧାୟକଙ୍କୁ ଭେଟି ଗୁହାରି କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ । ଏହାମଧ୍ୟରେ ସବିତାଙ୍କ ଡାହାଣ ହାତ ଭାଙ୍ଗିଯାଇଛି । ବିପଦରେ ତାଙ୍କ ପରିବାର ବୋଲି କୋହଭରା କଣ୍ଠରେ ସେ କହିଥିଲେ । ଏ ସମ୍ପର୍କରେ ବିଡିଓ ଅକ୍ଷୟପାଣି ଉଦ୍ଧୁ କହିଛନ୍ତି, ମାସର ୨ ଓ ୧୬ ତାରିଖରେ ସିଡିଏମଓ ଅଫିସରେ ଭିନ୍ନକ୍ଷମ ପ୍ରମାଣପତ୍ର କରାଯାଉଛି । ସେଠାକୁ ଯାଇ ଜଣାନ୍ତୁ । ଦୀପାବଳି ଛୁଟି ପରେ ଯାହା ସରକାରୀ ସୁବିଧା ଦିଆଯିବା କଥା ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ତେବେ ଯଥାଶୀଘ୍ର ବୀରେନ୍ଦ୍ରଙ୍କୁ ଉତ୍ତମ ଚିକିତ୍ସା ସୁବିଧା , ଅଗ୍ରାଧିକାର ଭିତ୍ତିରେ ଆବାସ ଯୋଜନା, ଅନ୍ତୋଦୟ ଯୋଜନାରେ ଅନ୍ତର୍ଭୁକ୍ତ ଓ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

# ୪୧୦ ହିତାଧିକାରୀଙ୍କ ଖାତାକୁ ଗଲା ପ୍ରଥମ କିସ୍ତି

**ଡୁଙ୍ଗୁରିପାଲି,୧୯।୧୦(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକରେ ରବିବାର ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଛନ୍ତି। ସ୍ଥାନୀୟ ବ୍ଲକର ୨୬ ଗୋଟି ଗ୍ରାମପଞ୍ଚାୟତରେ ଅନ୍ତୋଦୟ ଗୃହ ଯୋଜନାରେ ଘର ପାଇଥିବା ୪୧୦ ଜଣ ହିତାଧିକାରୀଙ୍କ ଖାତାକୁ ଗୃହର ନିର୍ମାଣ ବାବଦକୁ ପ୍ରଥମ କିସ୍ତି ଅର୍ଥରାଶି ମୁଖମନ୍ତ୍ରୀ ପ୍ରଦାନ କରିଛନ୍ତି। ଏହି ଅବସରରେ ବ୍ଲକ ସଭାଗୃହ କକ୍ଷରେ ବିଡିଓ ଦିଲୀପ କୁମାର ବାଡାଙ୍କ ଉପସ୍ଥିତରେ ଭିସି ମାଧ୍ୟମରେ ସିଧା ପ୍ରସାରଣ ହୋଇଥିଲା। ଏହାକୁ


କାର୍ଯ୍ୟକ୍ରମରେ ବିଡିଓ ଓ ଅନ୍ୟ ହିତାଧିକାରୀମାନେ ।

**ଅନ୍ତ୍ୟୋଦୟ ଗୃହଯୋଜନାର ଶୁଭାରମ୍ଭ**

ଉପସ୍ଥିତ ସମସ୍ତ କର୍ମଚାରୀ ହିତାଧିକାରୀ ଦେଖିଥିଲେ। ଅନ୍ୟମାନଙ୍କ ମଧ୍ୟମ ଏବିଡିଓ ମହେଶ୍ୱର ପଧାନ, ଏମ୍‌ପିଙ୍କ ବ୍ଲକ ନୋମିନି ହେମନ୍ତ ବିଶ୍ୱାଳ, ବିଭିନ୍ନ ଗ୍ରାମପଞ୍ଚାୟତରୁ ଆସିଥିବା ହିତାଧିକାରୀ ଓ ଯନ୍ତ୍ରୀ ଉପସ୍ଥିତ ଥିଲେ। ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ହିତାଧିକାରୀଙ୍କ ଖାତାକୁ ପ୍ରଥମ ଅର୍ଥ ରାଶି ପ୍ରଦାନ କରିଥିବା ବେଳେ ବ୍ଲକ ଭୀମଟିକିରା, ଦିଗଶିରା ଓ ଶୁଖା ଗ୍ରାମପଞ୍ଚାୟତର ନୂତନ କାର୍ଯ୍ୟାଳୟ ଗୃହର ଭୂମିପୂଜନ କରିଥିଲେ।

## ବିଦ୍ୱତ୍ ପରିଷଦର ଆଲୋଚନାଚକ୍ର

**ଲୋଇସିଂହା,୧୯।୧୦(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଶିଶୁ ବିଦ୍ୟାମନ୍ଦିରରେ ସଙ୍କୁଳସ୍ତରୀୟ ବିଦ୍ୱତ୍ ପରିଷଦର ଆଲୋଚନାଚକ୍ର ଓ ବୁଦ୍ଧିଜୀବୀ ସଂଗୋଷ୍ଠୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଭାପତି ବଂଶୀଧର କାଳସାଏ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍‌କାହ୍ନୁଚରଣ ଦର୍ଜୀ, ମୁଖ୍ୟବକ୍ତା ଦିଲୀପ ପାଠୀ, ସମ୍ମାନିତ ଅତିଥି ଭାବେ ସଦାନନ୍ଦ ସାହୁ ଯୋଗଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଶିବ ବାରିକ ଅତିଥି ପରିଚୟ ପ୍ରଦାନ ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ।

**Government of Odisha**
**Information and Public Relations Department**
IPR-FP-GP-0002-2025/15727/IPR Dated: 18.10.2025

**2nd Corrigendum Notice**

No.Z - : In continuation to the RFP No.15037, dated 06.10.2025 inviting eligible bidders to "Conceptualize, Design and Fabricate the Odisha Pavilion at India International Trade Fair (IITF)-2025, Bharat Mandapam, New Delhi", it is hereby informed to all concerned that the last date and time for submission of the poroposal is extended to **Dt.22.10.2025, till 5 PM,** since last date for such submission of application in earlier advt was on 20.10.2025 being declared as a holiday by the State Government. The opening of tender shall be held on **23.10.2025 at 11.30 AM.**

OIPR-15001/11/1237/2526 **Sd./- Director**

# ବେଲପଡ଼ା ବ୍ଲକ ଛାତ୍ରୀଛାତ୍ରଙ୍କ ସଫଳତା



ଜିଲାସ୍ତରୀୟ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷକଗଣ ।

**ବେଲପଡା,୧୯।୧୦(ମନୋଜ କୁମାର ମିଶ୍ର)**

**ଜିଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା**

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ବିଜୟାନନ୍ଦ ହାଇସ୍କୁଲ ଖେଳପଡିଆଠାରେ ଗତ ୪ ଦିନ ଧରି ଜିଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନେ ରାଜ୍ୟସ୍ତରରେ ହେବାକୁ ଥିବା ଖେଳ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି । ଏଥିରେ ବେଲପଡ଼ା ବ୍ଲକର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରି ସଫଳତା ପାଇଛନ୍ତି । ବେଲପଡ଼ା ବ୍ଲକ କ୍ରୀଡା ସମ୍ପାଦକ ପ୍ରମୋଦ ଠାକୁରଙ୍କ ତତ୍ତ୍ୱାବଧାନରେ ୪ଟି ଗ୍ରୁପର ୧୯ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସିନିୟର ବାଳକ ବିଭାଗରେ ରୋଶନ ନାୟକ ୩୦୦୦ ମିଟର ଦୌଡ଼ରେ ପ୍ରଥମ,୧୫୦୦ ମିଟର ଦୌଡରେ ଦ୍ୱିତୀୟ ସେହିପରି ବାଳିକା ବିଭାଗରେ ଅର୍ପିତା ମଲ୍ଲିକ ୩୦୦୦ ମିଟର ଦୌଡ଼ରେ ପ୍ରଥମ, ୪୦୦ମିଟର ଦୌଡରେ ପ୍ରଥମ ଓ ଲିପ୍ସା ଛତ୍ରିଆ ୧୫୦୦ ମିଟର ଦୌଡରେ ପ୍ରଥମ , ଗାୟତ୍ରୀ ମାଝୀ ୩୦୦୦ ମିଟର ଦୌଡରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ୧୪ ବର୍ଷରୁ କମ୍ ବର୍ଗରେ ବାଳକ ବିଭାଗରୁ ଦେବରାଜ ବରିହା ୬୦୦ ମିଟର ଦୌଡରେ ଦ୍ୱିତୀୟ, ୪୦୦ ମିଟର ଦୌଡରେ ଦ୍ୱିତୀୟ, ୨୦୦ ମିଟରରେ ତୃତୀୟ ଓ ବାଳିକା ବିଭାଗରେ ୬୦୦ ମିଟର ଦୌଡରେ ଯଶୋଦା ଥାପା ତୃତୀୟ ସ୍ଥାନ ହାସଲ କରିଛନ୍ତି। କ୍ରୀଡା ଶିକ୍ଷକ ସରୋଜ ବିଶାଳ, ସୁଦାମ ସୁନା, ଲକ୍ଷ୍ମୀ ମଲ୍ଲିକ, ଅମ୍ବରେଶ ପଧାନଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ରମାନେ ଆସନ୍ତା ନଭେମ୍ବରରେ ବାଲେଶ୍ୱରରେ ହେବାକୁ ଥିବା ରାଜ୍ୟ ସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଭାଗ ନେବେ ବୋଲି କ୍ରୀଡା ସମ୍ପାଦକ ଠାକୁର ସୂଚନା ଦେଇଛନ୍ତି । ଏହି ସଫଳତା ପାଇଁ ବ୍ଲକ ଶିକ୍ଷାଧିକାରୀ ଅଭିନବ ମିଶ୍ର, ଏବିଓ ଚତୁର୍ଭୁଜ ମିର୍ଦ୍ଧା, ନୋଡାଲ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା, ତରଙ୍ଗିନୀ ହୋତା, ବିଶ୍ୱମ୍ବର ବୁଡେକ ଶୁଭେଚ୍ଛା ଜଣାଇଛନ୍ତି।

## ରୋତ କଲେଜରେ ସାପ୍ତାହିକ ଆଲୋଚନାଚକ୍ର

**ଲୋଇସିଂହା,୧୯।୧୦(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୋତ କଲେଜର ଓଡିଆ, ଶିକ୍ଷା, ଗଣିତ ଓ ଉଦ୍ଭିଦ ବିଜ୍ଞାନ ବିଭାଗର ସାପ୍ତାହିକ ଆଲୋଚନା ଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି । ଓଡିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଫକୀରମୋହନଙ୍କ ଛଅ ମାଣ ଆଠଗୁଣ୍ଠ ଉପନ୍ୟାସରେ ସମାଜ ଚିତ୍ର ଶୀର୍ଷକ ଆଲୋଚନା ଚକ୍ରରେ ବିଭାଗ ମୁଖ୍ୟ ପ୍ରମୋଦ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ । ଏଥିରେ ଅତିଥି ଭାବେ କଲେଜର ଅଧ୍ୟକ୍ଷ ପ୍ରଦୀପ କୁମାର ଷଡଙ୍ଗୀ ଯୋଗଦେଇ ଫକୀର ମୋହନଙ୍କ ଏହି ଉପନ୍ୟାସ କାଳଜୟୀ ବୋଲି ମତବ୍ୟକ୍ତ କରିଥିଲେ । ଛାତ୍ରୀ ଜ୍ୟୋତ୍ସ୍ନାମୟୀ ଭୁଏ ଓ ଝୁମି ସାହୁ ଭିତ୍ତି ପ୍ରବନ୍ଧ ଉପସ୍ଥାପନା କରିଥିଲେ । ଡ. ଲିଙ୍ଗରାଜ ମେହେରଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ ଆଲୋଚନାରେ ଭାଗ ନେଇଥିଲେ । ସେହିପରି ଶିକ୍ଷା ବିଭାଗ ପକ୍ଷରୁ 'କୃତ୍ରିମ ବୁଦ୍ଧିମତା' ଶୀର୍ଷକ ଆଲୋଚନାରେ ବିଭାଗୀୟ ମୁଖ୍ୟ ଡ.ଭୁରିଶ୍ରବା ମାଝୀ ଅଧ୍ୟକ୍ଷତା କରିଥିଲେ । ଏଥିରେ ଛାତ୍ରୀ ପ୍ରିୟଙ୍କା ପଟେଲ ଓ ପ୍ରମୋରିତା ପୁଟେଲ ଭିତ୍ତି ପ୍ରବନ୍ଧ ଉପସ୍ଥାପନା କରିଥିଲେ । ଆକ୍ୟୁଏସି ସଂଯୋଜକ ଦୈତାରୀ ଶବର, ସହ ସଂଯୋଜକ ନୀଳାମ୍ବର ବାରିକ ଅତିଥି ଭାବେ ଯୋଗଦାନ କରିଥିଲେ । ସେହିପରି ଉଦ୍ଭିଦ ବିଜ୍ଞାନର ଆଲୋଚନାଚକ୍ରରେ ବିଭାଗୀୟ ମୁଖ୍ୟ ବୁଦ୍ଧଦେବ ପଣ୍ଡା ଅଧ୍ୟକ୍ଷତା କରିଥିଲେ । ଏଥିରେ ଡ. ହିମାଂଶୁ ଶେଖର ମହନ୍ତ, ଅନୁସୟା ଭଞ୍ଜଦେଓ, ଶେଷଦେବ ଦାନୀ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀ କମଳିନୀ ସାହୁ ଓ ରାକ୍ଷୀ ନାଏକ ଅଲଗଲ ପିଗମେଣ୍ଟ ଶୀର୍ଷକ ଉପରେ ପ୍ରବନ୍ଧ ଉପସ୍ଥାପନା କରିଥିଲେ । ସେହିପରି ଗଣିତ ବିଭାଗର ଆଲୋଚନାରେ ବିଭାଗୀୟ ମୁଖ୍ୟ ଡ.ସୁବିଜ୍ଞ ଗଡତ୍ୟା ଅଧ୍ୟକ୍ଷତା କରିଥିଲେ। ଛାତ୍ରୀ ସ୍ନେହାରାଣୀ ପଧାନ, ସ୍ୱାଗତ ଭୋଇ, ବିନୟ ଭୋଇ, ସୁରଜ ନାଏକ ,ସନ୍ଦେଶ ସାହୁ,ବିଷ୍ଣୁ ସାହୁ ଓ ଗୀତାଞ୍ଜଳୀ ରଣା ପ୍ରମୁଖ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ ।

**ଭାରତ ସରକାର**
**ପେଟ୍ରୋଲିୟମ ଏବଂ ବିସ୍ଫୋରକ ସାମଗ୍ରୀ ନିରାପତ୍ତା ସଂଗଠନ (ପିଇଏସ୍‌ଓ)**
**(ପୂର୍ବରୁ ବିସ୍ଫୋରକ ସାମଗ୍ରୀ ବିଭାଗ)**

**ଚେତାବନୀ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, ଭାରତ ସରକାର ଅଧିସୂଚନା ସଂ. ଜି.ଏସ୍.ଆର୍.୬୮୨ (ଇ), ତାରିଖ: ୦୫।୧୦।୧୯୯୯ ମାଧ୍ୟମରେ ବାଣର ମାଳା ସମେତ ୧୨୫ ଡିବି(ଏ୧) ରୁ ଅଧିକ ଧ୍ୱନି ସ୍ୱରର ଆତସବାଜିର ବିନିର୍ମାଣ, ବିକ୍ରୟ କିମ୍ବା ବ୍ୟବହାର ଉପରେ କଟକଣା ଲାଗୁ କରିଛନ୍ତି । ଏଭଳି ବାଣଗୁଡ଼ିକର ବିନିର୍ମାଣ, ବିକ୍ରୟ ତଥା ବ୍ୟବହାର ବେଆଇନ ଅଟେ ଏବଂ ଏହାର ଉଲ୍ଲଂଘନ କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ବୈଧାନିକ ନିୟମାବଳୀ ଅଧୀନରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଦୀପାବଳି ପର୍ବ ସମୟରେ ନିରାପତ୍ତା ପାଇଁ ନିମ୍ନଲିଖିତ ପ୍ରାକ୍-ସତର୍କତା ଅବଲମ୍ବନ କରନ୍ତୁ:

**କ'ଣ କରିବେ**

* କେବଳ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଅନୁପାଳନ କରି ତିଆରି ହୋଇଥିବା ବାଣଗୁଡ଼ିକୁ ବିଶ୍ୱସନୀୟ ଲାଇସେନ୍ସଧାରୀ ବିକ୍ରେତାଙ୍କଠାରୁ କିଣନ୍ତୁ ।
* ସର୍ବଦା ଜଣେ ପ୍ରୌଢ଼ଙ୍କ ତତ୍ତ୍ୱାବଧାନ ଅଧୀନରେ ବାଣ ବ୍ୟବହାର କରନ୍ତୁ ।
* ବାଣରେ ଦର୍ଶାଯାଇଥିବା ନିରାପତ୍ତା ସତର୍କତାକୁ କଡ଼ାକଡ଼ି ଭାବେ ଅନୁସରଣ କରନ୍ତୁ ।
* ବାଣରେ ନିଆଁ ଲଗାଇବା ପାଇଁ ମହମବତି କିମ୍ବା ଧୂପକାଠି ବ୍ୟବହାର କରନ୍ତୁ ।
* ପ୍ରାରମ୍ଭିକ ଅଗ୍ନିକୁ ଲିଭାଇବା ପାଇଁ ସର୍ବଦା ହାତପାହାନ୍ତାରେ ଏକ ପାଣି ବାଲ୍‌ଟି ରଖନ୍ତୁ ।
* ଆକାଶୀ ବାଣଗୁଡ଼ିକୁ କେବଳ ସୁରକ୍ଷିତ ଅବତରଣ ଅଞ୍ଚଳରେ ବ୍ୟବହାର କରନ୍ତୁ ।
* ବ୍ୟବହୃତ ବାଣଗୁଡ଼ିକୁ ପାଣିରେ ଭିଜାଇବା ପରେ ହିଁ ଫୋପାଡ଼ନ୍ତୁ ।

**କ'ଣ କରିବେ ନାହିଁ**

* ୧୨୫ ଡିବି(ଏ୧) ଅଥବା ଫୁଟାଇବା ଜାଗାରୁ ୪ ମିଟର ଦୂରତାରେ ୧୪୫ ପିକେରୁ ଅଧିକ ଧ୍ୱନି ସୃଷ୍ଟି କରୁଥିବା ବାଣଗୁଡ଼ିକର ବିନିର୍ମାଣ, ବିକ୍ରୟ କିମ୍ବା ବ୍ୟବହାର ପ୍ରତିବନ୍ଧିତ ଅଟେ । ସିରିଜ୍ (ବାଣର ମାଳା) ଗଠିତ କରୁଥିବା ପୃଥକ୍ ବାଣଗୁଡ଼ିକ ପାଇଁ ଉପରଦର୍ଶିତ ସୀମାକୁ ୫ ଲଗ୍ ୧୦ (ଏନ୍) ଡିବିରେ ହ୍ରାସିତ କରାଯିବ, ଯେଉଁଠି 'ଏନ୍'ର ଅର୍ଥ ହେଉଛି ଏକାଠି ଯୋଡ଼ି ଗଢ଼ାଯାଇଥିବା ବାଣଗୁଡ଼ିକର ସମାନ ସଂଖ୍ୟା ।
* ରାତି ୧୦ଟାରୁ ସକାଳ ୬ଟା ମଧ୍ୟରେ ଧ୍ୱନି ସୃଷ୍ଟି କରୁଥିବା ବାଣ ଫୁଟାନ୍ତୁ ନାହିଁ ।
* ବାଣଗୁଡ଼ିକୁ କଦାପି ହାତରେ ଧରି ଫୁଟାନ୍ତୁ ନାହିଁ । ବାଣକୁ ଭୂ-ସ୍ତରରେ ରଖନ୍ତୁ, ସେଥିରେ ନିଆଁ ଲଗାନ୍ତୁ ଓ ଦୂରେଇ ଯାଆନ୍ତୁ ।
* ବାଣଗୁଡ଼ିକୁ କୌଣସି ପାତ୍ର ଭିତରେ ରଖି ଫୁଟାନ୍ତୁ ନାହିଁ ।
* ଉପରେ ଗଛପତ୍ର, ତାର ଆଦି ବାଧା ଥିବା ସ୍ଥାନରେ ଆକାଶୀ ବାଣ ଫୁଟାନ୍ତୁ ନାହିଁ କାରଣ ସେଗୁଡ଼ିକ ହୁଏତ ବାଣକୁ ଖୋଲା ଆକାଶକୁ ଯିବାରୁ ବାଧା ପହଞ୍ଚାଇପାରେ ।
* ବିଲ୍‌ଡିଂ ନିକଟରେ ଆକାଶୀ ବାଣ ଫୁଟାନ୍ତୁ ନାହିଁ । ଏଭଳି କ୍ଷେତ୍ରରେ ବାଣ କବାଟ, ଝରକା ଆଦି ଦେଇ ବିଲ୍‌ଡିଂ ମଧ୍ୟକୁ ପଶିବା ଓ ବିଲ୍‌ଡିଂରେ ଅଗ୍ନିକାଣ୍ଡ ଘଟିବାର ଆଶଙ୍କା ରହିଥାଏ ।
* ଘର ଭିତରେ କଦାପି ବାଣ ଫୁଟାନ୍ତୁ ନାହିଁ ।
* ସର୍ବସାଧାରଣ ରାସ୍ତାରେ ବାଣ ଫୁଟାନ୍ତୁ ନାହିଁ ।
* କଦାପି ନିଜେ ନିଜେ ବାଣ ତିଆରି କରିବା ପାଇଁ ଚେଷ୍ଟା କରନ୍ତୁ ନାହିଁ ।
* ନିଆଁ ଲଗାଇବା ପରେ ମଧ୍ୟ ଫୁଟି ନ ଥିବା ବାଣକୁ ପୁଣିଥରେ ଫୁଟାଇବାକୁ ଚେଷ୍ଟା କରନ୍ତୁ ନାହିଁ (୧୫ରୁ ୨୦ ମିନିଟ୍ ଅପେକ୍ଷା କରନ୍ତୁ ଓ ତାହାକୁ ଏକ ପାଣି ବାଲ୍‌ଟିରେ ଭିଜାଇଦିଅନ୍ତୁ) ।
* ନକଲି / ବେଆଇନ ବାଣ ବ୍ୟବହାର କରନ୍ତୁ ନାହିଁ ।
* ପିଲାମାନଙ୍କୁ ଏକାକୀ ବାଣ ଫୁଟାଇବା ପାଇଁ ଅନୁମତି ଦିଅନ୍ତୁ ନାହିଁ ।

CBC 05209/12/0004/2526

**ପେଟ୍ରୋଲିୟମ ଏବଂ ବିସ୍ଫୋରକ ସାମଗ୍ରୀ ନିରାପତ୍ତା ସଂଗଠନ (ପିଇଏସ୍‌ଓ)**
**(ପୂର୍ବରୁ ବିସ୍ଫୋରକ ସାମଗ୍ରୀ ବିଭାଗ)**

# 'ସମାଜ ବିକାଶ ପ୍ରକ୍ରିୟାରେ ସ୍ୱେଚ୍ଛାସେବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'


ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି ।

**ମହାଶକ୍ତି ଫାଉଣ୍ଡେଶନର ୨୧ତମ ବାର୍ଷିକ ସମ୍ମିଳନୀ**

**ବଲାଙ୍ଗୀର,୧୯।୧୦(ବୀରେନ୍ଦ୍ର କୁମାର ଝାଙ୍କର)**

ସ୍ୱେଚ୍ଛାସେବୀ ଅନୁଷ୍ଠାନ ମହାଶକ୍ତି ଫାଉଣ୍ଡେଶନର ୨୧ତମ ବାର୍ଷିକ ସମ୍ମିଳନୀ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଥିଲା । ନାବାର୍ଡ ମହାପ୍ରବନ୍ଧକ ଏସ୍‌କେ ତାଲୁକଦାର ଏହାକୁ ଉଦ୍‌ଘାଟନ କରି ସମାଜ ବିକାଶ ପ୍ରକ୍ରିୟାରେ ସ୍ୱେଚ୍ଛାସେବୀ କିଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି କହିଥିଲେ। ଆର୍ଥିକ ଅନଗ୍ରସର ଲୋକଙ୍କ ମୂଲ୍ୟଭିତ୍ତିକ ପରିବର୍ତ୍ତନରେ ସେମାନଙ୍କ ଯୋଗଦାନ,କୃଷକ ଉତ୍ପାଦକ କମ୍ପାନୀଗୁଡ଼ିକର ବ୍ୟବସାୟ ବୃଦ୍ଧି କରାଇବା, ଚାଷୀମାନଙ୍କୁ ବାର୍ଷିକ ଲାଭାଂଶର ବଣ୍ଟନ ତଥା କମ୍ପାନୀର ସ୍ଥାୟୀତ୍ୱ ବଜାୟ ରଖିବା ପାଇଁ ଅନୁଷ୍ଠାନର ଭୂମିକା ଉପରେ କହିଥିଲେ। ଏହି ସମ୍ମିଳନୀରେ ୩ଟି ଅଧିବେଶନ ମାଧ୍ୟମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟଦକ୍ଷତା, ଗୋଷ୍ଠୀ ସ୍ତରରେ ଚିରନ୍ତନ ପ୍ରଭାବ, ସ୍ଥାନୀୟ କର୍ମୀଙ୍କ ଭୂମିକା ବିଷୟରେ ଆଲୋଚନା ହୋଇଥିଲା। ଅନୁଷ୍ଠାନ ସଭାପତି ଡ଼. ଦେବାଶିଷ ମହାପାତ୍ର ଓ ପରାମର୍ଶଦାତା ଡ଼. ପ୍ରଦୀପ ପଣ୍ଡାଙ୍କ ଅଧ୍ୟକ୍ଷତା ତଥା ଅନୁଷ୍ଠାନର ଲୋକସମ୍ପର୍କ ବିଭାଗ ମୁଖ୍ୟ ସୁସ୍ମିତା ରଥଙ୍କ ପରିଚାଳନାରେ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ନାବାର୍ଡ ଉପସାଧାରଣ ପ୍ରବନ୍ଧକ ସମୀର ସାମନ୍ତରା, ନାବାର୍ଡ-ଡିଡିଏମ୍ ଡ. ବିବେକ କୁମାର ନାୟକ, ବଲାଙ୍ଗୀର ଜିଲା ମୁଖ୍ୟ କୃଷି ଅଧିକାରୀ ଧୀରେନ୍ଦ୍ର ସିଂ ବରିହା , ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ସୁଦେଶ ଚୌଧୁରୀ, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡ. ସତ୍ୟମୟ ଶତପଥୀ, ମହାଶକ୍ତି ନିର୍ଦ୍ଦେଶକ ମୋହନ ବଳିୟାର ସିଂ ଓ ବିଭିନ୍ନ କମ୍ପାନୀର ଅଧିକାରୀ ଯୋଗଦେଇ ଆଲୋଚନା କରିଥିଲେ। ସମ୍ମିଳନୀରେ ପଶ୍ଚିମ ଓଡ଼ିଶାର ସଫଳ ଏଫ୍‌ପିଓର ଉଲ୍ଲେଖନୀୟ ଅବଦାନ ପାଇଁ ଅନୁଷ୍ଠାନର କର୍ମୀଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ଓଡ଼ିଶାର ୨୦ଟି ଜିଲାରୁ ୨୫୦ ଜଣ ପ୍ରତିନିଧି ଯୋଗ ଦେଇଥିଲେ। ଚାଷୀ ଓ ହସ୍ତଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଉତ୍ପାଦ ପ୍ରଦର୍ଶନୀକୁ ନାବାର୍ଡ ସିଜିଏମ୍ ତାଲୁକଦାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସମ୍ପାଦିକା ରୋଜାଲିନ ଭୂୟାଁ, ପରିଚାଳନା ନିର୍ଦ୍ଦେଶକ ଯୁଗଳ କିଶୋର ପଟ୍ଟନାୟକ, ଟ୍ରଷ୍ଟି ଡ. ପ୍ରଦୀପ ମହାପାତ୍ର, ପ୍ରକାଶ ଚନ୍ଦ୍ର ସାହୁ, ବୀରେନ୍ଦ୍ର ପ୍ରଧାନ, ପାୟଲ ପଟେଲ ଅତିଥି ଓ କର୍ମୀଙ୍କୁ ସମ୍ମାନିତ କରିଥିଲେ। ପରିଚାଳନାରେ ହୃଷୀକେଶ ସାହୁ, ରାଜେନ୍ଦ୍ର ମେହେର, ଅମର ପଟ୍ଟନାୟକ, ରମେଶ ପ୍ରଧାନ ସହଯୋଗ କରିଥିଲେ।

**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Odisha Coal and Power Limited OCPL
Zone-A, 4th Floor, Fortune Towers, Chandrasekharpur, Bhubaneswar - 751023, Odisha, Ph. No. : 0674-2300654 / 2300664

**NOTICE INVITING TENDER**

**Date : 20/10/2025**

Sealed bids in the prescribed format for the following tender are invited from reputed Companies/ Firms/Agencies for execution of the following work :

| Sl. No. | Name of the work | Cost of Tender Paper (inclusive of GST) | Last date of Sale/ download of Tender document | Date of submission/ Opening |
|---|---|---|---|---|
| 1 | Widening of Road from Jhardeswar Temple Gate to Mega water line stock yard, Hemgir, Sundargarh. Tender No.: OCPL/MCMP/SER-159/2025 | NIL | 10/11/2025 | 11:00 AM / 11:30 AM on 17/11/2025 |
| 2 | Construction of School Building at village Ostali, Hemgir, Sundargarh. Tender No. OCPL/MCMP/SER-160/2025 | NIL | 10/11/2025 | 3:00 PM / 3:30 PM on 17/11/2025 |
| 3 | Balance work of construction of Twin Cottage, Sarafgarh Nature Camp, Sundargarh, Odisha. Tender No.: OCPL/MCMP/SER-165/2025 | Rs 1000/- (Rs One Thousand Only) | 11/11/2025 | 11:00 AM / 11:30 AM on 18/11/2025 |
| 4 | Renovation of Pond at Village Kiripsira, Hemgir, Sundargarh. Tender No. OCPL/MCMP/SER-167/2025 | NIL | 11/11/2025 | 3.00 PM / 3:30 PM on 18/11/2025 |

Any further clarifications may please be addressed to the undersigned at the above address or by email to: Contracts@ocpl.org.in.

**Sd./- Sr. Manager (Commercial & Contracts)**

# ବୀରେନ୍ଦ୍ରଙ୍କ ଚିକିତ୍ସାରେ ଅର୍ଥ ସାଜିଛି ବାଧକ

**ଲୋଇସିଂହା,୧୯।୧୦(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଛେଲବାହାଲ ଗ୍ରାମର ବୀରେନ୍ଦ୍ର କର୍ମୀ ଓରଫ ବିଜମ । ବୟସ ୩୫ । ଦୁର୍ଘଟଣାର ଶିକାର ହେଲା ପରେ ସେ ଗତ ୩ ବର୍ଷ ହେଲା ଚଲାବୁଲା କରି ପାରୁନାହାନ୍ତି । ହୁଇଲ ଚେୟାରରେ ବସି ଅନ୍ୟର ସହାୟତାରେ ନିଜର ନିତ୍ୟକର୍ମ କରିଥାନ୍ତି । ବୀରେନ୍ଦ୍ର ଏକପ୍ରକାର ଅକର୍ମଣ୍ୟ ହୋଇ ଘରେ ପଡି ରହିଛନ୍ତି । ଭାଗ୍ୟର ବିଡମ୍ବନା ହେଲା ଏଭଳି ପରିସ୍ଥିତି ଦେଇ ଗତି କରୁଥିବା ବେଳେ ତାଙ୍କର ଗୋଟିଏ କିଡ୍‌ନୀ ନଷ୍ଟ ହେବାରେ ଲାଗିଥିବା ସ୍ୱାସ୍ଥ୍ୟ ପରୀକ୍ଷାରୁ ଜଣାଯାଇଛି। ଚିକିତ୍ସା ପାଇଁ ସର୍ବସ୍ୱାନ୍ତ ହୋଇ ଭାଗ୍ୟକୁ ଆଦରି ପଡି ରହିଥିବା ବୀରେନ୍ଦ୍ରଙ୍କ ପ୍ରତି ଜିଲା ପ୍ରଶାସନ କି ସ୍ୱାସ୍ଥ୍ୟ ବିଭାଗର ଦୃଷ୍ଟି ପଡିପାରିନାହିଁ । ତାଙ୍କ ସ୍ୱାସ୍ଥ୍ୟକୁ ନେଇ ପରିବାର ଲୋକେ ଚିନ୍ତାରେ ଅଛନ୍ତି । ପ୍ରକାଶ ଯେ, ଯୋଗୀସର୍ଡା ପଞ୍ଚାୟତ ଛେଲବାହାଲ ଗ୍ରାମର ବୀରେନ୍ଦ୍ରଙ୍କ ପରିବାର କହିଲେ ସ୍ତ୍ରୀ ସବିତା ଓ ଶିଶୁ ବାଟିକା ଶ୍ରେଣୀରେ ପଢୁଥିବା ଏକମାତ୍ର ଶିଶୁପୁତ୍ର ଅମ୍ଳାନ । ସେ ପେଶାରେ ଜଣେ ରାଜମିସ୍ତ୍ରୀ। ଗତ କିଛି ବର୍ଷ ତଳେ ରଫାଖାଲ ଗ୍ରାମକୁ


ବୀରେନ୍ଦ୍ର ।

ଏକ ଘର କାମ କରିବାକୁ ଯାଇଥିବା ବେଳେ ଅସାବଧାନତାବଶତଃ ତଳେ ପଡିଯାଇଥିଲେ। ଫଳରେ ତାଙ୍କ ମେରୁହାଡ ଭାଙ୍ଗି ଯାଇଥିଲା । ଏହି କାରଣରୁ ଅଣ୍ଟାରୁ ତଳକୁ ଅଚଳ ହୋଇ ପଡିଥିଲା । ପରବର୍ତ୍ତୀ ସମୟରେ ଅସ୍ତ୍ରୋପଚାର ଆବଶ୍ୟକ ପଡିବାରୁ ୨୦୨୧ ମସିହାରେ ବାଙ୍ଗାଲୁରସ୍ଥିତ ଏକ ହସ୍ପିଟାଲକୁ ଯାଇ ଅସ୍ତ୍ରୋପଚାର କରାଇଥିଲେ । ହେଲେ ଅସ୍ତ୍ରୋପଚାର ସଫଳ ହୋଇ ନ ଥିଲା । ପରେ କଟକ ନିକଟ ଓଲଟପୁର, ବୁର୍ଲା, ବଲାଙ୍ଗୀର ଆଦି ସ୍ଥାନରେ ଥିବା ମେଡିକାଲରେ ଚିକିତ୍ସିତ ହୋଇଥିଲେ। ୨ ଏକର ଚାଷ ଜମି ବିକି,ଗହଣା ବନ୍ଧା ପକାଇ , ଯୌତୁକ ପାଇଥିବା ବାଇକ୍, ଘରର ଆସବାବପତ୍ର ବିକ୍ରି କରି ଚିକିତ୍ସା ବାବଦକୁ ବହୁ ଟଙ୍କା ଖର୍ଚ୍ଚ କଲେଣି । ହେଲେ ତାଙ୍କ ସ୍ୱାସ୍ଥ୍ୟରେ କୌଣସି ସୁଧାର ଆସିନାହିଁ । ଉପଯୁକ୍ତ ଚିକିତ୍ସାରେ ଅର୍ଥ ବାଧକ ସାଜିଥିବା ବେଳେ ଏବେ ମୃତ୍ୟୁ ସହ ସଂଗ୍ରାମ ଚଳାଇଛନ୍ତି । ପରିସ୍ରାଜନିତ ସମସ୍ୟା ହେବାରୁ ଦୁଇ ସପ୍ତାହ ତଳେ ବଲାଙ୍ଗୀର ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରିବାରୁ ତାଙ୍କର ଏକ କିଡ୍‌ନୀ ଖରାପ ହେବାରେ ଲାଗିଥିବା ଜଣାପଡିଛି। ସମ୍ପୂର୍ଣ୍ଣ ଅକ୍ଷମ ଥାଇ ତାଙ୍କୁ ୪୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ମିଳିଛି । ୧ ହଜାର ଟଙ୍କା ଭିନ୍ନକ୍ଷମ ଭତ୍ତା ଏବଂ ପଞ୍ଚାୟତରୁ ପରିବାରର ୩ ଜଣଙ୍କ ପାଇଁ ୧୫ କେଜି ପିଡିଏସ୍ ସାମଗ୍ରୀ ମିଳୁଛି । ସରକାରୀ ସହାୟତା କହିଲେ ଏତିକି ମାତ୍ର । ଏତିକି ସମ୍ବଳରେ ପରିବାର ଚଳାଇବା ଓ ଔଷଧ କିଣି ଖାଇବା ତାଙ୍କ ପକ୍ଷେ ସମ୍ଭବପର ହେଉନାହିଁ। ଅର୍ଥାଭାବରୁ ଏବେ ଔଷଧ ଖାଇବା ବନ୍ଦ କରି ଦେଇଥିବା ବୀରେନ୍ଦ୍ର କହିଛନ୍ତି । ସ୍ତ୍ରୀ ସବିତା କହିଛନ୍ତି , ସେମାନେ ମୁଣ୍ଡ ଗୁଞ୍ଜିବା ପାଇଁ ଭଲ ଘର ନାହିଁ, ଆବାସ ଯୋଜନାରେ ଘର ପାଇଁ ସର୍ଭେ ସରିଥିଲା । କିନ୍ତୁ ପଞ୍ଚାୟତରୁ ବିରୋଧ ଯୋଗୁ ଘର ମିଳିପାରିନାହିଁ । ତାଙ୍କ ସ୍ୱାମୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଘରର ଅଭାବ ସମ୍ପର୍କରେ ବିଡିଓ ଏବଂ ସ୍ଥାନୀୟ ବିଧାୟକଙ୍କୁ ଭେଟି ଗୁହାରି କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ । ଏହାମଧ୍ୟରେ ସବିତାଙ୍କ ଡାହାଣ ହାତ ଭାଙ୍ଗିଯାଇଛି । ବିପଦରେ ତାଙ୍କ ପରିବାର ବୋଲି କୋହଭରା କଣ୍ଠରେ ସେ କହିଥିଲେ । ଏ ସମ୍ପର୍କରେ ବିଡିଓ ଅକ୍ଷୟପାଣି ଉଦ୍ଧୁ କହିଛନ୍ତି, ମାସର ୨ ଓ ୧୬ ତାରିଖରେ ସିଡିଏମଓ ଅଫିସରେ ଭିନ୍ନକ୍ଷମ ପ୍ରମାଣପତ୍ର କରାଯାଉଛି । ସେଠାକୁ ଯାଇ ଜଣାନ୍ତୁ । ଦୀପାବଳି ଛୁଟି ପରେ ଯାହା ସରକାରୀ ସୁବିଧା ଦିଆଯିବା କଥା ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ତେବେ ଯଥାଶୀଘ୍ର ବୀରେନ୍ଦ୍ରଙ୍କୁ ଉତ୍ତମ ଚିକିତ୍ସା ସୁବିଧା , ଅଗ୍ରାଧିକାର ଭିତ୍ତିରେ ଆବାସ ଯୋଜନା, ଅନ୍ତୋଦୟ ଯୋଜନାରେ ଅନ୍ତର୍ଭୁକ୍ତ ଓ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

## ବିଦ୍ୱତ୍ ପରିଷଦର ଆଲୋଚନାଚକ୍ର

**ଲୋଇସିଂହା,୧୯।୧୦(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଙ୍କୁଳସ୍ତରୀୟ ବିଦ୍ୱତ୍ ପରିଷଦର ଆଲୋଚନାଚକ୍ର ଓ ବୁଦ୍ଧିଜୀବୀ ସଂଗୋଷ୍ଠୀ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଭାପତି ବଂଶୀଧର କାଲସାଏ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ କାହ୍ନୁଚରଣ ଦର୍ଜୀ, ମୁଖ୍ୟବକ୍ତା ଦିଲୀପ ପାଠୀ, ସମ୍ମାନିତ ଅତିଥି ଭାବେ ସଦାନନ୍ଦ ସାହୁ ଯୋଗଦାନ କରିଥିଲେ । ପ୍ରାରମ୍ଭରେ ପ୍ରଧାନ ଆଚାର୍ଯ୍ୟ ଶିବ ବାରିକ ଅତିଥି ପରିଚୟ ପ୍ରଦାନ ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ମୁଖ୍ୟବକ୍ତା ପାଠୀ ସାମାଜିକ ସରସତା, ପ୍ରବୋଧନ ଉପରେ ଆଲୋକପାତ କରିଥିଲେ। ସଦାନନ୍ଦ ସାହୁ ମଣିଷ ଜୀବନର ଲକ୍ଷ୍ୟ, ଆଧ୍ୟାତ୍ମିକ ମାର୍ଗରେ ଜ୍ଞାନର ସଂଜ୍ଞା ବ୍ୟାଖ୍ୟା କରିଥିଲେ । ଏଥିରେ ପ୍ରଶାନ୍ତ ବେହେରା, ଧର୍ମସିଂ ମିଶ୍ର , ରାମଚନ୍ଦ୍ର ପଟେଲ, ହିମାଂଶୁ ସାହୁ, ଗୌର ନିତାଇ ପଥରିମାଲି ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏଥିରେ ଲୋଇସିଂହାର ୭ଟି ସଙ୍କୁଳରୁ ଯୋଗଦାନ କରିଥିଲେ। କୁଶଙ୍ଗ ପ୍ରଧାନ ଆଚାର୍ଯ୍ୟ ଭାଗ୍ୟଦତ୍ତ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୁକୁନ୍ଦ ନାରାୟଣ ସିଂଦେଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଛାତ୍ରୀ ନିବାସ ଅନୁଧ୍ୟାନ କଲେ ଉପଜିଲାପାଳ

**କଣ୍ଟାବାଞ୍ଜି,୧୯।୧୦(ଗୁରୁଦୟାଲ ହଂସ)**

**ଧରିତ୍ରୀ ପ୍ରଭାବ**

ଗତ ଅକ୍ଟୋବର ୧୨ ତାରିଖ ଦୈନିକ ଧରିତ୍ରୀରେ ଜରାଜୀର୍ଣ୍ଣ ଆଦିବାସୀ ଛାତ୍ରୀ ନିବାସ, ରାଜୀବ ଗାନ୍ଧୀ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶୀର୍ଷକ ଏକ ଖବର ସ୍ଥାନିତ ହୋଇଥିଲା । ଏହି ଖବର ପ୍ରକାଶ ପାଇବା ପରେ ଉକ୍ତ ବିଦ୍ୟାଳୟର ପରିଚାଳନା କମିଟି ଅଧ୍ୟକ୍ଷ ତଥା ଉପଜିଲାପାଳ ପଦ୍ମନାଭ ସାମନ୍ତରାୟ, ତୁରେକେଲା ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲ ଏବଂ ବିଭାଗୀୟ ଅଧିକାରୀମାନେ ଛାତ୍ରୀନିବାସକୁ ଯାଇ ଅନୁଧ୍ୟାନ କରିଥିଲେ । ଦୀର୍ଘ ବର୍ଷରୁ ନିର୍ମାଣ ସରି ଯାଇଥିଲେ ସୁଦ୍ଧା ଏହା ଉପଯୋଗୀ ହୋଇ ପାରି ନ ଥିବାରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଯାଇଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ । ଯଥାଶୀଘ୍ର ଏହା କାର୍ଯ୍ୟକ୍ଷମ କରିବା ପାଇଁ ଉପଜିଲାପାଳ ସାମନ୍ତରାୟ ସଂପୃକ୍ତ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିବା ବେଳେ ଏହାର ଉନ୍ନତୀକରଣ ପାଇଁ ଦୁଇ ବର୍ଷ ତଳେ ଆସିଥିବା ୨୦ ଲକ୍ଷ ଟଙ୍କାକୁ ସଦ୍ ବିନିଯୋଗ କରିବା ପାଇଁ କହିଥିଲେ । ଆଦିବାସୀ ଛାତ୍ରୀ ନିବାସ କାର୍ଯ୍ୟକ୍ଷମ ହେଲେ ଉପାନ୍ତ ମାଓବାଦୀ ଅଞ୍ଚଳର ଛାତ୍ରୀମାନେ ଉପକୃତ ହୋଇପାରିବେ ବୋଲି ସ୍କୁଲ ଅଧ୍ୟକ୍ଷ ଅଶ୍ୱିନୀ ମେହେର କହିଛନ୍ତି ।

## ଦୋକାନରେ ଚଢ଼ାଉ, ଫଟକା ଜବତ

**ବଲାଙ୍ଗୀର,୧୯।୧୦(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହର ସର୍କିଟ ହାଉସ ନିକଟ ସାଲେପାଲି ଛକଠାରୁ ନୂଆ ବସଷ୍ଟାଣ୍ଡକୁ ଯାଇଥିବା ରାସ୍ତା କଡରେ ଥିବା ଏକ କିରାନା ଦୋକାନରେ ବେଆଇନ ଭାବେ ଫଟକା ବିକ୍ରି ହେଉଥିବା ଖବର ପାଇ ବଲାଙ୍ଗୀର ଟାଉନ ଥାନା ପୋଲିସ ରବିବାର ଚଢାଉ କରିଥିଲା। ଏଠାରେ ବେଆଇନ ଫଟକା ବିକ୍ରି କରାଯିବା ନେଇ ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଟାଉନ ଥାନା ଆଇଆଇସି ଅବନୀ ସାହୁଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ଟିମ୍ ଉକ୍ତ ଦୋକାନକୁ ଯାଇ ଚଢାଉ କରିଥିଲେ। ସେଠାରେ ଜଣେ ବ୍ୟକ୍ତି କିରାନା ଦୋକାନର ଏକ ବୋର୍ଡ ମାରି ଫଟକା ଦୋକାନ ଖୋଲିଥିଲେ। ବିନା ଲାଇସେନ୍ସରେ ବର୍ଷ ବର୍ଷ ଧରି ସେହି ବ୍ୟକ୍ତି ଜଣକ ଫଟକା ବିକ୍ରି କରି ଆସୁଥିବା ଜଣାପଡିଥିଲା। ପୋଲିସ ଉକ୍ତ ଦୋକାନରେ ଚଢାଉ କରି ବିକ୍ରି କରୁଥିବା ଫଟକା ଜବତ କରିବା ସହ ଦୋକାନକୁ ବନ୍ଦ କରି ଦେଇଛନ୍ତି।

# ବେଲପଡ଼ା ବ୍ଲକ ଛାତ୍ରୀଛାତ୍ରଙ୍କ ସଫଳତା



ଜିଲାସ୍ତରୀୟ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷକଗଣ ।

**ବେଲପଡା,୧୯।୧୦(ମନୋଜ କୁମାର ମିଶ୍ର)**

**ଜିଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ବିଜୟାନନ୍ଦ ହାଇସ୍କୁଲ ଖେଳପଡିଆଠାରେ ଗତ ୪ ଦିନ ଧରି ଜିଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନେ ରାଜ୍ୟସ୍ତରରେ ହେବାକୁ ଥିବା ଖେଳ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି । ଏଥିରେ ବେଲପଡ଼ା ବ୍ଲକର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରି ସଫଳତା ପାଇଛନ୍ତି । ବେଲପଡ଼ା ବ୍ଲକ କ୍ରୀଡା ସମ୍ପାଦକ ପ୍ରମୋଦ ଠାକୁରଙ୍କ ତତ୍ତ୍ୱାବଧାନରେ ୪ଟି ଗ୍ରୁପର ୧୯ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସିନିୟର ବାଳକ ବିଭାଗରେ ରୋଶନ ନାୟକ ୩୦୦୦ ମିଟର ଦୌଡ଼ରେ ପ୍ରଥମ,୧୫୦୦ ମିଟର ଦୌଡରେ ଦ୍ୱିତୀୟ ସେହିପରି ବାଳିକା ବିଭାଗରେ ଅର୍ପିତା ମଲ୍ଲିକ ୩୦୦୦ ମିଟର ଦୌଡ଼ରେ ପ୍ରଥମ, ୪୦୦ମିଟର ଦୌଡରେ ପ୍ରଥମ ଓ ଲିପ୍ସା ଛତ୍ରିଆ ୧୫୦୦ ମିଟର ଦୌଡରେ ପ୍ରଥମ , ଗାୟତ୍ରୀ ମାଝୀ ୩୦୦୦ ମିଟର ଦୌଡରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ୧୪ ବର୍ଷରୁ କମ୍ ବର୍ଗରେ ବାଳକ ବିଭାଗରୁ ଦେବରାଜ ବରିହା ୬୦୦ ମିଟର ଦୌଡରେ ଦ୍ୱିତୀୟ, ୪୦୦ ମିଟର ଦୌଡରେ ଦ୍ୱିତୀୟ, ୨୦୦ ମିଟରରେ ତୃତୀୟ ଓ ବାଳିକା ବିଭାଗରେ ୬୦୦ ମିଟର ଦୌଡରେ ଯଶୋଦା ଥାପା ତୃତୀୟ ସ୍ଥାନ ହାସଲ କରିଛନ୍ତି। କ୍ରୀଡା ଶିକ୍ଷକ ସରୋଜ ବିଶାଳ, ସୁଦାମ ସୁନା, ଲକ୍ଷ୍ମୀ ମଲ୍ଲିକ, ଅମରେଶ ପଧାନଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ରମାନେ ଆସନ୍ତା ନଭେମ୍ବରରେ ବାଲେଶ୍ୱରରେ ହେବାକୁ ଥିବା ରାଜ୍ୟ ସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଭାଗ ନେବେ ବୋଲି କ୍ରୀଡା ସମ୍ପାଦକ ଠାକୁର ସୂଚନା ଦେଇଛନ୍ତି । ଏହି ସଫଳତା ପାଇଁ ବ୍ଲକ ଶିକ୍ଷାଧିକାରୀ ଅଭିନବ ମିଶ୍ର, ଏବିଓ ଚତୁର୍ଭୁଜ ମିର୍ଦ୍ଧା, ନୋଡାଲ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା, ତରଙ୍ଗିନୀ ହୋତା, ବିଶ୍ୱମ୍ଭର ବୁଡେକ ଶୁଭେଚ୍ଛା ଜଣାଇଛନ୍ତି।

## ରୋତ କଲେଜରେ ସାପ୍ତାହିକ ଆଲୋଚନାଚକ୍ର

**ଲୋଇସିଂହା,୧୯।୧୦(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୋତ କଲେଜର ଓଡିଆ, ଶିକ୍ଷା, ଗଣିତ ଓ ଉଦ୍ଭିଦ ବିଜ୍ଞାନ ବିଭାଗର ସାପ୍ତାହିକ ଆଲୋଚନା ଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି । ଓଡିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଫକୀରମୋହନଙ୍କ ଛଅ ମାଣ ଆଠଗୁଣ୍ଠ ଉପନ୍ୟାସରେ ସମାଜ ଚିତ୍ର ଶୀର୍ଷକ ଆଲୋଚନା ଚକ୍ରରେ ବିଭାଗ ମୁଖ୍ୟ ପ୍ରମୋଦ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ । ଏଥିରେ ଅତିଥି ଭାବେ କଲେଜର ଅଧ୍ୟକ୍ଷ ପ୍ରଦୀପ କୁମାର ଷଡଙ୍ଗୀ ଯୋଗଦେଇ ଫକୀର ମୋହନଙ୍କ ଏହି ଉପନ୍ୟାସ କାଳଜୟୀ ବୋଲି ମତବ୍ୟକ୍ତ କରିଥିଲେ । ଛାତ୍ରୀ ଜ୍ୟୋତ୍ସ୍ନାମୟୀ ଭୁଏ ଓ ଝୁମି ସାହୁ ଭିତ୍ତି ପ୍ରବନ୍ଧ ଉପସ୍ଥାପନା କରିଥିଲେ । ଡ. ଲିଙ୍ଗରାଜ ମେହେରଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ ଆଲୋଚନାରେ ଭାଗ ନେଇଥିଲେ । ସେହିପରି ଶିକ୍ଷା ବିଭାଗ ପକ୍ଷରୁ 'କୃତ୍ରିମ ବୁଦ୍ଧିମତା' ଶୀର୍ଷକ ଆଲୋଚନାରେ ବିଭାଗୀୟ ମୁଖ୍ୟ ଡ.ଭୁରିଶ୍ରବା ମାଝୀ ଅଧ୍ୟକ୍ଷତା କରିଥିଲେ । ଏଥିରେ ଛାତ୍ରୀ ପ୍ରିୟଙ୍କା ପଟେଲ ଓ ପ୍ରମୋରିତା ପୁଟେଲ ଭିତ୍ତି ପ୍ରବନ୍ଧ ଉପସ୍ଥାପନା କରିଥିଲେ । ଆଇକ୍ୟୁଏସି ସଂଯୋଜକ ଦୈତାରୀ ଶବର, ସହ ସଂଯୋଜକ ନୀଳାମ୍ବର ବାରିକ ଅତିଥି ଭାବେ ଯୋଗଦାନ କରିଥିଲେ । ସେହିପରି ଉଦ୍ଭିଦ ବିଜ୍ଞାନର ଆଲୋଚନାଚକ୍ରରେ ବିଭାଗୀୟ ମୁଖ୍ୟ ବୁଦ୍ଧଦେବ ପଣ୍ଡା ଅଧ୍ୟକ୍ଷତା କରିଥିଲେ । ଏଥିରେ ଡ. ହିମାଂଶୁ ଶେଖର ମହନ୍ତ, ଅନୁସୟା ଭଞ୍ଜଦେଓ, ଶେଷଦେବ ଦାନୀ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀ କମଳିନୀ ସାହୁ ଓ ରାକ୍ଷୀ ନାଏକ ଅଲଗଲ ପିଗମେଣ୍ଟ ଶୀର୍ଷକ ଉପରେ ପ୍ରବନ୍ଧ ଉପସ୍ଥାପନା କରିଥିଲେ । ସେହିପରି ଗଣିତ ବିଭାଗର ଆଲୋଚନାରେ ବିଭାଗୀୟ ମୁଖ୍ୟ ଡ.ସୁବିଜ୍ଞ ଗଡତ୍ୟା ଅଧ୍ୟକ୍ଷତା କରିଥିଲେ। ଛାତ୍ରୀ ସ୍ନେହାରାଣୀ ପଧାନ, ସ୍ୱାଗତ ଭୋଇ, ବିନୟ ଭୋଇ, ସୁରଜ ନାଏକ ,ସନ୍ଦେଶ ସାହୁ,ବିଷ୍ଣୁ ସାହୁ ଓ ଗୀତାଞ୍ଜଳୀ ରଣା ପ୍ରମୁଖ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ ।

## ସ୍ୱାସ୍ଥ୍ୟ ପାଇଁ ଉତ୍ତମ ପୋଷଣ ଉପରେ ଗୁରୁତ୍ୱ


ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**ବଲାଙ୍ଗୀର,୧୯।୧୦(ବୀରେନ୍ଦ୍ର କୁମାର ଝାଙ୍କର)**

**ରାଷ୍ଟ୍ରୀୟ ପୋଷଣ ମାସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ**

ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ରାଷ୍ଟ୍ରୀୟ ପୋଷଣ ମାସ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅରବିନ୍ଦ କୁମାର ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ବିଭୁତି ଭୂଷଣ ସାହୁ, ଡ. ସଦାଶିବ ମଲ୍ଲିକ, ସଲୋମନ କୁମାର, ଦିନେଶ ସିଂ, ଅଧ୍ୟାପିକା ଡ. ମିନତୀ ଦେବତା ଉପସ୍ଥିତ ରହି ଛାତ୍ରୀମାନଙ୍କୁ ପୋଷଣର ମହତ୍ତ୍ୱ ସମ୍ପର୍କରେ ବୁଝାଇଥିଲେ। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଉତ୍ତମ ପୋଷଣ ଗ୍ରହଣ କରିବାର ଆବଶ୍ୟକତା ଉପରେ କହିବା ସହ ଏ ଦିଗରେ ସଚେତନତା ସୃଷ୍ଟିର ଗୁରୁତ୍ୱ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଅଜିତ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ମିନତୀ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ।

## ୩ ପଞ୍ଚାୟତ ଭବନର ଶିଳାନ୍ୟାସ

**କଣ୍ଟାବାଞ୍ଜି,୧୯।୧୦(ଗୁରୁଦୟାଲ ହଂସ)**


ମଞ୍ଚାସୀନ ଅତିଥିମାନେ।

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଅଧୀନ ହଲନଭଟା, ଖଗସା ଓ ମହଖଣ୍ଡ ଗ୍ରାମ ପଞ୍ଚାୟତର ୩ଟି ନୂତନ ପଞ୍ଚାୟତ ଭବନ ନିର୍ମାଣ ପାଇଁ ରବିବାର ଦିନ ଶିଳାନ୍ୟାସ କରାଯାଇଛି। ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଏହି ପଞ୍ଚାୟତ ଭବନର ଶିଳାନ୍ୟାସ କରିଥିଲେ । ଏହି ଅବସରରେ ଅନ୍ତୋଦୟ ଗୃହ ଯୋଜନାର ପ୍ରଥମ କିସ୍ତି ଟଙ୍କା ବଣ୍ଟନର ମଧ୍ୟ ଶୁଭାରମ୍ଭ ହୋଇଛି। ତୁରେକେଲା ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ସମ୍ମାନିତ ଅତିଥି ଭାବେ ତୁରେକେଲା ବ୍ଲକ ଉପାଧ୍ୟକ୍ଷା ଧନମତୀ ଝୁରା, ତୁରେକେଲା ସଦର ପଞ୍ଚାୟତ ସରପଞ୍ଚ ଜଳନ୍ଧର ମହାକୁଡ, ସମିତି ସଭ୍ୟ ପ୍ରମୋଦ କୁମାର ମହାପାତ୍ର, ଲୋକ ସଭା ଏମ୍‌ପିଙ୍କ ପ୍ରତିନିଧି ଅକ୍ଷୟ କୁମାର ମେହେର ମଞ୍ଚାସୀନ ଥିଲେ । ତୁରେକେଲା ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ବ୍ଲକର କର୍ମଚାରୀ ଏବଂ ହିତାଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ରାଜ୍ୟର ୪୭୧ଟି ଗ୍ରାମ ପଞ୍ଚାୟତରେ ନୂତନ ଭାବେ ନିର୍ମାଣ ହେବାକୁ ଥିବା ଭବନର ଶିଳାନ୍ୟାସ ମଧ୍ୟ କରାଯାଇଛି ।

# 'ସମାଜ ବିକାଶ ପ୍ରକ୍ରିୟାରେ ସ୍ୱେଚ୍ଛାସେବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'


ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି ।

**ମହାଶକ୍ତି ଫାଉଣ୍ଡେଶନର ୨୧ତମ ବାର୍ଷିକ ସମ୍ମିଳନୀ**

**ବଲାଙ୍ଗୀର,୧୯।୧୦(ବୀରେନ୍ଦ୍ର କୁମାର ଝାଙ୍କର)**

ସ୍ୱେଚ୍ଛାସେବୀ ଅନୁଷ୍ଠାନ ମହାଶକ୍ତି ଫାଉଣ୍ଡେଶନର ୨୧ତମ ବାର୍ଷିକ ସମ୍ମିଳନୀ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଥିଲା । ନାବାର୍ଡ ମହାପ୍ରବନ୍ଧକ ଏସ୍‌କେ ତାଲୁକଦାର ଏହାକୁ ଉଦ୍‌ଘାଟନ କରି ସମାଜ ବିକାଶ ପ୍ରକ୍ରିୟାରେ ସ୍ୱେଚ୍ଛାସେବୀ କିଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି କହିଥିଲେ। ଆର୍ଥିକ ଅନଗ୍ରସର ଲୋକଙ୍କ ମୂଲ୍ୟଭିତ୍ତିକ ପରିବର୍ତ୍ତନରେ ସେମାନଙ୍କ ଯୋଗଦାନ,କୃଷକ ଉତ୍ପାଦକ କମ୍ପାନୀଗୁଡ଼ିକର ବ୍ୟବସାୟ ବୃଦ୍ଧି କରାଇବା, ଚାଷୀମାନଙ୍କୁ ବାର୍ଷିକ ଲାଭାଂଶର ବଣ୍ଟନ ତଥା କମ୍ପାନୀର ସ୍ଥାୟୀତ୍ୱ ବଜାୟ ରଖିବା ପାଇଁ ଅନୁଷ୍ଠାନର ଭୂମିକା ଉପରେ କହିଥିଲେ। ଏହି ସମ୍ମିଳନୀରେ ୩ଟି ଅଧିବେଶନ ମାଧ୍ୟମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟଦକ୍ଷତା, ଗୋଷ୍ଠୀ ସ୍ତରରେ ଚିରନ୍ତନ ପ୍ରଭାବ, ସ୍ଥାନୀୟ କର୍ମୀଙ୍କ ଭୂମିକା ବିଷୟରେ ଆଲୋଚନା ହୋଇଥିଲା। ଅନୁଷ୍ଠାନ ସଭାପତି ଡ଼. ଦେବାଶିଷ ମହାପାତ୍ର ଓ ପରାମର୍ଶଦାତା ଡ଼. ପ୍ରଦୀପ ପଣ୍ଡାଙ୍କ ଅଧ୍ୟକ୍ଷତା ତଥା ଅନୁଷ୍ଠାନର ଲୋକସମ୍ପର୍କ ବିଭାଗ ମୁଖ୍ୟ ସୁଶ୍ରୀତା ରଥଙ୍କ ପରିଚାଳନାରେ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ନାବାର୍ଡ ଉପସାଧାରଣ ପ୍ରବନ୍ଧକ ସମୀର ସାମନ୍ତରା, ନାବାର୍ଡ–ଡିଡିଏମ୍ ଡ. ବିବେକ କୁମାର ନାୟକ, ବଲାଙ୍ଗୀର ଜିଲା ମୁଖ୍ୟ କୃଷି ଅଧିକାରୀ ଧୀରେନ୍ଦ୍ର ସିଂ ବରିହା , ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ସୁଦେଶ ଚୌଧୁରୀ, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡ. ସତ୍ୟମୟ ଶତପଥୀ, ମହାଶକ୍ତି ନିର୍ଦ୍ଦେଶକ ମୋହନ ବଳିୟାର ସିଂ ଓ ବିଭିନ୍ନ କମ୍ପାନୀର ଅଧିକାରୀ ଯୋଗଦେଇ ଆଲୋଚନା କରିଥିଲେ। ସମ୍ମିଳନୀରେ ପଶ୍ଚିମ ଓଡ଼ିଶାର ସଫଳ ଏଫ୍‌ପିଓର ଉଲ୍ଲେଖନୀୟ ଅବଦାନ ପାଇଁ ଅନୁଷ୍ଠାନର କର୍ମୀଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ଓଡ଼ିଶାର ୨୦ଟି ଜିଲାରୁ ୨୫୦ ଜଣ ପ୍ରତିନିଧି ଯୋଗ ଦେଇଥିଲେ। ଚାଷୀ ଓ ହସ୍ତଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଉତ୍ପାଦ ପ୍ରଦର୍ଶନୀକୁ ନାବାର୍ଡ ସିଜିଏମ୍ ତାଲୁକଦାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସମ୍ପାଦିକା ରୋଜାଲିନ ଭୂୟାଁ, ପରିଚାଳନା ନିର୍ଦ୍ଦେଶକ ଯୁଗଳ କିଶୋର ପଟ୍ଟନାୟକ, ଟ୍ରଷ୍ଟି ଡ. ପ୍ରଦୀପ ମହାପାତ୍ର, ପ୍ରକାଶ ଚନ୍ଦ୍ର ସାହୁ, ବୀରେନ୍ଦ୍ର ପ୍ରଧାନ, ପାୟଲ ପଟେଲ ଅତିଥି ଓ କର୍ମୀଙ୍କୁ ସମ୍ମାନିତ କରିଥିଲେ। ପରିଚାଳନାରେ ହୃଷୀକେଶ ସାହୁ, ରାଜେନ୍ଦ୍ର ମେହେର, ଅମର ପଟ୍ଟନାୟକ, ରମେଶ ପ୍ରଧାନ ସହଯୋଗ କରିଥିଲେ।

## ମାଙ୍କଡ଼ ଉପଦ୍ରବ, ପହଞ୍ଚିଲା ବନବିଭାଗ ଟିମ୍

**ବଲାଙ୍ଗୀର,୧୯।୧୦(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ରେଞ୍ଜ ଅନ୍ତର୍ଗତ ପୁଟୁପଡା, ଭାନପୁର ତଥା ଆଖପାଖ ଗାଁରେ ମାଙ୍କଡ଼ ଉପଦ୍ରବ ଦେଖିବାକୁ ମିଳିଛି। ଗତ ଦୁଇଦିନ ତଳେ ପୁଟୁପଡା ଗାଁର ଜଣେ ଛାତ୍ରୀ ମାଙ୍କଡ ଆକ୍ରମଣର ଶିକାର ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହାଛଡା ଗାଁର ମହିଳା, ପୁରୁଷ ତଥା ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ମାଙ୍କଡ ଆକ୍ରମଣ କରିଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି। ମାଙ୍କଡ ଚାଷୀଙ୍କ ଫସଲ ନଷ୍ଟ କରି ଦେଉଥିବାରୁ ଲୋକେ ଚିନ୍ତାରେ ପଡିଛନ୍ତି। ଗାଁ ଲୋକଙ୍କ ଅଭିଯୋଗ ପରେ ରବିବାର ଦିନ ବଲାଙ୍ଗୀର ବନ ବିଭାଗର ଏକ ଟିମ୍ ଉକ୍ତ ଗାଁରେ ପହଞ୍ଚି ମାଙ୍କଡକୁ ଧରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲା। ବଲାଙ୍ଗୀର ବନବିଭାଗ ଏସିଏଫ ମାନସ ରଞ୍ଜନ ବେହେରାଙ୍କ ନେତୃତ୍ୱରେ ବଙ୍ଗୋମୁଣ୍ଡା ରେଞ୍ଜର ପଦ୍ମନାଭ କୁମ୍ଭାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ ଗାଁରେ ପହଞ୍ଚି ଥିଲା। ଏସିଏଫ୍ ବେହେରା କହିଛନ୍ତି ,ମାଙ୍କଡ ଉପଦ୍ରବ ନେଇ ଏହି ଟିମ୍ ନଜର ରଖିଛି ।


ମାଙ୍କଡ ଧରିବା ପାଇଁ ବନବିଭାଗ ଟିମ୍ ଉଦ୍ୟମ ଚଳାଇଛି ।



# ଅସତୋ ମା ସଦ୍‌ଗମୟ, ତମସୋ ମା ଜ୍ୟୋତିର୍ଗମୟ...

ଡା. ଉମେଶ ଚନ୍ଦ୍ର ପାତ୍ର

ଆଲୋକର ପର୍ବ ଦୀପାବଳି। ଏହି ଦିନଟିକୁ ସମସ୍ତେ ଦୀପ, ମହମବତି ଓ ବିଭିନ୍ନ ରଙ୍ଗବେରଙ୍ଗର ଲାଇଟ୍ ଜଳାଇ, ବାଣଫୁଟାଇ ବେଶ୍ ଧୁମଧାମରେ ପାଳନ କରିଥା'ନ୍ତି। ପିଠା, ମିଠା ବଣ୍ଟନର ଆନନ୍ଦରେ ବିଭୋର ହୋଇଥା'ନ୍ତି। ପ୍ରତିବର୍ଷ ଭାରତ ବର୍ଷରେ ଏହି ପର୍ବ ପାଳନ କରାଯାଇଥାଏ। ଏହା ପଛରେ ମଧ୍ୟ ରହିଛି ବିଭିନ୍ନ କିମ୍ବଦନ୍ତୀ। ଦୀପାବଳି ପର୍ବର ରହିଛି ସୁନ୍ଦର ଅର୍ଥ। ଦୀପ ଅର୍ଥ ଆଲୋକ ଓ ଆବଳି ଅର୍ଥ ଅନବରତ ଆଲୋକ। ଜଗତରୁ ଅନ୍ଧକାର ରୂପକ ଅନ୍ୟାୟ, ଭ୍ରଷ୍ଟାଚାର, ଦୁର୍ନୀତି ଦୂର ହୋଇ ଆଲୋକ ରୂପକ ଶାନ୍ତି ଛାୟା ବିଛେଇ ହୋଇ ରହୁ। ଏହାହିଁ ଦୀପାବଳି ପର୍ବର ମୁଖ୍ୟ ଲକ୍ଷ୍ୟ। ରାଷ୍ଟ୍ରଭକ୍ତ, ସମାଜସେବୀମାନେ ରାଷ୍ଟ୍ର ତଥା ଦେଶର ଉନ୍ନତି ପାଇଁ ଏବଂ ସମାଜରୁ ଶତ୍ରୁ, ଅସତ୍ୟ, ଅନ୍ୟାୟକୁ ପରାଜିତ କରି ସତ୍ୟର ଆଗମନ ନିମନ୍ତେ ଦୀପ ଜାଳି ଭଗବାନ୍‌ଙ୍କ ନିକଟରେ କାମନା କରିଥା'ନ୍ତି। ପରିବାରର ଲୋକମାନେ ମଧ୍ୟ ନିଜ ଆତ୍ମୀୟଙ୍କ ଶୁଭ ମନାସି ଜାଳିଥାନ୍ତି ଦୀପାଳି। ଏହି ଦିନକୁ ଆତ୍ମ ସାକ୍ଷାତ୍କାର ଦିନ ଭାବେ ମଧ୍ୟ ଗ୍ରହଣ କରାଯାଇଥାଏ। ମଣିଷ ଭିତରେ ଥିବା ସୁପ୍ତ ଚେତନାକୁ ଜାଗ୍ରତ କରିବାର ଏହା ଏକ ଅନୁପମ ପର୍ବ।

ଆମର ଆଭାମଣ୍ଡଳକୁ ବିଶୁଦ୍ଧ ଓ ପରିବେଶ ସ୍ୱଚ୍ଛତା ପ୍ରତି ସତର୍କ ହେବା ପାଇଁ ମଧ୍ୟ ସନ୍ଦେଶ ଦେଇଥାଏ ଏହି ପର୍ବ। ପୂର୍ବ ପୁରୁଷଙ୍କ ଆତ୍ମାକୁ ଶାନ୍ତି ଦେବା ନିମିତ୍ତ ଏହିଦିନ ପିଣ୍ଡଦାନ କରାଯାଇଥାଏ। ପିଣ୍ଡଦାନ ପରେ ସେମାନେ ପିତୃଲୋକ ଗମନ କରନ୍ତି ବୋଲି ବିଶ୍ୱାସ କରାଯାଏ। ଏଥିପାଇଁ ପିଣ୍ଡଦାନ ପରେ ପିପେଇ ଡକାଯାଏ। କାଉଁରିଆ କାଠି, ବେରୁଆ ଓ ଘିଅରେ ପ୍ରସ୍ତୁତ ହୋଇଥାଏ ପିପେଇ କାଠି। ଏଥିରେ ଅଗ୍ନି ସଂଯୋଗ କରାଯାଇ ବଡ଼ବଡୁଆଙ୍କୁ ଆହ୍ୱାନ କରାଯାଇଥାଏ। ସେମାନେ ଆଲୋକରେ ଦିବ୍ୟଲୋକ ଗମନ କରନ୍ତୁ ବୋଲି ଲୋକମାନେ ପିପେଇ ଡାକି କାମନା କରିଥା'ନ୍ତି। ପିପେଇ ଡାକରେ ମଧ୍ୟ ରହିଛି ଏକ ସୁନ୍ଦର ବନ୍ଦନା। ବନ୍ଦନାଟି ଏହିପରି– ବଡ଼ବଡୁଆ ହୋ ଅନ୍ଧାରରେ ଆସ, ଆଲୁଅରେ ଯାଅ। ଗଙ୍ଗା ଯାଅ, ଗୟା ଯାଅ, ବାଇଶି ପାହାଚରେ ଗଡ଼ଗଡ଼ଉଥାଅ। ରାମାୟଣ ପୃଷ୍ଠାରୁ ଜଣାପଡ଼େ ମର୍ଯ୍ୟାଦା ପୁରୁଷ ରାମଚନ୍ଦ୍ର ରାକ୍ଷସ ରାବଣକୁ ବଧ କରି ଜନକନନ୍ଦିନୀ ସୀତାଙ୍କୁ ତା' କବଳରୁ ଉଦ୍ଧାର କରିଥିଲେ। ଏହି ଦିନ ତାଙ୍କ ବନବାସର ଚଉଦ ବର୍ଷ ପୂରିଯାଇଥିବାରୁ ସେ ଅଯୋଧ୍ୟା ଫେରି ଆସିଥିଲେ। ଅଯୋଧ୍ୟା ନଗରବାସୀ ବହୁ ଉତ୍କଣ୍ଠାର ସହ ଅପେକ୍ଷା କରିଥିଲେ ରାଜକୁମାର ରାମଚନ୍ଦ୍ରଙ୍କୁ। ତାଙ୍କୁ ଫେରିବା ଦେଖି ନଗରବାସୀ ଆନନ୍ଦରେ ବିଭୋର ହୋଇ ପାଳନ କରିଥିଲେ ବିଜୟର ଦିବସ। ରଙ୍ଗବେରଙ୍ଗର ଆଲୋକରେ ଅଯୋଧ୍ୟା ନଗରୀ ନେଇଥିଲା ନୂଆ ରୂପ। ଏହା ସହ ନଗରବାସୀ ଦୀପ ଜାଳି, ବାଣ ଫୁଟାଇ ସ୍ୱାଗତ କରିଥିଲେ ରଘୁକୁଳ ତିଳକ ରାମଚନ୍ଦ୍ର, ଲକ୍ଷ୍ମଣ ଓ ଜନକନନ୍ଦିନୀ ସୀତାଙ୍କୁ। ସେଦିନ ଏହି ଦିନଟିକୁ ଦୀପାବଳି ବୋଲି ନାମକରଣ କରାଯାଇଥିଲା। ସେହିଦିନଠାରୁ ହିଁ ଏହି ଦିନରେ ଦୀପାବଳି ପାଳନ କରିଆସୁଛନ୍ତି ଦେଶର କୋଣ ଅନୁକୋଣର ଲୋକମାନେ। ଦୀପାବଳିକୁ ନେଇ ମହାଭାରତରେ ମଧ୍ୟ ରହିଛି ଏକ ସୁନ୍ଦର କାହାଣୀ। ପାଣ୍ଡବ ପାଞ୍ଚ ଭାଇ ତାଙ୍କ ଆତ୍ମୀୟ କୌରବ ଶହେ ଭାଇଙ୍କ ଦ୍ୱାରା ଏକ ବାଜିରେ ପରାଜିତ ହୋଇଥିଲେ। ସର୍ତ୍ତ ଅନୁଯାୟୀ, ପଞ୍ଚ ପାଣ୍ଡବ ୧୩ ବର୍ଷ ପାଇଁ ନିଜ ଜନ୍ମସ୍ଥାନରୁ ନିର୍ବାସିତ ହୋଇଥିଲେ। ଯେଉଁଦିନ ୧୩ ବର୍ଷ ପୂରଣ ହୋଇଥିଲା, ପଞ୍ଚପାଣ୍ଡବ, ତାଙ୍କ ମା' ଓ ସ୍ତ୍ରୀଙ୍କ ସହ ଫେରିଥିଲେ ଜନ୍ମସ୍ଥାନ ହସ୍ତିନାପୁରକୁ। ଏହି ଦିନ ହିଁ ହୋଇଥିଲା କାର୍ତ୍ତିକ ଅମାବାସ୍ୟା। ସେଦିନ ହସ୍ତିନାପୁରବାସୀ ନଗରକୁ ଆଲୋକରେ ସଜାଇ, ଦୀପ ଜାଳି ଓ ବାଣ ଫୁଟାଇ ପଞ୍ଚପାଣ୍ଡବ, ତାଙ୍କ ମା' ଓ ପତ୍ନୀ ଦ୍ରୌପଦୀଙ୍କୁ ସ୍ୱାଗତ କରିଥିଲେ।

ଦୀପାବଳି ଦିନ ଲକ୍ଷ୍ମୀ ଓ ବିଷ୍ଣୁଙ୍କୁ ପୂଜା କରାଯାଇଥାଏ। ପୁରାଣ କିମ୍ବଦନ୍ତୀ ଅନୁଯାୟୀ, ଦେବତା ଓ ଅସୁରଙ୍କ ମଧ୍ୟରେ ମଣିଷଙ୍କ ପରି ମୃତ୍ୟୁ ଘଟୁଥିଲା। କିନ୍ତୁ ସେମାନେ ମୃତ୍ୟୁକୁ ଜୟ କରିବା ପାଇଁ ଚାହୁଁଥିଲେ। ଏଥିପାଇଁ ସେମାନଙ୍କୁ ଦରକାର ଥିଲା ସମୁଦ୍ରରେ ଥିବା ଅମୃତ। ଏହି ଅମୃତ ସେବନରେ ହିଁ ମୃତ୍ୟୁକୁ ଜୟ କରିହେବ। ଏଥିପାଇଁ ସେମାନେ ଆରମ୍ଭ କରିଥିଲେ ସମୁଦ୍ର ମନ୍ଥନ। ସମୁଦ୍ର ମନ୍ଥନରୁ ବହୁ ଦୈବିକ ବସ୍ତୁ ବାହାରିଥିଲା। ହେଲେ ଦେବତା ଓ ରାକ୍ଷସ ଯେଉଁ ଅମୃତ ପାଇଁ ସମୁଦ୍ର ମନ୍ଥନ କରୁଥିଲେ, ଉକ୍ତ ଅମୃତକୁ ସାଙ୍ଗରେ ଧରି ସମୁଦ୍ରଙ୍କ ଝିଅ ମହାଲକ୍ଷ୍ମୀ ଆସିଥିଲେ। ସତେ ଯେପରି କାର୍ତ୍ତିକ ଅମାବାସ୍ୟା ରାତିରେ ନୂଆ ଜହ୍ନର ରୂପ ନେଇ ଲକ୍ଷ୍ମୀ ଆବିର୍ଭାବ ହେଲେ। ଭଗବାନ୍ ବିଷ୍ଣୁ ତାଙ୍କୁ ବିବାହ କଲେ। ଦୀପ୍ତିମାନ ଆଲୋକରେ ଆଲୋକମୟ ହୋଇଗଲା ସାରାଜଗତ। ଏହି ପବିତ୍ର ଦିନଟିକୁ ପ୍ରତିବର୍ଷ ଲୋକେ ଦୀପ, ଧୂପ, ପିଠା, ମିଠା ଓ ପଣା ଦେଇ ଲକ୍ଷ୍ମୀ ଓ ବିଷ୍ଣୁଙ୍କୁ ଆରାଧନା କରିଥା'ନ୍ତି। ଏହି ଦିନଟିକୁ କେତେକେ ମଧ୍ୟ ଲକ୍ଷ୍ମୀଙ୍କ ଜନ୍ମଦିନ ବୋଲି ମାନନ୍ତି। କାର୍ତ୍ତିକ ଅମାବାସ୍ୟା ଦିନ ଭଗବାନ୍ ବିଷ୍ଣୁ ବାମନ ଅବତାର ନେଇ ବଳିକୁ ପାତାଳକୁ ଚାପି ଦେଇଥିଲେ। ମହାବଳି ବିଷ୍ଣୁଙ୍କ ଦ୍ୱାରା ପରାଜିତ ହୋଇଥିବାରୁ ଲୋକମାନେ ଏହିଦିନକୁ ବେଶ୍ ଧୁମ୍‌ଧାମରେ ପାଳନ କରିଥିଲେ। ରାକ୍ଷସ ନରକାସୁରକୁ ମଧ୍ୟ ଭଗବାନ୍ ବିଷ୍ଣୁ ଦୀପାବଳି ପୂର୍ବଦିନ ବଧ କରିଥିଲେ। ନରକାସୁର ଦ୍ୱାରା ବନ୍ଦୀଥିବା ନାରୀମାନଙ୍କୁ ଦୀପାବଳି ଦିନ ମୁକ୍ତି ମିଳିଥିଲା। ଏହି ଖୁସିରେ ସେମାନେ ଏହିଦିନରେ ଦୀପ, ଧୂପ ଦେଇ ଭଗବାନ୍ ବିଷ୍ଣୁଙ୍କୁ ପୂଜା କରିଥିଲେ। ଅନ୍ୟ ଏକ କିମ୍ବଦନ୍ତୀରୁ ଜଣାପଡ଼େ, ଏକ ଯୁଦ୍ଧରେ ଦେବତାମାନେ ରାକ୍ଷସଙ୍କଠୁ ପରାଜିତ ହୋଇଥିଲେ। ରାକ୍ଷସମାନଙ୍କ ପ୍ରାଦୁର୍ଭାବ ପୃଥିବୀପୃଷ୍ଠରେ ବୃଦ୍ଧି ପାଇଲା। ଲୋକମାନେ ତ୍ରାହି ତ୍ରାହି ଡାକ ଛାଡ଼ିଲେ। ସ୍ୱର୍ଗ ଓ ମର୍ତ୍ତ୍ୟକୁ ରାକ୍ଷସଙ୍କ କବଳରୁ ରକ୍ଷା କରିବା ପାଇଁ ମା' ଦୁର୍ଗା ସାଜିଲେ ମା' କାଳୀ। ମା' କାଳୀ ସମସ୍ତ ରାକ୍ଷସଙ୍କୁ ମାରି ସାରିବା ପରେ ନିଜର ନିୟନ୍ତ୍ରଣ ହରାଇଥିଲେ। ତାଙ୍କ ସାମ୍ନାରେ ଯିଏ ପଡ଼ିଲା, ତାଙ୍କ ଜୀବନ ଗଲା। ମା' କାଳୀଙ୍କ ରାଗ ଶାନ୍ତ କରିବା ପାଇଁ ସ୍ୱୟଂ ଭଗବାନ୍ ଶିବଶଙ୍କର ଦ୍ୱାରବନ୍ଧରେ ଶୋଇପଡ଼ିଲେ। ମା' ବାହାରି ଯିବା ସମୟରେ ତାଙ୍କ ପ୍ରଥମ ପାଦ ପଡ଼ିଥିଲା ତାଙ୍କ ସ୍ୱାମୀ ଶିବଶଙ୍କରଙ୍କ ଉପରେ। ସ୍ୱାମୀଙ୍କ ଉପରେ ପାଦ ପଡ଼ିଥିବା ଦେଖି ମା' ଜିଭ କାମୁଡ଼ି ଅଟକି ଯାଇଥିଲେ। ଏହି ସୁନ୍ଦର ରୂପକୁ ଦେବଲୋକ ଓ ଭକ୍ତଗଣ ବିଭିନ୍ନ ନୈବେଦ୍ୟରେ ପୂଜା କରିଥିଲେ। ସେ ଦିନ ଥିଲା କାର୍ତ୍ତିକ ଅମାବାସ୍ୟା। ଏଣୁ ଦୀପାବଳିରେ ମା' କାଳୀଙ୍କୁ ପୂଜା କରାଯାଏ।



ଅତୀତର ମହାନ୍ ପରମ୍ପରାପୁଷ୍ଟ ଦୀପାବଳି ଓ ବର୍ତ୍ତମାନର ଆଭିଜାତ୍ୟପୂର୍ଣ୍ଣ ବାଣଫୁଟା ପର୍ବ ଦୀପାବଳି ପାଳନ ବ୍ୟବସ୍ଥାକୁ ତୁଳନା କଲେ ଆମେ କିପରି ଏହି ମହାନ୍ ପର୍ବର ଉଚ୍ଚ ସଂସ୍କୃତିଠାରୁ ଦୂରେଇ ଯାଉଛୁ, ତାହା ସ୍ପଷ୍ଟ ହୋଇଥାଏ । ପର୍ବ ପାଳନର ଆନନ୍ଦ ମଧ୍ୟରେ ଯଦି ଦୁଃଖ ଆସିଲା, ମଣିଷଙ୍କ ସମେତ ଧରାପୃଷ୍ଠରେ ବସବାସ କରୁଥିବା ଅସଂଖ୍ୟ ଜାତିର ଜୀବଜନ୍ତୁ ଭୟାତୁର ଓ କ୍ଷତିଗ୍ରସ୍ତ ହେଲେ, ପକ୍ଷୀ, କୀଟପତଙ୍ଗ ଆତଙ୍କିତ ହେଲେ, ତେବେ ଏଭଳି ଉତ୍ସବ ପାଳନ ମାଧ୍ୟମରେ ଆମେ ଲାଭ କରୁଛେ କି କ୍ଷତି ଆଣୁଛେ ତାହା ଏବର ପରିପ୍ରେକ୍ଷୀରେ ଗୁରୁତ୍ୱର ସହ ବିଚାର କରିବା କଥା। ଆଜିର ଏହି ପବିତ୍ର ଦିବସରେ ଆସନ୍ତୁ ସେହି ମହାନ୍ ଜ୍ୟୋତିକୁ ସ୍ୱାଗତ କରିବା ଓ ବିଶ୍ୱରୁ ଅଜ୍ଞାନର ଅମା ଅନ୍ଧକାର ଦୂରେଇଦେବା ପାଇଁ ପ୍ରାର୍ଥନା କରି କାହାକୁ କ୍ଷତି ପହଞ୍ଚାଇବାଠାରୁ ଦୂରେଇ ରହି ଦୀପାବଳି ଉତ୍ସବ ପାଳନ କରିବାକୁ ଶପଥ ନେବା। ଦୀପାବଳିର ପବିତ୍ର ସନ୍ଧ୍ୟାରେ ପ୍ରଜ୍ୱଳିତ ପ୍ରଦୀପକୁ ସ୍ୱାଗତ କରି କହିବା – 'ସର୍ବେ ଭବନ୍ତୁ ସୁଖିନଃ, ସର୍ବେସନ୍ତୁ ନିରାମୟା...'।


– ପ୍ରତିରକ୍ଷିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ, ମେଡ଼ିକାଲ
କଲେଜ, କଟକ, ମୋ: ୯୪୩୭୦୫୧୯୫୭


# ଖୁସିର ପର୍ବ ହେଉ ଦୀପାବଳି

ଆଲୋକର ପର୍ବ ଦୀପାବଳି। ଅସତ୍ୟ ଉପରେ ସତ୍ୟର ବିଜୟ, ଧର୍ମର ଗୌରବ ଗାଥା ବହନ କରିଥାଏ ଏହି ପର୍ବ। ହିନ୍ଦୁମାନଙ୍କର ଏହି ମହାନ ପର୍ବରେ ଆମେ ଆମ ପୂର୍ବପୁରୁଷଙ୍କୁ ମନେପକାଇବା ସହିତ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ବଡବଡୁଆ ଡାକିଥାଉ। ପିତୃପୁରୁଷଙ୍କ ଆଶୀର୍ବାଦ ଲାଭ କରିବା ଦ୍ୱାରା ଆମ ଜୀବନର ଅନ୍ଧକାରକୁ ଦୂରୀଭୂତ ହୋଇ ଆଲୋକର ଶିଖା ପ୍ରଜ୍ୱଳିତ ହୋଇଥାଏ। ତେବେ ଧୀରେ ଧୀରେ ଆଲୋକର ପର୍ବ ଏବେ ଆତସବାଜିର ପର୍ବ ଭାବେ ପରିଗଣିତ ହେବାରେ ଲାଗିଲାଣି। ଫଳରେ ମାଟି ଦୀପ ଜାଳିବା ବଦଳରେ ଲୋକେ ରଙ୍ଗବେରଙ୍ଗର ଲିଚୁ ଲାଇଟ୍, କ୍ୟାଣ୍ଡେଲ ଓ ଆତସବାଜିରେ ଦୀପାବଳି ପାଳନ କରୁଛନ୍ତି। ପରିବେଶ ପ୍ରଦୂଷଣ ହେବା ସହ ଆମ ପ୍ରକୃତ ପରମ୍ପରା ହଜିଯିବାକୁ ବସିଲାଣି। 'ଦୀପାବଳି' ଶବ୍ଦର ପ୍ରକୃତ ଅର୍ଥ ବାଣ ଫୁଟାଇବା ନୁହେଁ, ବରଂ ଦୀପ ଜାଳି ନିଜ ଭିତରେ ସତ୍ୟ, ଧର୍ମ, ନ୍ୟାୟକୁ ଜାଗ୍ରତ କରିବା। ଦୀପାବଳି ସହ ବହୁ ପୁରାଣ କଥା ଯୋଡି ହୋଇ ରହିଛି। କୁହାଯାଏ ରାମଚନ୍ଦ୍ର ୧୦ବର୍ଷ ବନବାସ ଯାଇଥିଲେ। ଲଙ୍କାପତି ରାବଣକୁ ସଂହାର କରି ସୀତା ଓ ଭାଇ ଲକ୍ଷ୍ମଣ ସହିତ ଅଯୋଧ୍ୟା ଫେରିବା ପରେ ଅଯୋଧ୍ୟାବାସୀ ଖୁସିରେ ତାଙ୍କୁ ଦୀପ ଜାଳି ସ୍ୱାଗତ କରିଥିଲେ। ସେହିପରି ଭଗବାନ୍ ଶ୍ରୀକୃଷ୍ଣ ପତ୍ନୀ ସତ୍ୟଭାମାଙ୍କ ସାହାଯ୍ୟରେ ନରକାସୁରକୁ ବଧ କରିଥିଲେ। ନରକାସୁରର ଆତଙ୍କ ଓ ଅତ୍ୟାଚାରରୁ ମୁକ୍ତି ମିଳିବା ଖୁସିରେ ଲୋକମାନେ ଦୀପ ଜଳାଇ ଖୁସି ପାଳିଥିଲେ। ତେଣୁ ଖୁସିର ଉତ୍ସବ ଦୀପାବଳିକୁ ଅନ୍ୟାୟ ଉପରେ ନ୍ୟାୟର ବିଜୟ ପର୍ବ ଭାବେ ବିବେଚନା କରାଯାଏ। ତେବେ ଏବର୍ଷ କିଏ କିଭଳି ଆଲୋକର ଏହି ପର୍ବକୁ ପାଳନ କରୁଛନ୍ତି ତାହାକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।

## କିଏ କେମିତି ପାଳିବେ...

### ଦୀପ ଜାଳି ଆନନ୍ଦ ଉଲ୍ଲାସରେ ପର୍ବ ପାଳିବି



ଆମ ସଂସ୍କୃତି ଆଉ ପରମ୍ପରାକୁ ନେଇ ଆମେ ଗର୍ବ କରୁ। ସବୁ ପର୍ବ ଭିତରେ ଦୀପାବଳି ପାରମ୍ପରିକ ତଥା ସାଂସ୍କୃତିକ ଗୁରୁତ୍ୱ ବହନ କରେ। ହେଲେ ଏବେ ଆଧୁନିକତାର ବଶବର୍ତ୍ତୀ ହୋଇ ଆମେ ଆଉ ଆମ ପ୍ରଥା ଓ ପରମ୍ପରାକୁ ଭୁଲିବାରେ ଲାଗିଛୁ। ଏବେ ସାଧାରଣତଃ ଦୀପାବଳିରେ ସବୁଆଡେ ବାଣ ଓ ବୈଦ୍ୟୁତିକ ଆଲୋକମାଳା ଟ୍ରେଣ୍ଡ୍ ପାଲଟିଛି। ବିସ୍ଫୋରକ ବ୍ୟବହାର ଦ୍ୱାରା ବାୟୁ ଓ ଶବ୍ଦ ପ୍ରଦୂଷଣ ବଢୁଛି। ଫଳରେ ଆମେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛୁ। ତେଣୁ ବାଣ ଫୁଟାଇ ବିପଦକୁ ଆମନ୍ତ୍ରଣ ବଦଳରେ ମୁଁ ଦୀପ ଜାଳି ଆନନ୍ଦ ଉଲ୍ଲାସରେ ଦୀପାବଳି ପାଳନ କରିବି।

– ଆରାଧନା ନାୟକ, ଛାତ୍ରୀ,
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ

### ଆମ ସଂସ୍କୃତି, ପରମ୍ପରା ଅନୁସାରେ ପାଳନ କରିବି



ଭାରତୀୟ ସଂସ୍କୃତିରେ ଆଲୋକର ପର୍ବ ଦୀପାବଳିର ସ୍ଥାନ ଅନନ୍ୟ ହୋଇଥିବାବେଳେ ଦୀପ ବଦଳରେ ବିସ୍ଫୋରକ ଏହାକୁ ଫିକା କରୁଛି। ଏହି କାରଣରୁ ବାୟୁ ପ୍ରଦୂଷଣ ହେବା ସହିତ ବିଭିନ୍ନ ଦୁର୍ଘଟଣା ହେବାର ଭୟ ରହୁଛି। ଏ ଦିଗରେ ସଚେତନ ହୋଇ ଦୀପ ଜାଳିବା ସହିତ ଆମ ସଂସ୍କୃତି ଓ ପରମ୍ପରା ଅନୁସାରେ ଦୀପାବଳି ପାଳନ କରାଗଲେ ପରିବେଶ ସୁରକ୍ଷା ହେବ ଓ ଦୁର୍ଘଟଣାରୁ ମୁକ୍ତି ମିଳିବ।

– ପ୍ରସନ୍ନଜିତ୍ ସାହୁ, ଜୟଦେବ ବିହାର, ଭୁବନେଶ୍ୱର

### ନିଜ ସହ ଅନ୍ୟର ଜୀବନକୁ ଆଲୋକିତ କରିବାକୁ ଚେଷ୍ଟା କରିବି



ଦୀପାବଳି କେଉଁ ଆବାହମାନ କାଳରୁ ମାନବତା, ସହଯୋଗ ଏବଂ ସାମ୍ପ୍ରଦାୟିକ ଏକତାର ପରିଚୟ ହୋଇ ରହିଆସିଛି। ପ୍ରତିବର୍ଷ ଦୀପାବଳି ଆସେ। ଭଳିକି ଭଳି ଆଲୁଅ, ତୋରଣ ଆଉ ଦୀପରେ ସୁନ୍ଦରୀ ଝିଅଟିଏ ପରି ସଜେଇ ହୁଏ ଗାଁଠାରୁ ସହର। ମାତ୍ର ସବୁବର୍ଷ ଆମେ କେବଳ ଘରେ, ଦୁଆରେ ଓ ବାଲକୋନୀରେ ଦୀପ ଜାଳିବାରେ ସୀମିତ ନ ରହି ପ୍ରେମର ଦୀପଟିଏ ହୃଦୟରେ ଜାଳିବା ଦରକାର। ଏଥର ଦୀପାବଳିରେ ଘର ସହ ଅନ୍ୟର ଜୀବନ ବି ଆଲୋକିତ କରିବାକୁ ଚେଷ୍ଟା କରିବି। ଏଥିସହ ସୁରକ୍ଷିତ ରହି ଦୀପାବଳି ପାଳିବା ଉପରେ ଗୁରୁତ୍ୱ ଦେବି।

– ଗୌରୀ ସାହୁ, ଛାତ୍ରୀ, ଉତ୍କଳ ବିଶ୍ୱବିଦ୍ୟାଳୟ











# ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ଭଦ୍ରକାଳୀ

ପୁରାଣ ପ୍ରସିଦ୍ଧ ଶକ୍ତିପୀଠ ଭଦ୍ରକାଳୀ ପୀଠ। ପ୍ରତିବର୍ଷ କାଳୀପୂଜା ଅବସରରେ ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ଭଦ୍ରକାଳୀଙ୍କ ପୀଠରେ ସପ୍ତଦିବସ ବ୍ୟାପୀ ମହାଯଜ୍ଞ ସହ ମା'ଙ୍କର ସପ୍ତମାତୃକା ବେଶ ହୋଇଥାଏ। ଚଳିତବର୍ଷ ସୋମବାରଠାରୁ ମା' ଭଦ୍ରକାଳୀ ସପ୍ତମାତୃକା ବେଶରେ ପୂଜା ପାଇବେ। ଏଥିସହ ପୀଠରେ ଆରମ୍ଭ ହେବ ବିଶ୍ୱଶାନ୍ତି ମହାଯଜ୍ଞ। ମା' ଭଦ୍ରକାଳୀ ସପ୍ତଦିବସ ମଧ୍ୟରେ ବେଦମାତା, ମହାକାଳୀ, ରାଜରାଜେଶ୍ୱରୀ, ସିଂହବାହିନୀ, ଜଗଦ୍ଧାତ୍ରୀ, ମହାସରସ୍ୱତୀ ଏବଂ ମହାଲକ୍ଷ୍ମୀ ବେଶ ଧାରଣ କରି ଭକ୍ତମାନଙ୍କୁ ଦର୍ଶନ ଦେବେ।

ଏଥିପାଇଁ ମନ୍ଦିରର ସିଂହଦ୍ୱାରଠାରୁ ଯଜ୍ଞମଣ୍ଡପ ଓ ମା'ଙ୍କର ପୂଜାମଣ୍ଡପ ସୁସଜ୍ଜିତ କରାଯାଇଥିବା ବେଳେ ଏହା ବେଶ୍ ଆକର୍ଷଣୀୟ ହୋଇଛି। ମହାଯଜ୍ଞ ନିମନ୍ତେ ଆଲୋକ ସଜ୍ଜା, ତୋରଣ, ପାନୀୟ ଜଳ, ରାସ୍ତାଘାଟ ପରିଷ୍କାର ପରିଚ୍ଛନ୍ନତା, ପୂଜା ରୀତିନୀତି ଓ ସମୟ ନିର୍ଘଣ୍ଟ ତଥା ପୂର୍ଣ୍ଣାହୁତି ଅବସରରେ ଭକ୍ତମାନଙ୍କ ନିମନ୍ତେ ପହୁଡ଼ ଭୋଗ ସମ୍ପନ୍ନ କରିବା ପାଇଁ ମନ୍ଦିର ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଆସନ୍ତା ୨୦୨୬ରେ ମହାଯଜ୍ଞକୁ ୨୫ବର୍ଷ ପୂରଣ ହେଉଥିବାରୁ ମା'ଙ୍କର ସୁନାବେଶ ଅନୁଷ୍ଠିତ ହେବ। ଏବେଠାରୁ ଭକ୍ତମାନେ ଦାନ କରିପାରିବେ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। ଅନେକ ଜନଶ୍ରୁତି ଓ କିମ୍ବଦନ୍ତୀ ଏହି ପୀଠର ମହିମାକୁ ବହୁଗୁଣିତ କରିଛି। କିମ୍ବଦନ୍ତୀ ଅନୁଯାୟୀ ମୟୂରଭଞ୍ଜ ଜିଲାର ମେଘାସନ ପର୍ବତରେ ତାପସ ଋଷି ମା'ଙ୍କୁ ପୂଜାର୍ଚ୍ଚନା କରୁଥିଲେ। ତାଙ୍କର ଦେହାନ୍ତ ପରେ ତାଙ୍କ ଶିଷ୍ୟ ଭଦ୍ରନାଥଙ୍କୁ ମା' ଭଦ୍ରକାଳୀ ସ୍ୱପ୍ନାଦେଶ କରି କହିବା ପରେ ସେ ମା'ଙ୍କୁ ଏଠାରେ ପ୍ରତିଷ୍ଠା କରିଥିଲେ। ପରେ ସ୍ଥାନୀୟ ରାଜା ମନ୍ଦିର ନିର୍ମାଣ କରିବା ସହ ପୂଜାର୍ଚ୍ଚନା କରିବା ପାଇଁ ସେବାୟତମାନଙ୍କୁ ନିୟୋଜିତ କରିଥିଲେ।



ମା' ଭଦ୍ରକାଳୀ

– ସନାତନ ରାଉତ, ଭଦ୍ରକ









## ସଂକ୍ଷେପରେ

### ଠକେଇ, ହତ୍ୟା ଉଦ୍ୟମ ଅଭିଯୋଗ: ନକଲି ଖବରଦାତା ଗିରଫ

ପଦ୍ମପୁର,୧୯।୧୦(ପ୍ରଦୀପ୍ତ ଦାଶ)

ଠକେଇ, ଟଙ୍କା ଅସୁଲି, ହତ୍ୟା ଉଦ୍ୟମ ଅଭିଯୋଗରେ ପଦ୍ମପୁର ପୋଲିସ ଜଣେ ନକଲି ଖବରଦାତାଙ୍କୁ ଶନିବାର ରାତିରେ ଗିରଫ କରିଛି। ସେ ହେଲେ ବୁଡେନ ଥାନା ଅନ୍ତର୍ଗତ ଦର୍ଲିଗୁଡ଼ା ଗ୍ରାମର ନିର୍ମଳ ବାରିକ। ନିର୍ମଳ ନିଜକୁ ଜଣେ ୱେବ୍ ଖବରଦାତାର ପରିଚୟ ଦେଇ ଆଦିବାସୀ ତଥା ଅଣଆଦିବାସୀ ଝିଅମାନଙ୍କୁ ବ୍ଲାକ୍‌ମେଲିଂ କରୁଥିଲେ। ବିଭିନ୍ନ ଆଳ ଦେଖାଇ ଠକିବା ସହିତ ଝିଅର ଅନିଚ୍ଛା ସତ୍ତ୍ୱେ ଗର୍ଭପାତ କରାଇଥିଲେ। ଏ ନେଇ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ (ନଂ.୧୪୬/୨୫) ମାମଲା ରୁଜୁ କରି ସମ୍ବଲପୁରରୁ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ରବିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଘରୋଇ କଳହରୁ ଆତ୍ମହତ୍ୟା

ବଘିଆପଡ଼ା, ୧୯।୧୦ (ଶ୍ରୀକାନ୍ତ ସାହୁ)

ବୌଦ୍ଧ ଥାନା ବଘିଆପଡ଼ା ଫାଣ୍ଡି ଅନ୍ତର୍ଗତ ଆମ୍ୱଝରୀ ଗ୍ରାମପଞ୍ଚାୟତର କୁରୁକୁଜ ଗ୍ରାମରେ ଘରୋଇ କଳହରୁ ବିଷ ଖାଇ ଜଣେ ବିବାହିତ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଅନୁଗୁଳ ଜିଲା କିଆକଟା ଗ୍ରାମର ଅସିତ ଯାନି । ଖବର ପାଇ ବଘିଆପଡା ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁସାରେ, ପ୍ରାୟ ଦେଢ ବର୍ଷ ତଳେ ଅସିତ ବୌଦ୍ଧ ଥାନା କୁରୁକୁଜ ଗ୍ରାମକୁ ଆସି ନିଜ ପୁଅ, ଝିଅ ଓ ପତ୍ନୀଙ୍କ ସହ ଶ୍ୱଶୁର ଘରେ ରହୁଥିଲେ। କୌଣସି କାରଣରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳହ ହେବାରୁ ଅସିତ ରବିବାର ବିଷ ଖାଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଜଳିଗଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର

ବାଉଁଶୁଣୀ,୧୯।୧୦(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅଁଳାପାଲି ଗ୍ରାମପଞ୍ଚାୟତର ତାଟରକିଲା ଗ୍ରାମରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ରବିବାର ସକାଳ ସାଢେ ୮ଟା ସମୟରେ କୌଣସି କାରଣରୁ ନିଆଁ ଲାଗି ଜଳିଥିଲା। ଖବର ପାଇ ବାଉଁଶୁଣୀ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ସଂଘ ବୈଠକ

ବୌଦ୍ଧ,୧୯।୧୦(ଅଜିତ କୁମାର ବାରିକ)

ଓଡ଼ିଶା ରାଜ୍ୟ ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ସଂଘ ବୌଦ୍ଧ ଜିଲା ଶାଖାର ଏକ ସାଧାରଣ ପରିଷଦ ବୈଠକ ରବିବାର ସ୍ଥାନୀୟ ବୌଦ୍ଧ କର୍ମଚାରୀ ଭବନ ପ୍ରାଙ୍ଗଣରେ ତାପସ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ସଂଘର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ନିର୍ବାଚନକୁ ସର୍ବ ଭାରତୀୟ ଫରେଷ୍ଟ ଅଧିକାରୀ ଫେ ନିଉଦିଲ୍ଲୀର ସାଧାରଣ ସମ୍ପାଦକ ଜଗବନ୍ଧୁ ପାତ୍ର, ଓଡ଼ିଶା ରାଜ୍ୟ ପ୍ରାଇମେରୀ ଶିକ୍ଷକ ସଂଘର ଉପସଭାପତି ଶମ୍ଭୁ ଗିରି ଏବଂ ଓଡ଼ିଶା ଅମଲା ସଂଘ, ବୌଦ୍ଧଟ ସଭାପତି ଶତ୍ରୁଜିତ ମହାପାତ୍ର ପରିଚାଳନା କରିଥିଲେ। ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଗଲା। ଏଥିରେ ଅଧକ୍ଷ ତାପସ କୁମାର ମିଶ୍ର, ସଭାପତି ପ୍ରମୋଦ କୁମାର ପାତ୍ର, ଉପ-ସଭାପତି ବିରେନ ଶଙ୍କର ପଣ୍ଡା, ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ଯୁଗ୍ମ-ସମ୍ପାଦକ ଅକ୍ଷୟ କୁମାର ବାଘ, ସହାୟକ ସମ୍ପାଦକ ରତିଜୀବନ ମହାପାତ୍ର, କୋଷାଧ୍ୟକ୍ଷ ସନ୍ତୋଷ କୁମାର ସାହୁ, ନିରୀକ୍ଷକ ଧନଞ୍ଜୟ ମହାକୁଲଙ୍କୁ ମନୋନୀତ କରାଯାଇଥିଲା। ପ୍ରାରମ୍ଭରେ ବୌଦ୍ଧ ଜିଲାରେ ନୂତନ ଭାବେ ନିଯୁକ୍ତି ପାଇଥିବା ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ଜିଲା ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ନବନିର୍ବାଚିତ ସଦସ୍ୟମାନଙ୍କୁ ଶପଥ ପାଠ କରାଯାଇଥିଲା।



ବରଗଡ଼ ଜିଲା ଭେଡେନ ବ୍ଲକ ତାଲବ ସେକ୍ଟର ପକ୍ଷରୁ ଅନୁଷ୍ଠିତ ପୋଷଣମାସ କାର୍ଯ୍ୟକ୍ରମରେ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନ କରାଯାଉଛି।

# ଦୁର୍ଦ୍ଦାନ୍ତ ଅପରାଧୀ ଚିଆଁଙ୍କ ସମେତ ୩ ଗିରଫ

- ଗଞ୍ଜେଇ ଚାଲାଣବେଳେ ଧରାପଡ଼ିଲେ
- ୧୨ରାଉଣ୍ଡ ଗୁଳି ସହିତ ପିସ୍ତଲ ଜବତ

ବରଗଡ଼,୧୯।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପୋଲିସ ଗଞ୍ଜେଇ ଚାଲାଣ କରୁଥିବା ବେଳେ ରବିବାର ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଦୁର୍ଦ୍ଦାନ୍ତ ଅପରାଧୀ ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଧୁଲୁଣ୍ଡା ଗ୍ରାମର ଚିଆଁ ଓରଫ୍ ବୁଦ୍ଧଦେବ ବିଶ୍ୱାଳ ରହିଛନ୍ତି। ସେହିପରି ଅନ୍ୟ ୨ ଅଭିଯୁକ୍ତ ହେଲେ, ଛତିଶଗଡ଼ ରାଜ୍ୟ ଯାଞ୍ଜଗିରି-ଚାମ୍ପା ଜିଲା ସିଓରିନାରାୟନ ଥାନା ରିଙ୍ଗନି ଗ୍ରାମର ପାରସରାମ ଭାନୁ ଏବଂ ବୌଦ୍ଧ ଜିଲା କନ୍ଧମାଳ ଥାନା ମାଲିବିରାଇ ଗ୍ରାମର ତାରାକାନ୍ତ ଭୋଇ। ପୋଲିସ ସେମାନଙ୍କ ପାଖରୁ ଗୋଟିଏ ଦେଶୀ ପିସ୍ତଲ, ୨ମାଗାଜିନ, ୧୨ରାଉଣ୍ଡ ଗୁଳି ସହିତ ୨୯କି.ଗ୍ରା. ଗଞ୍ଜେଇ, ଗୋଟିଏ ହିରୋ ପ୍ୟାଶନ ପ୍ରୋ ବାଇକ୍(ନଂ-ଓଡ଼ି୩୧ଏ ୭୧୪୦), ଗୋଟିଏ ଟିଭିଏସ୍ ଜୁପିଟର ସ୍କୁଟି(ନଂ-ଓଡି୩୧ଏମ ୦୯୭୧) ଏବଂ ୫ ମୋବାଇଲ ଜବତ କରିଛି। ଗିରଫ ଅଭିଯୁକ୍ତମାନଙ୍କୁ ବରଗଡ଼ କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜିରା କାରାଗାରକୁ ପଠାଇ ଦିଆଯାଇଛି।



ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଉଛି।



ଜବତ ଦେଶୀ ପିସ୍ତଲ, ଗୁଳି, ମୋବାଇଲ।

ଗିରଫ ଅଭିଯୁକ୍ତମାନଙ୍କ ବିରୋଧରେ ବିଜେପୁର ଥାନାରେ ଏକ ମାମଲା(ନଂ-୨୬୦/୨୫) ରୁଜୁ ହୋଇଛି।

ଏ ନେଇ ଜିଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସପି ପି.ଏସ୍. ମୀନା ସୂଚନା ଦେଇ କହିଛନ୍ତି, ଅଭିଯୁକ୍ତମାନେ ସୋନପୁର ଜିଲାରୁ ଛତିଶଗଡ଼କୁ ଗଞ୍ଜେଇ ଚାଲାଣ କରୁଥିବା ନେଇ ପୋଲିସକୁ ଖବର ମିଳିଥିଲା। ତାକୁ ଆଧାର କରି ଜିଲା ପୋଲିସର ସ୍ପେଶାଲ ସ୍କ୍ୱାଡ ଏବଂ ବିଜେପୁର ଥାନା ପୋଲିସ ସେଥିପ୍ରତି ନଜର ରଖିଥିଲା। ଅଭିଯୁକ୍ତମାନେ ଜବତ ବାଇକ୍, ସ୍କୁଟିରେ ବିଜେପୁର ଥାନା ଅନ୍ତର୍ଗତ ଗୁଡାପାଲିକୁ ପହଞ୍ଚିବା ପରେ ପୋଲିସ ସେଠାରେ ସେମାନଙ୍କୁ ଅଟକ ରଖି ଯାଞ୍ଚ କରିଥିଲା। ଯାଞ୍ଚବେଳେ ଅଭିଯୁକ୍ତଙ୍କ ପାଖରୁ ଗଞ୍ଜେଇ, ପିସ୍ତଲ, ଗୁଳି, ମାଗାଜିନ ଆଦି ମିଳିଥିଲା। ଏହାପରେ ସେମାନଙ୍କୁ ଗିରଫ କରାଯାଇଥିଲା।

ଗିରଫ ଅଭିଯୁକ୍ତ ଜଣେ ଦୁର୍ଦ୍ଦାନ୍ତ ଅପରାଧୀ ଏବଂ ତାଙ୍କ ବିରୋଧରେ ବରଗଡ଼, ସମ୍ବଲପୁର ସମେତ ପଡ଼ୋଶୀ ଛତିଶଗଡ଼ ରାଜ୍ୟରେ ୨ ହତ୍ୟା, ୬ ଡକାୟତି ସମେତ ବହୁସଂଖ୍ୟକ ରାହାଜାନୀ, ହତ୍ୟା ଉଦ୍ୟମ ଆଦି ମାମଲା ରହିଛି। ତେବେ ଅପରାଧ ଘଟାଇବା ପରେ ସେ ଗିରଫ ହୋଇଛନ୍ତି ଏବଂ ଜାମିନରେ ଆସିବା ପରେ ଚିଆଁ ପୁଣି ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହିଥିଲେ। ସେହିପରି ଅଭିଯୁକ୍ତ ପାରସଭାନୁଙ୍କ ବିରୋଧରେ ବରଗଡ଼ ଜିଲା ଅମ୍ବାଭୋନା, ବଲାଙ୍ଗୀର ଜିଲା ଲୋଇସିଂହାରେ ଏକାଧିକ ମାମଲା ରହିଥିବାବେଳେ ଅନ୍ୟ ଅଭିଯୁକ୍ତ ତାରାକାନ୍ତ ଗଞ୍ଜେଇ ଯୋଗାଇବାରେ ସହଯୋଗ କରିଥିଲେ ବୋଲି ଏସ୍‌ପି ମୀନା ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଶତବାର୍ଷିକୀ

ସୋହେଲା ୧୯।୧୦(ଅଶ୍ୱିନୀ କୁମାର ପାତ୍ର)

ବରଗଡ଼ ଜିଲା ସୋହେଲାଠାରେ ବିଶ୍ୱର ସର୍ବଶ୍ରେଷ୍ଠ ସାମାଜିକ ସଙ୍ଗଠନ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ନିଜ ଶତାବ୍ଦୀ ବର୍ଷରେ ସାରା ଦେଶରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ମାଧ୍ୟମରେ ଉତ୍ସବ ପାଳନ କରୁଛି। ବିଗତ ଗୋଟିଏ ମାସ ହେଲା ଦେଶ ସାରା ପ୍ରତ୍ୟେକ ମଣ୍ଡଳ ସ୍ତରରେ ସ୍ୱୟଂସେବକମାନେ ଅତ୍ୟନ୍ତ ଆନନ୍ଦରେ ଶତବାର୍ଷିକୀ ପାଳନ କରୁଛନ୍ତି। ଏ ସଂକ୍ରାନ୍ତରେ ରବିବାର ସୋହେଲାଠାରେ ଏକ ଜିଲାସ୍ତରୀୟ ଉତ୍ସବ ପାଳନ ହୋଇଯାଇଛି। ଏହି ଅବସରରେ ବରଗଡ଼ ଜିଲାର କୋଣ ଅନୁକୋଣରୁ ବହୁ ସଂଖ୍ୟକ ସ୍ୱୟଂସେବକ ଅଂଶଗ୍ରହଣ କରିଥିଲେ। ସର୍ବପ୍ରଥମେ ସମସ୍ତ ସ୍ୱୟଂସେବକ ସ୍ଥାନୀୟ ଅଗ୍ରସେନ ଭବନଠାରୁ ଏକ ଭବ୍ୟ ପଥ ସଞ୍ଚାଳନ କରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ମୁଖରେ ଥିବା ଆଥିଲେଟିକ ଆସୋସିଏଶନ ପଡ଼ିଆଠାରେ ପହଞ୍ଚିଥିଲେ, ଯେଉଁଠାରେ ଜିଲାସ୍ତରୀୟ ଉତ୍ସବ ପାଳନ କରାଯାଇଥିଲା। ଏହି ଅବସରରେ ପଶ୍ଚିମ ଓଡ଼ିଶାର ଜଣାଶୁଣା କଳାକାର ରମେଶ ଚନ୍ଦ୍ର ଗୁର୍ଲା ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ରହି ସ୍ୱୟଂସେବକମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଓଡ଼ିଶା ପଶ୍ଚିମ ପ୍ରାନ୍ତର ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟ ସଂଘଚାଳକ ବିପିନ ବିହାରୀ ନନ୍ଦ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ସଙ୍ଘର ସ୍ଥାପନାରୁ ନେଇ ଶହେ ବର୍ଷ ପର୍ଯ୍ୟନ୍ତ ପରିବ୍ୟାପ୍ତ ସଂଘର୍ଷମୟ ଯାତ୍ରା ଓ ସମାଜରେ ପରିବର୍ତ୍ତନ ଆଣିବା ପାଇଁ ସ୍ୱୟଂସେବକମାନଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ ୭୦୫ଜଣ ସ୍ୱୟଂସେବକ ତଥା ୨୦୦ରୁ ଉର୍ଦ୍ଧ୍ୱ ନିମନ୍ତ୍ରିତ ଅତିଥି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଏହି ଅବସରରେ ମାନନୀୟ ଜିଲା ସଂଘଚାଳକ ରୋହିତ କୁମାର ମେହେର ମଞ୍ଚାସୀନ ହୋଇଥିବା ବେଳେ ପୂର୍ବ କ୍ଷେତ୍ରର ସହ କ୍ଷେତ୍ର କାର୍ଯ୍ୟବାହ ଦୁର୍ଗାପ୍ରସାଦ ସାହୁ, ଓଡ଼ିଶା ପଶ୍ଚିମ ପ୍ରାନ୍ତର ପ୍ରାନ୍ତ କାର୍ଯ୍ୟବାହ ଇଞ୍ଜିନିୟର ଗଣେଶ ମହାପାତ୍ର, ପ୍ରାନ୍ତ ପ୍ରଚାରକ ଶଙ୍କର ପଣ୍ଡା, ସହ ଜିଲା ସଂଘଚାଳକ ମାନନୀୟ ଡ. ସତ୍ୟସାଇ ନାୟକ ପ୍ରମୁଖଙ୍କ ସମେତ ସମଗ୍ର ଜିଲା କାର୍ଯ୍ୟକାରିଣୀ ଉପସ୍ଥିତ ରହିଥିଲେ। ଜିଲା କାର୍ଯ୍ୟବାହ ତାରାଚାନ୍ଦ କଣ୍ଟା ଅତିଥି ପରିଚୟ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।



ଅଗ୍ରସେନ ଭବନଠାରୁ ପଦଯାତ୍ରାରେ ବାହାରିଥିବା ସ୍ୱୟଂସେବକ ସଂଘର କର୍ମକର୍ତ୍ତା।

## ଧନଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା

ବରଗଡ଼,୧୯।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରସ୍ଥିତ ଗୋବିନ୍ଦପାଲିରେ ରବିବାର ମାଁ ଧନଲକ୍ଷ୍ମୀ ଦେବୀଙ୍କ ପୂଜା ଅବସରରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରାରେ ଗୋବିନ୍ଦପାଲି, ମାଷ୍ଟରଟିକ୍ରା, ସୁବାସ ନଗର, ଗଙ୍ଗାଧର ନଗର, ରେଲ୍‌ୱେ ଷ୍ଟେଶନ ପଡ଼ା ତଥା ଆଖପାଖ ଅଞ୍ଚଳର ଶତାଧିକ ମହିଳା ଭାଗ ନେଇଥିଲେ। ଏହି ଅବସରରେ ଗୋବିନ୍ଦପାଲିସ୍ଥିତ କୁମ୍ଭାରବନ୍ଧଠାରେ ପୂଜାର୍ଚ୍ଚନା ପରେ ଘଣ୍ଟପାର୍ଟି, ଦୁଲ୍‌ଦୁଲି ବାଜା ତଥା ସଂକୀର୍ତ୍ତନ ଦ୍ୱାରା ଗୋବିନ୍ଦପାଲି ପରିକ୍ରମା ସହ ଏକ ବିଶାଳ ଶୋଭାଯାତ୍ରାରେ ଜଳପୂର୍ଣ୍ଣ କଳସ ମଣ୍ଡପକୁ ଅଣାଯାଇଛି। ଏହି ପାଣିରେ ସୋମବାର ମା' ଧନଲକ୍ଷ୍ମୀଙ୍କର ମହାସ୍ନାନ କରାଯିବା ପରେ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହେବ। ଚଳିତବର୍ଷ ଜାପାନ ମହାପାତ୍ର ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଉଥିବା ବେଳେ ପଣ୍ଡିତ ରୂପେଶ୍ୱର ଷଡ଼ଙ୍ଗୀ, ଚିତ୍ତରଞ୍ଜନ ଦାଶ ଓ ଆଲୋକ ଷଡ଼ଙ୍ଗୀ ପୂଜାର୍ଚ୍ଚନା ଦାୟିତ୍ୱରେ ଅଛନ୍ତି। ଏହା ସହିତ ଧବଳେଶ୍ୱର ବାବା ମନ୍ଦିରର ପୂଜକ ସୋନୁ ମହାପାତ୍ର ଓ କୁଳମଣି ମହାପାତ୍ର ଏହି ପୂଜାକାର୍ଯ୍ୟରେ ସହଯୋଗ କରୁଛନ୍ତି। ପୂଜା କମିଟି ସଭାପତି ଭାବେ ତ୍ରିବିକ୍ରମ ମହାପାତ୍ର, ସମ୍ପାଦକ ଭାବେ ଦିବ୍ୟ କିଶୋର ପ୍ରଧାନ, ସହ ସମ୍ପାଦକ ଭାବେ କେଦାର ସାହୁ, କୋଷାଧ୍ୟକ୍ଷ ଭାବେ ସଂକୀର୍ତ୍ତନ ଜାଲ ରହିଛନ୍ତି। ସେହିପରି ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ସ୍ମାରକ କ୍ଲବର ସଭାପତି ରବୀନ୍ଦ୍ର ସାହୁ, ହରିହର ମହାକୁର, ବିଜୟ ଭୋଇ, ଅକ୍ଷୟ ଭୋଇ, ଗୋବିନ୍ଦ ସାହୁ, ପୁରୁଷୋତ୍ତମ ବିଶି, ହୃଷୀକେଶ ବାରିକ, ସଞ୍ଜୀବ ପଣ୍ଡା, ବୀରବର ଶତପଥୀ, ସୁଶାନ୍ତ ଦାଶ, ରାକେଶ ପଟ୍ଟନାୟକ, ଅମିୟ ଭୋଇ, ସୁନିଲ ସାହୁ ପ୍ରମୁଖ ଉପଦେଷ୍ଟା ମଣ୍ଡଳୀ ପୂଜାକୁ ଅଧିକରୁ ଅଧିକ ସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁ ମାଁଙ୍କ ଆଶୀର୍ବାଦ ପାଇପାରିବେ ତଥା ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକୁ ସୁରୁଖୁରୁରେ ପାଳନ କରିବା ପାଇଁ ପରାମର୍ଶ ଦେଇଥିବା ବେଳେ ଚଳିତ ବର୍ଷ ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ନାଟକ, କୃଷ୍ଣଗୁରୁ, ଦଣ୍ଡନୃତ୍ୟ, ସଂକୀର୍ତ୍ତନ, ନୃତ୍ୟ ପ୍ରତିଯୋଗିତା ଆଦି ପରିବେଷଣ କରାଯିବାର ସ୍ଥିରୀକୃତ ହୋଇଛି। ଆସନ୍ତା ୨୬ତାରିଖ ରବିବାର ଅପରାହ୍ଣ ୪ରେ ପୂର୍ଣ୍ଣାହୁତି ଓ ମହାପ୍ରସାଦର କାର୍ଯ୍ୟକ୍ରମ ରହିଛି।

## ରେଙ୍ଗାଲିକେମ୍ପ କାଳୀପୂଜା ପାଇଁ କଳସ ଯାତ୍ରା



ରେଙ୍ଗାଲିକେମ୍ପ କାଳୀ ପୂଜା ପାଇଁ କଳସ ଯାତ୍ରା ଚାଲିଛି।

ଅତାବିରା,୧୯।୧୦(ଯୁଧିଷ୍ଠିର ମହାପାତ୍ର)

ଅତାବିରା ବ୍ଲକ ଅନ୍ତର୍ଗତ ରେଙ୍ଗାଲିକେମ୍ପ କେନାଲ ବିଭାଗ ପରିସରରେ ଅନୁଷ୍ଠିତ ହେଉଥିବା ୬୬ତମ ଶ୍ୟାମାକାଳୀ ପୂଜା ଉପଲକ୍ଷେ ରବିବାର ଭବ୍ୟ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଳସ ଯାତ୍ରା ମନ୍ଦିରରୁ କୁଡ଼ାପରା ଦେଇ ଅତାବିରା ଶାଖା କେନାଲ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ପୂଜାର୍ଚ୍ଚନା ପରେ ଶତାଧିକ ମହିଳା ପୂର୍ଣ୍ଣ କଳସ ଧରି ମାଁଙ୍କ ମେଢ଼ ପର୍ଯ୍ୟନ୍ତ ଆସିଥିଲେ। ସେଠାରେ କଳସ ସ୍ଥାପନ ପୂର୍ବକ ପୂଜାରମ୍ଭ ହୋଇଥିଲା। ପୁରୋହିତ ପଣ୍ଡିତ ଅଚ୍ୟୁତାନନ୍ଦ ଶତପଥୀ, ମନ୍ଦିର ପୂଜକ କାହ୍ନୁଚରଣ ମହାପାତ୍ର ପୂଜାର୍ଚ୍ଚନା କରିଥିବା ବେଳେ କେନାଲ ବିଭାଗୀୟ ଯନ୍ତ୍ରୀ ସାପତ୍ନିକ ଦିବ୍ୟ କିଶୋର କୁଅଁର ଓ ଦୀପାଞ୍ଜଳି କୁଅଁର କର୍ତ୍ତା ଦାୟିତ୍ୱ ବହନ କରିଥିଲେ। କଳସ ଯାତ୍ରାରେ ଘେଁସର ଆଦିବାସୀ ନୃତ୍ୟ, ଡୁଙ୍ଗୁରିପାଲିର ଘଣ୍ଟବାଦ୍ୟ ଓ ଲୁରୁପାଲିର ଦୁଲ୍‌ଦୁଲି ବାଜା ଅଂଶଗ୍ରହଣ କରିଥିଲେ। ୩ଦିନ ଧରି ହେବାକୁ ଥିବା ପୂଜା ୨୨ ତାରିଖରେ ମେଢ଼ ବିସର୍ଜନ କରାଯିବ ବୋଲି କାଳୀପୂଜା କମିଟି ପକ୍ଷରୁ ପ୍ରକାଶ। କଳସ ଶୋଭାଯାତ୍ରାରେ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଯୋଗ ଦେଇଥିଲେ।

## ପେନ୍‌ସନ ଦାବି, ଶିକ୍ଷକଙ୍କ ଆନ୍ଦୋଳନ ପ୍ରସ୍ତୁତି ବୈଠକ

ପାଇକମାଳ, ୧୯।୧୦(ବଡ଼ ଶତପଥୀ)

ପାଇକମାଳ ଓ ଝାରବନ୍ଧ ବ୍ଲକରେ ଥିବା ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ସମୂହର ଶିକ୍ଷକ ଓ କର୍ମଚାରୀମାନଙ୍କ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ ଛେଟଗାଁ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ରାଜକୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଦୀର୍ଘ ବର୍ଷ ଧରି ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟ କରି ଶୂନ୍ୟହସ୍ତରେ ଅବସର ନେଉଥିବାରୁ ତାଙ୍କର ଅବଶିଷ୍ଟ ଦିନଗୁଡ଼ିକ ଅତି ଦୟନୀୟ ଅବସ୍ଥାରେ କଟୁଛି। ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ମଧ୍ୟ ତାହା ପୂରଣ କରିନାହାନ୍ତି। ତେଣୁ ଶିକ୍ଷକ, ଶିକ୍ଷୟିତ୍ରୀମାନେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ପଡ଼ୋଶୀ ନୂଆପଡ଼ା ଜିଲାର ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନଙ୍କ ସହ ଯୋଗାଯୋଗ କରି ନୂଆପଡ଼ାରେ ଏକ ଜନସମାବେଶ କରି ସରକାରଙ୍କ ଶିକ୍ଷାମାରଣ ନୀତିକୁ ଲୋକଲୋଚନକୁ ଆଣିବା ଓ ଆସନ୍ତା ବିଧାନସଭା ସମୟରେ ରାଜଧାନୀରେ ଏକତ୍ରିତ ହୋଇ ବିଶାଳ ରାଲି ସହ ଆମରଣ ଅନଶନରେ ବସିବାକୁ ନିଷ୍ପତ୍ତି ନେଇଛନ୍ତି। ଉକ୍ତ ସଭାରେ ବରଗଡ଼ ଜିଲାସ୍ତରୀୟ କର୍ମକର୍ତ୍ତା ମାନଭଞ୍ଜନ ମହାପାତ୍ର, ବିଶ୍ୱନାଥ ବେହେରା, ମୁକେଶ ପ୍ରଧାନ, ମକରଧ୍ୱଜ ପଟେଲ, ଭୀଷ୍ମଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଶିକ୍ଷକ ଦୈତାରି ପ୍ରଧାନ ସମସ୍ତଙ୍କୁ ଏକଜୁଟ ହୋଇ ଆଗାମୀ ଆନ୍ଦୋଳନକୁ ସଫଳ କରିବାକୁ ଅନୁରୋଧ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରତିଭା ଅନ୍ୱେଷଣ ହିଁ ସୁରଭିର ଲକ୍ଷ୍ୟ

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବରେ ୨ ଶିକ୍ଷକ ସମ୍ବର୍ଦ୍ଧିତ

ବରଗଡ଼,୧୯।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ରାଣାପ୍ରତାପ ସ୍କୁଲ ପରିସରରେ ଶନିବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଡ. ସୁରେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ପାଠପଢ଼ା ସହିତ ଲୁକ୍କାୟିତ ପ୍ରତିଭା ଅନ୍ୱେଷଣ ହିଁ ସୁରଭି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଜିଲା ଶିକ୍ଷା ଅଧିକାରୀ ସାହୁ କହିଥିଲେ। ଶିକ୍ଷୟିତ୍ରୀ ରୀନା ପ୍ରଧାନ, ନମିତା ପଟ୍ଟନାୟକ, ରାଜଶ୍ରୀ ପୁରୋହିତ, ନୀଲିମା ପ୍ରଧାନ, ମୌସୁମୀ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ୧୬ଟି କ୍ଲଷ୍ଟରରୁ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ସାହୁ ଯୋଗ ଦେଇ ଶିକ୍ଷା ଓ ପ୍ରତିଭା ପରସ୍ପର ପରିପୂରକ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ବରଗଡ଼ ବିଡିଓ ବ୍ରେଶିଅସ ଡୁଙ୍ଗଡୁଙ୍ଗ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁ, ପ୍ରଧାନ ଶିକ୍ଷକ ସର୍ବେଶ୍ୱର ରଥ, ଶିବ ଶଙ୍କର ଦାଶ, ବିଜେପୁର ବିଇଓ ବଲ୍ଲଭ ମେହେର, ଅତାବିରା ବିଇଓ ମିଶ୍ରାଣୀ କୁମ୍ଭାର, ପାଇକମାଲ ବିଇଓ ଅଦନ ସୁନା, ବରପାଲି ବିଇଓ ମୁକୁନ୍ଦ ମାହାରା, ଝାରବନ୍ଧ ବିଇଓ ଶୁଭମ୍ ପତି, ବିଶିଷ୍ଟ କଣ୍ଠଶିଳ୍ପୀ ମାନସ ଦାଶ, ଏବିଇଓ ଦିଲ୍ଲୀପ ମେହେର, ରଞ୍ଜନ ଦଣ୍ଡସେନା, ଘାସିରାମ ଭୋଇ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଶିକ୍ଷା ବିଭାଗରୁ ଅବସର ଗ୍ରହଣ କରିଥିବା ୨ ଶିକ୍ଷକ କପିଳ ବାଗ ଓ ଡ. ଡୋଳାମଣି ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମର ଆବାହକ ସୁଦୀପ କୁମାର ରଥ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ରାଣାପ୍ରତାପ ସ୍କୁଲ ବରଗଡ଼ ଓ ଧାଙ୍ଗେର ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମର ବିଚାରକ ଭାବେ ଡ. ତପସ୍ୱିନୀ ଗୁରୁ, ଗୋପାଳ ମିଶ୍ର, ମୁଗ୍ଧା ଦାଶ, ଅରବିନ୍ଦ ଗୁପ୍ତା ପ୍ରମୁଖ ଯୋଗ ଦେଇ ବରଗଡ଼ ଖଜୁରଟିକ୍ରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଜିଲାସ୍ତର ପ୍ରତିଯୋଗିତା ପାଇଁ ମନୋନୀତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ସିଆର୍‌ସିସିଙ୍କ ସମେତ ଚୁନ୍ନିଲାଲ ସେଟ, ପ୍ରଦୀପ ଶତପଥୀ, ବାବଲୁ ଶତପଥୀ, ଅଭୟ ବେହେରା, ତେଜରାଜ ହୋତା, ସାର୍ଥକ ସାହୁ, ପ୍ରକାଶ ବିର୍ତ୍ତିଆ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।




ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

Summon for settlement of issues
(Order 5, Rule 20 CPC)

**In the court of Senior Civil Judge , Rourkela**

C. S. No 194 of 2016

**State Bank of India ....... Plaintiff**

**Versus**

**Smt. Debjani Pati & another ....... Defendants**

To

1. **Smt. Debjani Pati**, aged about 51 years, wife of Sri Lambodar Pati, Occupation- Readymade Garments Business, Shop No-3, Puspa Market, Shaktinagar, Rourkela-769014, District-Sundargarh.
2. **Sri Lambodar Pati**, aged about 61 years, son of Late Raghunath Pati, Occupation- Insurance Agent.
Both permanent resident of AT/PO-Bhatpada, P. S-Tihidi, Dist-Bhadrak, at present residing in Qr No- G-190, Sector-19, Rourkela-5, P.S-Sector-19, District-Sundargarh.

Whereas, State Bank of India, SMEC, At-Sector-17, Rourkela -3, has instituted a suit against you for **Rs 75,238.00 (Rupees Seventy-Five thousand two hundred thirty-eight**) only. You are hereby summoned to appear in this court in the person, or by a pleader duly instructed and able to answer all material questions relating to the suit, or who shall be accompanied by some person able to answer all such questions, on the 27th day of October, 2025 at 10.30 AM O'clock in the fore noon, to answer the claims [and further you hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter-claim, and where you rely on any further document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list to be annexed to the written statement]. Take notice, that, in default of your appearance on the day before mentioned, the suit will be heard and determined in your absence. Give under my hand and the seal of the court, this 16th day of August of 2025.

Senior Civil Judge, Rourkela

**ଫେରିବାଲାଙ୍କୁ ଆକ୍ରମଣ, ଜଣେ ଅଟକ**

ରାଉରକେଲା, (ସଙ୍ଗୀତା ଜେନା) : ପ୍ଲାଣ୍ଟସାଇଟ୍ ଥାନା ଅଧୀନ ରାଉରକେଲା ରେଳଷ୍ଟେଶନର ଦ୍ୱିତୀୟ ପ୍ରବେଶ ଦ୍ୱାରରେ ଶନିବାର ରାତି ୧୨ଟାରେ ୨ ଜଣ ଫେରିବାଲା ବଟି ନ ଦେବାରୁ ତାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏଥିରେ ଅଜୟ ଯାଦବ ଏବଂ ଅମରଜିତ ପ୍ରସାଦ ଆହତ ହୋଇଛନ୍ତି। ଉଭୟଙ୍କୁ ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଛି। ପୋଲିସ ଏକ ମାମଲା (ନଂ.୮୪୨/୨୫) ରୁଜୁ କରି ରବିବାର ଜଣଙ୍କୁ ଅଟକ ରଖିଛି। ଅଟକ ଯୁବକ ଏକ ସ୍କୁଟିରେ ଆସି ବଟି ମାଗି ଏପରି କାଣ୍ଡ କରି ଫେରାର ହୋଇଯାଇଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।





ସୋମବାର ଦୀପାବଳି ଉତ୍ସବ। ଏଥିପାଇଁ ଇସ୍ପାତ ସହର ରାଉରକେଲାର ବିଭିନ୍ନ ବଜାରରେ ଲୋକେ ବାଣ, ଦୀପ ସମେତ ପୂଜା ସାମଗ୍ରୀ କିଣୁଛନ୍ତି।

# ଆଜି ଦୀପାବଳି, ସୁରକ୍ଷିତ ପାଳନକୁ ଗୁରୁତ୍ୱ

ରାଉରକେଲା,୧୯।୧୦
(ବିପ୍ଳବ ରଞ୍ଜନ ଦାଶ/ ଦିନେଶ ମିଶ୍ର)

ସୋମବାର ଆଲୋକର ପର୍ବ ଦୀପାବଳି। ଏଥିପାଇଁ ଇସ୍ପାତ ସହର ରାଉରକେଲା ଚଳଚଞ୍ଚଳ ହୋଇପଡ଼ିଛି। ରାଉରକେଲା ସହରାଞ୍ଚଳ ଓ ଶିଳ୍ପାଞ୍ଚଳରେ ସବୁଜ ଦୀପାବଳି ପାଳନ କରିବା ପାଇଁ ଲୋକମାନଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଲୋକେ ଦୀପାବଳିକୁ ସୁରକ୍ଷିତ ଭାବେ ପାଳନ କରିବା ପାଇଁ ବଜାରରୁ ସବୁଜ ବାଣ କିଣାକିଣି କରୁଥିବା ଦେଖାଯାଇଛି। ରବିବାର ସହରର ଡେଲିମାର୍କେଟ, ପାନପୋଷ ରୋଡ, ଛେଣ୍ଡ, ଆମ୍ବଗାନ, ଉଦିତନଗର, ପ୍ଲାଣ୍ଟସାଇଟ୍, ବିଶ୍ରାଡାହାର, ଓଲ୍ଡ ଷ୍ଟେଶନ ରୋଡ୍, ଟ୍ରାଫିକ୍ ଗେଟ୍ ଦୈନିକ ବଜାର, ପାନପୋଷ ଡେଲି ମାର୍କେଟ ଆଦି ସ୍ଥାନରେ ମାଟି ଦୀପ, ଆଖୁ, କଦଳୀ ଗଛ ଏବଂ ରଙ୍ଗବେରଙ୍ଗ ବାଣ ପାଇଁ ଗହଳି ପରିଲକ୍ଷିତ ହୋଇଥିଲା। ମିଠା ଦୋକାନରେ ମଧ୍ୟ ପ୍ରବଳ ଭିଡ଼ ହୋଇଥିଲା। ଦୀପାବଳିରେ ଲୋକେ ମିଷ୍ଟାନ୍ନ ସାମଗ୍ରୀ ବେଶୀ କିଣୁଥିବାରୁ ସେଗୁଡିକର ମାନ ପରୀକ୍ଷା ପାଇଁ ଆର୍‌ଏମ୍‌ସି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ତନାଘନା କରାଯାଇଥିଲା। ସେହିପରି ରାଉରକେଲାରେ କାଳୀପୂଜାକୁ ନେଇ ବିଭିନ୍ନ ମଣ୍ଡପରେ ପ୍ରସ୍ତୁତି ଶେଷ ହୋଇଛି। ଚଳିତ ବର୍ଷ ସହରର ୩୨ଟି ସ୍ଥାନରେ କାଳୀପୂଜା ହେଉଥିବାବେଳେ ପୂଜାକୁ ଶାନ୍ତିଶୃଙ୍ଖଳା ସହ ପାଳନ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ସହରରେ ୬ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ଅନ୍ୟପଟେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଦୀପାବଳି ପାଳନ ପାଇଁ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ରାତି ୭ଟାରୁ ୯ଟା ମଧ୍ୟରେ ବାଣ ଫୁଟାଇବା ସମୟ ଧାର୍ଯ୍ୟ କରାଯାଇଛି। ଏଥିସହ ୧୨୫ ଡେସିବଲରୁ ଉଚ୍ଚ ଶବ୍ଦ ସୃଷ୍ଟିକାରୀ ବାଣ ବିକ୍ରି ଏବଂ ଫୁଟାଇବାକୁ ନିଷେଧ କରାଯାଇଛି। ବିଶେଷ କରି ପ୍ରାଣୀ ଉଦ୍ୟାନ, ହସ୍ପିଟାଲ ଭଳି ସମ୍ବେଦନଶୀଳ ସ୍ଥାନମାନଙ୍କରେ ଏଭଳି ବାଣ ଫୁଟାଇବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ସେହିପରି କୋମଳମତି ଶିଶୁମାନଙ୍କ ବାଣ ଫୁଟାଇବା ମଧ୍ୟ ନିଷେଧ ରହିଛି। ଏ ନେଇ ରାଉରକେଲା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ଅନୁପ ମଲ୍ଲିକ କହିଛନ୍ତି, ରାଜ୍ୟ ପ୍ରଦୂଷଣ ବୋର୍ଡ ପକ୍ଷରୁ ଚଳିତ ବର୍ଷ ଦୀପାବଳି ପାଳନ ନେଇ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି ହୋଇଛି। ନିର୍ଦ୍ଦେଶନାମା ଉଲ୍ଲଂଘନ ହେଉଥିବା ସୂଚନା ପାଇଲେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।



ଦୀପାବଳି ପାଇଁ ଆର୍‌ଏମ୍‌ସି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ମିଠା ଦୋକାନରେ ଯାଞ୍ଚ କରାଯାଉଛି।



ସେକ୍ଟର-୨ ଦ୍ୱିତାଲା ମାର୍କେଟ କମିଟି ପକ୍ଷରୁ କାଳୀପୂଜା ଆୟୋଜନ କରାଯାଇଛି।

## ଭୂୟାଁ ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

ରାଉରକେଲା,୧୯।୧୦
(ଦିନେଶ ମିଶ୍ର)

ଛେଣ୍ଡ କଲୋନିସ୍ଥିତ ସର୍ବଭାରତୀୟ ଭୂୟାଁ ସମାଜ ପକ୍ଷରୁ ମାଦ୍ରୀ କାଲୋ କ୍ଲବ ପରିସରରେ ରବିବାର ନୂଆଁଖାଇ ଭେଟ୍‌ଘାଟ୍ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନୂଆଁଖାଇ ପର୍ବ ପଶ୍ଚିମ ଓଡ଼ିଶାର ପରିଚୟ ଓ ଭାଇଚାରା ପର୍ବ। ଏହି ପର୍ବ ବାଲ୍ୟରୁ ବୃଦ୍ଧ ଓ ଗାଁରୁ ସହର ସମସ୍ତ ପରିବାର ସଦସ୍ୟଙ୍କ ଗୋଟିଏ ମଞ୍ଚରେ ନୂଆଁଖାଇ ଜୁହାରକୁ ଗର୍ବିତ କରିଥାଏ ବୋଲି ଭୋଇ ତାଙ୍କ ବକ୍ତବ୍ୟରେ ମତପ୍ରକାଶ କରିଥିଲେ। ଗୃହସ୍ଥୀ ମସଲାର ସିଇଓ ଅମିତ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂଆଁଖାଇ ଭେଟ୍‌ଘାଟ୍ ପରମ୍ପରା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଭୂୟାଁ ସମାଜ ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ପଶ୍ଚିମ ଓଡ଼ିଶାର ମାଦଳ ବାଦ୍ୟ ତାଳେ ତାଳେ ଉପସ୍ଥିତ ଦର୍ଶକ ନୃତ୍ୟ ପରିବେଷଣ କରିଥିଲେ। ସମାଜର କର୍ମକର୍ତ୍ତା ସହଯୋଗ କରିଥିଲେ।

## ଆର୍‌ଏସ୍‌ଏସ୍, ଜିଏମ୍‌ଏମ୍‌ର ଗଣବିକ୍ଷୋଭ

ରାଉରକେଲା, ୧୯।୧୦
(ସଙ୍ଗୀତା ଜେନା)

ଆର୍‌ଏସ୍‌ପି ଟାଉନ ଇଞ୍ଜିନିୟରିଂ ବିଭାଗ ଅଧୀନରେ ଥିବା ସିଭିଲ, ଇଲେକ୍ଟ୍ରିକାଲ, ୱାଟର ସପ୍ଲାଇ, ହର୍ଟିକଲଚର, ପବ୍ଲିକ ହେଲ୍‌ଥ ଆଦିକୁ ବିଭିନ୍ନ ସମୟରେ ଘରୋଇ ସଂସ୍ଥାକୁ ଠେକି ଦିଆଯାଉଥିବା ଅଭିଯୋଗ କରି ରାଉରକେଲା ଶ୍ରମିକ ସଂଘ (ଆର୍‌ଏସ୍‌ଏସ୍) ଏବଂ ଗାଙ୍ଗପୁର ମଜଦୁର ମଞ୍ଚ (ଜିଏମ୍‌ଏମ୍) ପକ୍ଷରୁ ଟାଉନ ଇଞ୍ଜିନିୟରିଂ ସମ୍ମୁଖରେ ଶନିବାର ସନ୍ଧ୍ୟା ୬ଟାରେ ଗଣବିକ୍ଷୋଭ କରାଯାଇଛି। ଟ୍ୱିନ୍ କ୍ୱାର୍ଟରରେ ଟାଇଲିଂ କରିବା, ସିଭିଲ ଓ ଇଲେକ୍ଟ୍ରିକାଲ ମେଣ୍ଟେନାନ୍ସ ଅଭିଯୋଗଗୁଡ଼ିକ ଅତିଶୀଘ୍ର ସମାଧାନ କରିବା, ୨୪ ଘଣ୍ଟା ମଧ୍ୟରେ ଜାମ୍ ଡ୍ରେନ ସଫେଇ, ଆଲଟମେଣ୍ଟ କ୍ୱାର୍ଟରଗୁଡ଼ିକ ମରାମତି ନ ହେବା ପର୍ଯ୍ୟନ୍ତ ହସ୍ତାନ୍ତର ନ କରିବା, ସେକ୍ଟର ରାସ୍ତାକୁ ମରାମତି କରିବା ଆଦି ୯ଟି ଦାବିକୁ ନେଇ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଆର୍‌ଏସ୍‌ଏସ୍ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା, ଜିଏମ୍‌ଏମ୍ କାର୍ଯ୍ୟକାରୀ ସଭାପତି ତଥା ବିରମିତ୍ରପୁର ବିଧାୟକ ରୋହିତ ଯୋଶେଫ୍ ତିର୍କୀ, ଉପସଭାପତି ସୁଲେମାନ କାଉଡିଆ, ଆର୍‌ଏସ୍‌ଏସ୍ ଉପସଭାପତି ଦିଲ୍ଲୀପ ମହାପାତ୍ର, ଆର୍. କେ. ପଣ୍ଡା, ଉପସଭାପତି ଅକ୍ଷୟ ଜେନା ଏବଂ ନିହାର ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କର୍ତ୍ତୃପକ୍ଷଙ୍କ ମନମୁଖୀ କାର୍ଯ୍ୟକଳାପକୁ ସେମାନେ ନିନ୍ଦା କରିବା ସହିତ ଆଗାମୀ ଦିନରେ ଏ ନେଇ ଲଢ଼େଇ ତୀବ୍ର ହେବ ବୋଲି କହିଥିଲେ। ଆର୍‌ଏସ୍‌ଏସ୍ ଉପସଭାପତି ବୀରକିଶୋର ଶେଖର ଦେଓ, ସୁରେଶ ପାଣିଗ୍ରାହୀ, ସମ୍ପାଦକ ଦୁର୍ଗା ଜେନା, କେ. ସି. ଆଚାର୍ଯ୍ୟ, ରମାକାନ୍ତ ପରିଡ଼ା, ୟୁଥ୍ ଚେୟାରମ୍ୟାନ ବିକାଶ ବେହୁରିଆ, ରୁଦ୍ର ନାରାୟଣ ବେହେରା, ସୁଜିତ ନାୟକ, ଏସ୍‌ସି ସେଲ୍‌ର ଅଧ୍ୟକ୍ଷ ଡି ନାୟକ, ରଘୁନାଥ ଭୁକ୍ତା, ଅଖିଳ ପୃଷ୍ଟି, ରଘୁନାଥ ପ୍ରଧାନ, ମନମୋହନ ବେହେରା, ଜିଏମ୍‌ଏମ୍ ସନ୍ତୋଷ କୁଜୁର, ଆନନ୍ଦ ଟପ୍ପୋ, ମାଙ୍ଗେ ଏକ୍କାଙ୍କ ସମେତ ବହୁ କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ।



ଶ୍ରମିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ହବିଷିଆଳିଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର



ଶିବିରରେ ହବିଷିଆଳିମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ରାଉରକେଲା,୧୯।୧୦(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୩ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ରହୁଥିବା ହବିଷିଆଳିମାନଙ୍କ ପାଇଁ ରବିବାର ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷଣ ସହ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ସଭାପତି ସବିତା ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଶିବିରରେ ଡାକ୍ତର ଗୋକୁଳାନନ୍ଦ ସାହୁ, ଡାକ୍ତର ଶଶିଭୂଷଣ ନେପାକ ଓ ଡାକ୍ତର ଶୈଳେନ୍ଦ୍ର ପ୍ରସାଦ ପ୍ରମୁଖ ଉପସ୍ଥିତ ରହି ହବିଷିଆଳିମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଦେଇଥିଲେ। ଟେକ୍ନିସିଆନ ନିରଞ୍ଜନ ଜେନା, ରାକେଶ ଦାସ ଓ ଦିଲୀପ କୁମାର ବାରିକ ରକ୍ତ ଶର୍କରା, ବ୍ଲଡ ପ୍ରେସର ଓ ୟୁରିକ୍ ଏସିଡ ପରୀକ୍ଷା କରିଥିଲେ। ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷଣ କରିଥିବା ହବିଷିଆଳିମାନଙ୍କୁ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ସମିତିର ସଦସ୍ୟା ସ୍ନିଗ୍ଧା ସାମନ୍ତରାୟ, ମଞ୍ଜୁ ମହାପାତ୍ର, ଗୀତାଞ୍ଜଳି ମିଶ୍ର, ସୁପ୍ରିୟା ମହାନ୍ତି, ସାବିତ୍ରୀ ଦାସ, ବିଜୟଲକ୍ଷ୍ମୀ ମିଶ୍ର, ସୁପ୍ରିୟା ମହାନ୍ତି, ସାବିତ୍ରୀ ଦାସ, ଗୀତା ସେନାପତି, ଓ ଭାରତୀ କର ପ୍ରମୁଖ ସହଯୋଗ କରିଥିଲେ। ମନ୍ଦିର ଟ୍ରଷ୍ଟି ଗିରିଜା ଶଙ୍କର ଦ୍ୱିବେଦୀ, ମୁଖ୍ୟ ପୂଜକ ତ୍ରିନାଥ ପାଢ଼ୀ, ସନ୍ତୋଷ କୁମାର ମିଶ୍ର, ତ୍ରିଲୋଚନ ମିଶ୍ର, ଅଜୟ କୁମାର ଦାସ, ଲକ୍ଷ୍ମଣନାଥ ଦାସ, ଡକ୍ଟର ଶକ୍ତିପ୍ରସାଦ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଶହେରୁ ଊର୍ଦ୍ଧ୍ୱ ହବିଷିଆଳିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

## ବେଆଇନ ବାଲି ଚାଲାଣ, ୪ ଟ୍ରାକ୍ଟର ଜବତ

ରାଉରକେଲା, ୧୯।୧୦
(ସଙ୍ଗୀତା ଜେନା)

ଲାଠିକଟା ଥାନା ଅଧୀନ ବଲାଣି ପଞ୍ଚାୟତ ଅଧୀନ ବଲଣ୍ଡା ନଦୀଘାଟରୁ ବେଆଇନ ବାଲି ଚାଲାଣ ବେଳେ ରାଉରକେଲା ବନ ବିଭାଗ ରବିବାର ସକାଳେ ୪ଟି ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଛି। ଏହି ଘଟଣାରେ ୪ ଜଣ ଗାଡ଼ି ଚାଳକଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ତେବେ ଟ୍ରାକ୍ଟରଗୁଡ଼ିକର କାଗଜପତ୍ର ଯାଞ୍ଚ ପରେ ଛଡ଼ାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଅପରାହ୍ଣରେ ଉକ୍ତ ଟ୍ରାକ୍ଟରଗୁଡ଼ିକୁ ମାଇନିଂ ବିଭାଗକୁ ହସ୍ତାନ୍ତର କରାଯାଇଛି।

## କୋଏଲ ନଦୀରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

ରାଉରକେଲା,୧୯।୧୦
(ସଙ୍ଗୀତା ଜେନା)

ସେକ୍ଟର-୧୫ ଥାନା ଅନ୍ତର୍ଗତ କୋଏଲ ନଦୀର ତୁମକେଲା ବାଲୁଘାଟ ଅଞ୍ଚଳରେ ରବିବାର ସକାଳ ସାଢ଼େ ୮ଟାରେ ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ରିପୋର୍ଟ ଲେଖାଯିବା ସୁଦ୍ଧା (ସନ୍ଧ୍ୟା ସାଢେ ୭ଟା) ତାଙ୍କ ପରିଚୟ ମିଳିପାରିନାହିଁ। ଘଟଣାସ୍ଥଳରେ ପୋଲିସ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ଭାସୁଥିବା ମୃତଦେହକୁ ଉଦ୍ଧାର କରିଥିଲେ। ମୃତଦେହକୁ ରାଉରକେଲା ସରକାରୀ ଡାକ୍ତରଖାନା ମର୍ଗ ହାଉସରେ ରଖାଯାଇଛି। ଆସନ୍ତା ୭୨ ଘଣ୍ଟା ପରେ ଜଜ୍‌ଙ୍କ ଉପସ୍ଥିତିରେ ପୋତି ଦିଆଯିବ ବୋଲି ଜଣାପଡ଼ିଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୫/୨୫) ରୁଜୁ କରି ତଦନ୍ତ କରୁଛି। ସୂଚନାଯୋଗ୍ୟ, ରବିବାର ସକାଳେ ସ୍ଥାନୀୟ ଲୋକେ ଗାଧୋଇବା ପାଇଁ ନଦୀକୁ ଯାଇଥିବା ବେଳେ ମୃତଦେହ ଦେଖି ପୋଲିସକୁ ସୂଚନା ଦେଇଥିଲେ। ତେବେ ଏହା ହତ୍ୟା କିମ୍ବା ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇପାରିନାହିଁ।

# ଶିଶୁ ସାହିତ୍ୟ ମନଛୁଆଁ ହେବା ଆବଶ୍ୟକ

ରାଉରକେଲା,୧୯।୧୦(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ବେଦବ୍ୟାସସ୍ଥିତ ଗୁରୁକୁଳ ବୈଦିକ ଆଶ୍ରମରେ ରବିବାର ପୂର୍ବାହ୍ନ ୧୦ଟାରେ ଶିଶୁ ସାହିତ୍ୟ ଉପରେ ଏକ ଦିନିକିଆ କର୍ମଶାଳା ଆୟୋଜିତ ହୋଇଯାଇଛି। ଶିଶୁ କିଶୋର ପତ୍ରିକା ଟେଲିଙ୍ଗିବାଜା ପକ୍ଷରୁ ଆୟୋଜିତ କର୍ମଶାଳାରେ ଗୋପ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟେଇ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରି କହିଥିଲେ, ଶିଶୁ ସାହିତ୍ୟ ଏକ ଉଚ୍ଚତର ସୋପାନରେ ଉପନୀତ ହୋଇସାରିଛି। ଏଣୁ ଶିଶୁ ସାହିତ୍ୟ ଅଭିବୃଦ୍ଧି ମଧ୍ୟ ନିତାନ୍ତ ଜରୁରୀ। ଏଥିପାଇଁ ଶିଶୁ ସାହିତ୍ୟ ପ୍ରତି ଅଭିଭାବକମାନଙ୍କର ବିଶେଷ ରୁଚି ରହିବା ଆବଶ୍ୟକ ବୋଲି ସେ କହିଥିଲେ। ବରିଷ୍ଠ ବିଜ୍ଞାନ ଲେଖିକା ଓ ଶିକ୍ଷାବିତ୍ ଡକ୍ଟର ସରୋଜିନୀ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କହିଲେ, ଶିଶୁ ସାହିତ୍ୟ ଏକ ପ୍ରାଚୀନ ସାହିତ୍ୟ ହୋଇଥିବାରୁ ଏହାକୁ ଅଧିକ ଶିଶୁ ମନଛୁଆଁ କରାଯିବା ଆବଶ୍ୟକ। ସରଳ, ତରଳ ଓ ରସାଳ ଶବ୍ଦ ଚୟନ କରି ଏହାକୁ ସୁଖପାଠ୍ୟ କରିବାର ମାର୍ଗଦର୍ଶନ ପାଇଁ ଏଭଳି କର୍ମଶାଳାର ଆବଶ୍ୟକତା ଓ ଉପାଦେୟତା ଉପରେ ସେ ଆଲୋକପାତ କରିଥିଲେ। ସାହିତ୍ୟିକ ତଥା ମୁଖ୍ୟବକ୍ତା ତ୍ରିଲୋଚନ ମଥାନ କହିଲେ, ପ୍ରତିଟି ଶବ୍ଦ ଅମର ହୋଇଥିବା କାରଣରୁ ପ୍ରତି ଶିଶୁ ହୃଦୟରେ ଏକ ଆବେଗପୂର୍ଣ୍ଣ ଅଭିଳାଷା ଥାଏ। ସେ ବୋଧଗମ୍ୟ ଭାଷାରେ ଲିଖିତ ଗପ, କବିତା, ଭ୍ରମଣ, ଅନୁଭୂତି ଓ ବିଜ୍ଞାନ ପ୍ରବନ୍ଧକୁ ପସନ୍ଦ କରେ ବୋଲି ମଥାନ କହିଥିଲେ। ପରେ ଅତିଥିମାନଙ୍କ ଦ୍ୱାରା ବାନରସେନାର ପାର୍ବଣ ସଂଖ୍ୟା ଲୋକାର୍ପିତ ହୋଇଥିଲା। ପଣ୍ଡିତ ପରିତୋଷ ବନ୍ଦେ ମାତରମ ଗାନ କରିଥିବା ବେଳେ କବି ତଥା ଶିକ୍ଷକ ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଟେଲିଙ୍ଗିବାଜା ପତ୍ରିକା ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ବିଜ୍ଞାନ ଲେଖିକା ଓ ଶିକ୍ଷାବିତ୍ ରଶ୍ମିବାଳା ରାଉତରାୟ ଶିଶୁ ସାହିତ୍ୟରେ ବିଜ୍ଞାନ କାହିଁକି, ମୃଳାକୁମାରୀ ରଥ ବିଜ୍ଞାନ କବିତାର ଭିତ୍ତି ଓ କୃତି, ସୁସ୍ମିତା ମହାପାତ୍ର ବିଜ୍ଞାନ ଗଳ୍ପର ଦିଗ ଓ ଦିଗନ୍ତ ଏବଂ ଡକ୍ଟର ସରୋଜିନୀ ସାହୁ ବିଜ୍ଞାନ ରଚନାର ବିବିଧ ବିଭାଗ ସମ୍ପର୍କରେ ଦିଗ୍‌ଦର୍ଶନ ଦେଇଥିଲେ। ଜାତୀୟ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ଚିତ୍ତରଞ୍ଜନ ବ୍ରହ୍ମା, ଆଲୋଚକ ନୃସିଂହ ଚରଣ ବିଶ୍ୱାଳ ଓ ଗାଳ୍ପିକ ସ୍ନିଗ୍ଧା ନାୟକ ଶିଶୁ ସାହିତ୍ୟ ଉପରେ ମାର୍ମିକ ତଥ୍ୟ ଉପସ୍ଥାପନା କରିଥିଲେ। କବି ମନୋରଞ୍ଜନ କଣ୍ଟା ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସୁଶ୍ରୀ ରାଜଶ୍ରୀଙ୍କ ସଂଯୋଜନାରେ ୧୦ ଛାତ୍ରୀଛାତ୍ର ନିଜ ପ୍ରିୟ କବିଙ୍କ ରଚିତ କବିତା ପାଠ କରିଥିଲେ। ଏହି ଅବସରରେ ଆଶୁ କବିତା ରଚନା ପ୍ରତିଯୋଗିତାର କୃତୀ କବିଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ୬୧ଜଣଙ୍କୁ ସାନ୍ନିଧ୍ୟ ସ୍ମୃତି ସନନ୍ଦ ସମ୍ମାନରେ ସମ୍ମାନୀତ କରାଯାଇଥିଲା।





ଶିଶୁ ସାହିତ୍ୟ କର୍ମଶାଳାରେ ମଞ୍ଚାସୀନ ଅତିଥି।

Summon for settlement of issues
(Order 5, Rule 20 CPC)
**In the court of Senior Civil Judge , Rourkela**
C. S. No 194 of 2016
**State Bank of India ....... Plaintiff**
**Versus**
**Smt. Debjani Pati & another ....... Defendants**

To
1. **Smt. Debjani Pati**, aged about 51 years, wife of Sri Lambodar Pati, Occupation- Readymade Garments Business, Shop No-3, Puspa Market, Shaktinagar, Rourkela-769014, District-Sundargarh.
2. **Sri Lambodar Pati**, aged about 61 years, son of Late Raghunath Pati, Occupation- Insurance Agent.
   Both permanent resident of AT/PO-Bhatpada, P. S-Tihidi, Dist-Bhadrak, at present residing in Qr No- G-190, Sector-19, Rourkela-5, P.S-Sector-19, District-Sundargarh.

Whereas, State Bank of India, SMEC, At-Sector-17, Rourkela -3, has instituted a suit against you for **Rs 75,238.00 (Rupees Seventy-Five thousand two hundred thirty-eight**) only. You are hereby summoned to appear in this court in the person, or by a pleader duly instructed and able to answer all material questions relating to the suit, or who shall be accompanied by some person able to answer all such questions, on the 27th day of October, 2025 at 10.30 AM O'clock in the fore noon, to answer the claims [and further you hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter-claim, and where you rely on any further document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list to be annexed to the written statement]. Take notice, that, in default of your appearance on the day before mentioned, the suit will be heard and determined in your absence. Give under my hand and the seal of the court, this 16th day of August of 2025.

Senior Civil Judge, Rourkela

# ସଂକ୍ଷେପରେ

## ସମାବର୍ତ୍ତନ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ସମ୍ବଲପୁର,୧୯।୧୦(ବି.ଶଙ୍କର)

ଗ୍ରୁମିଂ ଛାତ୍ରୀଛାତ୍ରଙ୍କ ସମାବର୍ତ୍ତନ ଉତ୍ସବ ପାଳନ ପ୍ରସ୍ତୁତି ବୈଠକ ରବିବାର ସମ୍ବଲପୁର ଲାଇବ୍ରେରି ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ପବ୍ଲିକ ଲାଇବ୍ରେରି ସଭାପତି ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଏହି ବୈଠକରେ ଗ୍ରୁମିଙ୍ଗ ପ୍ରକଳ୍ପରେ ସାର୍ଟିଫିକେଟ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ସମସ୍ତ ୫୧ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ସଂଯୋଜକ ରାଜେନ୍ଦ୍ର ପଣ୍ଡା ଆସନ୍ତା ନଭେମ୍ବର ୨ତାରିଖ ସମ୍ବଲପୁର ଆଇଆଇଏମ୍ ପରିସରରେ ହେବାକୁ ଥିବା ସାର୍ଟିଫିକେଟ ପ୍ରଦାନ ଉତ୍ସବ, ପ୍ରାକ ଅଭ୍ୟାସ, ଚାରାରୋପଣ, ଆଇଆଇଏମ ପରିଭ୍ରମଣ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟତମ ସଭ୍ୟ ଇଞ୍ଜିନିୟର ସୁଶାନ୍ତ କୁମାର ଗୁରୁ ପିଲା ଓ ତାଙ୍କ ମାତାପିତା, ସାଧନ କର୍ମୀ ଓ ବିଦ୍ୟାଳୟ ମୁଖ୍ୟଙ୍କ ଆଆଇଏମକୁ ସ୍ୱତନ୍ତ୍ର ବସରେ ଯିବା ଆସିବା ସମ୍ବନ୍ଧରେ ସୂଚନା ଦେଇଥିଲେ। ସକାଳ ୭ଟା୩୦ ସୁଦ୍ଧା ସମସ୍ତେ ଲାଇବ୍ରେରିରେ ପହଞ୍ଚିବାକୁ କୋଷାଧକ୍ଷ ପୃଥ୍ୱୀରାଜ ମିଶ୍ର କହିଥିଲେ। ମୁଖ୍ୟଅତିଥିଭାବେ ଦୀପକ ମାଳବ୍ୟ, ମୁଖ୍ୟବକ୍ତାଭାବେ ପ୍ରଫେସର ସୁମତ ଅଗ୍ରୱାଲ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସଭ୍ୟ ସମ୍ପାଦକ ରଘୁନାଥ ମିଶ୍ର କହିଥିଲେ।

# ସବୁଜ ବାଣ ବ୍ୟବହାର ପାଇଁ ଆହ୍ୱାନ

ସମ୍ବଲପୁର,୧୯।୧୦(ପ୍ରମୋଦ ବହିଦାର)

ଦୀପାବଳିରେ ସବୁଜ ବାଣ ବ୍ୟବହାରକୁ ଗୁରୁତ୍ୱ ଦେଇ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସମ୍ବଲପୁର ଜିଲା ପୋଲିସ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ସବୁଜ ଦୀପାବଳି ପାଳନ ନେଇ ଏସପି ମୁକେଶ ଭାମୁ କହିଛନ୍ତି, ଚଳିତବର୍ଷ ଦୀପାବଳିରେ ଉଭୟ ଶବ୍ଦ ଓ ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରାଯାଇ ପାରିବ ସେଦିଗରେ ପଦକ୍ଷେପ ଗ୍ରହଣ କରାଯାଇଛି। ସୁପ୍ରିମକୋର୍ଟଙ୍କ ଧାର୍ଯ୍ୟ ସୀମାରେ ପ୍ରସ୍ତୁତ ଓ ବିଶେଷ କରି ସବୁଜ ବାଣ ବିକ୍ରୟ ଓ ବ୍ୟବହାର ପାଇଁ ଉଭୟ ବାଣ ବ୍ୟବସାୟୀ ଓ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ଖାଲି ସେତିକି ନୁହେଁ ଦୀପାବଳୀରେ ଜୁଆଖେଳ ମଧ୍ୟ ଏକ ପ୍ରମୁଖ ପରମ୍ପାର। ଏହା ଉପରେ ମଧ୍ୟ ରୋକ ଲଗାଇବାକୁ ପୋଲିସ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ଦୀପାବଳିରେ ଯେକୌଣସି ଅଘଟଣର ମୁକାବିଲା ପାଇଁ ଜିଲା ଅଗ୍ନିଶମ ବିଭାଗ ପକ୍ଷରୁ ବିଶେଷ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ସମ୍ବଲପୁର ସହକାରୀ ଅଗ୍ନିଶମ ଅଧିକାରୀ ସୁଦାମ ଚନ୍ଦ୍ର କିସ୍କୁ କହିଛନ୍ତି , ସୁରକ୍ଷା ଦୃଷ୍ଟିକୋଣରୁ ସର୍ବଦା ତତ୍ପର ଅଗ୍ନିଶମ ବିଭାଗ ଦୀପାବଳି ପାଇଁ ସବୁବେଳେ ପ୍ରସ୍ତୁତ ହୋଇ ରହିଛି। ଦୀପାବଳି ଦିନ ସ୍ୱତନ୍ତ୍ର ଭାବେ ୨ଟି ମାଇକ୍ରୋ ଟିମ୍ ଗଠନ କରାଯିବ ଯାହା ଜରୁରୀକାଳିନ ପରିସ୍ଥିତିରେ ଅଗ୍ନିଶମ ବାହିନୀଙ୍କୁ ତ୍ୱରିତ ପଦକ୍ଷେପ ନେବାରେ ସହାୟକ ହେବ। ସମ୍ବଲପୁର ସହରର ପିଏଚଡି ପଡ଼ିଆ, ଚାରଭାଟି ପଡ଼ିଆ ଓ ମନ୍ଦଲିଆ ପଡ଼ିଆ ଆଦି ତିନୋଟି ସ୍ଥାନରେ ବାଣ ଦୋକାନ ଖୋଲିବାକୁ ଅନୁମତି ଦିଆଯାଇଛି। ପିଏଚ୍ଡି ପଡ଼ିଆରେ ସର୍ବାଧିକ ୫୦ଟି, ଚାରଭାଟି ପଡ଼ିଆରେ ୧୫ଟି ଓ ମନ୍ଦଲିଆରେ ୩ଟି ବାଣ ଷ୍ଟଲ ପାଇଁ ବ୍ୟବସାୟୀଙ୍କୁ ଅନୁମତି ଦିଆଯାଇଛି। ସେହିପରି ଅଇଁଠାପାଲି, ଲକ୍ଷ୍ମୀ ଟକିଜ ଓ ଗୋଲବଜାର ଛକ ଆଦି ତିନୋଟି ସ୍ଥାନରେ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ମାର୍କେଟିଂ ସୋସାଇଟି ପକ୍ଷରୁ ଦୀପାବଳି ଷ୍ଟଲ ରହିଛି। ମାତ୍ର ଏହି ଷ୍ଟଲମାନଙ୍କରେ ବାଣ ବ୍ୟତୀତ ଦୀପାବଳିପାଇଁ ସମସ୍ତ ପ୍ରକାର ଆବଶ୍ୟକ ସାମଗ୍ରୀ ବିକ୍ରୟ ହେଉଛି। ତେବେ ସୁରକ୍ଷା ଦୃଷ୍ଟିକୋଣରୁ ବାଣ ବ୍ୟବସାୟୀମାନଙ୍କୁ ନିଜ ଦୋକାନମାନଙ୍କରେ ବାଧ୍ୟତାମୂଳକ ଭାବେ ବାଲି, ଯଥେଷ୍ଟ ପାଣିର ବ୍ୟବସ୍ଥା ସହିତ ଓଦାବସ୍ତ୍ରା ଓ ଅଗ୍ନି ନିର୍ବାପକ ଯନ୍ତ୍ର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସହକାରୀ ଅଗ୍ନଶିମ ଅଧିକାରୀ କିସ୍କୁ କହିଛନ୍ତି। ଏହାକୁ ନେଇ ସମ୍ବଲପୁରର ପ୍ରମୁଖ ବାଣ ବ୍ୟବସାୟୀ ଶତ୍ରୁଘ୍ନ ଲାଲ ସାହା ସରକାରଙ୍କ ନିୟମ ପାଳନ ପୂର୍ବକ ସେ ପ୍ରଦୂଷଣ ମୁକ୍ତ ବା ସବୁଜ ବାଣ ବିକ୍ରୟକୁ ବିଶେଷ ଗୁରତ୍ୱ ଦେଇଛନ୍ତି ବୋଲି କହିଛନ୍ତି।




ଓର୍‌ମାସ ପକ୍ଷରୁ ସହରରେ ରହିଥିବା ଦୀପାବଳି ଷ୍ଟଲ।

## ଏନ୍‌ଏମ୍‌ଓ ପକ୍ଷରୁ ଧନ୍ୱନ୍ତରୀ ଦିବସ ପାଳିତ

ସମ୍ବଲପୁର,୧୯।୧୦(ପ୍ରମୋଦ ବହିଦାର)

ବୁର୍ଲା ଭିମସାର୍‌ରେ ଜାତୀୟ ମେଡିକୋସ ସଙ୍ଗଠନ(ଏନ୍‌ଏମ୍‌ଓ) ପକ୍ଷରୁ ଧନ୍ୱନ୍ତରୀ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭିମ୍‌ସାର ପରିସରରେ ଅନୁଷ୍ଠିତ ସଭାରେ ପ୍ରଫେସର ଡା. ସାଗ୍ନିକା ତ୍ରିପାଠୀ, ଡା. ଗୋପେଶ୍ୱରୀ ହୋତା, ଡା. ରଞ୍ଜନ କୁଜୁର, ଡା. କ୍ଷୀରୋଜ୍ ଦୁର୍ଗା, ଡା. ଦେବଦତ୍ତ ପଣ୍ଡା, ଡା. ରୋହନ ନାୟକ ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆର୍‌ଏସ୍‌ଏସ୍)ର ମହାନଗର ପ୍ରଚାରକ ପ୍ରଫୁଲ୍ଲ ଭାଇ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଡା. ସାଗ୍ନିକା ତ୍ରିପାଠୀ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସର୍ବଦା ସେବା ଭାବନା ଜାଗ୍ରତ କରିବା ପାଇଁ ପ୍ରେରଣା ଦାୟୀ ବକ୍ତବ୍ୟ ରଖିଥିଲେ। ଡା. ଗୋପେଶ୍ୱରୀ ହୋତା ଧନ୍ୱନ୍ତରୀଙ୍କ ଆୟୁର୍ବେଦ ଚିକିତ୍ସା କ୍ଷେତ୍ରରେ ଅବଦାନ ଉପରେ ଆଲୋଚନା କରିଥିଲେ। ଶୁଭମ୍ ନନ୍ଦ, ଦେବୀ ପ୍ରସାଦ ମିଶ୍ର, ଆର୍ଯ୍ୟନ୍ ପଣ୍ଡା, ଆର୍ ହେମନ୍ତ କୁମାର ପ୍ରମୁଖ ଛାତ୍ର ଏଥିରେ ସହଯୋଗ କରିଥିଲେ।

## ଲିଟିଲ୍ ମିସ୍, ମାଷ୍ଟର ଅଡିସନ୍‌ରେ ଭାଗନେଲେ ୧୦୦ ଶିଶୁ

ସମ୍ବଲପୁର,୧୯।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ଜଗନ୍ନାଥ କଲୋନୀସ୍ଥିତ ହମ୍ପଟି ଡମ୍ପଟି ସ୍କୁଲ୍ ପରିସରରେ ରବିବାର ଲିଟିଲ୍ ମିସ୍ ଓ ଲିଟିଲ୍ ମାଷ୍ଟର୍ ଅଡିସନ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ରୁ ୧୩ ବର୍ଷ ବୟସ ମଧ୍ୟରେ ୧୦୦ଜଣ ଶିଶୁ ଭାଗ ନେଇଥିଲେ। ନିର୍ଦ୍ଦେଶକ ନନ୍ଦ କିଶୋର ସାହୁ, ପାୟଲ୍ ଭୋଇ, ବିପ୍ଲବ ଡନସେନା, ଉମେଶ ମାଝି, ଗୁରୁକୃଷ୍ଣ ବାଘ, ସରୋଜ ମିଶ୍ର, ଚନ୍ଦ୍ରକାନ୍ତ ଭୋଇ, ତର୍ପଣ ପ୍ରଧାନ, ସୋମନାଥ ଜାଲ ଓ ଧରଣୀଧର ନାଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବିଶିଷ୍ଟ ନୃତ୍ୟ ନିର୍ଦ୍ଦେଶକ ଅସୀମ ପ୍ରଧାନ, ମିସେସ୍ ଓଡ଼ିଶା ୨୦୨୧-୨୨ ରାଣୀ ଦାସ ଓ ପ୍ରସିଦ୍ଧ ଡିଜାଇନର୍ ହେମନ୍ତ ପ୍ରଧାନ ବିଚାରକ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମରେ ସାଇ ଶିକ୍ଷା ପରିଷଦ ଅଧକ୍ଷ ସୁଶାନ୍ତ କୁମାର ଗୁରୁ, ଉପାଧକ୍ଷ ଭକ୍ତପ୍ରସାଦ ନନ୍ଦ, ସଂଯୋଜକ ମହମ୍ମଦ ପରୱେଜ୍ ଅଲ୍ଲିଖାନ୍, ତ୍ରିଲୋଚନ ତ୍ରିପାଠୀ, ଭୋଳାଶଙ୍କର ମହନ୍ତମ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ, ଆସନ୍ତା ୨୬ ତାରିଖରେ ମିସ୍ ଟିନ୍ ଓ ମାଷ୍ଟର ଟିନ୍‌ର ଅଡିସନ୍ ଆୟୋଜିତ ହେବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି।

## ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ଶିବିର

ସମ୍ବଲପୁର,୧୯।୧୦(ବି.ଶଙ୍କର)

ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଦିବ୍ୟାଙ୍ଗ, ବାର୍ଦ୍ଧକ୍ୟ ଓ ବିଧବାମାନଙ୍କ ପାଇଁ ରବିବାର ଝୁଝୁମୁରା ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ନୂଆବରଙ୍ଗାମାଲ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶିବିର ହୋଇଥିଲା । ଏହି ଶିବିରରେ ଡାକ୍ତର ନୟନ ରାଜ, ଡାକ୍ତର ନିର୍ମଳ ଅଗ୍ରୱାଲ ଓ ଡାକ୍ତର ଚୈତନ୍ୟ ପ୍ରଧାନ ଚିକିତ୍ସା ପରାମର୍ଶ ଦେଇଥିଲେ। ସେହିପରି ସ୍ୱାସ୍ଥ୍ୟ ବୈଷୟିକ ଦଳର ସଞ୍ଜୁ ନାଏକ, ସତ୍ୟରୂପା ନାଥ, ହେନା ପ୍ରିୟଦର୍ଶିନୀ ନାଏକ ଶିବିରରେ ନିଜ ଦାୟିତ୍ୱ ନିର୍ବାହ କରିଥିଲେ। ଭାଜପା ନେତା ଗୋବିନ୍ଦ ପ୍ରସାଦ ଅଗ୍ରୱାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ସେବିକା ସାହୁ, ଅମରେଶ ପ୍ରଧାନ, ନରେଶ ମହାନ୍ତି, ଦୁର୍ଗାମାଧବ ମିଶ୍ର, କିଶୋର ପ୍ରଧାନ, ବିକ୍ରମ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ରାଧା ଶ୍ରୀନିବାସ ସେବା ଟ୍ରଷ୍ଟ ସଭ୍ୟମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ଭୋଇପାଲି କେବିଏଫ୍‌ସି ସେମିରେ




ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

### ମନ୍ତ୍ରୀମୁଣ୍ଡା କପ ଫୁଟ୍‌ବଲର ତୃତୀୟ ଦିବସ

କୁଚିଣ୍ଡା,୧୯।୧୦(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ମନ୍ତ୍ରୀମୁଣ୍ଡା ମିନିଷ୍ଟାଡିୟମରେ ଚାଲିଥିବା ୧୨ତମ ମନ୍ତ୍ରୀମୁଣ୍ଡା କପ ଫୁଟବଲ ଟୁର୍ନାମେଣ୍ଟ ରବିବାର ତୃତୀୟ ଦିନରେ ପହଞ୍ଚିଛି। ରବିବାର ୩ଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚ ସୁନ୍ଦରଗଡ଼ ଭୋଇପାଲି କେବିଏଫ୍‌ସି ଓ ଝାରସୁଗୁଡ଼ା ଝାଡେଶ୍ୱର ଏଫସି ମଧ୍ୟରେ ହୋଇଥିଲା। ଏଥିରେ ୧-୦ ଗୋଲରେ ଭୋଇପାଲି କେବିଏଫ୍‌ସି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ରାଉରକେଲା ଉମେଶ ବ୍ରଦର୍ସ ଓ କୋରାପୁଟ ସୁନାବେଡ଼ା ସାଇ ସ୍ପୋର୍ଟସ ହଷ୍ଟେଲ ମଧ୍ୟରେ ହୋଇଥିଲା। ୧-୦ ଗୋଲରେ ଉମେଶ ବ୍ରଦର୍ସ ବିଜୟୀ ହୋଇଥିଲା। ସେହିପରି ତୃତୀୟ ମ୍ୟାଚରେ ଭୋଇପାଲି କେବିଏଫସି ଓ ଉମେଶ ବ୍ରଦର୍ସ ପରସ୍ପରକୁ ଭେଟିଥିଲେ। ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ସ୍କୋର କରିପାରି ନ ଥିଲେ। ପେନାଲଟି ସୁଟ ଆଉଟ୍‌ରେ ଭୋଇପାଲି କେବିଏଫ୍‌ସି ବିଜୟ ଲାଭ କରି ସେମିଫାଇନାଲରେ ପ୍ରବେଶ କରିଛି। ତୃତୀୟ ଦିନର ଅତିଥିଭାବେ କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ ଡା ସୁବୋଧ କୁମାର ନାୟକ, ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଦୀପ କୁମାର ଦାସ, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଟିକନ ପ୍ରଧାନ, କୁଚିଣ୍ଡା ଆଇଆଇସି ବାମଦେବ ଶଙ୍ଖୁଆଳ, ଅଗ୍ନିଶମ ଅଧିକାରୀ ଜୀବନ ପ୍ରତାପ ଟପୋ, ରମେଶ ସାହୁ ଯୋଗଦେଇଥିଲେ। ରେଫରୀଭାବେ ଶିବଶଙ୍କର ପଣ୍ଡା, ଶଶୀକାନ୍ତ ଦାସିଆ, ସଲିଲ ବେହେରା, ସୁଜିତ ରାଜହଂସ, ରାଜେଶ ଜୟପୁରିଆ ଖେଳ ପରିଚାଳନା କରିଥିଲେ। ମନ୍ତ୍ରୀମୁଣ୍ଡା ଯୁବକ ସଂଘ ସଭାପତି ତାପସ କୁମାର ନାଏକ, ସମ୍ପାଦକ ଅକ୍ଷୟ କିଷାନ, କୋଷାଧକ୍ଷ ଭବାନୀ କିଷାନ, ଉପଦେଷ୍ଟା ପ୍ରଣବ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ପରିଚାଳନା ହେଉଥିଲା। ଗୌତମ ମିଶ୍ର ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ବିଭିନ୍ନ ଦଳ ପକ୍ଷରୁ ଘାନା, ନାଇଜେରିଆ, ବୁଲଗେରିଆ ଆଦି ଦେଶର ଖେଳାଳିମାନେ ଖେଳିବାକୁ ଓହ୍ଲାଇ ଥିବାରୁ ମ୍ୟାଚ ଦେଖିବାକୁ ବହୁସଂଖ୍ୟକ ଦର୍ଶକଙ୍କ ସମାଗମ ହୋଇଥିଲା।

## ପୁଣି ୧୨.୫ ଗ୍ରାମ ବ୍ରାଉନ୍‌ସୁଗାର ଜବତ

ସମ୍ବଲପୁର,୧୯।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ଫାଟକ ମାଲିପଡ଼ା ରାସ୍ତାରେ ପୋଲିସ ରବିବାର ପୁଣି ୧୨.୫ ଗ୍ରାମ ଓଜନର ବ୍ରାଉନ୍ ସୁଗାର ଜବତ କରିଛି। ଏହାସହ ଉକ୍ତ ବ୍ରାଉନ୍‌ସୁଗାର ଚୋରା ଚାଲାଣରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଧନୁପାଲି ଥାନା ଅନ୍ତର୍ଗତ ମୋତିଝରଣ କ୍ଷେତିପଡ଼ାର ମହେବୁବ୍ ଆଲ୍ଲାମ(୩୯), ମହମ୍ମଦ ଇମ୍‌ରାନ୍ ଅଲ୍ଲୀ(୩୨) ଓ କ୍ଷେତରାଜପୁର ଥାନା ଅନ୍ତର୍ଗତ ବଙ୍ଗାଲିପଡ଼ାର ବିଷ୍ଣୁ ମାନ୍ଦେକର(୨୯)। ସେମାନଙ୍କ ନିକଟରୁ ପୋଲିସ ବ୍ରାଉନ୍‌ସୁଗାର ସହିତ ୪ଟି ବିଭିନ୍ନ ବ୍ରାଣ୍ଡର ମୋବାଇଲ୍ ଫୋନ, ନଗଦ ୬ ହଜାର ଟଙ୍କା ଜବତ କରିଛି। ଏହାକୁ ନେଇ ଟାଉନ ଥାନାରେ ଏକ ମାମଲା (ନଂ. ୩୧୨/୨୦୨୫) ରୁଜୁ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରିଛି ପୋଲିସ। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ରବିବାର ପୂର୍ବାହ୍ନ ୧୧ଟାରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ) ପାର୍ଶ୍ୱସ୍ଥ ଫାଟକ୍ ମାଲିପଡ଼ା ରାସ୍ତାରେ ବ୍ରାଉନ୍‌ସୁଗାର ଚୋରା ଚାଲାଣ ହେଉଥିବା ସମ୍ପର୍କର ଟାଉନ ଥାନା ପୋଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଖବରପାଇ ଟାଉନ ଥାନା ଇନ୍‌ସପେକ୍ଟର ଏସ୍‌କେ ଜେନା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ସେହି ବାଟ ଦେଇ ଯାଉଥିବା ୩ସନ୍ଦିଗ୍ଧଙ୍କୁ ଅଟକ ରଖି ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ସେମାନଙ୍କ ନିକଟରେ ଥିବା ବ୍ରାଉନ୍‌ସୁଗରକୁ ଜବତ କରିଥିଲେ।

## ପ୍ରତିଷ୍ଠା ପକ୍ଷରୁ ମହିଳା ବର୍ଗ କୌତୁକ ଖେଳ




କୌତୁକିଆ ଖେଳ ଏବଂ ବନ୍ଧୁତ୍ୱପୂର୍ଣ୍ଣ ଟି-୧୦ କ୍ରିକେଟ ପ୍ରତିଯୋଗିତାର ପ୍ରତିଯୋଗୀମାନେ।

ସମ୍ବଲପୁର,୧୯।୧୦(ବି.ଶଙ୍କର)

ପ୍ରତିଷ୍ଠାର ୧୬ ତମ ସମ୍ମାନ ଉତ୍ସବ ଅବସରରେ ମହିଳା ବର୍ଗରେ କୌତୁକିଆ ଖେଳ ଏବଂ ବନ୍ଧୁତ୍ୱପୂର୍ଣ୍ଣ ଟି-୧୦ କ୍ରିକେଟ ପ୍ରତିଯୋଗିତା ବୁର୍ଲା ସ୍ଥିତ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତିବିହାର ଖେଳ ପଡିଆରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠା ଅନୁଷ୍ଠାନ ଆୟୋଜିତ ମ୍ୟାଚରେ ବିଶ୍ୱବିଦ୍ୟାଳୟ ଏମବିଏ ବିଭାଗ ଅଧ୍ୟାପକ ଦେବେନ୍ଦ୍ର କୁମାର ମହାଲିଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ସଭାପତି ପ୍ରସନ୍ନ କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ସଂଯୋଜକ ତରଣୀସେନ ଚାନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ୟାରୀମୋହନ ପୂଜାହାରୀ, ଦେବାଶିଷ ନନ୍ଦ, ଦୀପକ ରାଉତ, ହରିଶଙ୍କର ପଣ୍ଡା, ରାମେଶ୍ୱର ସିଂ, ରବୀନ୍ଦ୍ର କୁମାର ସେଠୀ, ସୁଧିରଞ୍ଜନ ମହାରଣା, ଜୟନ୍ତ କୁମାର ସାହୁ, ଶିବ ଦୋରା, ସତ୍ୟବ୍ରତ ନାୟକ, ରାଜେଶ ପଟ୍ଟନାୟକ, ସଞ୍ଜୀବ ପଣ୍ଡା, ସୋମନାଥ ଆପଟ, ଗୋପାଳ ପ୍ରଧାନ, ଶ୍ୟାମ ଗୌଡ଼, ଗୋବର୍ଦ୍ଧନ ଗୌଡ଼, ଗଜେନ୍ଦ୍ର ସାହୁ, ଦୁର୍ଗା ପ୍ରସାଦ ଦଳାଇ, ପ୍ରମୋଦ ଗୌଡ଼, ଲକ୍ଷ୍ମଣ ରାଓ, ଅଶ୍ୱିନ ମହାନନ୍ଦ, ଚଣ୍ଡୀ ପ୍ରକାଶ ଦାସ, ପୁରୁଷୋତ୍ତମ ଗୌଡ଼, ତ୍ରାହିକର ଡୁଙ୍ଗୁରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏଥିସହ ପ୍ରତିଷ୍ଠା ମହିଳା ବର୍ଗରେ କୌତୁକିଆ ଖେଳ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଭିମସାରର ପ୍ରାକ୍ତନ ଅଧ୍ୟକ୍ଷ୍ୟ ପ୍ରଫେସର ବ୍ରଜ ମୋହନ ମିଶ୍ର ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନିର୍ମଳା ସେଠୀ, ମନୋରମା ଦାସ, ମିନତୀ ପୂଜାହାରୀ, ସତ୍ୟଭାମା ସାହୁ, ପ୍ରତିଭା ବାରିକ, ରୋହିଣୀ ପ୍ରଧାନ, ସ୍ୱର୍ଣ୍ଣଲତା ପତି ପରିଚାଳନା କରିଥିଲେ। ସମ୍ପାଦକ ସୁବ୍ରତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ୮୨ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ସମ୍ବଲପୁର,୧୯।୧୦(ପ୍ରମୋଦ ବହିଦାର): ସମ୍ବଲପୁର ଜିଲା ହୀରାକୁଦ ଲରପଙ୍କ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିହାରୀପଡ଼ାରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଙ୍ଗାମୁଣ୍ଡା, ବିହାରୀପଡ଼ା ଅଞ୍ଚଳର ୮୨ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷ କରାଯାଇ ଔଷଧ ପ୍ରଦନା ଜରାଯାଇଥିଲା। ଡା. ରାକେଶ ମାଝି, ଫାର୍ମାସିଷ୍ଟ ସୁଦୀପ୍ତ କୁମାର ନାଏକ, ବିକାଶ କୁମାର ବିଶ୍ୱାଳ, ନର୍ସ ସଞ୍ଜିତା ଡୁଙ୍ଗଡୁଙ୍ଗ, ଯୋଗ ପ୍ରଶିକ୍ଷିକା ମଲ୍ଲିକା କୁମାର, ପଦ୍ମିନୀ ନାଏକ, ରାଜୁ ଖଡ଼ିଆ, ଆଶାକର୍ମୀ ସଂଯୁକ୍ତା ପ୍ରଧାନ ସ୍ୱାସ୍ଥ୍ୟ ଶିବିରକୁ ପରିଚାଳନା କରିଥିଲେ।

## ଶତାୟୁ ବ୍ୟକ୍ତିଙ୍କ ପରଲୋକ

ନାକଟିଦେଉଳ, ୧୯।୧୦(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବାଟଗାଁ ଗ୍ରାମର ଶତାୟୁ ତ୍ରିଲୋଚନ ବସନ୍ତରାଙ୍କ ରବିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୧୧୦ବର୍ଷ ହୋଇଥିଲା। ସେ ଦୀର୍ଘ ଦିନ ହେଲା ତାଙ୍କ ସାନପୁଅ ଶଙ୍କର ବସନ୍ତରାଙ୍କ ଘରେ ରହି ଆସୁଥିଲେ । ମୃତ୍ୟୁଶଯ୍ୟା ନିକଟରେ ୫ ପୁଅ, ୩ ଝିଅ ଏବଂ ନାତି ନାତୁଣୀମାନେ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ସାନ ପୁଅ ଶଙ୍କର ବସନ୍ତରା ମୁଖାଗ୍ନି ଦେଇଥିଲେ। ସେ ପୂର୍ବରୁ ବାଟଗାଁ ଦଣ୍ଡନୃତ୍ୟରେ ପାଟଭୁଲ୍ଲା ଅଭିନୟ କରି ଲୋକଙ୍କ ହୃଦୟ ଜିଣିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି ।

# ୨୪ ଗ୍ରାମପଞ୍ଚାୟତ ନୂତନ କାର୍ଯ୍ୟାଳୟର ଶିଳାନ୍ୟାସ



ମୁଖ୍ୟମନ୍ତ୍ରୀ ପଞ୍ଚାୟତ କାର୍ଯ୍ୟାଳୟର ଶିଳାନ୍ୟାସ ଓ ଅନ୍ତ୍ୟୋଦୟ ଗୃହ ନିର୍ମାଣ କିସ୍ତି ବଣ୍ଟନ ଉତ୍ସବର ସିଧାପ୍ରସାରଣ ବେଳେ ଓସ୍ୱାନ କକ୍ଷରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀ।

### ଅନ୍ତ୍ୟୋଦୟ ଗୃହ ନିର୍ମାଣର କିସ୍ତି ପାଇଲେ ୧୫୮୦ ହିତାଧିକାରୀ

ସମ୍ବଲପୁର,୧୯।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାର ୨୪ଟି ଗ୍ରାମପଞ୍ଚାୟତରେ ନୂତନ କାର୍ଯ୍ୟାଳୟ ପାଇଁ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭାସୀ ଜରିଆରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହା ସହିତ ଅନ୍ତ୍ୟୋଦୟ ଗୃହ ଯୋଜନା ଅନ୍ତର୍ଗତ ଜିଲାର ମୋଟ ୧୫୮୦ ଜଣ ହିତାଧିକାରୀଙ୍କୁ ନୂତନ ଗୃହ ନିର୍ମାଣ ପାଇଁ ପ୍ରଥମ କିସ୍ତି ରାଶି ବଣ୍ଟନ କରିଛନ୍ତି। ଫଳରେ ୪୦ହଜାର ଲେଖାଏ ପ୍ରଥମ କିସ୍ତି ସ୍ୱରୂପ ଅର୍ଥରାଶି ପ୍ରତ୍ୟେକ ହିତାଧିକାରୀଙ୍କ ଜମାଖାତାରେ ସିଧାସଳଖ ଜମା ହୋଇଛି।

ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଓଏସ୍‌ଏସ୍‌ଡବ୍ଲ୍ୟୁଏଏନ୍(ଓସ୍ୱାନ) କକ୍ଷରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଉପସ୍ଥିତିରେ ସମ୍ବଲପୁର ଜିଲାରେ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମାଝୀ ଆଭାସୀ ମାଧ୍ୟମରେ କୁଚିଣ୍ଡା ବ୍ଲକ କୁସୁମୀ ପଞ୍ଚାୟତ ସରପଞ୍ଚ ସଙ୍କୀର୍ତ୍ତନ କିଷାନଙ୍କ ସହିତ ସିଧାସଳଖ ବାର୍ତ୍ତାଳାପ କରିଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀ ମାଝୀ ମୋଟ୍ ୮ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସମ୍ବଲପୁର ଜିଲାର ୨୪ଟି ପଞ୍ଚାୟତର ନୂତନ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେଥିମଧ୍ୟରେ ସଦର ବ୍ଲକ ଶାସନ ଓ କଳାମାଟି ଗ୍ରାମପଞ୍ଚାୟତ, ବାମରା ବ୍ଲକ୍‌ର ବାବୁନିକ୍ତିମାଲ, ଜୋରବଗା, ମହୁଲପାଲି ଓ ଗଡ଼ପୋଷ ପଞ୍ଚାୟତ, ଜମନକିରା ବ୍ଲକ୍‌ର ଜମନକିରା ଓ ଟିକ୍ଲିପଡ଼ା ପଞ୍ଚାୟତ, ରେଙ୍ଗାଲି ବ୍ଲକ୍‌ର ଖିଣ୍ଡା, ଲଇଡ଼ା ଓ ଲପଙ୍ଗା ପଞ୍ଚାୟତ, ରେଢ଼ାଖୋଲ ବ୍ଲକ୍‌ର ବଡ଼ମାଲ ଓ ବନସାଜଲ୍ ପଞ୍ଚାୟତ, ନାକଟିଦେଉଳ ବ୍ଲକ୍‌ର ବଳମ, ବାଟଗାଁ ଓ ଗିରିଶଚନ୍ଦ୍ରପୁର୍ ପଞ୍ଚାୟତ, ଝୁଝୁମୁରା ବ୍ଲକର ବାହାମ ଓ ଗଡ଼ଲୋଇସିଂ ପଞ୍ଚାୟତ, କୁଚିଣ୍ଡା ବ୍ଲକ୍‌ର ଖଣ୍ଡୋକଟା, ବାଙ୍କେ, କୁନ୍ତରା, କୁସୁମୀ ଓ ଟାଇଁସର ପଞ୍ଚାୟତରେ ନିର୍ମାଣ ହେବାକୁ ଥିବା କାର୍ଯ୍ୟାଳୟ ନର୍ମାଣ ପାଇଁ ୩୫ଲକ୍ଷ ଟଙ୍କା ଲେଖାଏ ବ୍ୟୟ ଅଟକଳ କରାଯାଇଛି।

ସେହିପରି ରାଜ୍ୟ ସରକାରଙ୍କ ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ସଦର ବ୍ଲକ ଧନକଉଡ଼ାରେ ୬୪, ବାମରା ବ୍ଲକ୍‌ରେ ୧୩୦, ଜମନକିରା ବ୍ଲକ୍‌ରେ ୨୮୨, ଝୁଝୁମୁରା ବ୍ଲକ୍‌ରେ ୧୯୨, କୁଚିଣ୍ଡା ବ୍ଲକ୍‌ରେ ୧୫୯, ମାନେଶ୍ୱର ବ୍ଲକ୍‌ରେ ୧୨୪, ନାକଟିଦେଉଳ ବ୍ଲକ୍‌ରେ ୨୦୭, ରେଢ଼ାଖୋଲ ବ୍ଲକ୍‌ରେ ୨୬୬ ଓ ରେଙ୍ଗାଲି ବ୍ଲକ୍‌ରେ ୧୫୬ ଜନ ହିତାଧିକାରୀଙ୍କୁ ମିଶାଇ ଜିଲାର ୧୫୮୦ ଜଣ ହିତାଧିକାରୀଙ୍କ ମଧ୍ୟରେ ପ୍ରତ୍ୟେକଙ୍କୁ ଗୃହ ନିର୍ମାଣ ପାଇଁ ପ୍ରଥମ କିସ୍ତି ବାବଦକୁ ୪୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ଅପରପକ୍ଷରେ କିଛିଦିନ ପରେ ଗୃହ ନିର୍ମାଣ ପାଇଁ ଦ୍ୱିତୀୟ କିସ୍ତି ସ୍ୱରୂପ ପ୍ରତ୍ୟେକଙ୍କୁ ୬୫ ହଜାର ଓ ପରବର୍ତ୍ତୀ ସମୟରେ ତୃତୀୟ କିସ୍ତି ବାବଦକୁ ଅବଶିଷ୍ଟ ୧୫ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ହିତାଧିକାରୀଙ୍କୁ କୁହାଯାଇଛି।

Summon for settlement of issues
(Order 5, Rule 20 CPC)

**In the court of Senior Civil Judge , Rourkela**

C. S. No 194 of 2016

**State Bank of India ....... Plaintiff**

**Versus**

**Smt. Debjani Pati & another ....... Defendants**

To

1. **Smt. Debjani Pati**, aged about 51 years, wife of Sri Lambodar Pati, Occupation- Readymade Garments Business, Shop No-3, Puspa Market, Shaktinagar, Rourkela-769014, District-Sundargarh.
2. **Sri Lambodar Pati**, aged about 61 years, son of Late Raghunath Pati, Occupation- Insurance Agent.
   Both permanent resident of AT/PO-Bhatpada, P. S-Tihidi, Dist-Bhadrak, at present residing in Qr No- G-190, Sector-19, Rourkela-5, P.S-Sector-19, District-Sundargarh.

Whereas, State Bank of India, SMEC, At-Sector-17, Rourkela -3, has instituted a suit against you for **Rs 75,238.00 (Rupees Seventy-Five thousand two hundred thirty-eight**) only. You are hereby summoned to appear in this court in the person, or by a pleader duly instructed and able to answer all material questions relating to the suit, or who shall be accompanied by some person able to answer all such questions, on the 27th day of October, 2025 at 10.30 AM O'clock in the fore noon, to answer the claims [and further you hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter-claim, and where you rely on any further document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list to be annexed to the written statement]. Take notice, that, in default of your appearance on the day before mentioned, the suit will be heard and determined in your absence. Give under my hand and the seal of the court, this 16th day of August of 2025.

Senior Civil Judge, Rourkela

# ବାସି ଭାତ ଖାଇ ୧୫ରୁ ଊର୍ଦ୍ଧ୍ୱ ଗାଈ ମୃତ

ନୂଆପଡ଼ା,୧୯।୧୦
(ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ଆମସେନା ପଞ୍ଚାୟତ ଗୋତମା ଗାଁରେ ବାସି ଭାତ ଖାଇ ୧୫ରୁ ଊର୍ଦ୍ଧ୍ୱ ଗାଈଙ୍କ ମୃତ୍ୟୁ ହୋଇଥିବା ବେଳେ ୬୦ରୁ ଅଧିକ ଗୁରୁତର ଅଛନ୍ତି। ସୂଚନା ଅନୁଯାୟୀ, ଗତ ୧୬ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ା ଗସ୍ତ କାର୍ଯ୍ୟକ୍ରମ ରହିଥିଲା। ଏଥିପାଇଁ ଖରିଆର ରୋଡ୍ ଗୋତମା ଏୟାରଷ୍ଟ୍ରିପ ପଡିଆରେ ସମାବେଶ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆସିଥିବା ଲୋକଙ୍କ ଖାଇବା ଲାଗି ଗୋତମା ଓ ଡୁମେରପାଣି ଗାଁ ମଝି ପଡିଆରେ ବ୍ୟବସ୍ଥା ହୋଇଥିଲା। ଲୋକେ ଖାଇବା ପରେ ବଳକା ରହିଥିବା ଭାତକୁ ଗାତ କରି ପୋତିବା ବଦଳରେ ରାତି ହେବାରୁ ଏଣେତେଣେ ଫିଙ୍ଗିଦିଆଯାଇଥିଲା। ପରଦିନ ସକାଳେ ଗୋତମା ଗାଁର ଗାଈ ଚରିବାକୁ ଯିବା ସମୟରେ ଫିଙ୍ଗାଯାଇଥିବା ଭାତ ଖାଇ ଅସୁସ୍ଥ ହୋଇ ପଡିଥିଲେ। ଛଟପଟ ହେଉଥିବା କିଛି ଗାଈଙ୍କୁ ମାଲିକମାନେ କୌଣସି ପ୍ରକାରେ ଘରକୁ ନେଇ ଚିକିତ୍ସା କରିଥିଲେ। ହେଲେ ଶନିବାରଠାରୁ ଗାଈ ମରିବା ଆରମ୍ଭ ହୋଇଛି। ଓ ଗାଁର ଅନ୍ୟ ଚାଷୀଙ୍କ ୬୦ରୁ ଅଧିକ ଗାଈ ଗୁରୁତର ଥିବାବେଳେ ସେମାନଙ୍କ ଚିକିତ୍ସା ଚାଲିଛି। ପିସିସି ସଭାପତି ଭକ୍ତ ଚରଣ ଦାସ ଚାଷୀଙ୍କୁ ଭେଟିବା ସହ କ୍ଷତିପୂରଣ ପାଇଁ ଦାବି କରାଯିବ ବୋଲି କହିଛନ୍ତି । କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝି ଏଥିରେ କ୍ଷୋଭ ପ୍ରକାଶ କରି ଜିଲାପାଳ ମଧୁସୂଦନ ଦାଶଙ୍କୁ ଫୋନରେ ଯୋଗାଯୋଗ କରିଥିଲେ।



ମରିପଡିଥିବା ଗାଈ।

## ନୂଆପଡ଼ାରେ ଗୋହତ୍ୟା ପାଇଁ ଭାଜପା ଦାୟୀ: ବିଜେଡି

ଭୁବନେଶ୍ୱର,୧୯।୧୦(ରବିନାରାୟଣ ଜେନା)

ନୂଆପଡ଼ାରେ ଗୋରୁ ମଡ଼କ ପାଇଁ ଭାଜପା ସରକାର ଦାୟୀ ବୋଲି ବିଜେଡି ଅଭିଯୋଗ କରିଛି। ରବିବାର ଶଙ୍ଖ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭାରେ ପ୍ରାୟ ୧୦ ହଜାର ଲୋକଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ହୋଇଥିଲେ ମଧ୍ୟ କମ୍ ସଂଖ୍ୟକ ଲୋକଙ୍କ ଉପସ୍ଥିତି ଭାଜପା ଦଳକୁ ନିରାଶ କରିଥିଲା। ସଭାରୁ ଲୋକେ ଉଠି ଚାଲିଯିବା ଘଟଣାରୁ ସ୍ପଷ୍ଟ ଯେ ଭାଜପା ଉପରେ ନୂଆପଡ଼ାବାସୀଙ୍କ ଭରସା ନାହିଁ। ତେଣୁ ହତାଶ ହୋଇ ବଳକା ଖାଦ୍ୟକୁ ଫୋପାଡ଼ି ଦେଇଥିଲେ। ସ୍ଥାନୀୟ ବାସିନ୍ଦାଙ୍କ ଗୃହପାଳିତ ପ୍ରାଣୀ ଏହାକୁ ଖାଇ ଅସୁସ୍ଥ ହୋଇପଡ଼ିଥିଲେ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ୨୦ଟି ଗୋରୁଙ୍କ ମୃତ୍ୟୁ ହୋଇଛି। ଏହିଭଳି ଘଟଣାର ପୁନରାବୃତ୍ତି ଯେଭଳି ନ ହେବ, ସେଥିପ୍ରତି ଭାଜପା ସମ୍ବେଦନଶୀଳ ହେବା ଆବଶ୍ୟକ ବୋଲି ସେ କହିଛନ୍ତି।

# ରାଜେନ୍ଦ୍ରଙ୍କ ଅଧୁରା ସ୍ୱପ୍ନ ପୂରଣ କରିବି: ସ୍ନେହାଙ୍ଗିନୀ

## ରୋଡ୍ ଶୋ' କରି ଶକ୍ତି ପ୍ରଦର୍ଶନ କଲା ବିଜେଡି

ନୂଆପଡ଼ା,୧୯।୧୦ (ମକାରୁ ବେମାଲ)

ନୂଆପଡ଼ା ଉପନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ଉଷ୍ମତା ସେତିକି ରୋଚକ ହେବାରେ ଲାଗିଛି। ଇତିମଧ୍ୟରେ ରାଜ୍ୟର ୩ ପ୍ରମୁଖ ଦଳ ପ୍ରାର୍ଥୀ ଘୋଷଣା କରିଥିବାବେଳେ ଭାଜପା ଓ କଂଗ୍ରେସ ପ୍ରାର୍ଥୀପତ୍ର ଦାଖଲ କରିସାରିଛନ୍ତି। ବିଜେଡି ସୋମବାର ପ୍ରାର୍ଥୀପତ୍ର ଦାଖଲ କରିବ। ବର୍ତ୍ତମାନ ଭୋଟ ପ୍ରଚାରରେ ପ୍ରମୁଖ ଦଳ ମଧ୍ୟରେ ଏକପ୍ରକାର ବଳ କଷାକଷି ଚାଲିଛି। କେଉଁ ଦଳ ଗାଁକୁ ଯାଇ ସଭା କରି ଭୋଟ ମାଗୁଛି ତ ଅନ୍ୟ କେଉଁ ଦଳ ରୋଡ୍ ଶୋ' କରି ଭୋଟରଙ୍କୁ ଆକୃଷ୍ଟ କରିବାରେ ଲାଗିଛି। ଏହି କ୍ରମରେ ରବିବାର ବିଜୁ ଜନତା ଦଳ ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ ସମର୍ଥକ ଓ କର୍ମୀଙ୍କ ସହ ରୋଡ ଶୋ' କରି ଶକ୍ତି ପ୍ରଦର୍ଶନ କରିଛନ୍ତି । ପ୍ରଥମେ ସେ ଟାନୱାଟସ୍ଥିତ କଣାଭେିରା ଗୁଡିକୁ ଯାଇ ବୋଦା ବଳି ଦେଇ ଆଶୀର୍ବାଦ ଭିକ୍ଷା କରିଥିଲେ। ସେଠାରୁ ଫେରି ତେଲିପଡା ଛକଠାରୁ ସହସ୍ରାଧିକ ମହିଳା ଓ ପୁରୁଷ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଏକତା ଛକରେ ଥିବା ସ୍ୱର୍ଗତ ଘାସିରାମ ମାଝିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ପ୍ରଚାରରେ ବାହାରିଥିବା ତୁଙ୍ଗ ନେତାମାନେ ୨୪ ବର୍ଷର ଶାସନ କାଳର ବିକାଶ ଉପରେ ଉପସ୍ଥିତ ଜନସାଧାରଣଙ୍କ ସମ୍ମୁଖରେ ବଖାଣିଥିଲେ। ଛୁରିଆ କହିଥିଲେ, ସେ ପଶ୍ଚିମ ଓଡ଼ିଶାର ବୋହୂ, ନୂଆପଡ଼ା ତାଙ୍କ ମାମୁଘର। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ ବିଜେଡିରୁ ନିର୍ବାଚନ ଲଢିବିଜୟୀ ହୋଇ ଜିଲାର ବିକାଶ ପାଇଁ କାର୍ଯ୍ୟ କରୁଥିଲେ। ଏହି ଉପନିର୍ବାଚନରେ ଜିଲାବାସୀ ଆଶୀର୍ବାଦ କଲେ ଢୋଲକିଆଙ୍କ ଅଧୁରା ସ୍ୱପ୍ନ ପୂରଣ କରିବେ ବୋଲି ସେ କହିଥିଲେ। ଏହି ସମୟରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଜିଲା ସଭାପତି ଅବନୀ ରଞ୍ଜନ ଜୋଷୀ, ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ଜିଲା ପରିଷଦ ସଭ୍ୟ ଭାନୁ ପ୍ରତାପ ସିଂ ମାଝି, ପୂର୍ବତନ ଜିଲା ସଭାପତି ମନୋଜ ମିଶ୍ର, ନାରୀନେତ୍ରୀ ଶେଫାଳି ସଲମାଙ୍କ ସମେତ ପୂର୍ବତନ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ଶୁଭାଶିଷ ଖୁଣ୍ଟିଆ, ରାଜ୍ୟ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ ଦାସ ବର୍ମା, ପ୍ରତାପ ଜେନା, ଅରୁଣ ସାହୁ, ପୁଷ୍ପେନ୍ଦ୍ର ସିଂଦେଓ, ଦେବୀ ରଞ୍ଜନ ତ୍ରିପାଠୀ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରି, ନର୍ଲା ବିଧାୟିକା ମନୋରମା ମହାନ୍ତି, ପଦ୍ମପୁର ବିଧାୟିକା ବର୍ଷା ବରିହା, ନାରୀନେତ୍ରୀ ପ୍ରମିଳା ମଲ୍ଲିକ, ଲେଖାଶ୍ରୀ ସାମନ୍ତ ସିଂହାର, ଈପ୍‌ସିତା ସାହୁ ପ୍ରମୁଖ ସାମିଲ ହୋଇଥିଲେ।



ଦଳୀୟ ନେତୃବୃନ୍ଦଙ୍କ ସହ ପ୍ରଚାରରେ ବାହାରିଥିବା ସ୍ନେହାଙ୍ଗିନୀ।

## ଭାଜପାରେ ଯୋଗଦେଲେ ଶିଖା ଆଜାଦ

ଭୁବନେଶ୍ୱର,୧୯।୧୦
(ରବିନାରାୟଣ ଜେନା)

ନୂଆପଡ଼ାର ବରିଷ୍ଠ ଓ ପୁରୁଖା କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ସ୍ୱର୍ଗତ ପ୍ରେମ କୁମାର ଆଜାଦଙ୍କ ସୁକନ୍ୟା ଶିଖା ଆଜାଦ ରବିବାର ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗଦାନ କରିଛନ୍ତି। ଏନେଇ ଅନୁଷ୍ଠିତ ମିଶ୍ରଣ କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ବଢ଼ି ଚାଲିଛି। କଂଗ୍ରେସ ଓ ବିଜେଡି ନେତା ଏବଂ କର୍ମୀ ଭାଜପାରେ ଯୋଗଦେଉଛନ୍ତି। ଏହି ଅବସରରେ ସାମଲ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଇ ଶିଖାଙ୍କୁ ସ୍ୱାଗତ କରିଥିଲେ।


## ODISHA PUBLIC SERVICE COMMISSION CUTTACK

### NOTICE

No. 7335 / P.S.C., Dt. 18.10.2025
PF1-1E-04-2025/26 (DR-III)

**Partial Modification of Date of Document Verification & Viva Voce Test for Recruitment to the post of Assistant Conservator of Forests & Forest Ranger (Advertisement No.08 of 2023-24)**

**No.D-** : In partial modification to this Office Notice No. 6707/PSC, Dt-18.09.2025 & No.7062/PSC, Dt-09.10.2025, it is for information of concerned candidates that, consequent upon declaration of "HOLIDAY on 20.10.2025" by Government of Odisha, Document Verification & Personality Test for 'Recruitment to the posts of Assistant Conservator of Forests & Forest Ranger' in respect of 44 Candidates (Forenoon Session) & 19 Candidates (Afternoon Session) to be held on 20.10.2025 (Monday) is hereby postponed to 25.10.2025 (Saturday) as follows:

**PROGRAMME OF DOCUMENT VERIFICATION & VIVA VOCE TEST**

| Date | Session | Time of Reporting | Roll No. of Candidates |
|---|---|---|---|
| 25.10.2025 (Saturday) | Forenoon | 08.00 A.M. | 400586, 400632, 400633, 400639, 400767, 400815, 400817, 400903, 400931, 400960, 400993, 401083, 401118, 401453, 401501, 401554, 401635, 401727, 401841, 401855, 401887, 401890, 401965, 401997, 402373, 402374, 402387, 402432, 402509, 402631, 402787, 402846, 402931, 402966, 403045, 403077, 403229, 403264, 403361, 403653, 500026, 500281, 500385 & 500402 = **44 Candidates** |
| | Afternoon | 12.00 Noon | 306463, 500517, 500965, 501130, 501189, 501304, 501407, 501595, 501865, 502578, 502874, 503024, 503032, 503451, 503513, 503548, 503780, 503792 & 504047 = **19 Candidates** |

Besides this, there will be no change in the terms and conditions enumerated in Notice No.6707/PSC, Dt-18.09.2025.

OIPR-12002/11/0329/2526 Sd./- Secretary

## ODISHA SUB-ORDINATE STAFF SELECTION COMMISSION
## ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ

ବ୍ଲକ ନଂ. - ୩, ଏବଂ ୫, ୟୁନିଟ - ୧, ଭୁବନେଶ୍ୱର - ୭୫୧୦୦୯
ଦୂରଭାଷ: 0674-2597149, 2597152 (ଅଫିସ୍), ୱେବସାଇଟ୍: www.osssc.gov.in

### NOTICE

No. IIE-96/2025-2605/OSSSC Dated: 15th October, 2025

**Publication of Provisional Results of the Preliminary Examination for the Posts of Sevak/Sevika & Tribal Language Teacher (TLT)**

No. T-: In pursuance of this Commission's Advertisement No. 2267/OSSSC Dt.27.12.2024, Corrigendum No. 112 Dt.22.01.2025, Notice No. 1632/OSSSC Dt.18.07.2025, Notice No. 1872/OSSSC Dt.14.08.2025 and Notice No. 2590/OSSSC Dt.15.10.2025 the Provisional Result of the Preliminary Examination held on 30.07.2025 & 31.07.2025 on CBRT mode for the posts of Sevak/Sevika & Tribal Language Teacher (TLT) is hereby published in the Commission's web portal. Candidates have been provisionally screened at least @ 5 times of the vacancies advertised for Main Examination on the basis of the performance in the Preliminary Examination. The following lists are published for information of candidates.

(1) Roll Numbers of the candidates provisionally screened and allowed to participate in the Main Examination for the posts of Sevak/Sevika & Tribal Language Teacher (TLT) at Annexure - I.
(2) Provisional Minimum Screening Cut Off Marks of Preliminary Examination for the posts of Sevak/Sevika & Tribal Language Teacher (TLT) at Annexure - II.

The candidates may see the details of their results by logging into the Commission's web portal **www.osssc.gov.in** with their registered User ID and Password. In the candidate's home page, click the menu "Result/Marks" to visit the link to view results. The aforesaid information is hereby made available as PROACTIVE DISCLOSURE under the provisions of Right to Information Act, 2005. This will remain available for a period of 60 days for the candidates in the portal. Candidates are advised not to seek this information through RTI.
The candidates are advised to visit the website of the Commission at regular intervals for updates.

By Order of the Commission
OIPR-09007/11/0107/2526 Sd./- Secretary

No.RR-25
## ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର

Dept. of Culture Govt. of Odisha
ପ୍ଲଟ ନଂ-୧/ଏ, ଜାଭିୟର ଛକ, ଜୟଦେବ ବିହାର, ଭୁବନେଶ୍ୱର - ୭୫୧୦୧୩
Website : www.gkcmorc.org, Email:gkcmorc@gmail.com

### ବିଜ୍ଞାପନ

'ଆନ୍ତର୍ଜାତିକ ଓଡ଼ିଶୀ ନୃତ୍ୟ ମହୋତ୍ସବ-୨୦୨୫' ନିମନ୍ତେ ଆବେଦନ ପତ୍ର ତା.୧୯।୧୦।୨୦୨୫ ରିଖ ଠାରୁ ତା.୨।୧୧।୨୦୨୫ ରିଖ ପର୍ଯ୍ୟନ୍ତ ଗ୍ରହଣ କରାଯିବ ।

ଏହି ସମ୍ବନ୍ଧୀୟ ସମସ୍ତ ତଥ୍ୟ ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ନିଜସ୍ୱ Website-www.gkcmorc.org ରେ ଉପଲବ୍ଧ ।

ଇଚ୍ଛୁକ ପ୍ରାର୍ଥୀମାନେ ଏହି Websiteକୁ ଯାଇ ନିଃଶୁଳ୍କ ଆବେଦନ କରିପାରିବେ । ଏଥିନିମନ୍ତେ କେବଳ online application ଗ୍ରହଣ କରାଯିବ ।

ସ୍ୱା/-
OIPR-03004/11/0007/2526 ମୁଖ୍ୟ ନିର୍ବାହୀ

## ODISHA PUBLIC SERVICE COMMISSION CUTTACK

### NOTICE

No. 7256 / P.S.C., Dt. 15.10.2025
1E-24-2025/26 (DR-III)

**Recruitment to the post of Post Graduate Teacher in Discipline - CHEMISTRY (Advertisement No.25 of 2023-24)**

**No.D-** : In continuation to this Office Notice No. 5847/PSC, dtd. 14.08.2025, it is for information of all shortlisted candidates that the Document Verification and Interview/Personality Test for recruitment to the post of Post Graduate Teacher in Chemistry Discipline, pursuant to Advertisement No. 25 of 2023-24 will be held from 30.10.2025 to 01.11.2025 in the Office of OPSC, 19, Dr. P.K. Parija Road, Cuttack-753001 as per programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of Verification | Time of Interview | Roll No. of Candidates |
|---|---|---|---|
| 30.10.2025 | 08.30 A.M. | 10.30 A.M. | 100907, 100922, 100926, 100941, 100943, 100944, 100946, 100957, 100959, 100965, 100977, 100982, 100985, 100994, 100998, 101003,/101005, 101008, 101021, 101044, 101055, 101075, 101077, 200239, 200256, 200291, 200292, 200295, 200296, 200309, 200331, 200359 & 200361 = **33 Candidates** |
| | 12.30 P.M. | 02.30 P.M. | 200364, 200368, 200397, 200398, 200409, 300688, 300690, 300692, 300709, 300722, 300736, 300755, 300756, 300759, 300766, 300786, 300792, 300801, 300803, 300811 & 300843 = **21 Candidates** |
| 31.10.2025 | 08.30 A.M. | 10.30 A.M. | 300851, 300873, 300882, 300893, 300952, 300960, 300965, 300966, 301002, 301003, 301020, 301021, 301023, 301046, 301048, 301098, 301099, 301109, 301117, 301131, 301148, 301149, 301159, 301164, 301166, 301195, 301198, 301200, 301202, 301226, 301239, 301244 & 301266 = **33 Candidates** |
| | 12.30 P.M. | 02.30 P.M. | 301268, 301274, 301277, 301307, 301312, 400227, 400233, 400262, 400280, 400282, 400304, 400315, 400318, 400336, 400338, 400347, 400355, 400358, 400359, 400371, & 400373 = **21 Candidates** |
| 01.11.2025 | 08.30 A.M. | 10.30 A.M. | 400374, 400397, 400402, 400409, 500349, 500360, 500362, 500374, 500381, 500398, 500407, 500415, 500430, 500437, 500440, 500441, 500448, 500452, 500479, 500487, 500510, 500515, 500524, 500558, 500571, 500576, 500579, 500583, 500585, 500596, 500602, 500608 & 500621 = **33 Candidates** |

**N.B.** - The candidates are advised to report at the office of the Commission **30 minutes before** the commencement of Document Verification in each 'time slot' allotted in the 'Scheduled Programme'.

**NOTE :- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 18.03.2024).**

